

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ► www.amrutadunia.org

Vol.13, Issue.127, Wednesday, 26 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୭, ବୁଧବାର, ୨୬ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.127, Wednesday, 26 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୭, ବୁଧବାର, ୨୬ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.127, Wednesday, 26 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୭, ବୁଧବାର, ୨୬ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


# ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ



- ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ
- ମୋଟ ୯ଟି କାର୍ଯ୍ୟଦିବସ ସାମିଲ
- ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ

ଭୁବନେଶ୍ୱର(ବ୍ୟୁରୋ)

ଆସନ୍ତା ସେପ୍ଟେମ୍ବର ୨୨ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଅଧିବେଶନରେ ମୋଟ ୯ ଟି କାର୍ଯ୍ୟଦିବସ ରହିଛି। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗକୁ ଅବଗତ କରାଯାଇଛି।ସୂଚନା ଅନୁସାରେ, ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ଚାଲିବା ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ମୋଟ ୭ଟି ସରକାରୀ କାର୍ଯ୍ୟଦିବସ ଓ ଗୋଟିଏ ବେସରକାରୀ କାର୍ଯ୍ୟଦିବସ ସାମିଲ ରହିଛି। ସେପ୍ଟେମ୍ବର ୨୨, ୨୩ ଓ ୨୪ ତିନିଦିନ ସରକାରୀ କାର୍ଯ୍ୟଦିବସ ଧାର୍ଯ୍ୟ ହୋଇଛି। ୨୫ତାରିଖ ବେସରକାରୀ କାର୍ଯ୍ୟଦିବସ ଭାବେ ଉଦ୍ଦିଷ୍ଟ ରହିବ ଓ ବିଲ୍ ଏବଂ ସଂକଳ୍ପ ଉପରେ ଆଲୋଚନା ହେବ। ସେପ୍ଟେମ୍ବର ୨୬ ଓ ୨୭ତାରିଖ ଦୁଇଦିନ ଶନିବାର ଓ ରବିବାର ଯୋଗୁ ଗୃହକାର୍ଯ୍ୟ ବନ୍ଦ ରହିବ। ସେପ୍ଟେମ୍ବର ୨୮,୨୯ ଓ ୩୦ ସମେତ ଅକ୍ଟୋବର ୧ତାରିଖରେ ସରକାରୀ କାର୍ଯ୍ୟ ସମ୍ପାଦନ ହେବ। ଅକ୍ଟୋବର ୨ତାରିଖ ଗାନ୍ଧିଜୟନ୍ତୀ ପାଇଁ ବିଧାନସଭା ବନ୍ଦ ରହିବ ଓ ୩ତାରିଖରେ ସରକାରୀ କାର୍ଯ୍ୟଦିବସ ସହ ଅଧିବେଶନ ସମାପ୍ତ ହେବ ବୋଲି ଜଣାପଡ଼ିଛି। ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏନେଇ ସଂସଦୀୟ ବ୍ୟାପାର ବିଭାଗକୁ ଚିଠି ଲେଖି ଅବଗତ କରାଇଛନ୍ତି। ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ସରକାରୀ ଅନୁମୋଦନ ମିଳିବା ପରେ ରାଜ୍ୟପାଳଙ୍କ ଦ୍ୱାରା ଅଧିବେଶନ ଆହ୍ୱାନ କରିବା ନିମନ୍ତେ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପଟେ ଦେଖିବାକୁ ଗଲେ ଏଥର ମୌସୁମୀ ଅଧିବେଶନରେ ବିରୋଧୀ ଦଳ ତଥା ବିଜେଡି ଓ କଂଗ୍ରେସ ବନ୍ୟା, ରିଲିଫ୍ ବଣ୍ଟନ୍, ନାରୀ ସୁରକ୍ଷା, ଫସଲ ନଷ୍ଟ, ସାର ସଙ୍କଟ, ଚାଷୀ ପଞ୍ଜିକରଣ, ବିମାନବନ୍ଦର ଘରୋଇକରଣ, ଦରଦାମ ବୃଦ୍ଧି, ପେଟ୍ରୋଲ- ଡିଜେଲ ଦର ବୃଦ୍ଧି, ଜେନ୍-ଜି ଆନ୍ଦୋଳନ, ଛାତ୍ର ସଂସଦ ନିର୍ବାଚନ, ସୁରକ୍ଷା ବ୍ୟବସ୍ଥା, ଡିଜିପ ଚୟନ, ମହାନଦୀ ଜଳବିବାଦ ଆଦିକୁ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଯୋଜନା କରିଛନ୍ତି। ସେହିଭଳି ବିରୋଧୀଙ୍କୁ ଉଚିତ୍ ଜବାବ ଦେବା ପାଇଁ ସରକାର ମଧ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି।

## ବର୍ଷା ଯୋଗୁଁ ଛତିଶଗଡ଼ରେ ବଢୁଛି ଜଳସ୍ତର

# ମହାନଦୀରେ ପୁଣି ବନ୍ୟା ଆଶଙ୍କା

- ବୈତରଣୀ, ଜଳକା ଓ ତଳିଆ ଅଞ୍ଚଳରେ ପଶିବ ପାଣି
- ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀ ନଦୀରେ ନାହିଁ ବନ୍ୟା ସ୍ଥିତି
- ମୁଣ୍ଡଳୀରେ ଆଜି ୬ ଲକ୍ଷ ୭୦ ହଜାର କ୍ୟୁସେକ୍ ପାଣି ହେବ ପ୍ରବାହିତ



ଭୁବନେଶ୍ୱର(ବ୍ୟୁରୋ)

ହୀରାକୁଦରେ ୧୬ ଗେଟ୍ ଖୋଲିଛି, ମହାନଦୀରେ ପାଣି ଫୁଲୁଛି, ତଳମୁଣ୍ଡରେ ପୁଣି ଛନକା ପଶିଛି। କେବଳ ମହାନଦୀ ନୁହେଁ, ବୈତରଣୀ ଓ ଜଳକା ଆଦିରେ ପୁଣି ବନ୍ୟାସ୍ଥିତି ଉପୁଜିପାରେ ବୋଲି ଦେଖାଦେଇଛି ଆଶଙ୍କା। ତେବେ ଏହାକୁ ନେଇ ବଡ଼ ସୂଚନା ଦେଇଛନ୍ତି ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ। ଅନ୍ୟପଟେ ସ୍ଥିତି ସମୀକ୍ଷା କରି, ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଗ୍ରାଉଣ୍ଡଜିରୋରେ ପହଞ୍ଚିଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ। ଛତିଶଗଡ଼ରେ ବର୍ଷା ଯୋଗୁ ମହାନଦୀ ଜଳସ୍ତର ବଢୁଛି। ହୀରାକୁଦରେ ଖୋଲାଅଛି ୧୬ଟି ଗେଟ୍। ଫଳରେ ତଳମୁଣ୍ଡରେ ପୁଣି ଏକ ବନ୍ୟା ଆଶଙ୍କା ଦେଖାଦେଇଛି। ତେବେ ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦେଇଛନ୍ତି ବଡ଼ ସୂଚନା। କହିଛନ୍ତି, ମହାନଦୀରେ ଛୋଟ ବନ୍ୟା ଆଶଙ୍କା ରହିଛି। ୮ ରୁ ୧୦ ଘଣ୍ଟା ପାଣି ରହିପାରେ। ମୁଣ୍ଡଳୀରେ ଆସନ୍ତାକାଲି ସୁଦ୍ଧା ୬ ଲକ୍ଷ ୫୦ ହଜାରରୁ ୬ ଲକ୍ଷ ୭୦ ହଜାର କ୍ୟୁସେକ୍ ପାଣି ପ୍ରବାହିତ ହୋଇପାରେ। ତେବେ ବନ୍ୟା ପ୍ରକୋପରେ ନାହିଁ ନଥିବା ସମସ୍ୟା ଭୋଗୁଥିବା ଉତ୍ତର ଓଡ଼ିଶାକୁ ଆଶ୍ୱସ୍ତିକର ସୂଚନା ଦେଇଛନ୍ତି ଇଆଇସି। କହିଛନ୍ତି, ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀ ନଦୀରେ ବନ୍ୟା ସ୍ଥିତି ନାହିଁ। ଏପଟେ ବଂଶଧାରା ଅପର୍ କ୍ୟାଚମେଣ୍ଟରେ ବର୍ଷା ଯୋଗୁଁ ଫ୍ଲାସ୍ ଫ୍ଲଡ୍ ରହିଥିଲା, ଏବେ ପାଣି କମିଲଣି। ଆଗକୁ ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ନଥିବାରୁ ସ୍ଥିତିରେ ଆହୁରି ସୁଧାର ଆସିବ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଗ୍ରାଉଣ୍ଡ ଜିରୋରେ କିନ୍ତୁ ଏବେ ବି ଭୟ ଭିତରେ ଅଛନ୍ତି ବନ୍ୟା ବିପନ୍ନ। କାରଣ ଭଦ୍ରକ ଜିଲ୍ଲା ଆଖୁଆପଦା ନିକଟରେ ବୈତରଣୀ ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ବୈତରଣୀର ବିପଦ ସଂକେତ ୧୮.୩୩ ମିଟର ଥିବାବେଳେ ଅପରାହ୍ଣରେ ଜଳସ୍ତର ୧୮.୪୪ ମିଟର ରହିଥିଲା। ସେପଟେ ବସ୍ତା ମଥାନିଠାରେ ଜଳକା ନଦୀ ବି ବିପଦ ସଂକେତ ଉପରେ ବହୁଛି। ଜଳକାର ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଆଜି ସକାଳେ ପାଣି ୬.୬୦ ମିଟରରେ ପ୍ରବାହିତ ହେଉଥିଲା। ତୃତୀୟ ବନ୍ୟାଜଳ ସମ୍ପୂର୍ଣ୍ଣ ନିଷ୍କାସନ ହୋଇନଥିବାରୁ, ଜଳକାରେ ପୁଣି ବନ୍ୟା ଆସିଲେ ବାଲେଶ୍ୱର ଜିଲ୍ଲାର ବସ୍ତା, ସଦର ଓ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର, ମୁରୁଡ଼ା, ଚିତ୍ରଡ଼ା ଓ ଶୁଳିଆପଦା ଆଦି ଅଞ୍ଚଳ ପ୍ରଭାବିତ ହୋଇପାରେ। ଏସବୁ ଭିତରେ ଆଜି ନବରଙ୍ଗପୁର ଜିଲ୍ଲାରେ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି ■ ପୃଷ୍ଠା-୧୫

## ଗୁଣିଆ ଔଷଧ ଖାଇ ଚାଲିଗଲା ଦମ୍ପତ୍ତିଙ୍କ ଜୀବନ

ଫୁଲବାଣୀ(ଅମୃତ ମିଡ଼ିଆ)

ଗୁଣି ଗାରେଡିର କରୁଣ ପରିଣତି। ଜୀବନ ନେଇଗଲା ଗୁଣିଆ ଦେଇଥିବା ଔଷଧ। ନିଃସନ୍ତାନ ଦୁଃଖ ନେଇଗଲା ପ୍ରାଣ। ଚାଲିଗଲା ସ୍ୱାମୀ ଓ ସ୍ତ୍ରୀଙ୍କ ଜୀବନ। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳରେ। ମିଳିଥିବା ତଥ୍ୟ ଅନୁସାରେ ଉକ୍ତ ଅଞ୍ଚଳର ଏକ ଦମ୍ପତି ବିବାହର ଚାରି ବର୍ଷ ପରେ ମଧ କୌଣସି ସନ୍ତାନ ଲାଭ ନକରିଥିବାରୁ ସେମାନେ ଜଣେ ଗୁଣିଆଙ୍କୁ ଭେଟି ଏହାର ଉପାଚାର ମାଗିଥିଲେ ଏବଂ ପରେ ଗୁଣିଆ ଜଣକ ଉପଚାର ପାଇଁ ଦେଇଥିବା ଔଷଧ ଖାଇ ଦୁଇ ଜଣଙ୍କ ଜୀବନ ଯାଇଛି। ଘଟଣା ଦିନ ଗୁଣିଆ ଦେଇଥିବା ଔଷଧ ଖାଇ ପ୍ରଥମେ ସ୍ୱାମୀ ଓ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିଲା ଏବଂ ଦୁଇଜଣଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବା ପରେ ଉଭୟଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଯେଉଁଠାରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଦୁଇଟି ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ ମେଡିକାଲକୁ ରେଫର୍ କରାଯାଇଥିଲା।

## ବନ୍ୟା ପରେ ସାପ କାମୁଡ଼ା ଭୟ

# ଗୋଟିଏ ଦିନରେ ୬ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର(ବ୍ୟୁରୋ)




ସର୍ପାଘାତରେ ଚାଲିଗଲା ଭାଇଭଉଣୀଙ୍କ ଜୀବନ। ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ଲୁହରେ ଭିଜିଲା ପରିବାରର ଆଖି। ଆଉ ଦିନ କେଇଟା ପରେ ବଡ ଠାକୁର ଶ୍ରୀ ବଳଭଦ୍ରଙ୍କ ଜନ୍ମତିଥି ତଥା ଗହ୍ମାପୂର୍ଣ୍ଣିମା ପାଳନ ହେବାକୁଥିବା ବେଳେ ଆଜି ସର୍ପାଘାତରେ ଆଖି ବୁଜିଛନ୍ତି ଭାଇଭଉଣୀ। ଏଭଳି ଅଭାବନୀୟ ଘଟଣା ଘଟିଛି ଲାଠିକଟା ବ୍ଲକ ହାତୀ ଓଡ଼ା ଗାଁରେ। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଭାଇ ଓ ଭଉଣୀ ଶୋଇଥିବାବେଳେ ଉଭୟଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରେ ଏ ଘଟଣା ବିଷୟରେ ଅବଗତ ହୋଇ ଉଭୟ ଭାଇ ଭଉଣୀଙ୍କୁ ପରିବାର ଲୋକେ ରାଉରକେଲା ଆରଜିଏଚ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ ଯେଉଁଠାରେ ଉଭୟଙ୍କୁ ମୃତ ଡାକ୍ତର ଘୋଷଣା କରିଛନ୍ତି। ମୃତ ଭାଇ ଓ ଭଉଣୀର ବୟସ ଯଥାକ୍ରମେ ୭ ଓ ୧୦ ବର୍ଷ ବୋଲି ଜଣାପଡ଼ିଛି। ଏବେ ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବର୍ଷାଦିନରେ ସର୍ପାଘାତ ଜନିତ ମୃତ୍ୟୁ ସଂଖ୍ୟା ବଢୁଥିବାବେଳେ ଏଭଳି ଅଭାବନୀୟ ଘଟଣା ପାଇଁ ଗୋଟିଏ ପରିବାରର ଦୁଇଟି ପ୍ରାଣ ଅବେଳାରେ ଚାଲିଯାଇଛି। ବର୍ଷାଦିନରେ ସାପକାମୁଡା ଜନିତ ମୃତ୍ୟୁ ପାଇଁ ସରକାରଙ୍କ ପକ୍ଷରୁ ପ୍ରତେକ ଥର ସଚେତନ କରାଯାଉଥିଲେ ମଧ ଏହାର ନିରାକରଣ ପାଇଁ କଣ ପଦକ୍ଷେପ ନିଆଯାଉଛି ତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଏଭଳି ଏକ ଅଭାବନୀୟ ଘଟଣା ପରେ ଏବେ ସଂପୂର୍ଣ୍ଣ ପରିବାର କାନ୍ଦ ବୋବାଳିରେ ଫାଟି ପଡୁଛି। ଆଉ ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ଲୁହରେ ଭିଜି ଯାଇଛି ପରିବାରର ଆଖି ଓ ସାହାରା ଶୂନ୍ୟ ହୋଇଯାଇଛି ପୂରା ପରିବାର। ଅପରପକ୍ଷେ ସମାନ ଘଟଣା ଘଟିଛି ବଣାଇରେ। ରାତିରେ ଶୋଇଥିବା ସମୟରେ ଏକ ବିଷଧର ସାପ ଅଜାନାତିଙ୍କୁ କାମୁଡ଼ି ଦେଇଛି। ପ୍ରଥମେ ସେମାନେ ଗୁରୁତର ହେବାରୁ ଦୁଇ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସାଧାରଣତଃ ସର୍ପାଘାତ ପରେ ଝଡାଫୁଙ୍କାରେ ବିଶ୍ୱାସ ରଖୁଥିବା ମଣିଷ ଏବେ ହସ୍ପିଟାଲ ଓ ଏହାର ଆଧୁନିକ ଯନ୍ତ୍ରପାତି ଉପରେ ନିର୍ଭର କରି ଆଗକୁ ବଢୁଥିବା ବେଳେ ସଠିକ୍ ସମୟରେ ଉଚିତ୍ ଚିକିତ୍ସା ନପାଇବାରୁ ■ ପୃଷ୍ଠା-୧୫

# ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ

## ସଞ୍ଜୟ କୁମାର ବିଶ୍ୱାଳ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର(ବ୍ୟୁରୋ)




ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ। ରାଜ୍ୟ ସରକାରଙ୍କ ତରଫରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବୀରେନ୍ଦ୍ର କୋରକୋରା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପଦବୀରୁ ବଦଳି ହୋଇ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ଆରାଧନା ଦାସ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ପଦବୀରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିଭଳି ଯୁଗଳକିଶୋର ଦାସ ଅନ୍ୟାନ୍ୟ ପଛୁଆ ବର୍ଗ ନିର୍ଦ୍ଦେଶକ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ଅର୍ଚ୍ଚନା ଦାସ ପଟ୍ଟନାୟକ ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବରୁ ଆୟୁଷ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପାଇଛନ୍ତି। ଅଞ୍ଜନା ପଣ୍ଡା ଆୟୁଷ ନିର୍ଦ୍ଦେଶକ ପଦବୀରୁ ବଦଳି ହୋଇ ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ସଞ୍ଜୟ କୁମାର ବିଶ୍ୱାଳ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଛନ୍ତି। ସୁନ୍ଦର ମାଧବ ପାତ୍ର ପୂର୍ତ୍ତ ବିଭାଗର ଉପଶାସନ ସଚିବରୁ ଓଡ଼ିଶା ନୌବାଣିଜ୍ୟ ବୋର୍ଡର ମୁଖ୍ୟ ପରିଚାଳନା ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏହାସହ ସେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ର ମହାପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

## ସେ କହିଲେ...



ରାଜ୍ୟରେ ଚଳିତବର୍ଷ ସାର ଯୋଗାଣ ବ୍ୟବସ୍ଥା ସୁରୁଖୁରୁରେ ଚାଲିଛି। ସାରର ଅଭାବ ଯେପରି ନହୁଏ, ସେନେଇ ସରକାରଙ୍କ ପକ୍ଷରୁ କଡ଼ା ନଜର ରଖାଯାଇଛି। ଏଯାବତ୍ କୃଷି ବିଭାଗ ପକ୍ଷରୁ ୨ ଲକ୍ଷ ୭୬ ହଜାର ୯୭୩ ଟନ୍ ସାର ଯୋଗାଇ ଦିଆଯାଇଛି। ସେହିପରି ସମବାୟ ବିଭାଗ ପକ୍ଷରୁ ପ୍ୟାକ୍ସ ଓ ଲ୍ୟାମ୍ପସଗୁଡ଼ିକୁ ୨ ଲକ୍ଷ ୪୮ ହଜାର ୬୭୬ ଟନ୍ ସାର ଦିଆଯାଇସାରିଛି। ବର୍ତ୍ତମାନ ବିଭାଗ ନିକଟରେ ଆହୁରି ୨୮ ହଜାର ୨୯୭ ଟନ୍ ସାର ମହଜୁଦ ରହିଛି।ଆଗାମୀ ଦିନରେ କୃଷି ବିଭାଗ ପକ୍ଷରୁ ଆହୁରି ୩ ଲକ୍ଷ ୨୦ ହଜାର ଟନ୍ ସାର ଯୋଗାଇ ଦିଆଯିବ।

**ପ୍ରଦୀପ ବଳସାମନ୍ତ**

ସମବାୟ ମନ୍ତ୍ରୀ

## ଦକ୍ଷିଣ ଓଡ଼ିଶା ବିକାଶକୁ ଅଣଦେଖା

# ସରକାରଙ୍କୁ ବିଜେପି ସାଂସଦଙ୍କ ସମାଲୋଚନା

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରିବା ଅଢ଼େଇବର୍ଷ ହେବ। ଇତିମଧ୍ୟରେ ରାଜ୍ୟର ସାମଗ୍ରିକ ବିକାଶ ଲାଗି ସରକାର କାର୍ଯ୍ୟ କରୁଥିବା ଡିଣ୍ଡିମ ପିଟୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମିର ବିକାଶ କାର୍ଯ୍ୟ ଚାଲିଛି। ହେଲେ ଏହାର କାଣିଚାଏ ସୁଫଳ ଦକ୍ଷିଣ ଓଡ଼ିଶା ପାଉନାହିଁ। ବିଡ଼ମ୍ବନାର ବିଷୟ ଏଠାକାର ସାଂସଦ, ବିଧାୟକଙ୍କୁ ନେଇ କିଛି ଆଲୋଚନା ବି କରାଯାଉନି। ଉପକୂଳ, ଉତ୍ତର ଓ ପଶ୍ଚିମ ଓଡ଼ିଶାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଦଡ଼ିଶ ଓଡ଼ିଶାକୁ ବାରମ୍ୱାର ଅବହେଳା କରୁଛନ୍ତି। ଏହାକୁ ନେଇ ବିଜେପି ସାଂସଦ ସମାଲୋଚନା କରିଛନ୍ତି। ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ନିଜର ଅସନ୍ତୋଷ ଝାଡ଼ିଛନ୍ତି।





- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରଦୀପ ପାଣିଗ୍ରାହୀ
- ଉଚ୍ଚଶିକ୍ଷା କ୍ଷେତ୍ରରେ କରାଯାଉଛି ଅବହେଳା
- ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ସହ ବୈଠକ ଦାବି

ଭୁବନେଶ୍ୱର (ବ୍ୟୁରୋ)

ରାଜ୍ୟ ସରକାରଙ୍କ ଉପରେ ଅସନ୍ତୋଷ ଝାଡ଼ିଛନ୍ତି ନିଜ ଦଳର ସାଂସଦ। ଦକ୍ଷିଣ ଓଡ଼ିଶାର ବିକାଶ ଓ ସ୍ୱାର୍ଥକୁ ଅଣଦେଖା କରାଯାଉଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ। ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ଓ ବୈଠକ ଦାବି କରିଛନ୍ତି ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ। ଗଞ୍ଜାମ ତଥା ସମଗ୍ର ଦକ୍ଷିଣ ଓଡ଼ିଶାର ବିକାଶମୂଳକ ଆକାଂକ୍ଷା, ଉଚ୍ଚଶିକ୍ଷା କ୍ଷେତ୍ରରେ ଅବହେଳା ଏବଂ ପ୍ରଶାସନିକ ସ୍ତରରେ ନିଆଯାଉଥିବା ନିଷ୍ପତ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ଲୋକସଭା ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପଠାଇ ଦକ୍ଷିଣ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ତୁରନ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକିବା ସହ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ଘୋଷଣା କରିବାକୁ ଦାବି କରିଛନ୍ତି।

ସାଂସଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ନିକଟରେ ବିଭିନ୍ନ ଶ୍ରମିକ ସଂଗଠନ, କର୍ମଚାରୀ ମହାସଂଘ ଏବଂ ବୁଦ୍ଧିଜୀବୀ ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ଅଞ୍ଚଳ ପ୍ରତି ହେଉଥିବା ଅବହେଳା ସମ୍ପର୍କରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟ ଟାଉନସିପ୍ ଓ ଭିତ୍ତିଭୂମି ଉନ୍ନତିକରଣରେ ବ୍ରହ୍ମପୁର ଏବଂ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ଅଣଦେଖା କରାଯାଉଛି। ରାଜ୍ୟରେ ପ୍ରସ୍ତାବିତ ପିପିପି ମଡେଲ ବିଶ୍ୱବିଦ୍ୟାଳୟ ଟାଉନସିପ୍ ଯୋଜନାରେ ଭୁବନେଶ୍ୱର, ସମ୍ବଲପୁର ଓ କୋରାପୁଟକୁ ପ୍ରାଥମିକତା ଦିଆଯାଇଥିବା ବେଳେ ଉତ୍କଳ, ରେଭେନ୍ସା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସାମଗ୍ରିକ ଉନ୍ନତିକରଣ ତାଲିକାରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଐତିହାସିକ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯିବା ଦୁର୍ଭାଗ୍ୟଜନକ।

ବ୍ରହ୍ମପୁରସ୍ଥିତ ରେଲୱେ ମେଲ୍ ସର୍ଭିସ କାର୍ଯ୍ୟାଳୟକୁ କଟକ ସହିତ ମିଶ୍ରଣ କରିବା ପାଇଁ ହେଉଥିବା ପ୍ରୟାସକୁ ନେଇ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଆଲୋଚନାରେ ସାଂସଦମାନଙ୍କୁ ସାମିଲ ନକରିବା ନେଇ ଅସନ୍ତୋଷ ଝାଡ଼ିଛନ୍ତି ବ୍ରହ୍ମପୁର ସାଂସଦ। ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ବେଳେ ସ୍ଥାନୀୟ ନିର୍ବାଚିତ ସାଂସଦ ତଥା ଲୋକପ୍ରତିନିଧିମାନଙ୍କୁ ବିଚାରବିମର୍ଶରୁ ଦୂରେଇ ରଖାଯାଉଥିବାରୁ ଜନସାଧାରଣଙ୍କ ସମସ୍ୟାର ସଠିକ୍ ପ୍ରତିଫଳନ ହୋଇପାରୁ ନାହିଁ। ରାଜ୍ୟ ସରକାର ଏଥିପ୍ରତି ବିଶେଷ ଧାନ ଦେବା ଲାଗି ପ୍ରଦୀପ ଦାବି କରିଛନ୍ତି।



# ପାର୍ବଣ ଋତୁରେ ମହଙ୍ଗା ମାଡ଼

**ପାଖେଇ ଆସୁଛି ପାର୍ବଣ ଋତୁ। ଏଥିଲାଗି ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲାଣି। ହେଲେ ପାର୍ବଣ ଋତୁକୁ ବିଗାଡ଼ିବାକୁ ଯାଉଛି ମହଙ୍ଗା ମାଡ଼। ଦରଦାମ ଯେଉଁଭଳି ମହଙ୍ଗା ହେବାକୁ ଯାଉଛି, ତାହା ନକହିବା ଭଲ। ଆଉ କିଛିଦିନ ପରେ ସ୍ଥିତି ଜଟିଳ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକରେ ହାତ ମାରିବାକୁ ଖାଉଟି ଭୟ କଲେଣି। ବିଶେଷ କରି ଚିନି ଦର ଏବେ ଆକାଶଛୁଆଁ ହୋଇଛି। ଦର କେଜି ୭୦ ଟଙ୍କାରେ ପହଞ୍ଚିଲାଣି। ଏବେ ଚା' କପ୍‌ରେ ବି ଝଡ଼ ସୃଷ୍ଟି ହେଲାଣି। ସେହିଭଳି କ୍ଷୀର, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ପିଆଜ ଦର ବି ସମାନ ଭାବେ ବଢ଼ିଚାଲିଛି। ପିଆଜ କେଜି ୬୦ ଛୁଇଁଲାଣି। ଏଭଳି ସ୍ଥିତିରେ କେବେ ବ୍ରେକ୍ ଲାଗିବ, ତାହା କହିବା ବି ମୁସ୍କିଲ। ଏଥିଲାଗି ହର୍ମୁଜ ବନ୍ଦ ସମସ୍ୟା, ବର୍ଷା ଓ ବନ୍ୟା ପ୍ରଭାବ, କମ୍ ଉତ୍ପାଦନ, ହୋର୍ଡିଂ ଓ ପ୍ରଶାସନିକ ଅପାରଗତାକୁ ଦାୟୀ କରାଯାଇପାରେ। ଏହା ସହ ଛେନା ଓ ପନୀରର ନକଲି ବେପାର ଖାଉଟିଙ୍କୁ ନିରାଶ କରିଛି। ବ୍ରହ୍ମପୁର, କଟକ, ଭୁବନେଶ୍ୱର ଆଦି ସ୍ଥାନରେ ଘନଘନ ଚଢ଼ଉ କରାଯାଉଥିଲେ ହେଁ ସ୍ଥିତିରେ ସୁଧାର ଆସିପାରିନାହିଁ। ଦରବୃଦ୍ଧିକୁ ନକଲି ଖାଦ୍ୟ ପସରା ସବୁକିଛି ବିଗାଡ଼ି ଦେଇଛି। ପାର୍ବଣ ପୂର୍ବରୁ ଏଭଳି ସ୍ଥିତିରେ ବ୍ରେକ୍ ଲାଗିବ ନା ପୁଣି ଦର ବଢ଼ିବ, ତାହା କହିବା କଷ୍ଟକର।**

ସୁଶାନ୍ତ କୁମାର ଦାସ

ଚିନିର ମୂଲ୍ୟ ବୃଦ୍ଧି ପୁଣି ଥରେ ସାଧାରଣ ଲୋକଙ୍କ ବଜେଟକୁ ବାଧା ଦେବା ଆରମ୍ଭ କରିଛି। ଦେଶର ଅନେକ ରାଜ୍ୟରେ ଚିନିର ମୂଲ୍ୟ ପ୍ରତି କିଲୋଗ୍ରାମ ୭୦ଟଙ୍କା ଅତିକ୍ରମ କରିଛି। ଏଭଳି ସ୍ଥିତିରେ ଖାଉଟିଙ୍କ ମୁଣ୍ଡବିନ୍ଧା ଆରମ୍ଭ ହେଲାଣି। ଆଖୁ ଉତ୍ପାଦନ ହ୍ରାସ, ଇଥାନଲ ପାଇଁ ଆଖୁ ଚାଲିଯିବା କିମ୍ବା ସରକାରୀ ଅବହେଳା ଯୋଗୁଁ ଖାଉଟିଙ୍କୁ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି।



## ବାଜପେୟୀ ବି କଂଗ୍ରେସକୁ ପ୍ରଶ୍ନ କରିଥିଲେ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ସଂସଦରେ ଦିଆଯାଇଥିବା ଏକ ଭାଷଣ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ଆଶ୍ଚର୍ଯ୍ୟଜନକ ଭାବରେ, ସେତେବେଳେ ମଧ୍ୟ ଯେତେବେଳେ ଚିନିର ମୂଲ୍ୟ ପ୍ରାୟ ୨୦ରେ ପହଞ୍ଚିଥିଲା, ସେତେବେଳେ ବିରୋଧୀ ଦଳ ନେତା ଥିବା ବାଜପେୟୀ ତତ୍କାଳୀନ କଂଗ୍ରେସ ସରକାରଙ୍କ ପ୍ରସ୍ତୁତି ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସମ୍ପର୍କରେ ସ୍ପଷ୍ଟ ପ୍ରଶ୍ନ ଉଠାଇଥିଲେ। ସଂସଦରେ ସରକାରଙ୍କୁ ଘେରି ବାଜପେୟୀ ପଚାରିଥିଲେ ଯେ, ଚିନିର ମୂଲ୍ୟ କାହିଁକି ପ୍ରତି କିଲୋଗ୍ରାମ ୨୦ଟଙ୍କାରେ ପହଞ୍ଚିଛି। ସରକାର କ'ଣ ଆକଳନ କରିନଥିଲେ ଯେ, ଆଖୁ ଉତ୍ପାଦନ ହ୍ରାସ ପାଇବ, ଯାହା ଫଳରେ ଚିନିର ଅଭାବ ଦେଖାଦେବ। ସେ ପ୍ରଶ୍ନ କରିଥିଲେ ଯେ, ଉତ୍ପାଦନ ହ୍ରାସ ପାଇବାର ଆଶଙ୍କା ଥିଲେ ମଧ୍ୟ ବିଦେଶରୁ ଚିନି ଆମଦାନି କରିବାର ବ୍ୟବସ୍ଥା କାହିଁକି ପୂର୍ବରୁ କରାଯାଇ ନଥିଲା। ତାଙ୍କର ପ୍ରଶ୍ନ କେବଳ ମୂଲ୍ୟ ପର୍ଯ୍ୟନ୍ତ ସୀମିତ ନଥିଲା। ସରକାରଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଟାର୍ଗେଟ କରି ମନ୍ତବ୍ୟ ଦେଇଥିଲେ। ବାଜପେୟୀ ସେହି ସମୟରେ ସରକାରଙ୍କ ଭିତରେ ସମନ୍ୱୟର ଅଭାବକୁ ମଧ୍ୟ ଉଲ୍ଲେଖ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ମନ୍ତ୍ରଣାଳୟଗୁଡ଼ିକ ପରସ୍ପରକୁ ଦୋଷ ଦେଉଥିଲେ ଏବଂ ମନ୍ତ୍ରୀମାନେ ସାଧାରଣରେ ସେମାନଙ୍କ ସଚିବମାନଙ୍କୁ ଭର୍ତ୍ସନା କରୁଥିଲେ। ଏପରି ପରିସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କ'ଣ କରୁଛି ବୋଲି ସେ ପ୍ରଶ୍ନ କରିଥିଲେ।

## ବିଭିନ୍ନ ରାଜ୍ୟରେ ବଢ଼ିଚାଲିଛି ଚିନିଦର

ବାଜପେୟୀ ଚିନି ଦର ବୃଦ୍ଧି ପଛରେ ସମ୍ଭାବ୍ୟ ଲାଭଖୋରତା ବିଷୟରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ, ଖୋଲା ବଜାରରେ ଚିନି ଦର ବୃଦ୍ଧି ପାଇବା ଯୋଗୁ ଶିଳ୍ପପତି ଏବଂ ବ୍ୟବସାୟୀମାନେ କୋଟି କୋଟି ଟଙ୍କା ଲାଭ କରିଛନ୍ତି। ସେ ମନ୍ତବ୍ୟ ଦେଇଥିଲେ ଯେ, ବିଦେଶରୁ ଚିନି ଆମଦାନୀ କରିବାର ଦିଗକୁ ତଦନ୍ତ କରିବା ଜରୁରୀ।' ବର୍ତ୍ତମାନ ପରିସ୍ଥିତି ମଧ୍ୟରେ ବାଜପେୟୀଙ୍କ ଏହି ପୁରୁଣା ଭାଷଣ ପୁଣି ଥରେ ସୋସିଆଲ ମିଡିଆରେ ଆଲୋଚନାର ବିଷୟ ହୋଇଛି। କାରଣ ସାମ୍ପ୍ରତିକ ଚିନି ମୂଲ୍ୟରେ ତୀବ୍ର ବୃଦ୍ଧି ଏବଂ ଏହି ଧାରା ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବ୍ୟାଖ୍ୟା। ପ୍ରକୃତରେ, ଗତ କିଛି ସପ୍ତାହ ଧରି ଚିନିର ମୂଲ୍ୟ ନିରନ୍ତର ବୃଦ୍ଧି ପାଇଛି। ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଅନୁଯାୟୀ, ଚିନିର ଜାତୀୟ ହାରାହାରି ଖୁଚୁରା ମୂଲ୍ୟ ଜୁଲାଇ ୨୦ରେ ପ୍ରତି କିଲୋ ୪୮.୧୮ରୁ ବୃଦ୍ଧି ପାଇ ଅଗଷ୍ଟ ୨୦ ରେ ପ୍ରତି କିଲୋ ୫୫.୭୦ ରେ ପହଞ୍ଚିଛି। ଅଗଷ୍ଟ ୨୧ ରେ, ଜାତୀୟ ହାରାହାରି ମୂଲ୍ୟ କିଲୋ ପିଛା ୫୮.୨୩ ରେ ରେକର୍ଡ କରାଯାଇଥିଲା। ଏବେ ଏହି ଦର କେଜିପିଛା ୭୦ ଟଙ୍କାରେ ପହଞ୍ଚିଛି। ଯାହା ବର୍ଷକ ମଧ୍ୟରେ ପ୍ରତି କିଲୋ ୧୭.୮୦ ବୃଦ୍ଧି ଦର୍ଶାଇଛି। ମଧ୍ୟପ୍ରଦେଶ ଏବଂ ପଞ୍ଜାବରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ବୃଦ୍ଧି ପରିଲକ୍ଷିତ ହୋଇଛି। ଦିଲ୍ଲୀ, ମଧ୍ୟପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, ଗୋଆ, କେରଳ, ଆସାମ, ତ୍ରିପୁରା ଏବଂ ମେଘାଳୟ ସମେତ ଅନେକ ରାଜ୍ୟର ଗ୍ରାହକମାନଙ୍କୁ ପ୍ରତି କିଲୋ ୬୦ଟଙ୍କାରୁ ଅଧିକ ଦେବାକୁ ପଡିଥିଲା। ଗତ ମାସରେ, ମଧ୍ୟପ୍ରଦେଶରେ ଚିନିର ମୂଲ୍ୟ ପ୍ରାୟ ୧୫.୭୦ ପ୍ରତି କିଲୋ ବୃଦ୍ଧି ପାଇଛି, ଯେତେବେଳେ ପଞ୍ଜାବରେ ଏହି ବୃଦ୍ଧି ୧୪.୬୭ ପ୍ରତି କିଲୋ ଥିଲା। ଏହା ସୂଚିତ କରେ ଯେ କିଛି ରାଜ୍ୟରେ ମୂଲ୍ୟ ବୃଦ୍ଧିର ହାର ଜାତୀୟ ହାରାହାରି ତୁଳନାରେ ଯଥେଷ୍ଟ ଦ୍ରୁତ ହୋଇଛି।



## ଦରବୃଦ୍ଧିର ଅନେକ ରହିଛି କାରଣ

କେନ୍ଦ୍ର ସରକାରଙ୍କ ଅନୁଯାୟୀ, ଚିନି ମୂଲ୍ୟ ବୃଦ୍ଧି ପଛରେ ଅନେକ କାରଣ ରହିଛି। ଏଥିରେ ଆଖୁ ଉତ୍ପାଦନ ଆକଳନଠାରୁ କମ ହେବା, ପର୍ବ ଋତୁ ପୂର୍ବରୁ ଚାହିଦା ବୃଦ୍ଧି, ପାଗ ଜନିତ ଆଖୁ ଫସଲର କ୍ଷତି, ବିଶ୍ୱ ସ୍ତରରେ ଚିନି ଯୋଗାଣ ହ୍ରାସ ଏବଂ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ମହଜୁଦ ଏବଂ ସଟ୍ଟାବାଜି ଅନ୍ତର୍ଭୁକ୍ତ। ସରକାର ଚଳିତ ଋତୁରେ ଚିନି ଉତ୍ପାଦନ ପ୍ରାୟ ୩୦୬ ଲକ୍ଷ ମେଟ୍ରିକ ଟନ ହେବ ବୋଲି ଆକଳନ କରିଛନ୍ତି, ଯେତେବେଳେ ଆଖୁ ଉତ୍ପାଦନକାରୀ ରାଜ୍ୟଗୁଡ଼ିକ ପ୍ରାରମ୍ଭରେ ପ୍ରାୟ ୩୪୩ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ଆକଳନ କରିଥିଲେ। ତେଣୁ, ପ୍ରାରମ୍ଭିକ ଆକଳନ ଅପେକ୍ଷା ଉତ୍ପାଦନ ଯଥେଷ୍ଟ କମ ହେବାର ସମ୍ଭାବନା ଅଛି। ଏହା ବାଦ୍ ପାଣିପାଗରେ ପରିବର୍ତ୍ତନ ବି ଅନ୍ୟ ଏକ କାରଣ। ଉତ୍ପାଦନ ଓ ରପ୍ତାନୀ ସହ ବଜାରୀକରଣର ବି ଗୁରୁଦାୟିତ୍ୱ ରହିଛି। ପେଟ୍ରୋଲ ସହ ଇଥାନଲ ମିଶ୍ରଣରେ ଆଖୁର ଗୁରୁଦାୟିତ୍ୱ ରହିଥିବା ବେଳେ ସେଥିପାଇଁ ପର୍ଯ୍ୟାପ୍ତ ଆଖୁ ଚାଲିଯାଉଥିବା ଅଭିଯୋଗ ହେଉଛି। ଫଳରେ ଚିନି ଉତ୍ପାଦନ ସତ୍ତ୍ୱେ ବଜାରକୁ କମ୍ ଆସୁଛି। ଫଳରେ ଚିନି ଦର ଅହେତୁକ ଭାବେ ଢ଼ିଚାଲିଛି।





## ମିଠା ଦର ହେବ ଆକାଶଛୁଆଁ

ଚିନି ଦର ବଢୁ ବଢୁ ଏବେ ବଢ଼ିବ ମିଠା ଦର। ପାର୍ବଣ ପୂର୍ବରୁ ମିଠା ମହଙ୍ଗା ହେବାଯୋଗୁଁ ଗ୍ରାହକଙ୍କ ଉପରେ ପଡ଼ିବ ଅତିରିକ୍ତ ବୋଝ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଅନେକ ମିଠା ଦୋକାନୀ ମିଠା ଦର ବଢ଼ାଇ ସାରିଥିବା ଜଣାପଡ଼ିଛି। ପାହାଳରେ ବି ରାକ୍ଷୀ ପୂର୍ଣ୍ଣିମା ପରେ ମିଠାଦର ବଢିବାକୁ ଯାଉଛି। ବ୍ୟବସାୟୀଙ୍କ କହିବା ଅନୁସାରେ, ପୂର୍ବରୁ ଛେନା ଦର ବଢ଼ିଥିଲା। ଏବେ ଚିନି ଦର ବୃଦ୍ଧି ପରେ ମିଠା ପ୍ରସ୍ତୁତି ଖର୍ଚ୍ଚ ବଢ଼ିବ । ତେଣୁ ବାଧ ହୋଇ ମିଠା ଦର ବଢ଼ାଯାଇଛି। ମିଠା କେଜି ପିଛା ୫୦ ଟଙ୍କା ପର୍ଯ୍ୟନ୍ତ ଦର ବଢ଼ିବ ବୋଲି କହିଛନ୍ତି ଦୋକାନୀ। ପୂର୍ବରୁ କେଜି ପିଛା ୩୦୦ ଟଙ୍କାରେ ବିକ୍ରି ହେଉଥିବା ଛେନାପୋଡ଼ ଏବେ ୩୫୦ ଟଙ୍କାରେ ବିକ୍ରି ହେଲାଣି। ଆଗକୁ ଆହୁରି ବଢ଼ିବାର ଆଶଙ୍କା ବି ରହିଛି। ସେହିପରି ଛେନାଗଜା, ରସଗୋଲା, ଗୁଲାବ ଜାମୁନ, ଡାଲିଗଜା ଓ ଜିଲାପୀ ଭଳି ମିଠାର ଦର ମଧ୍ୟ ବଢ଼ିବ। ପାର୍ବଣ ସମୟରେ ମିଠାର ଚାହିଦା ବଢୁଥିବା ବେଳେ ଦରବୃଦ୍ଧି ଗ୍ରାହକଙ୍କ ଚିନ୍ତା ବଢ଼ାଇଛି। ହଠାତ୍ ମିଠା ଦର ବଢ଼ିବାକୁ ନେଇ ଅସ୍ତରଙ୍ଗ, ପାହାଳ ଅଞ୍ଚଳର ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ବନ୍ୟା ଦାଉରୁ ପନିପରିବା ଦର ବଢୁଛି

ଗୋଟିଏ ପଟେ ବନ୍ୟା କ୍ଷୟକ୍ଷତି, ଅନ୍ୟପଟେ ଶ୍ରାବଣ ମାସର ଚାହିଦା। ଯାହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ପକେଟ୍ ଉପରେ ପଡ଼ିଛି। ଏବେ ଆକାଶଛୁଆଁ ହୋଇଛି ପରିବା ଦର। ବନ୍ୟା ଯୋଗୁଁ ଶହ ଶହ ହେକ୍ଟର ପରିବା ଜମି ନଷ୍ଟ ହୋଇଯିବାରୁ ବଜାରକୁ ଆବଶ୍ୟକ ପରିମାଣର ପରିବା ଆସିପାରୁନାହିଁ। କଟକ ଛତ୍ରବଜାର ସମେତ ରାଜ୍ୟର ବିଭିନ୍ନ ବଜାରରେ ଏବେ ଦର ଅଣାୟତ୍ତ। ପ୍ରାୟ ସବୁ ପରିବା ଦର ୫୦/୬୦ ଟଙ୍କା ଉପରେ ରହିଛି। ବାଇଗଣ କିଲୋ ୭୦ ଟଙ୍କା, ପୋଟଳ ୧୨୦ ଟଙ୍କା, ଭେଣ୍ଡି ୬୦ ଟଙ୍କା, କାଙ୍କଡ଼ ୭୦ ଟଙ୍କା, କଞ୍ଚା ଲଙ୍କା ୧୨୦, ବିଲାତି ୪୦ ଟଙ୍କା, କୁନ୍ଦୁରି ୪୦, କଖାରୁ ୩୦, କଲରା ୬୦, ଗାଜର ୪୦, ସାରୁ ୪୦ ଟଙ୍କା ରହିଛି । ସେହିପରି ବିନ କିଲୋ ୧୬୦ ଟଙ୍କା ଥିବାବେଳେ, ଫୁଲ କୋବି ୩ଟିକୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ବନ୍ୟା ଯୋଗୁଁ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । କେବେ ଏହି ଦର କମିବ, ତାହାକୁ ନେଇ ଏବେ ସାଧାରଣ ଖାଉଟି ଚିନ୍ତାରେ।

## ଅକ୍ଟୋବର ୧୫ ପରେ କମିପାରେ ଚିନି ଦର

ଜାତୀୟ ସମାବେଶୀ ଚିନି କାରଖାନା ସଂଘର ସଭାପତି ପ୍ରକାଶ ନାଏକନାଭରେ କହିଛନ୍ତି ଯେ, ଅକ୍ଟୋବର ୧୫ ପୂର୍ବରୁ କିଛି ଚିନି କୋଠି ଭାରତୀୟ ବନ୍ଦରରେ ପହଞ୍ଚିବାର ସମ୍ଭାବନା ଅଛି, ଯେତେବେଳେ କି ହୋର୍ଡିଂ ଏବଂ ଦର ବୃଦ୍ଧିକୁ ରୋକିବା ପାଇଁ ସରକାରୀ ପଦକ୍ଷେପଗୁଡ଼ିକ ଘରୋଇ ବଜାରରେ ଦର ହ୍ରାସ କରିବ। ନାଏକନାଭରେ କହିଛନ୍ତି ଯେ, ବ୍ରାଜିଲ୍ ବର୍ତ୍ତମାନ ଚିନି ଆମଦାନୀ ପାଇଁ ସବୁଠାରୁ ଉପଯୁକ୍ତ ଉତ୍ସ, କାରଣ ଥାଇଲାଣ୍ଡରେ ଯୋଗାଣ ଅଭାବ ରହିଛି। ବ୍ରାଜିଲରୁ ପଠାଯାଉଥିବା ସାମଗ୍ରୀ ଭାରତରେ ପହଞ୍ଚିବା ପାଇଁ ସାଧାରଣତଃ ୪୦-୪୫ ଦିନ ସମୟ ନେଇଥାଏ, ଏହାପରେ ବନ୍ଦରରୁ ଚିନି କଳଗୁଡ଼ିକ ପର୍ଯ୍ୟନ୍ତ ପରିବହନ ପାଇଁ ଅତିରିକ୍ତ ସମୟ ଲାଗିଥାଏ। ଅକ୍ଟୋବର ୧୫ ପୂର୍ବରୁ କେତେ ପରିମାଣର ଚିନି ଆସିବ ତାହା ଆକଳନ କରିବା କଷ୍ଟକର, କାରଣ ଏହି ପ୍ରକ୍ରିୟାରେ ନିୟାମକ ଅନୁମୋଦନ, ଆବଣ୍ଟନ, କ୍ରେଡିଟ୍ ପତ୍ର, ପରିବହନ ସୂଚୀ ଏବଂ ବନ୍ଦରରେ ସମ୍ଭାବ୍ୟ ଭିଡ଼ ଅନ୍ତର୍ଭୁକ୍ତ। ଘରୋଇ ଉପଲବ୍ଧତା ବୃଦ୍ଧି କରିବା ଏବଂ ବୃଦ୍ଧିପ୍ରାପ୍ତ ଦରକୁ ନିୟନ୍ତ୍ରଣ କରିବା ପାଇଁ ସରକାର ନିକଟରେ ୧୦ ଲକ୍ଷ ଟନ୍ କଞ୍ଚା ଚିନି ପର୍ଯ୍ୟନ୍ତ ଶୁଳ୍କ-ମୁକ୍ତ ଆମଦାନୀକୁ ଅନୁମତି ଦେଇଛନ୍ତି। ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶ ପରି ବନ୍ଦର-ଆଧାରିତ ରାଜ୍ୟଗୁଡ଼ିକରେ ଆମଦାନୀ ହୋଇଥିବା ଚିନି ପ୍ରଥମେ ପହଞ୍ଚିବାର ସମ୍ଭାବନା ଅଛି, ଯଦିଓ ପରବର୍ତ୍ତୀ ସମୟରେ ସଡ଼କ ଏବଂ ରେଳପଥ ଦ୍ୱାରା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଯୋଗାଣ ପହଞ୍ଚିପାରେ।

ଇଥାନଲ ଉତ୍ପାଦନ ପାଇଁ ପାଖାପାଖି ୨୪ ଲକ୍ଷ ଟନ୍ ବାଦ ଦେଇ ସଂଘ ୨୦୨୫-୨୬ ଚିନି ଉତ୍ପାଦନ ୨୭୯ ଲକ୍ଷ ଟନ୍ ବୋଲି ଆକଳନ କରିଛି। ୨୦୨୬-୨୭ ସିଜନ୍ ପାଇଁ ପ୍ରାରମ୍ଭିକ ଷ୍ଟକ୍ ୩୫ ଲକ୍ଷ ଟନ୍ ଆକଳନ କରାଯାଇଛି, ଯାହା ମାସିକ ଘରୋଇ ଚାହିଦା ପ୍ରାୟ ୨୨ ଲକ୍ଷ ଟନ୍ ବିରୁଦ୍ଧରେ ରହିଛି। ନଭେମ୍ବର ମାସରୁ ନୂତନ ଯୋଗାଣ ଆସିବ ବୋଲି ଆଶା କରାଯାଉଛି। ଜିଏସ୍‌ଟି ବ୍ୟତୀତ ପ୍ରତି କେଜି ୬୫-୬୮ ଟଙ୍କାକୁ ବୃଦ୍ଧି ପାଇଥିବା ମିଲ୍-ବାହ୍ୟ ଚିନି ଦର, ଶନିବାର ଦିନ ଖୋଲାଯାଇଥିବା ଟେଣ୍ଡରରେ ହୋର୍ଡିଂ ଏବଂ ଅନୁମାନିକ ମୂଲ୍ୟ ଧାର୍ଯ୍ୟ ବିରୁଦ୍ଧରେ ସରକାରୀ କାର୍ଯ୍ୟାନୁଷ୍ଠାନ ପରେ ପ୍ରତି କେଜି ପ୍ରାୟ ୫ ଟଙ୍କା ହ୍ରାସ ପାଇଛି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଷ୍ଟକ୍‌ର ଭୌତିକ ଯାଞ୍ଚ, ବ୍ୟବସାୟୀଙ୍କ ପାଇଁ ୨୦୦ ଟନ୍ ସୀମା, ବୃହତ କ୍ରେତାଙ୍କୁ କଟକଣା ଏବଂ ବ୍ୟବସାୟୀ ତଥା ଚିନି କଳଗୁଡ଼ିକର ଗୋଦାମ ପରିଦର୍ଶନ ଅନ୍ତର୍ଭୁକ୍ତ। ବିଭିନ୍ନ ରାଜ୍ୟରେ ନିୟୋଜିତ ଫ୍ଲାଇଂ ସ୍କ୍ୱାଡ୍ ଆଗାମୀ ସପ୍ତାହରେ ବଜାର ପରିସ୍ଥିତିକୁ ଆହୁରି ସୁଧାରିବ ବୋଲି ଆଶା କରାଯାଉଛି। ଭାରତର ଆମଦାନୀ ଘୋଷଣା ପରେ ବିଶ୍ୱସ୍ତରୀୟ କଞ୍ଚା ଚିନି ମୂଲ୍ୟ ହ୍ରାସ ପାଇଛି ଏବଂ ଅନ୍ତର୍ଜାତୀୟ ସ୍ତରରେ ସନ୍ତୋଷଜନକ ଯୋଗାଣ ଭାରତର ଆମଦାନୀର ପ୍ରଭାବକୁ ବିଶ୍ୱସ୍ତରୀୟ ମୂଲ୍ୟ ଉପରେ ସୀମିତ ରଖିବ ବୋଲି ଆଶା କରାଯାଉଛି।






# ଦାସପୁର ଡିଏନ୍‌କେ ଗ୍ରାମରୁ ଲକ୍ଷାଧିକ ଟଙ୍କାର ଶାଗୁଆନ ଓ ଆସବାବ ଜବତ

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଯୋଡ଼ିଙ୍ଗା ପଞ୍ଚାୟତର ଦାସପୁର ଡିଏନ୍‌କେ ଗ୍ରାମରୁ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଓ ତିଆରି କରି ରଖିଥିବା ଆସବାବ ଜବତ ହୋଇଥିବା ଜଣାଯାଇଛି। ଖବର ନେବାରେ ଜଣାଯାଇଛି ଯେ ଛତିଶଗଡ଼ ଅନ୍ତର୍ଗତ ଗାରିଆବନ୍ଦ ବନ ବିଭାଗ ଡିଏଫଓ ବରୁଣ ଜୈନଙ୍କ ନେତୃତ୍ୱରେ ଏକ ଟିମ୍ ଦାସପୁର (ଡିଏନକେ) ଅଞ୍ଚଳରେ ଚଢ଼ାଉ କରି ବହୁ ପରିମାଣର ଶାଗୁଆନ କାଠ ସହ କାଠ ତିଆରି ବିଭିନ୍ନ ଆସବାବପତ୍ର ଜବତ କରିଥିଲେ। ଏଥି ସହିତ ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କ



ନାମରେ ମାମଲା ରୁଜୁ କରିଥିବା ବେଳେ ସେମାନେ ଫେରାର ଥିବା ଜଣା ପଡ଼ିଛି । ସୂଚନା ଅନୁଯାୟୀ ଓଡ଼ିଶା ସୀମାନ୍ତ ଛତିଶଗଡ଼ ଜଙ୍ଗଲରୁ ଶାଗୁଆନ କାଠ ଆଣି ଓଡ଼ିଶାରେ ବ୍ୟବସାୟ ହେଉଥିବା ଗାରିଆବନ୍ଦ ଡିଏଫଓ ଶ୍ରୀ ଜୈନ ସୂଚନା ପାଇ ଚଢ଼ାଉ ନିମନ୍ତେ ଯୋଜନା ପ୍ରସ୍ତୁତ କରିଥିଲେ । ସହାୟତା ଯୋଗାଇ ଦେବାକୁ ନବରଙ୍ଗପୁର ଡିଏଫଓ ଙ୍କୁ ପ୍ରଥମେ ଯୋଗାଯୋଗ କରି ସୋମବାର ଦିନ ଦାସପୁର (ଡିଏନକେ) ଗ୍ରାମରେ ଏକ ବଡ଼ ଧରଣର ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ଜବତ ହୋଇଥିବା କାଠ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ପରେ ହେବ ବୋଲି ବନ ବିଭାଗ ସୂଚନା ଦେଇଛି । ଏହି ଚଢ଼ାଉ ସମୟରେ ରାଇଘର ବନ ବିଭାଗ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଉପର ଇନ୍ଦ୍ରାବତୀ କେନାଲ କାମରେ ମୃତବ୍ୟକ୍ତିଙ୍କ ନାମରେ ବିଲ୍ ଉଠାଣ

## କେତେ ସତ ଏହାର ନିରପେକ୍ଷ ତଦନ୍ତ ଦାବି



**କଳାହାଣ୍ଡି(ଅମୃତ ମିଡିଆ):** ଉପର ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ୍ ଅଧୀନରେ ଚାଲିଥିବା କେନାଲ ରକ୍ଷଣବେକ୍ଷଣ ଓ ନିର୍ମାଣ କାମକୁ ନେଇ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି । ବାସ୍ତବରେ ହୋଇଥିବା କାମଠାରୁ ଅଧିକ ପରିମାଣ ଦର୍ଶାଇ ବିଲ୍ ପ୍ରସ୍ତୁତ କରାଯାଇଥିବା ବେଳେ କାମ ନହୋଇଥିଲେ ମଧ୍ୟ ବିଲ୍ ଉଠାଣ ଏବଂ କେତେକ ମାମଲାରେ ମହିଳା, ଆଦିବାସୀ ଓ ଜଣେ ମୃତ ବ୍ୟକ୍ତିଙ୍କ ନାମ ବ୍ୟବହାର କରାଯାଇଥିବା ନେଇ ଅଭିଯୋଗ ଉଠିଛି। ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବାକୁ ଥିବା ବେଳେ, ଘଟଣାକୁ ନେଇ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବି ଜୋର ଧରିଛି । ଉପଲବ୍ଧ ଟେଣ୍ଡର ଦଲିଲ ଅନୁସାରେ, କୁସୁମଖୁଣ୍ଟିସ୍ଥିତ ଉପର ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ୍ ନମ୍ବର - ୧ ପକ୍ଷରୁ ୨୫ ଅଗଷ୍ଟ ୨୦୨୫ରେ ୯୯ଟି କାମ ପାଇଁ ସଂକ୍ଷିପ୍ତ ଟେଣ୍ଡର ଆହ୍ୱାନ କରାଯାଇଥିଲା ଓ କେନାଲ ବନ୍ଧ ସୁଦୃଢ଼ୀକରଣ, ସୁରକ୍ଷା ଓ ପାଚେରୀ, କଂକ୍ରିଟ୍ ଲାଇନିଂ, ଜଙ୍ଗଲ ସଫା ଓ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କାମ ଏହି ତାଲିକାରେ ଥିବା ଜଣାପଡ଼ିଛି। କାଗଜରେ କାମ ପ୍ରକୃତରେ କେତେ ଅଭିଯୋଗ ଅନୁସାରେ, କେତେକ କାମ କାଗଜପତ୍ରରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ବିଲ୍ ପ୍ରସ୍ତୁତ କରାଯାଇଥିବା ବେଳେ ଘଟଣା ସ୍ଥଳରେ ସେହି ଅନୁପାତରେ କାମ ହୋଇ ନଥିବା ସନ୍ଦେହ ରହିଛି ଓ କେଉଁଠି ଯେତିକି କାମ ହୋଇଛି, ତାଠାରୁ ଅଧିକ ପରିମାଣ ମାପ ବହିରେ ଦର୍ଶାଯାଇଛି କି ନାହିଁ, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ଅଭିଯୋଗର ସତ୍ୟତା ଜାଣିବା ପାଇଁ କାଗଜପତ୍ର ଯାଞ୍ଚ ସହ ପ୍ରତେକ କାମର ଭୌତିକ ମାପ ଜରୁରୀ ଓ ଟେଣ୍ଡରରେ ଦର୍ଶାଯାଇଥିବା କାମର ପରିମାଣ ଓ ଘଟଣା ସ୍ଥଳରେ ବାସ୍ତବରେ ହୋଇଥିବା କାମ ମଧ୍ୟରେ ତୁଳନା କରାଗଲେ ଅଭିଯୋଗର ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ । ମୃତ ବ୍ୟକ୍ତିଙ୍କ ନାମ ବ୍ୟବହାର ନେଇ ଗୁରୁତର ପ୍ରଶ୍ନ ଅଭିଯୋଗରେ ଜଣେ ମୃତ ବ୍ୟକ୍ତିଙ୍କ ନାମ କାମ କିମ୍ବା ଦେୟ ସମ୍ପର୍କିତ ରେକର୍ଡରେ ରହିଥିବା ଦାବି କରାଯାଇଛି। ଯଦି ମୃତ୍ୟୁ ତାରିଖ ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ କାମ, ବିଲ୍ କିମ୍ବା ଦେୟ ଦର୍ଶଓଯାଇଥିବା ପ୍ରମାଣିତ ହୁଏ, ତେବେ ଘଟଣାଟି ଅତ୍ୟନ୍ତ ଗୁରୁତର ହୋଇପାରେ । ସେହିପରି କେତେକ ମହିଳା ଓ ଆଦିବାସୀଙ୍କ ନାମରେ କାମ ଦର୍ଶାଯାଇଥିବା ଅଭିଯୋଗ ମଧ୍ୟ ଯାଞ୍ଚ ଆବଶ୍ୟକ କରୁଛି ଓ ପ୍ରକୃତରେ ସେମାନେ କାମ କରିଥିଲେ କି, ସେମାନଙ୍କୁ ଦେୟ ମିଳିଥିଲା କି, ସେମାନଙ୍କ ନାମ କେବଳ କାଗଜପତ୍ରରେ ବ୍ୟବହାର ହୋଇଥିଲା ଏହା ଜାଣିବା ପାଇଁ ଶ୍ରମିକ ତାଲିକା, ଭାଉଚର, ଦେୟ ରେକର୍ଡ ଓ ବ୍ୟାଙ୍କ ଲେନଦେନ ଯାଞ୍ଚ ଜରୁରୀ । ୩ ବର୍ଷର କାମର ହିସାବ କେତେ ହୁଏ କିମ୍ବା ଦୁଇଟି କାମର ଯାଞ୍ଚ ଦ୍ୱାରା ସମଗ୍ର ଚିତ୍ର ସାମ୍ନାକୁ ଆସିବ ନାହିଁ ତେଣୁ ଗତ ୩ଟି ଆର୍ଥିକ ବର୍ଷର ଉପର ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ୍ ଅଧୀନରେ ହୋଇଥିବା ସମସ୍ତ ରକ୍ଷଣାବେକ୍ଷଣ ଓ ନିର୍ମାଣ କାମର ସମ୍ପୂର୍ଣ୍ଣ ଯାଞ୍ଚ ଦାବି ହୋଇଛି । ଏହି ଯାଞ୍ଚରେ ମୋଟ କେତେ ଟଙ୍କାର କାମ ମଞ୍ଜୁର ହୋଇଥିଲା, କେତେଟି ଟେଣ୍ଡର ହୋଇଥିଲା, କେତେଜଣ ଠିକାଦାର କାମ ପାଇଥିଲେ, ଜଣେ ଠିକାଦାର କେତୋଟି କାମ ପାଇଥିଲେ, କେତେ ଟଙ୍କାର ବିଲ୍ ପାସ୍ ହୋଇଥିଲା ଏବଂ କେତେ ଟଙ୍କା ବ୍ୟାଙ୍କ ମାଧ୍ୟମରେ ଦେୟ ହୋଇଥିଲା ତାହା ସ୍ପଷ୍ଟ ହେବା ଆବଶ୍ୟକ । ମାପ ବହିଠାରୁ ବ୍ୟାଙ୍କ ଖାତା ପର୍ଯ୍ୟନ୍ତ ଯାଞ୍ଚ ହେଉ ।ତଦନ୍ତ କେବଳ ଅଫିସ୍ ଫାଇଲ୍‌ରେ ସୀମିତ ନରହି ଘଟଣା ସ୍ଥଳ ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ ।

## ଜୁଆଆସର ଉପରେ ପୋଲିସର ଚଢ଼ଉ

# ୧୨୪୦ ଟଙ୍କା ଓ ୩ ପ୍ଲାଷ୍ଟିକ ପ୍ଲେଟ ଜବତ, ଦୁଇ ଗିରଫ

**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ପବିତ୍ର ଶ୍ରାବଣ ମାସରେ ବୋଲବମ ଯାତ୍ରାକୁ ନେଇ ହରିଶଙ୍କରରେ ହଜାର ହଜାର କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ, ଭିଡ଼ର ସୁଯୋଗ ନେଇ ଜୁଆ ଆସର ଚଳାଇବା ଅଭିଯୋଗରେ ଖପ୍ରାଖୋଲ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ହରିଶଙ୍କରରେ ପ୍ରବଳ ଭିଡ଼ ମଧ୍ୟରେ କିଛି ବ୍ୟକ୍ତି ଖୋଲାଖୋଲି ଜୁଆ ଖେଳ ଚଳାଇଥିବା ନେଇ ଅଭିଯୋଗ ମିଳିଥିଲା। ଏହାକୁ ଗୁରୁତ୍ୱର ସହ ନେଇ ଖପ୍ରାଖୋଲ ପୋଲିସ ତଦନ୍ତ ଓ ଚଢ଼ାଉ ଆରମ୍ଭ କରିଥିଲା। ସୋମବାର ପୋଲିସ ଟିମ୍ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତ ଦୁଇଜଣ ହେଲେ ଖପ୍ରାଖୋଲ ଥାନା ଅନ୍ତର୍ଗତ ଗମ୍ଭାରୀ ଗ୍ରାମର ମଦନ ସୁନ୍ଦର ବରିହା (୩୬) ଏବଂ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅନ୍ତର୍ଗତ ଲୁଆବାହାଲ ଗ୍ରାମର ଜଗନ୍ନାଥ ଦାସ (୩୭)। ପୋଲିସ ସେମାନଙ୍କ ନିକଟରୁ ୧୨୪୦ ଟଙ୍କା ନଗଦ ଏବଂ ଜୁଆ ଖେଳରେ ବ୍ୟବହୃତ ୩ଟି ଗୋଲାକାର ପ୍ଲାଷ୍ଟିକ ପ୍ଲେଟ ଜବତ କରିଛି। ଜବତ ସାମଗ୍ରୀ ସହ ଦୁଇ ଅଭିଯୁକ୍ତଙ୍କୁ ଖପ୍ରାଖୋଲ ଥାନାକୁ ଆଣି ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇଛି। ଏନେଇ ଖପ୍ରାଖୋଲ ଥାନାରେ କେସ୍ ନଂ-୧୭୩/୨୦୨୬, ଧାରା-୩, ଓପିଜି ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ନେଇ କେସ୍‌ର ତଦନ୍ତକାରୀ ଅଧିକାରୀ ନବୀନ କୁମାର ଭୋଇ ସୂଚନା ଦେଇଛନ୍ତି। ପବିତ୍ର ତୀର୍ଥକ୍ଷେତ୍ର ହରିଶଙ୍କରରେ ଭକ୍ତଙ୍କ ଭିଡ଼କୁ ଆଡ଼ କରି ଏଭଳି ବେଆଇନ କାର୍ଯ୍ୟକଳାପ ଚଳାଇବାକୁ ପୋଲିସ ପକ୍ଷରୁ ଗୁରୁତ୍ୱର ସହ ନିଆଯାଇଥିବା ବେଳେ, ଆଗାମୀ ଦିନରେ ମଧ ଏଭଳି କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ମୃତ୍ୟୁର ଫାନ୍ଦରେ ମୁକୁନ୍ଦପୁର ମେଲଘୁଟୁ ଭାୟା-କନେର ରାସ୍ତା

**କଳାହାଣ୍ଡି(ଅମୃତ ମିଡିଆ):** କାଗଜ କଲମରେ ବିକାଶର ଡିଣ୍ଡିମ ପିଟୁଛି ସରକାର, ହେଲେ ବାସ୍ତବରେ ଆଜିର ରାସ୍ତା ପାଲଟିଛି ମରଣଯନ୍ତା । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ଅଧୀନ ୧୭ ଟି ଗାଁର ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଏକ ମାତ୍ର ଜୀବନରେଖା ମୁକୁନ୍ଦପୁର ଛକରୁ ମେଲଘୁଟୁ ଭାୟା କନେର ୭ କି.ମି ଲମ୍ବର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ଆଜି ମୃତ୍ୟୁର ଫାନ୍ଦ ପାଲଟିଛି। ସୂଚନା ଅନୁଯାୟୀ, ୨୦୧୯-୨୦ ବର୍ଷରେ ପ୍ରାୟ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ଏହି ରାସ୍ତା ନିର୍ମାଣ ହୋଇଥିଲା । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ଆରମ୍ଭରୁ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିଲା ଓ ନିୟମ ଅନୁଯାୟୀ ଠିକାଦାର ୫ ବର୍ଷ ଯାଏଁ ଏହାର ରକ୍ଷଣାବେକ୍ଷଣ କରିବା କଥା, କିନ୍ତୁ ବର୍ଷେ ପୂରିବା ପୂର୍ବରୁ ରାସ୍ତା ସମ୍ପୂର୍ଣ୍ଣ ଉଜୁଡ଼ି ଗଲା ଓ ଏହାପରେ ଠିକାଦାର ଆଉ ମୁହଁ ଦେଖାଇଲା ନାହିଁ । ବିଭାଗ ବିଚୁପ୍ ରହିଲା । ଫଳରେ ଗତ ୭ ବର୍ଷ ହେଲା



ଲୋକେ ଧୂଳି, କାଦୁଅ ଓ ଖାଲଖମା ଭିତରେ ନରକ ଯନ୍ତ୍ରଣା ଭୋଗୁଛନ୍ତି । ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା, ପିଚୁ ସମ୍ପୂର୍ଣ୍ଣ ଉଠି ଯାଇ ମାଟି ବାହାରିଲାଣି । ବର୍ଷା ଦିନେ ଏହା ରାସ୍ତା ନୁହେଁ ପୋଖରୀ ପାଲଟୁଛି ଓ ଯାନବାହନ ତ ଦୂରର କଥା, ଚାଲି ଚାଲି ଯିବା ବି ମୁସ୍କିଲ। ବାରମ୍ବାର ଦାବି ପରେ କୌଣସି ସୁଫଳ ନ ମିଳିବାରୁ ଅଞ୍ଚଳବାସୀ ବାଧ ହୋଇ ପୋଖରୀବନ୍ଧ ଛକ ନିକଟ ୬ ନମ୍ବର ରାଜ୍ୟ ରାଜପଥ ଉପରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ । ସେତେବେଳେ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ, କନିଷ୍ଠ ଯନ୍ତ୍ରୀ, ଲାଞ୍ଜିଗଡ଼ ବିଡିଓ, ତହସିଲଦାର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ୩ ମାସ ମଧ୍ୟରେ ନୂଆ ପକ୍କା ରାସ୍ତା ନିର୍ମାଣ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇ ରାସ୍ତାରୋକ ହଟାଇଥିଲେ । ଏହାପରେ ବିଭାଗ କେବଳ ଲୋକଦେଖାଣିଆ ପାଇଁ କିଛି ବଡ଼ ଗାତରେ କ୍ରସରଗୁଣ୍ଡ ପକାଇ ମରାମତି କଲା । ସେ ମରାମତି ବି ଗୋଟିଏ ସପ୍ତାହ ତିଷ୍ଠିଲା ନାହିଁ। ପ୍ରଥମ ବର୍ଷାରେ ସବୁ ଗୁଣ୍ଡ ଧୋଇ ହୋଇ ରାସ୍ତା ପୂର୍ବ ଅବସ୍ଥାକୁ ଫେରିଆସିଲା। ଏହାପରେ ଅଞ୍ଚଳବାସୀ କିଛି ମାସ ତଳେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଭେଟି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଏହାକୁ ଗମ୍ଭୀରତାର ସହ ନେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ, ହେଲେ ଆଜି ଯାଏଁ ବିଭାଗର ନିଦ ଭାଙ୍ଗୁନି।

# ଡକାୟତି ଘଟଣାର ପର୍ଦ୍ଦାଫାସ

**କେସିଙ୍ଗା(ଅମୃତ ମିଡିଆ):** କେସିଙ୍ଗା ସହରରେ ଘଟିଥିବା ବଡ଼ ଧରଣର ଡକାୟତି ଘଟଣାର ପ୍ରାୟ ମାସେ ପରେ ପର୍ଦ୍ଦାଫାଶ କରିଛି କେସିଙ୍ଗା ପୋଲିସ। ଡକାୟତି ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ବିପୁଳ ପରିମାଣର ସୁନା, ରୂପା ଓ ନଗଦ ଟଙ୍କା ଜବତ କରାଯାଇଛି। ଏହି ସଫଳତା ପରେ କେସିଙ୍ଗାବାସୀଙ୍କ ମଧ୍ୟରେ କିଛିଟା ଆଶ୍ୱସ୍ତି ଦେଖାଦେଇଛି। ଜୁଲାଇ ୨୦ ତାରିଖ କେସିଙ୍ଗା ୱାର୍ଡ ନମ୍ବର ୩ର ବ୍ୟବସାୟୀ ପୁନମ ଅଗ୍ରୱାଲ ପରିବାର ସହ ଏକ ପାରିବାରିକ କାର୍ଯ୍ୟକ୍ରମ ପାଇଁ ସହର ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଙ୍କ ଘରେ ହୋଇଥିଲା ବଡ଼ ଧରଣର ଡକାୟତି। ଘଟଣା ପରେ ଡକାୟତମାନେ ଫେରାର ହୋଇଯାଇଥିବା ବେଳେ, ତଦନ୍ତ ଆରମ୍ଭ କରିଥିଲା କେସିଙ୍ଗା ପୋଲିସ। ଦୀର୍ଘ ତଦନ୍ତ ପରେ ଶେଷରେ ଡକାୟତି ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ କେସିଙ୍ଗା ୱାର୍ଡ ନମ୍ବର ୩ର ନରେଶ ତାଣ୍ଡି, ରାୟଗଡ଼ା ଜିଲ୍ଲା ଆରକେ ନଗରର ରବି ଶଙ୍କର ମହାନନ୍ଦିଆ, ରାହୁଲ ସାମଲ, ପ୍ରମି ଶ୍ରୀକାନ୍ତ, ତେଜପ ଓରଫ ଅଜିତ ନାଏକ ଏବଂ କୋଟାପେଟା ଦୀପସାହି ଅଞ୍ଚଳର ହୁଇକା ଦୂତିଆ। ଅଭିଯୁକ୍ତମାନଙ୍କ ଠାରୁ ୭୨ ଗ୍ରାମ ସୁନା, ୧ କିଲୋ ୧୩୮ ଗ୍ରାମ ରୂପା ଏବଂ ୨ ଲକ୍ଷ ୭୦ ହଜାର ଟଙ୍କା ନଗଦ ଜବତ କରିଛି ପୋଲିସ। ମଙ୍ଗଳବାର କେସିଙ୍ଗା ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଏହି ସୂଚନା ଦେଇଛନ୍ତି। ଗତ ଦୁଇ ମାସ ମଧ୍ୟରେ କେସିଙ୍ଗା ସହରରେ ଚାରିଟି ବଡ଼ ଧରଣର ଚୋରି ଓ ଡକାୟତି ଘଟଣା ସହରବାସୀଙ୍କ ଚିନ୍ତା ବଢ଼ାଇଥିଲା। ତେବେ ଏହି ଡକାୟତି ଘଟଣାର ପର୍ଦ୍ଦାଫାଶ ପୋଲିସ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି। ଡକାୟତି ଘଟଣାର ତଦନ୍ତରେ ସଫଳତା ପାଇଁ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳଙ୍କ ସମେତ ସମଗ୍ର କେସିଙ୍ଗା ପୋଲିସ ଟିମ୍‌କୁ ଏସ୍‌ପି ଧନ୍ୟବାଦ ଦେବା ସହ ସାବାସୀ ଦେଇଛନ୍ତି।

# ନିଟ୍ ପରୀକ୍ଷାରେ ସଫଳତା ହାସଲ କଲେ ତିନି ଛାତ୍ରଛାତ୍ରୀ

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ କୁରା ବେଢ଼ା




ପଞ୍ଚାୟତ ସୋନପୁର ଗ୍ରାମ ର ମହେନ୍ଦ୍ର ଗଣ୍ଡ, ଯୋଡ଼ିଙ୍ଗା ପଞ୍ଚାୟତ ବରଗାଁର ପଦ୍ମା ଗଣ୍ଡ, ଓ ଦେବାଙ୍ଗା ପଞ୍ଚାୟତ ବିରି ଶାଢ଼ୀ ଗ୍ରାମ ର ଉଦୟ ଶଙ୍କର ଜାନୀ ନିଟ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ମହେନ୍ଦ୍ର ଭୀମ ସାର୍ ବୁର୍ଲା ମେଡିକାଲରେ କଲେଜ ଏମ ବି ବି ଏସ ପଢ଼ିବା ପାଇଁ ମନୋନୀତ ହୋଇଥିବା ବେଳେ ଉଦୟ ଶଙ୍କର ଜାନୀ କନ୍ଧମାଳ ମେଡିକାଲ କଲେଜ ଓ ପଦ୍ମା ଗଣ୍ଡ କଟକ ମେଡିକାଲ କଲେଜରେ ଏମ୍‌ବିବିଏସ ପଢ଼ିବା ପାଇଁ ମନୋନୀତ ହୋଇଛନ୍ତି। କଠିନ ପରିଶ୍ରମ ଓ ପ୍ରଚେଷ୍ଟା ଫଳରେ ଏହି କୃତିତ୍ୱ ହାସଲ କରିପାରିଛନ୍ତି ଏହି ତିନି ଜଣ। ଆଦିବାସୀ ଅଧୁଷିତ ଅଞ୍ଚଳର ତିନିଜଣ ଯୁବକ ଯୁବତୀ ଏହି ସଫଳତା ପରେ ସ୍ଥାନୀୟ ଅଂଚଳରେ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।

# ବାରବନ୍ଧରେ ପୁଣି ୧୮ ଟିକିଆ ହାତୀପଲଙ୍କ ଉତ୍ପାତ

**ମୁରିବାହାଲ(ଅମୃତ ମିଡିଆ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ତିଖାରୀ ସଂରକ୍ଷିତ ଜଙ୍ଗଲରେ ଦୀର୍ଘ ଦୁଇ ବର୍ଷରୁ ଅଧିକ ହେବ ବଣୁଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି । ଏବେ ଏହି ହାତୀପଲ ଜଙ୍ଗଲ ଅଞ୍ଚଳ ଛାଡ଼ି ଗାଁ ମୁହାଁ ହେଉଥିବାରୁ ବନ ବିଭାଗର କର୍ମଚାରୀ ନାକେଦମ୍ ହେଉଥିବା ବେଳେ ସାଧାରଣ ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। କିଛି ଦିନ ତଳେ ହାତୀପଲ ବାରବନ୍ଧ ଗାଁର ଗଙ୍ଗାଧର ମାଝୀଙ୍କ ଘର ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ପାଟିତୁଣ୍ଡ କରିବାରୁ ସେ ସ୍ଥାନ ଛାଡି ଚାଲିଯାଇଥିଲେ । ପୁଣି ରବିବାର ରାତିରେ ହାତୀପଲ ପାଖରେ ଥିବା ଜାଣି ବନବିଭାଗ ପକ୍ଷରୁ ଯିଏ ବାହାରେ ବା ଏକାକୀ ଘରେ ଥିବେ ସମସ୍ତେ ଗାଁ ଭିତରକୁ ଯିବାକୁ ପରାମର୍ଶ ଦିଆଯାଇଥିଲା । ଠିକ୍ ସାଢ଼େ ୧୦ ଘଣ୍ଟା ସମୟରେ ୧୮ଟିକିଆ ହାତୀପଲ ଗାଁର ଭୀଷ୍ମ ପଧାନଙ୍କ ଘରକୁ ଭାଙ୍ଗିରୁଜି ଚୁରମାର କରିଦେଇଥିଲେ । ହାତୀପଲ ପାଖକୁ ଆସିବା ଜାଣିପାରି ପରିବାର ଲୋକେ ଜୀବନ ବିକଳରେ ଚିତ୍କାର କରି ଘରୁ ବାହାରି ଗାଁ ଭିତରକୁ ଦୌଡ଼ି ଜଣଙ୍କ ଘରେ ଆଶ୍ରୟ ନେଇଥିବାରୁ ପରିବାରର ୬ଜଣ ସଦସ୍ୟ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ହାତୀପଲ ଘରକୁ ଭାଙ୍ଗିରୁଜି ଦେବା ସହ ଖାଇବା ପାଇଁ ଘରେ ଏକ ଡ୍ରମରେ ରଖାଯାଇଥିବା ଚାଉଳକୁ ମଧ ଖାଇଦେଇଥିବା ଭୀଷ୍ମ କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି । ଘରେ ଥିବା ଧାନକୁ ହାତୀପଲ ସଂପୂର୍ଣ୍ଣ ଖାଇ ଘରର ଆସବାବପତ୍ର ମଧ ସବୁ ନଷ୍ଟ କରିଦେଇଥିଲେ। ଚାଉଳ ଡ୍ରମ ଭିତରେ ଭୀଷ୍ମ ରଖିଥିବା ଏକ ଭରି ଓଜନର ସୁନା ଗହଣା ଓ ଏକ ଆଟାଚିରେ ରଖିଥିବା ୩୫ହଜାର ଟଙ୍କା ନ ଥିବାରୁ ଏହା କୁଆଡ଼େ ଗଲା ବୋଲି ଭୀଷ୍ମ ପ୍ରଶ୍ନ କରିଛନ୍ତି । ଚାଉଳ ଡ୍ରମ ଓ ଆଟାଚି ଘର ବାହାରେ ପଡ଼ିଥିବା ସକାଳୁ ଆସି ଭୀଷ୍ମ ଦେଖିବାକୁ ପାଇଥିଲେ । ଏବେ ଭୀଷ୍ମଙ୍କ ବାପା, ସ୍ତ୍ରୀ ଓ ତିନି ପୁଅଝିଅଙ୍କ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି। ସେହିପରି ହାତୀପଲ ଗାଁର ଚାଷୀ ଦେବରାଜ ପଧାନ, ଗଣନାଥ ପଧାନଙ୍କ ସମେତ ବହୁ ଚାଷୀଙ୍କ ଧାନ ଓ କପା ଫସଲ ନଷ୍ଟ କରିଦେଇଥିବା ଦେଖିବାକୁ ମିଳିଛି । ବନ ବିଭାଗ ଓ ରାଜସ୍ୱ ବିଭାଗ ତଦନ୍ତ କରି ସରକାରୀ ସହାୟତା ଯୋଗାଇ ଦେବା ସହ ଭୀଷ୍ମ ପଧାନକୁ ଏକ ପ୍ରଧାନମନ୍ତ୍ରୀ ଆବାସ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ୮୦ ଲିଟର ବିଦେଶୀ ମଦ ଜବତ



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୂରା ବେଢ଼ା ପଞ୍ଚାୟତ ସୋନପୂର୍ ରାସ୍ତାରେ ସିଜି୦୭ସିଡି ୬୩୩୪ ନୋ ବୋଲେରୋ ଗାଡିରେ ୮୦ ଲିଟର ବିଅର ନେଇ ଯାଉଥିବା ସମୟରେ ଗାଡି ଶହ ଧୀରେନ୍ଦ୍ର ସିଂ ଓ ପ୍ରକାଶ ସିଂ ଦୁଇ ଜଣକୁ ଗିରଫ କରିଛି। ପ୍ରକାଶ ଥାଉକି ରାଇଘର ଥାନା ଅଧିକାରୀ ଟିକି ଚାନ୍ଦ ଖଟୁଆଙ୍କ ସହ ପୋଲିସ ଟିମ୍ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଜବତ କରିଛି। ବିୟର ବୋତଲ ଜବତ କରି ୨୧୪/୨୬ରେ କେସ ଡାଏରୀ କରି କୋର୍ଟ ଚାଲାଣ କରାଯାଇ ଥିବା ରାଇଘର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଡୁମ୍ବେରବାହାଲ ସ୍କୁଲରେ ବୃକ୍ଷରୋପଣ ସଭା



**ପଦ୍ମପୁର(ଅମୃତ ମିଡିଆ):** ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅନ୍ତର୍ଗତ ଡୁମ୍ବେରବାହାଲ ସ୍କୁଲରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗଙ୍କ ଅଧ୍ୟକ୍ଷତାରେ ଏକ ବୃକ୍ଷରୋପଣ ସଭା ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥବା ବେଳେ ମାଣ୍ଡୋସିଲ ସରପଞ୍ଚ ଓମ୍ ପ୍ରକାଶ ନାୟକ, ସିଆରସିସି ବସୁଦେବ କୁମ୍ଭାର, ପୂର୍ବତନ ଏସ୍‌ଏମ୍‌ସି ସଭାପତି ବନବସ ସାହୁ ଓ ବର୍ତ୍ତମାନର ଏସ୍‌ଏମ୍‌ସି ସଭାପତି ସୁଶାନ୍ତ ଖୁମୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ବାଗ ଗତ ୧୨ ବର୍ଷ ଧରି ଏହି ସ୍କୁଲ ଦ୍ୱାରା ହେଉଥିବା ବୃକ୍ଷରୋପଣ ଓ ତା'ର ସଫଳ ରୂପାୟନ ସଂପର୍କରେ ସୂଚନା ଦେଇଥିବା ବେଳେ ପୂର୍ବତନ ସ୍କୁଲ ସଭାପତି ଶ୍ରୀ ସାହୁ ଉତ୍କୃଷ୍ଟ ଶିକ୍ଷାଦାନ ଦ୍ୱାରା ସ୍କୁଲର ହେଉଥିବା ଉନ୍ନତି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ଦେବା ସହ ପ୍ରସ୍ତାବିତ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ମାଣ୍ଡୋସିଲ ଗ୍ରାମ ପଞ୍ଚାୟତର ଡୁମ୍ବେରବାହାଲ ଗ୍ରାମରେ ସ୍ଥାପନ ଦିଗରେ ପଦକ୍ଷେପ ନେବାକୁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସରପଞ୍ଚ ଶ୍ରୀ ନାୟକ ଓ ସିଆ ?ସିସି ଶ୍ରୀ କୁମ୍ଭାର ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିବା ବେଳେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ପୁରୋହିତ ଅବାଧ ଗଛକଟାର କୁପରିଣାମ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଫଳରେ ସାରା ଦେଶରେ ହେଉଥିବା ସଫଳ ବୃକ୍ଷରୋପଣ ସମ୍ପର୍କରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଥିଲେ । ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ ଥିଲେ ଡୁମ୍ବେରବାହାଲ ଗ୍ରାମରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନକୁ କେହି ଅଟକାଇ ପାରିବେ ନାହିଁ ବୋଲି ଘୋଷଣା କରିବା ସହିତ ଡୁମ୍ବେରବାହାଲ ନଦୀରେ ଥିବା ବ୍ରିଜଟି ଭାଙ୍ଗିଯାଇ ଜରାଜୀର୍ଣ୍ଣ ଅବସ୍ଥାରେ । ଏହା ଉପରେ ପ୍ରତିଦିନ ହଜାର ହଜାର ଜନସାଧାରଣ ଓ ଛାତ୍ରଛାତ୍ରୀ ବିପଦ ସଙ୍କୁଳ ଭାବେ ଯାତାୟାତ କରୁଥିବାରୁ ଏଠାରେ ଖୁବ ଶୀଘ୍ର ନୂତନ ବ୍ରିଜ ନିର୍ମାଣ ହେବ ବୋଲି ଶ୍ରୀ ପୁରୋହିତ ପ୍ରତିଶ୍ରୁତି ଦେଇଥିଲେ । ସହକାରୀ ଶିକ୍ଷକ ଡେଜଲିଂ ଦନ୍ତା ସ୍ୱାଗତ ଭାଷଣ ଦେଇଥିବାବେଳେ ସୁଦାମ କନ୍ଧେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଗ୍ରାମ କମିଟି ସଭାପତି ତରଣୀସେନ ଷଡ଼ଙ୍ଗୀ, ରେଡ୍ଡୀ ଆଦିନାରାୟଣ ପ୍ରମୁଖ ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ । ଶେଷରେ ସାଂସଦ ଶ୍ରୀ ପୁରୋହିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ଖେଳ ପଡିଆ ପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ ।

# ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଇନୋଭେସନ ପ୍ରୋଗ୍ରାମ



**ବରଗଡ(ଅମୃତ ମିଡିଆ):** ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ନବସୃଜନ ଉଦ୍ୟୋଗକୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । 'ବଡ଼ ପରିବର୍ତ୍ତନ ସବୁବେଳେ ବଡ଼ ଚିନ୍ତାରୁ ନୁହେଁ, ଏକ ଛୋଟ ନୂଆ ଧାରଣାରୁ ମଧ ଆରମ୍ଭ ହୋଇପାରେ ବୋଲି ଅଧ୍ୟକ୍ଷ ଶ୍ରୀ ବାରିକ ମତ ରଖିଥିଲେ । ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଧାରଣା ଦେବା ସହିତ ସେ ଦିଗରେ କାର୍ଯ୍ୟ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପ୍ରାଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଆମନିର୍ଭର ହେବା ପାଇଁ ପ୍ରେରଣା ଦେଇଥିଲେ । ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ନୂଆ ନୂଆ ଚିନ୍ତାଧାରା ଉପରେ ମନ୍ତବ୍ୟ ରଖିଥିବା ବେଳେ ପ୍ରାଧ୍ୟାପିକା ମୀନା କୁମାରୀ ସାହୁ ମଧ ନବସୃଜନାତ୍ମକ ଶକ୍ତି ମାଧ୍ୟମରେ କାମ କରି ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ । ଏହି ଅବସରରେ ଷ୍ଟାର୍ଟଅପ୍ ଇନୋଭେସନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।କୃତି ଛାତ୍ରଛାତ୍ରୀ ମାନେ ହେଲେ ସୌମ୍ୟରଞ୍ଜନ ହୋତା (ପ୍ରଥମ ) ଭାରତୀ ପଟେଲ (ଦ୍ୱିତୀୟ) ଓ ସୁରଜ ପ୍ରଧାନ (ତୃତୀୟ ) । ସଭା ଶେଷରେ ଅଧ୍ୟାପିକା ପୁଷ୍ପ ମଞ୍ଜରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଭାଟିକୁ ସଫଳ କରିବାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

## ସମ୍ପାଦକୀୟ...

# ଖାଲିପଡ଼ିଛି ଲକ୍ଷ ଲକ୍ଷ ପଦବୀ

ଭାରତରେ ଦିନକୁ ଦିନ ବେକାରୀ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ଯାହା ଦେଶ ପାଇଁ ଅତି ଚିନ୍ତାର ବିଷୟ ପାଲଟିଛି। ଦେଶ ପାଇଁ ସୁନିଶ୍ଚିତ ଚିନ୍ତାର ବିଷୟ। ଏଥିରେ କିନ୍ତୁ ଆମର , ଦେଶର ସାଧାରଣ ଜନତାଙ୍କର ଟିକିଏ ବି ବିଶ୍ୱାସ ନାହିଁ। କାରଣ ଭାରତରେ ଏବେ ଖାଲିପଡ଼ିଛି ଲକ୍ଷ ଲକ୍ଷ ପଦବୀ । ଏଭଳି ସ୍ଥିତିରେ ସରକାରଙ୍କ୍ ଯେ କେତେ ଦାୟିତ୍ୱ ରହିଛି ଅବା ନ ରହିଛି, ତାହା ଏଥିରୁ ସ୍ପଷ୍ଟ ଜଣାପଡ଼େ। ତେବେ ସେହି ପରିବାରର କଥା ଚିନ୍ତା କରନ୍ତୁ ଯେମାନେ ଖଣ୍ଡେ ଚାକିରି ପାଇଁ ତହଲ ବିକଳ ହେଉଛନ୍ତି। ଯେଉଁମାନେ ଖଣ୍ଡେ ଚାକିରି ପାଇଁ ବାର ଦୁଆରେ ହେଉଛନ୍ତି। ରାତି ପାହିଲେ କାହାକୁ କୋଉ ଚିନ୍ତା, ଜଣେ ବେକାର ଲୋକ ପାଇଁ କୋଉ ଚିନ୍ତା। କେବଳ ଚାକିରି ଚିନ୍ତା। କାରଣ ଚାକିରି ନ କଲେ ସେ କେମିତି ଚଳିବ ? କ'ଣ ଖାଇବ ? ବଞ୍ଚିବ କେମିତି ? ଆଜିର ସମୟରେ ଏହା ସମାଜ ପାଇଁ ସବୁଠାରୁ ବଡ଼ ପ୍ରଶ୍ନ । ଯାହାର କିଛି ବି ସମ୍ବଳ ନାହିଁ, ଏଇ ଯେମିତି କି ତା'ର ବାପର ବିଶେଷ କିଛି ସମ୍ବଳ ନାହିଁ, ତା'ର ଆଗକୁ ଏବଂ ପଛକୁ ସେମିତି କୌଣସି ବିଶେଷ ସାଧନ ମଧ୍ୟ ନାହିଁ, ନିଜର ପ୍ରତିପୋଷଣ ପାଇଁ କିମ୍ବା ନିଜ ପରିବାର ଭରଣପୋଷଣ ପାଇଁ ସେ ତ କିଛି ରୋଜାଗାର କରିବ । ଅଥଚ ତା'ର ପାଖରେ ନା ମନଲାଖି ସେମିତି ଚାକିରି ଖଣ୍ଡିଏ ଅଛି ନା ସେମିତି କିଛି ପୁଞ୍ଜି ଅଛି ସେମ୍ତି କିଛି ବ୍ୟବଦାୟ କରିବା ପାଇଁ ଏଠାରେ ବଡ଼ ପ୍ରଶ୍ନ ଯେ ଏଭଳି ସ୍ଥିତିରେ ସଂପୃକ୍ତ ବ୍ୟକ୍ତିଜଣକ କେମିତି ଚଳିବ ? ସେମିତି ବଞ୍ଚିବା ପାଇଁ ତ ସମାଜରେ ଅନେକ ରାସ୍ତା ରହିଛି, ହେଲେ ତା'ର ବି ତ ସେମିତି କିଛି ମନ ଅଛି, ତା'ର ବି ତ ସେମ୍ତି କିଛି ଅଧିକାର ରହିଛି ସମାଜରେ୍ ତା'ର ମନଲାଖି ଚାକିରି ଖଣ୍ଡେ ପାଇଁ ଯାହାକୁ ପାଇ ସେ ଅନ୍ତତଃ ଭଲରେ ଟିକିଏ ବଞ୍ଚି ପାରିବ ଏବଂ ତା'ର ପରିବାରର ପ୍ରତିପୋଷଣ ପାଇଁ ସେ ଅନ୍ତତଃ ସକ୍ଷମ ହୋଇ ପାରିବ। ହେଲେ ସେଭଳି କିଛି ହେଉନାହିଁ, ସେମିତି କିଛି ହେଉନାହିଁ । ଭାରତରେ ବେକାରୀ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଥରେ ଚିନ୍ତା କରନ୍ତୁ ତ ଦେଖି, ଆଜିର ସମୟରେ ଭାରତରେ ବେକାରୀ ସଂଖ୍ୟାହାର ପାଞ୍ଚ ପ୍ରତିଶତ ଅର୍ଥାତ ପ୍ରତି ଶହେରେ ଅନ୍ତତଃ ୫ଜଣ ଅନଏମ୍ପ୍ଲଏଡ୍ ଅର୍ଥାତ ସେହି ପାଞ୍ଚଜଣ ବେକାର। ଯଦି ଶହେରେ ପାଞ୍ଚଜଣ , ତେବେ ଭାରତର ସମୁଦାୟ ଜନସଂଖ୍ୟା ଯେତେବେଳେ ପ୍ରାୟ ୧୫୦ କୋଟିରୁ ଅଧିକ ଟପିଗଲାଣି, ସେଭଳି କ୍ଷେତ୍ରରେ ଭାରତର ସମୁଦାୟ ବେକାରୀଙ୍କ ସଂଖ୍ୟା ପିଏଲଏଫ୍ର ଏକ ସର୍ଭେ ଅନୁଯାୟୀ ଆଜିର ତାରିଖରେ ପ୍ରାୟ ଏକକୋଟିରୁ ଊର୍ଦ୍ଧ୍ୱ ହୋଇପାରେ ଯେଉଁମାନେ ସମସ୍ତେ ଅନ୍ତତଃ ଗ୍ରାଜୁଏଟ୍ । ସେହିମାନେ ହିଁ ସାଧାରଣତଃ ବେକାରୀ ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। କାରଣ ସେମାନେ ଶିକ୍ଷିତ, ସେମାନେ ତ ଜାଇତାହି ସେମିତି କିଛି କାମ କରି ପାରିବେନି, ତାଙ୍କର ମନପସନ୍ଦର କାମଟାଏ ସେମାନଙ୍କର ଦରକାର ଯାହା ସେମାନେ ପାଉନାହାଁନ୍ତି। ଏଣୁ ସେମାନେ ବେକାର। ଅର୍ଦ୍ଧ ଶିକ୍ଷିତ ଅବା ଅଳ୍ପ ଶିକ୍ଷିତଙ୍କ ଭଳି ସେମାନେ ଯାହା ଯେମିତି କରି ଆପଣେଇ ପାରିବେନି ସେମାନଙ୍କର ଜୀବନର ମାର୍ଗ ଅର୍ଥାତ୍ ବଞ୍ଚିବାର ମାର୍ଗ। ଅଥଚ ଆଜିର ସମୟରେ କେନ୍ଦ୍ର ସରକାରରେ ଖାଲିପଡ଼ିଛି ପ୍ରାୟ ଆଠଲକ୍ଷରୁ ଊର୍ଦ୍ଧ୍ୱ ପଦବୀ । ମଧ୍ୟପ୍ରଦେଶର ଜନୈକ ଆର୍‌ଟିଓ କର୍ମୀଙ୍କ ଦ୍ୱାରା ସଂଗ୍ରହ କରାଯାଇଥିବା ସଦ୍ୟ ପ୍ରଦତ୍ତ ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାରଙ୍କ୍ ଅଧୀନରେ ଏବେ ବିଭିନ୍ନ ବିଭାଗରେ ପଡ଼ିରହିଛି ଆଠ ଲକ୍ଷରୁ ଅଧିକ ପଦବୀ । ଅଥଚ ଭାରତରେ ରାତି ପାହିଲେ ବଢ଼ିଚାଲିଛି ବେକାରୀ ସଂଖ୍ୟା ଏବଂ ସମସ୍ୟା। ଯେଉଁମାନେ କେବେ କେବେ ସରକାରଙ୍କ୍ ବିରୋଧରେ ସେମାନଙ୍କର ଶାଣିତ ସ୍ୱର ଉତ୍ତୋଳନ କରିବାକୁ ମଧ୍ୟ ପଛାଉନାହାଁନ୍ତି। ଏଇ ଯେମିତି ଏବେ ମାତିଛନ୍ତି ଜେନ୍ ଜି ଅତ୍ୟାଧୁନିକ ଉଗ୍ର କିନ୍ତୁ ବିଦ୍ରୋହୀ ଗୋଷ୍ଠୀ ଯେଉଁମାନେ ଶାସନ କଳରେ ସେମାନଙ୍କର ବଳବୁଦ୍ଧି ପ୍ରୟୋଗ କରି କିଛି ପରିବର୍ତ୍ତନ ଆଣିବାର ପ୍ରଚେଷ୍ଟା ଆରମ୍ଭ କରିଦେଇଛନ୍ତି ଯାହାକି ଆଗାମୀ ଦିନରେ କେନ୍ଦ୍ରୀୟ ଶାସନ ବ୍ୟବସ୍ଥାରେ କିଛି ପରିବର୍ତ୍ତନ ଆଣିପାରେ ।

## ଜ୍ଞାନାମୃତ

### ପ୍ରତିଶୋଧ

ଜଣେ ରାଜା ଥରେ ବିନା କାରଣରେ ତାଙ୍କର ଜଣେ ପାରିଷଦଙ୍କୁ ଅତି କାଠୋର ଦଣ୍ଡ ବିଧାନକଲେ। ଏପରି କି ବାରମ୍ବାର କାକୁତିମିନତି, ବାରମ୍ବାର ଗୁହାରି କଲା ପରେ ବି କେହି ବି ତାଙ୍କ କଥା ଶୁଣିନଥିଲେ କି କେହି ବି ତାଙ୍କ କଥା ଉପରେ ଧ୍ୟାନ ଦେଇନଥିଲେ। କେହି ବି କିଛି ଧ୍ୟାନ ଦେବା ଦରକାର ନ ଥିଲା। କେବଳ ରାଜାଙ୍କୁ କିନ୍ତୁ ସେ ବିଷୟରେ ଧ୍ୟାନ ଦେବାର ଥିଲା। ହେଲେ ରାଜା କିନ୍ତୁ ଥିଲେ ନିର୍ଦ୍ଦୟ ରାଜା କିନ୍ତୁ ଥିଲେ ନିଷ୍ଠୁର। ସାମାନ୍ୟ ଅପରାଧ ପାଇଁ ରାଜା ତାଙ୍କର ଜଣେ ପାରିଷଦଙ୍କୁ କଠୋର ରୁ ଅତି କଠୋର ଦଣ୍ଡରେ ଦଣ୍ଡରେ ଦଣ୍ଡିତ କରିଥିଲେ। ରାଜା ତାଙ୍କର ସେହି ପାରିଷଦଙ୍କୁ ଅତି ଭୟଙ୍କର ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ଦିନ ବାର ଦେଖି ରାଜା ତାଙ୍କର ସେହି ପାରିଷଦଙ୍କୁ ଦଣ୍ଡ ଶୁଣାଇଦେଲେ। ଶେଷରେ ରାଜାଙ୍କ ସମ୍ମୁଖରେ ସେହି ପାରିଷଦଙ୍କ ପରିବାର ଲୋକ ମଧ୍ୟ ଗୁହାରି କଲେ। ତଥାପି ରାଜା କିନ୍ତୁ ସେ ବିଷୟରେ ତିଳେମାତ୍ର କର୍ଣ୍ଣପାତ କରିନଥିଲେ କି ସେମାନଙ୍କ ପରିବାର ସଦସ୍ୟ ଯେ କେହି ବି ରାଜାଙ୍କୁ ଯେତେ ଅନୁରୋଧ କଲାପରେ ରାଜା କିନ୍ତୁ ନଛୋଡ଼ବନ୍ଧା। ତାଙ୍କ ଜିଦ୍‌ରେ କିନ୍ତୁ ସେ ଅଟଳ। ସବୁ କଥାକୁ ପଛରେ ପକାଇ ମାହାରାଜା ଶେଷରେ ତାଙ୍କର ସେହି ଅଭିଯୁକ୍ତ ଅପରାଧୀଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଦେଲେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ସଂପୃକ୍ତ ପାରିଷଦଙ୍କୁ ମୃତ୍ୟୁ ଦଣ୍ଡ ବିଧାନର ବ୍ୟବସ୍ଥା କରାଗଲା। ତେବେ ଦଣ୍ଡ ବିଧାନ ଦିନ ରାଜାଙ୍କ ସଭାରେ ଉପସ୍ଥିତ ରାଜଦରବାରର ସଦସ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ପାରିଷଦଙ୍କ ଧର୍ମପତ୍ନୀଙ୍କ ଆଖିରୁ ଧାର ଧାର ହୋଇ ବହିଯାଉଥିବା ଲୁହ କିନ୍ତୁ ଉପସ୍ଥିତ ସଭାସଦଙ୍କୁ ବିଚଳିତ କଲେ ମଧ୍ୟ ରାଜାଙ୍କ ଉପରେ କିନ୍ତୁ ସେହି ଲୁହର କୌଣସି ବି ପ୍ରଭାବ ପଡ଼ିନଥିଲା। ତେବେ ମୃତ୍ୟୁ ପୂର୍ବରୁ କିନ୍ତୁ ସେହି ପାରିଷଦ ତାଙ୍କ୍ ପତ୍ନୀଙ୍କ ଆଖି ଲୁହରେ ବିଚଳିତ ହୋଇ ତାଙ୍କ ପୁଅଙ୍କୁ କହି ଦେଇଗଲେ ଏକ ଶେଷ ବାକ୍ୟ। ଯାହା ଥିଲା କିଛି ଏହିଭଳି । ମା' ଆଖି ଲୁହର ମୂଲ୍ୟ ବୁଝିବୁ ... ବାପାର ହତ୍ୟାର ପ୍ରତିଶୋଧ ନେବୁ। ବାସ୍ ତା' ପରେ ସବୁକିଛି ଶେଷ।. ପାରିଷଦଙ୍କ ପୁତ୍ର ମଧ୍ୟ ମନରେ ବାପାଙ୍କର ଏହି ଶେଷକଥାକୁ ମନେ ରଖିଲେ ଏବଂ ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ମନେ ମନେ ସ୍ଥିର କଲେ ଏବଂ ମନ କଥା ମନରେ ରଖି ପାରିଷଦ ପୁତ୍ର ସେ ତାଙ୍କ କାମରେ ଆଗେଇ ଚାଲିଲେ। ତେବେ ସମୟ ସମୟ ସୁବିଧା ଦେଖି କିନ୍ତୁ ସେ ସେହି ନିଷ୍ଠୁର ରାଜାଙ୍କ ଉପରେ୍ ପିତୃହତ୍ୟାର ପ୍ରତିଶୋଧ ନେବାର ଯୋଜନା ପ୍ରସ୍ତୁତ କରିଚାଲିଲେ ଧୀରେ ଧୀରେ। ସେମିତି ବି ସମୟ ଆସିଲା ଥରେ ଯେବେ ସେହି ପାରିଷଦ ପୁତ୍ର ସୁଯୋଗ ଦେଖି ରାଜାଙ୍କ୍ ଏକମାତ୍ର ଅଲୀଅଳୀ କନ୍ୟାକୁ ଫୁସୁଲେଇ ଅନ୍ଧାର ରାତିରେ ଗାୟବ କରିଦେଲେ। ରାତି ପାହିଲାରୁ ରାଜ ଦରବାରରେ ଭାଳେଣି ପଡ଼ିଗଲା। ରାଜା ବି ପଡ଼ିଗଲେ ଚିନ୍ତାରେ।

# ଅଦାଲତରେ ପୁଣି ଆସିଲା ଗାନ୍ଧୀ ହତ୍ୟାକାଣ୍ଡ



· ଗୋପାଳ ମହାପାତ୍ର

ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ହତ୍ୟା ସହ ଯୋଡି ହୋଇଥିବା ଇତିହାସ ଏବେ ପୁଣିଥରେ ଅଦାଲତି କାର୍ଯ୍ୟର କେନ୍ଦ୍ରରେ ରହିଛି। ପୁଣେର ଏକ ଅଦାଲତରେ ଚାଲିଥିବା ଅପରାଧିକ ମାନହାନୀ ମାମଲାର ଶୁଣାଣୀ ବେଳେ ବିନାୟକ

ଦାମୋଦର ସାବରକରଙ୍କ ନାତି (ପ୍ରପୌତ୍ର) ସାତ୍ୟକୀ ସାବରକର ମହାତ୍ମାଗାନ୍ଧୀଙ୍କ ହତ୍ୟା ଏବଂ ନାଥୁରାମ ଗୋଡ଼ସେ ବାବଦରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଏହି ମାମଲା କଂଗ୍ରେସ ନେତା ଏବଂ ଲୋକସଭାରେ ବିରୋଧିଦଳ ନେତା ରାହୁଲଗାନ୍ଧୀଙ୍କ ବିରୁଦ୍ଧରେ ସାତ୍ୟକୀ ସାବରକରଙ୍କ ଦ୍ୱାରା ଦାଏର କରାଯାଇଥିବା ଅପରାଧିକ ମାନହାନୀ ଅଭିଯୋଗ ସହ ଜଡ଼ିତ। ଗତ ଅଗଷ୍ଟ ୧୭ ତାରିଖରେ ରାହୁଲ ଗାନ୍ଧୀଙ୍କ ଓକିଲ ମିଳିନ୍ଦ ପଓ୍ୱାର ସାତ୍ୟକୀ ସାବରକରଙ୍କୁ ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟ ଅମୋଲ ଶ୍ରୀରାମ ସିନ୍ଧେଙ୍କ ଅଦାଲତରେ ଜେରା କରିଥିଲେ। ଜେରାବେଳେ ମହାତ୍ମାଗାନ୍ଧୀଙ୍କ ହତ୍ୟା, ନାଥୁରାମ ଗୋଡ଼ସେ, ନାରାୟଣ ଆପଟେ, ଗୋପାଳ ଗୋଡ଼ସେ ଏବଂ ବିନାୟକ ଦାମୋଦର ସାବରକରଙ୍କ ସହ ଯୋଡିହୋଇଥିବା ଐତିହାସିକ ଘଟଣାକ୍ରମ ବାବଦରେ ରାହୁଲଙ୍କ ଓକିଲ ସାତ୍ୟକୀ ସାବରକରଙ୍କୁ ପ୍ରଶ୍ନ ପଚାରିଥିଲେ। ଏହି ଜେରାରେ ରାହୁଲଙ୍କ ଓକିଲଙ୍କ ପ୍ରଶ୍ନର ଉତ୍ତରଦେଇ ସାତ୍ୟକୀ ସାବରକର ସ୍ୱୀକାର କରିଥିଲେ ଯେ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଦିଲ୍ଲୀର ବିରଳା ହାଉସ ଠାରେ ନାଥୁରାମ ଗୋଡ଼ସେ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାରି ହତ୍ୟା କରିଥିଲେ। ସାତ୍ୟକୀ ସାବରକର ତାଙ୍କ ପରିବାର ର ସଦସ୍ୟ ମାନଙ୍କର ଗାନ୍ଧୀ ହତ୍ୟା ମାମଲାରେ ଥିବା ଭୂମିକାକୁ ମଧ୍ୟ ସ୍ୱୀକାର କରିଥିଲେ। ସାତ୍ୟକୀ ସାବରକର ସ୍ୱୀକାର କରିଥିଲେ ଯେ ଗୋପାଳ ଗୋଡ଼ସେ ଏବଂ ତାଙ୍କ ଜେଜେବାପା ବିନାୟକ ଦାମୋଦର ସାବରକରଙ୍କୁ ଗାନ୍ଧୀହତ୍ୟା ମାମଲାର ଅଭିଯୁକ୍ତ କରାଯାଇଥିଲା। ସତ୍ୟକୀ ଏକଥା ମଧ୍ୟ ସ୍ୱୀକାର କରିଥିଲେ ଯେ ଗୋପାଳ ଗୋଡ଼ସେ ଏବଂ ନାଥୁରାମ ଗୋଡ଼ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର (ଆରଏସ୍ଏସ୍) ସକ୍ରିୟ ସଦସ୍ୟ ଥିଲେ। ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରଠାରୁ ନାଥୁରାମ ଗୋଡ଼ସେଙ୍କ ବୈଚାରିକ ପୃଷ୍ଠଭୂମିକୁ ନେଇ ଦୀର୍ଘବର୍ଷ ହେଲା ବିମର୍ଷ ଚାଲିଥିବା ବେଳେ ସାତ୍ୟକୀ ସାବରକରଙ୍କ ଏହି ସ୍ୱୀକାରୋକ୍ତି ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ। ଗାନ୍ଧୀଙ୍କ ହତ୍ୟା ପରଠାରୁ ଗୋଡ଼ସେଙ୍କ ସଂଘ ସହ ସମ୍ପର୍କକୁ ନେଇ ଭିନ୍ନ ଭିନ୍ନ କଥା କୁହାଯାଉଥିଲା। ଅଦାଲତରେ ଜେରା ବେଳେ ଏହି ବିଶୟ ସାମନାକୁ ଆସିବା ପରେ ମାମଲା ଅଧିକ ସମ୍ବେଦନଶୀଳ ପାଲଟି ଯାଇଛି। ସଂଘର ଦ୍ୱିତୀୟ ସରସଂଘ ଚାଳକ ଗୋଲବଲକର ଏବଂ ଦିଗମ୍ବର ବଡ଼ଗେ ଗାନ୍ଧୀ ହତ୍ୟା ମାମଲାରେ ଅଭିଯୁକ୍ତ ଥିଲେ କି ନାହିଁ ସେ ବାବଦରେ ସାତ୍ୟକୀ ଜାଣିନାହାଁନ୍ତି ବୋଲି କହିଥିଲେ। ଜେରା ବେଳେ ସାତ୍ୟକୀ କହିଥିଲେ ଯେ ନାଥୁରାମଙ୍କ ଗୁଳିମାଡ଼ ପରେ ପାଖାପାଖି ୨୦ ମିନିଟ ପର୍ଯ୍ୟନ୍ତ ଗାନ୍ଧୀ ଘଟଣା ସ୍ଥଳରେ ପଡି ରହିଥିଲେ। ଏପରିକି ତାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ନିଆଯାଇଥିଲା। ଏହା ତତ୍କାଳୀନ ସରକାରଙ୍କର ଗାନ୍ଧୀଙ୍କ ପ୍ରତି ଉଦାସୀନତା ବୋଲି କହିଥିଲେ ସାତ୍ୟକୀ। ସାତ୍ୟକୀଙ୍କ ଏହି ବୟାନ ସମ୍ବେଦନଶୀଳ ଏବଂ ଏହାର ପ୍ରାସଙ୍ଗିକତା ଉପରେ ମଧ୍ୟ ବିଚାର କରାଯାଇପାରେ। ଗାନ୍ଧୀଙ୍କ ହତ୍ୟାର ତୁରନ୍ତ ବାଦ୍ ତାଙ୍କୁ କେତେ ଶୀଘ୍ର ଚିକିତ୍ସା କରାଯାଇଥିଲା; ଘଟଣାସ୍ଥଳରେ ଉପସ୍ଥିତ ଲୋକେ କ'ଣ ପ୍ରତିକ୍ରିୟା ଦେଇଥିଲେ ସେ ସବୁ ତଥ୍ୟ ଇତିହାସର ଘଟଣାକ୍ରମରେ ଲିପିବଦ୍ଧ ରହିଛି। କିନ୍ତୁ ଅଦାଲତରେ ଦିଆଯାଇଥିବା ବୟାନକୁ ଅନ୍ତିମ ନ୍ୟାୟିକ ନିଷ୍କର୍ଷ ବୋଲି ସେ ପର୍ଯ୍ୟନ୍ତ ଗ୍ରହଣ କରାଯିବ ନାହିଁ ଯେ ପର୍ଯ୍ୟନ୍ତ ଅଦାଲତ ନିଜର ରାୟ ଶୁଣାଇ ନାହାଁନ୍ତି।

ଜେରାବେଳେ ବିନାୟକ ଦାମୋଦର ସାବରକରଙ୍କ ରାଜନୈତିକ ଜୀବନ ପ୍ରସଙ୍ଗରେ ମଧ୍ୟ ପ୍ରଶ୍ନ ପଚାରା ଯାଇଥିଲା। ଉତ୍ତରରେ ସତ୍ୟକୀ କହିଥିଲେ ଯେ ୧୯୨୪ରେ ବ୍ରିଟିଶ ସରକାରଙ୍କୁ କ୍ଷମା ଯାଚନା କରି ଜେଲରୁ ମୁକୁଳିବା ପରେ ବିନାୟକ ଦାମୋଦର ସାବରକର ରାଜନୀତିରେ ସକ୍ରିୟ ହୋଇଥିଲେ ଏବଂ ୧୯୩୭ରୁ ୧୯୪୩ରେ ସେ ହିନ୍ଦୁ ମହାସଭାର ଅଧ୍ୟକ୍ଷ ଥିଲେ। ବିନାୟକ ଦାମୋଦର ସାବରକର ଭାରତୀୟ ରାଜନୈତିକ ଇତିହାସର ସବୁଠାରୁ ବିବାଦୀୟ ଏବଂ ପ୍ରଭାବଶାଳୀ ରାଜନୈତିକ ବିଚାରକ ମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ ସମର୍ଥକ ମାନେ ତାଙ୍କୁ ରାଷ୍ଟ୍ରବାଦୀ ବୋଲି ମାନୁଥିବା ବେଳେ ଆଲୋଚକମାନେ ତାଙ୍କ ବିଚାର ଓ ରାଜନୀତିର ଭିନ୍ନବ୍ୟାଖ୍ୟା କରିଥାନ୍ତି।

୨୦୨୩ରେ ରାହୁଲ ଗାନ୍ଧୀ ଲଣ୍ଡନରେ ଦେଇଥିବା ଏକ ବୟାନର ପୃଷ୍ଠଭୂମୀରେ ସାତ୍ୟକୀ ସାବରକର ରାହୁଲଙ୍କ ବିରୁଦ୍ଧରେ ମାନହାନୀ ମାମଲା ଦାଏର କରିଥିଲେ। ସାତ୍ୟକୀଙ୍କ ଅଭିଯୋଗ ଥିଲା ଯେ ରାହୁଲ ଗାନ୍ଧୀ ବିନାୟକ ଦାମୋଦର ସାବରକରଙ୍କ ଲେଖା ସହ ଯୋଡି ହୋଇଥିବା ଏଭଳି କିଛି ବକ୍ତବ୍ୟ ଦେଇଛନ୍ତି ଯାହା ବାସ୍ତବରେ ବିନାୟକଙ୍କ ପ୍ରକାଶିତ ରଚନାର କୌଣସି ଅଂଶ ନୁହେଁ ବା ରାହୁଲଙ୍କ ବକ୍ତବ୍ୟ ନିରାଧାର ଅଟେ। ସାତ୍ୟକୀ ଅଭିଯୋଗ କରିଥିଲେ ଯେ ରାହୁଲଙ୍କ ବୟାନ ବିନାୟକ ଦାମୋଦର ସାବରକରଙ୍କ ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଛି। ଏପରିକି ରାହୁଲ ଐତିହାସିକ ତଥ୍ୟକୁ ଭୁଲଭାବେ ବ୍ୟାଖ୍ୟା କରିଛନ୍ତି। ସାତ୍ୟକୀଙ୍କ ଅଭିଯୋଗ ଆଧାରରେ ରାହୁଲଙ୍କ ବିରୁଦ୍ଧରେ

ମାନହାନୀ ମାମଲା ହୋଇଥିଲା। ସାତ୍ୟକୀ ଭାରତୀୟ ଦଣ୍ଡ ସଂହିତାର ଧାରା ୫୦୦ ଅନୁସାରେ ରାହୁଲଙ୍କୁ ଦୋଷି ସାବ୍ୟସ୍ତ କରାଯାଉ ଏବଂ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା ୩୫୭ ଅନୁସାରେ ରାହୁଲ କ୍ଷତିପୁରଣ ପ୍ରଦାନ କରନ୍ତୁ ବୋଲି ମାମଲାରେ ଅଦାଲତଙ୍କୁ ନିବେଦନ କରିଥିଲେ। ମାମଲାର ଶୁଣାଣୀ ଆରମ୍ଭ ହୋଇଛି ଓ ରାହୁଲଙ୍କ ଓକିଲ ସାତ୍ୟକୀଙ୍କୁ ଜେରା କରିଛନ୍ତି ଆହୁରି ମାମଲାର ଶୁଣାଣୀ ହେବ। ଉଭୟ ପକ୍ଷର ଓକିଲ ଉଭୟ ପକ୍ଷଙ୍କୁ ଜେରା କରିବେ। କିନ୍ତୁ ପ୍ରସଙ୍ଗ ହେଉଛି ମହାତ୍ମା ଗାନ୍ଧୀଙ୍କ ହତ୍ୟା ଭାରତ ଇତିହାସର ସବୁଠାରୁ ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଘଟଣା ଅଟେ । ଅଦାଲତରେ ଜେରା ବେଳେ ଆହୁରି ଅନେକ କଥା ସ୍ପଷ୍ଟ ହୋଇଯିବ। କିନ୍ତୁ ଏକଥା ମଧ୍ୟ ଜରୁରୀ ଯେ ଐତିହାସିକ ଦାବି ଏବଂ ରାଜନୈତିକ ଅଭିଯୋଗକୁ ନ୍ୟାୟିକ ନିଷ୍କର୍ଷଠାରୁ ଅଲଗା ରଖାଯିବା ଆବଶ୍ୟକ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ହୃଦୟର ଜୟ ହିଁ ପ୍ରକୃତ ଜୟ



ମୌଲାନା ଫଜଲ ହକ୍ ଖାନ୍

ବିଶ୍ୱର ଏକ-ପଞ୍ଚମାଂଶରୁ ଅଧିକ ନର-ନାରୀଙ୍କ ହୃଦୟ ଜୟ କରିଥିଲେ ଏପରି ଏକ ମହାନ ପୁରୁଷ ଯେକି ଥିଲେ ଏକାଧାରରେ ଜଣେ ଧର୍ମପ୍ରାଣ ମହର୍ଷି,ଧର୍ମ ପ୍ରବର୍ତ୍ତକ, ସୁଦକ୍ଷ ଶାସକ, ବିଜ୍ଞ ବିଚାରପତି, ପ୍ରବୀଣ ରାଜନୀତିଜ୍ଞ, ଦକ୍ଷ ସେନାପତି ଏବଂ ଜଣେ ମହାନ ସମାଜ ସଂସ୍କାରକ । ଇତିହାସର ସର୍ବାଧିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସେ ଥିଲେ, ସର୍ବଶ୍ରେଷ୍ଠ । ସେ ସମଗ୍ର ସଂସାରବାସୀଙ୍କ ପାଇଁ କରୁଣାର ସାଗର ହୋଇ ଆସିଥିଲେ । ସେ ଥିଲେ ମହାମାନବ ପୈଗମ୍ବର ମୁହମ୍ମଦ । ସେହି ମହାପୁରୁଷଙ୍କ ଆଦର୍ଶରେ ବିଶ୍ୱର ପ୍ରାୟ ୧୮୦ କୋଟିରୁ ଊର୍ଦ୍ଧ୍ୱ ନରନାରୀ ଅନୁପ୍ରଣୀତ ।

ସେହି ମହାମାନବ ପୈଗମ୍ବର ମୁହମ୍ମଦ ଯୀଶୁ ମସିହଙ୍କ ଆବିର୍ଭାବର ୫୭୦ ବର୍ଷ ପରେ ଆରବର 'କୁରୈଶ' ନାମକ ଏକ ସମ୍ଭ୍ରାନ୍ତ ବଂଶରେ ୫୭୦ ମସିହା ଅପ୍ରେଲ ୨୦ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଶୁଭ ନାମ ମୁହମ୍ମଦ ବିନ୍ ଅବ୍ଦୁଲ୍ଲାଃ । ବାପାଙ୍କ ନାମ ' ଅବଦୁଲ୍ଲା ଏବଂ ମାଆଙ୍କ ନାମ 'ଆମିନା' । ସେ ମାତୃଗର୍ଭରେ ଥିବା ଅବସ୍ଥାରେ ତାଙ୍କ ପିତାଙ୍କ ମୃତ୍ୟୁ ଘଟିଥିଲା । ମାତ୍ର ୬ ବର୍ଷ ବୟସରେ ସେ ତାଙ୍କ ମାଆଙ୍କୁ ମଧ୍ୟ ହରାଇ ଅନାଥ ହୋଇ ଯାଇଥିଲେ । ଜେଜେ ଅବ୍ଦୁଲ ମୁତଲିବ ବାପ-ମାଆ ଛେଉଣ୍ଡ ମୁହମ୍ମଦଙ୍କର ଲାଳନ ପାଳନ ଭାର ଉଠାଇ ଥିଲେ । ମାତ୍ର ଦୁଇବର୍ଷ ପରେ ଜେଜେଙ୍କର ମଧ୍ୟ ଦେହାନ୍ତ ହୋଇଗଲା । ଶେଷରେ କକା ଅବୁତାଲିବ ମୁହମ୍ମଦଙ୍କର ପ୍ରତିପୋଷଣ କରିଥିଲେ । ସେ ଚାଳିଶ ବର୍ଷ ବୟସ ପର୍ଯ୍ୟନ୍ତ କକାଙ୍କ ତତ୍ତ୍ୱାବଧାନରେ ରହିଥିଲେ । ଚାଳିଶ ବିଷୟ ବୟସରେ ମହାମାନବ ପୈଗମ୍ବର ମୁହମ୍ମଦ ସଲ୍ଲମଙ୍କୁ ଦୈବୀବାଣୀ ହେଲା ଏବଂ ସେ ଈଶ୍ୱରଦୂତ ନିଯୁକ୍ତ ହେଲେ । ପରବର୍ତ୍ତୀ ୨୩ ବର୍ଷ ଈଶ୍ୱରଦୂତ ଭାବେ ଦିବ୍ୟଧର୍ମର ପୁନଃସ୍ଥାପନା ପାଇଁ, ସମାଜକୁ ଅନ୍ୟାୟ ଓ କୁସଂସ୍କାରରୁ ମୁକ୍ତ କରିବା ପାଇଁ ସେ କଠୋର ସଂଗ୍ରାମ କରିଥିଲେ । ଫଳରେ ସେ ଏକ ଆଦର୍ଶ ସମାଜ ଗଢିବାକୁ ସମର୍ଥ ହୋଇ ପାରିଥିଲେ । ଖ୍ରୀ.ଅ. ୬୩୨ ଜୁନ ୮ ତାରିଖରେ ସେ ମଦିନାରେ ଇହଧାମ ତ୍ୟାଗ କରିଥିଲେ ।

ସେ ସମାଜରେ ଦେଖା ଯାଉଥିବା ନାନା ପ୍ରକାରର କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିଥିଲେ । ସେ ସମୟରେ ସମାଜରେ ଦାସତ୍ୱ ପ୍ରଥା ଖୁବ ପ୍ରଚଳନ ଥିଲା । ଏବଂ କ୍ରୀତଦାସମାନଙ୍କ ପ୍ରତି ଅତି ଅମାନୁଷିକ ବ୍ୟବହାର କରା ଯାଉଥିଲା । ସମାଜରେ ମହିଳାମାନଙ୍କର କୌଣସି ସ୍ଥାନ ନଥିଲା । ସେମାନଙ୍କୁ ଅକଥନୀୟ ନିର୍ଯ୍ୟାତନା ଦିଆ ଯାଉଥିଲା । ଏପରିକି ବାପା ନିଜ କୁନି ଝିଅକୁ ଜିଅନ୍ତା ମାଟିତଳେ ପୋତି ଦେଉଥିଲା । ସେ ସମୟରେ ଆରବରେ ଥିଲା ଘୋର ଅରାଜକତା । 'ଜୋର ଯାର ମୁଲକ ତାର' ନୀତି ପ୍ରଚଳିତ ଥିଲା । ଏଇଭଳି ଏକ ବର୍ବର ଓ ବିଶୃଙ୍ଖଳ ସମାଜରେ ଭିନ୍ନ ଏକ ଚରିତ୍ର ଧାରଣ କରି ପୈଗମ୍ବର ମୁହମ୍ମଦ ସଲ୍ଲମ ପଙ୍କରେ ପଦ୍ମ ଭାବେ ଜନ୍ମିଥିଲେ । ଇତିହାସ କୁହେ ସେ ଥିଲେ ଜଣେ ଶାନ୍ତ, ସରଳ ଓ ସତ୍ୟନିଷ୍ଠ ବ୍ୟକ୍ତି । ବ୍ୟବହାର ଅତି ଭଦ୍ର ଓ ବିନମ୍ର । ଏକାନ୍ତରେ ଧ୍ୟାନମଗ୍ନ ରହି ସ୍ରଷ୍ଟାଙ୍କର ଉପାସନା କରିବା ଥିଲା, ତାଙ୍କ ଜୀବନର ମୂଳ ଉଦ୍ଦେଶ୍ୟ । ତାଙ୍କ ସତ୍ୟନିଷ୍ଠତା ଓ ଉତ୍ତମ ଚରିତ୍ରକୁ ଦେଖି ସମାଜ ତାଙ୍କୁ 'ଅଲ-ଅମିନ୍' ଅର୍ଥାତ୍ 'ବିଶ୍ୱସନୀୟ' ଉପାଧି ଦେଇଥିଲା । ସେ ଦୁଃଖୀ-ରଙ୍କିଙ୍କ ଦୁଃଖ ସହିପାରୁ ନଥିଲେ । ସାହାଯ୍ୟ ଓ ସହଯୋଗର ହାତ ସମସ୍ତଙ୍କ ପାଇଁ ବଢାଇ ଦେଉଥିଲେ । ସେ ଥିଲେ ଜଣେ ଉଦାର ଓ ସଂଯମୀ ମହାପୁରୁଷ । ଅନ୍ୟକୁ କ୍ଷମା ଦେବା, ସର୍ବ ପ୍ରଥମେ ଅନ୍ୟକୁ ଶୁଭେଚ୍ଛା ଜଣାଇବା, ରୋଗୀ ମୁଣ୍ଡ ପାଖରେ ବସି ତାକୁ ଆଉଁସିବା, ସାନ୍ତ୍ୱନା ଦେବା ଏବଂ ତା'ର ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିବା ତାଙ୍କ ଦୈନନ୍ଦିନ ଜୀବନର ନିୟମିତ ଘଟଣା ଥିଲା। ସେ ନିଜ କର୍ମ ନିଜେ କରୁଥିଲେ । ଏବଂ ଘର କାମରେ ସ୍ତ୍ରୀଙ୍କୁ ମଧ୍ୟ ସହଯୋଗ କରୁଥିଲେ । ମୁହମ୍ମଦଙ୍କ ସାଧୁତା ଓ ସଦାଚାର ଚରିତ୍ର ସମସ୍ତ ଶ୍ରେଣୀର ଲୋକମାନଙ୍କ ଉପରେ ଭଲ ପ୍ରଭାବ ପକାଇ ଥିଲା । ସେ ୨୫ ବର୍ଷ ବୟସରେ ପ୍ରଥମେ ବିଧବା ଭଦ୍ରମହିଳା ହଜରତ ଖଦିଜାଙ୍କୁ ବିବାହ କରିଥିଲେ । ସେହି ମହାନ ବ୍ୟକ୍ତି ମାତ୍ର ୨୩ ବର୍ଷ ମଧ୍ୟରେ ଆରବର ଇତିହାସ ବଦଳାଇ ଦେଇଥିଲେ । ସେ ସମସ୍ତଙ୍କୁ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିବାରେ ସକ୍ଷମ ହୋଇ ପାରିଥିଲେ । ସେ ମାନବ ସମାଜର ମଙ୍ଗଳ କାମନା କରିବା ସହ ଲୋକମାନଙ୍କର ହୃଦୟକୁ ଜୟ କରି ପାରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ହୃଦୟର ଜୟ ହିଁ ପ୍ରକୃତ ଜୟ । ଏହା ସେ ନିଜ ଜୀବନ ଚରିତ୍ରରେ ପ୍ରମାଣିତ କରି ଯାଇଛନ୍ତି । ଏହି ପରିବର୍ତ୍ତନ ଏକ ଚମତ୍କାରରୁ କମ ନଥିଲା । କୌଣସି ଶକ୍ତିଶାଳୀ ରାଷ୍ଟ୍ର ପକ୍ଷରେ ମଧ୍ୟ ଏହା ଏବେ ସମ୍ଭବ ପର ନୁହେଁ ।



ଦେଶର ଜନକ ମହାତ୍ମା ଗାନ୍ଧୀ କୁହନ୍ତି, ମୁଁ ସେହି ବ୍ୟକ୍ତିଙ୍କ ଜୀବନଚରିତ୍ର ଜାଣିବା ପାଇଁ ଉତ୍ସୁକ ହେଲି ଯିଏ ଆଜି କୋଟି କୋଟି ଲୋକଙ୍କ ହୃଦୟରେ ନିଜର ଅଖଣ୍ଡ ପ୍ରଭାବ ବିସ୍ତାର କରିଛି... ଏହା ଥିଲା ଈଶ୍ୱର ଦୂତଙ୍କର ସରଳତା, ନିଜ ପ୍ରତି ନଗଣ୍ୟ ଭାବ, ବଚନ ପ୍ରତି ନିଷ୍ଠାପରତା, ମିତ୍ର ଓ ଅନୁଗତମାନଙ୍କ ପ୍ରତି ଗଭୀର ଅନୁରାଗ । ତାଙ୍କ ସାହସ ଓ ନିର୍ଭୀକତା ଏବଂ ଈଶ୍ୱରଙ୍କ ପ୍ରତି ଓ ନିଜ ମିଶନ ପ୍ରତି ତାଙ୍କର ପୂର୍ଣ୍ଣ ବିଶ୍ୱାସ ।

ବିଶ୍ୱ ଇତିହାସରେ ଏଭଳି କୌଣସି ବ୍ୟକ୍ତିର ଦୃଷ୍ଟାନ୍ତ ନାହିଁ, ଯାହାର ଅତି ସରଳ ଓ ସାଧାରଣ ଆଚରଣଗୁଡ଼ିକୁ ମଧ୍ୟ କୋଟି କୋଟି ନରନାରୀ ପୁଣ୍ୟ ମନେକରି ଅନୁକରଣ କରନ୍ତି । ସମଗ୍ର ବିଶ୍ୱରେ ଭକ୍ତି ଓ ଭାବାବେଗ ସହିତ ମହାମାନବ ହଜରତ ମୁହମ୍ମଦ ସଲ୍ଲମଙ୍କ ଆଦେଶ ପାଳନ କରା ଯାଇଥାଏ । ଏହାର ଦୃଷ୍ଟାନ୍ତ ବିଶ୍ୱରେ ବିରଳ ।

ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭

# ଅଣଦେଖା କରନ୍ତୁନି ସର୍କଲ ରେଟ୍‌କୁ



ଯୁଧିଷ୍ଠିର ମହାରଣା

ଆମ ମାନଙ୍କ ଭିତରୁ ଅଧିକାଂଶ କିଣା ବିକା ସମୟରେ ସର୍କଲ ରେଟଟିକୁ ଏକପ୍ରକାର ନଜର ଅନ୍ଦାଜ କରିଥାନ୍ତି ତେବେ ଏହା ଉପରେ ଆପଣଙ୍କର ସମ୍ପତ୍ତି, ଘରବାଡିର ଟିକସ, ଏହା ସହ ପଞ୍ଜୀକରଣ ଖର୍ଚ୍ଚ, ଏହା ସହିତ କେତେକ କ୍ଷେତ୍ରରେ ଗୃହଋଣ ଋଣର ପରିମାଣ ଏହା ଉପରେ ନିର୍ଭରଶୀଳ। ଯଦିଓ ଆପଣ କମ ଦାମରେ ଡିଲ କରନ୍ତି ସରକାର କିନ୍ତୁ ସର୍କଲ ରେଟ ହିସାବରେ ମୂଲ୍ୟ ନିଅନ୍ତି। ତେଣୁ ବାସ୍ତବରେ ଅର୍ଥନୀତି ବିଷାରଦ ତଥା ଟ୍ୟାକ୍ସ ଉପରେ ଅଧ୍ୟୟନ କରୁଥିବା ଗବେଷକମାନଙ୍କ ମତ ସର୍କଲ ରେଟ ନ ବୁଝି ସମ୍ପତ୍ତି କିଣିବା ଅନେକଙ୍କ କ୍ଷେତ୍ରରେ ଭଲଟା ଭେଲ ହୋଇଯାଏ।

ଆସନ୍ତୁ ସର୍ବପ୍ରଥମେ ଜାଣିବା ସର୍କଲ ରେଟ କ'ଣ ? ଏହା ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ଅଞ୍ଚଳରେ ସମ୍ପତ୍ତି ବାଡ଼ି କ୍ରୟବିକ୍ରୟ ପଞ୍ଜୀକରଣ ପାଇଁ ଧାର୍ଯ୍ୟକୃତ ସର୍ବନିମ୍ନ ମୂଲ୍ୟରାଶି। ଅନ୍ୟ ଭାବରେ ଏହାକୁ 'ରେଡ଼ିରେକନର ରେଟ ବି' କୁହନ୍ତି। ଏହାକୁ ନେଇ ସମ୍ପତ୍ତିର ପଞ୍ଜୀକରଣ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି ନିର୍ଣ୍ଣୟ ହୋଇଥାଏ। ବାସ୍ତବରେ ସରକାରଙ୍କ ରାଜସ୍ୱ ବିଭାଗ ପ୍ରତି ବର୍ଷ ବା ଦୁଇ ତିନି ବର୍ଷରେ ଥରେ ସେ ସମୟର ବଜାର ସ୍ଥିତିକୁ ଦେଖି ସର୍କଲ ରେଟ ନିର୍ଦ୍ଧାରଣ କରିଥାନ୍ତି। ଅନେକଙ୍କ ଭିତରେ ପ୍ରଶ୍ନ ଉଙ୍କି ମାରୁଥିବ ଯେ ସର୍କଲ ରେଟ କିଭଳି ନିର୍ଣ୍ଣୟ ହୁଏ ? ଏହାର ସରଳ ଉତ୍ତରଟି ହେଉଛି ସରକାର ଏହି ସର୍କଲ ରେଟ ନିର୍ଦ୍ଧାରଣ କଲା କ୍ଷେତ୍ରରେ ଅନେକ ଦିଗକୁ ଦେଖିଥାନ୍ତି, ବିଶେଷଜ୍ଞଙ୍କ ପରାମର୍ଶ ପରେ ଅନୁଶୀଳନ ହୋଇଥାଏ। ସମ୍ପତ୍ତିର ଲୋକେସନ ବା ଅବସ୍ଥିତି ପ୍ରସଙ୍ଗଟି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ଦିଗ। ଏହା ନିଃସନ୍ଦେହ ଉନ୍ନତ ସଂଯୋଗ, ପାନୀୟଜଳ, ଉନ୍ନତମାନର ରାସ୍ତା ଓ ଭିତ୍ତିଭୂମି ଯେଉଁ ଅଞ୍ଚଳରେ ଅଧିକ ସହାୟକ ଓ ଉପଯୋଗୀ ଭାବେ ସାବ୍ୟସ୍ତ ହୋଇଥାଏ ଏହାର ଗୁରୁତ୍ୱ ଅଧିକ ବଢ଼େ। ସେହିପରି ଅନ୍ୟ ଏକ ଦିଗଟି ହେଉଛି ଆବାସିକ କ୍ଷେତ୍ର, ସେହିପରି ବାଣିଜ୍ୟିକ ଠାରୁ ଶିଳ୍ପାଞ୍ଚଳ ପାଇଁ ଭିନ୍ନ ଭିନ୍ନ ହାର ନିର୍ଦ୍ଧାରଣ କରାଯାଇଥାଏ। ଏ ସବୁ ଭିତରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଏହାର ମାଲିକାନା। ଅର୍ଥାତ୍ ଫ୍ରିହୋଲଡ ଓ ଲିଜହୋଲଡ଼ ସମ୍ପତ୍ତିର ମଧ୍ୟ ହାର ସମାନ ହେବାରେ କିଛି ମାନେ ନାହିଁ, ଭିନ୍ନ ହୋଇପାରେ। ଏହାସହିତ ଅନ୍ୟ ଏକ ଦିଗଟି ହେଉଛି ଅଞ୍ଚଳଟି ଯଦି ବିଦ୍ୟାଳୟ, ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ, ଡାକ୍ତରଖାନା, ବଜାର ଭଳି ଉନ୍ନତ ଓ ସବୁ କ୍ଷେତ୍ରର ଉଚ୍ଚମାନର ମୌଳିକ ସୁବିଧା ଥାଏ ତେବେ ଏହା ମଧ୍ୟ ପରୋକ୍ଷରେ ପ୍ରଭାବିତ କରେ। ଛୋଟ କିମ୍ବା ପୁରୁଣା ସମ୍ପତ୍ତିର ହାର ଭିନ୍ନ ଥାଇପାରେ।

ଯେଉଁମାନେ ରିୟଲ ଇଷ୍ଟେଟ ବଜାର କ୍ଷେତ୍ରରେ ପୁଞ୍ଜି ଲଗାଇଛନ୍ତି ସେମାନେ ସର୍କଲ ରେଟକୁ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି। ସର୍କଲ ରେଟ ସମୟ ସମୟରେ ରିୟଲ ଇଷ୍ଟେଟର ବଜାରକୁ ଦେଖି ନିର୍ଦ୍ଧାରିତ ହୋଇଥାଏ। ସମସ୍ତେ ଭଲ ଭାବେ ଜାଣନ୍ତି ଯେଉଁଠି ଚାହିଦା, ସେହିଠି ଚଢ଼ା ରେଟ। ଆଉ ଯେଉଁଠି ଚାହିଦା ପଛୁଆ ଦରଦାମ ମଧ୍ୟ ପଛୁଆ ଅର୍ଥାତ୍ କମିଯାଏ। ହଁ, ଏଇଠି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସମ୍ପର୍କରେ




ଉଲ୍ଲେଖ କରୁଛୁ। କେତେକ କ୍ଷେତ୍ରରେ ମୂଲ୍ୟକୁ କମ ଦର୍ଶାଇ ସରକାରଙ୍କ ଷ୍ଟାମ୍ପ ଡ୍ୟୁଟିରୁ ଖସିଯିବାକୁ ଯେଉଁ କ୍ରେତା ଓ ବିକ୍ରେତା କରୁଥାନ୍ତି ଏହା ଦଣ୍ଡନୀୟ ଅପରାଧ ଅନ୍ତର୍ଗତ।

ଅସଲ କଥା ହେଉଛି ସାଧାରଣତଃ ଭାରତର ବ୍ୟାଙ୍କ ବ୍ୟବସ୍ଥା ଯାହା ସେମାନେ ସର୍କଲ ରେଟ ଓ ପ୍ରକୃତ ଦାମ ଦ୍ୱାରା ସ୍ଥିର କରାଯାଇଥିବା କମ ମୂଲ୍ୟ ଉପରେ ଋଣ ନିର୍ଣ୍ଣୟ କରନ୍ତି। ଆଉ ଗୋଟିଏ ମନେରଖିବା କଥା ଯଦି ଜଣଙ୍କର ସର୍କଲ ରେଟ କମ ରୁହେ ତେବେ ତାଙ୍କର ଋଣ ନେବାର ଯୋଗ୍ୟତା ନିଶ୍ଚିତ ଭାବରେ କମିଯିବ। ଏହାର ପରିଣତି ସ୍ୱରୂପ ଅଧିକ ଡାଉନ ପେମେଣ୍ଟ ଦେବାକୁ ପଡ଼ିପାରେ। ଏହା ବ୍ୟତୀତ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ମଧ୍ୟ ଏହି ଆଧାରକୁ ଦେଖି ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ। ଶେଷରେ ଗୃହ ଋଣ ପାଇଁ ଯୋଗ୍ୟତା ନିର୍ଣ୍ଣୟ ନିର୍ଦ୍ଧାରଣ କରାଯାଏ। ତେଣୁ ଯଦି ସମ୍ପତ୍ତି ବାଡ଼ି କିଣୁଛନ୍ତି ତେବେ ସର୍ବପ୍ରଥମେ ସର୍କଲ ରେଟ ସମ୍ପର୍କରେ ବୁଝନ୍ତୁ ନ ହେଲେ ପରେ ପସ୍ତେଇବେ। ଧନକ୍ଷୟ, ଧାଁ ଧଉଡ, ଅସ୍ତବ୍ୟସ୍ତ ଭିତରେ ଆଇନ କାନୁନ କଥା ଶେଷରେ ମାନସିକ ଚିନ୍ତାଗ୍ରସ୍ତ ହେବେ ଯେତେବେଳକୁ ନେଡ଼ି ଗୁଡ଼ କହୁଣୀକୁ ବୋହିଯାଇଥିବ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ଦୂରଭାଷ :
୯୪୩୭୧୬୩୫୨୮




# ଆମ୍ ଆଦ୍‌ମୀ ପାର୍ଟିର ସମ୍ମିଳନୀ

## ବନ୍ୟା ପୀଡିତ ପରିବାରକୁ ତୁରନ୍ତ ସହାୟତା ଦାବି

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ଜିଲ୍ଲା ଆମ୍ ଆଦମୀ ପାର୍ଟି ପକ୍ଷରୁ ଆଜି କେନ୍ଦ୍ରାପଡା ସହରର ଖଡିଅଙ୍ଗସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଜିଲ୍ଲାର ବନ୍ୟା ପ୍ରପିଡିତଙ୍କ ସମସ୍ୟାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲା ସଭାପତି ସନ୍ଦୀପ୍ତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟି ସଭାପତି ଶ୍ରୀ ଦାସ କହିଲେ ଯେ କେନ୍ଦ୍ରପଡ଼ା ଜିଲ୍ଲା ସଂଗଠନର ସଦସ୍ୟବୃନ୍ଦ ବନ୍ୟା ପ୍ରଭାବିତ ଅନେକ ଅଞ୍ଚଳ ଗସ୍ତ କରି ସେମାନଙ୍କ ସ୍ଥିତି ଅନୁଧାନ କରିବା ସହ ଦଳ ପକ୍ଷରୁ ଯାହା ସମ୍ଭବ ଆବଶ୍ୟକତା ଅନୁଯାୟୀ ସହଯୋଗର ପ୍ରୟାସ କରିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବାଲିପାଟଣା,ତନୁପୁର, ବଙ୍ଗାଳଦିଆ, ବାଛରା,ଅଣ୍ଡରା, ବନ୍ୟା ପ୍ରଭାବିତ ପୌରା ଳ ୱାର୍ଡ ଆଦି ସ୍ଥାନରେ ବନ୍ୟାଜଳର ପ୍ରଭାବ ଜନସାଧାରଣଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ସବୁଠୁ ଦୁଃଖ ଓ ପରିତାପର ବିଷୟ ଉକ୍ତ ପ୍ରପୀଡ଼ିତ ପରିବାର ମାନଙ୍କୁ ସରକାରଙ୍କ ପକ୍ଷରୁ ଘର ପିଛା ଏକ କେଜି ଚୁଡ଼ା ଓ କେଇ ଖଣ୍ଡ ବିସ୍କୁଟ ଦେଇ ପ୍ରଶାସନ ନିଜ ଦାୟିତ୍ୱରୁ ହାତ ଝାଡ଼ି ଦେଇଛି। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟଗତ ଦୂର୍ଗତିର ଆଶଙ୍କା ଅତି ସଙ୍କଟମୟ ପରିସ୍ଥିତିରେ ଥିଲେ ମଧ ସେମାନଙ୍କ




ନିକଟରେ କୌଣସି ଡାକ୍ତରୀ ଟିମ୍ କିମ୍ବା ଔଷଧ ପହଞ୍ଚି ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଦାସ କହିଛନ୍ତି। ବନ୍ୟା ପ୍ରପୀଡ଼ିତଙ୍କ ଖାଦ୍ୟ ସଙ୍କଟ ଅତି ସଙ୍ଗୀନ ସ୍ଥିତିରେ ପହଞ୍ଚିଥିଲେ ସୁଦ୍ଧା, ପ୍ରଶାସନ ହାତ ବାନ୍ଧି ବସିବା ନୈରାଶ୍ୟଜନକ। ଦୀର୍ଘ ଦିନ ଧରି ସେମାନେ ଜଳବନ୍ଦୀ ଅବସ୍ଥାରେ ଥିଲେ ମଧ ଏଯାବତ୍ ପ୍ରଶାସନ ପକ୍ଷରୁ ସେମାନଙ୍କ ଗମନାଗମନ ନିମନ୍ତେ କୌଣସି ବ୍ୟବସ୍ଥିତ ଯୋଜନାର ଆପୂର୍ତି ନ କରିପାରିବା ଘୋର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟେ ସଚେତନ ରାଜନୈତିକ ଦଳ ପକ୍ଷରୁ ବନ୍ୟାଞ୍ଚଳ ପରିଦର୍ଶନ କରି ଆମ୍ଭେ ଯାହା ନିରିକ୍ଷଣ କଲୁ ତାହା ପ୍ରଶାସନର ବନ୍ୟା ବିପର୍ଯ୍ୟୟ ପରିଚାଳନାର ମହାତ୍ରୁଟିକୁ ଉଜାଗର କରୁଥିବା ଆପ୍ ପକ୍ଷରୁ ଅଭିଯୋଗ କରାଯାଇଛି।ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ତୁରନ୍ତ ଶୁଖୁଲା ଓ ରନ୍ଧା ଖାଦ୍ୟ ସମେତ ଶିଶୁ ଖାଦ୍ୟ ଯଥେଷ୍ଟ ମାତ୍ରାରେ ଯୋଗାଣ ସହ ବାହ୍ୟ ଜଗତରୁ ବିଛିନ୍ନ ବନ୍ୟା ପ୍ରପୀଡ଼ିତଙ୍କ ଗମନାଗମନ ଓ ରୋଗୀଙ୍କୁ ହସ୍ପିଟାଲ ପଠାଇବା ନିମନ୍ତେ ଯାତାୟତର ବ୍ୟବସ୍ଥା, ଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ, ଡାକ୍ତରୀ ଟିମ୍ ପଠାଇ ବନ୍ୟାଞ୍ଚଳରେ ଦୂଷିତ ପରିବେଶ ଯୋଗୁଁ ପ୍ରଭାବିତଙ୍କ ରୋଗ ନିରୂପଣ ଏବଂ ଆବଶ୍ୟକୀୟ ଚିକିତ୍ସା ଓ ଔଷଧର ସୁବନ୍ଦୋବସ୍ତ, ପରିବେଶ ସୁରକ୍ଷା ପାଇଁ ବ୍ଲିଚିଂ ପାଉଡର ଓ ଅନ୍ୟ ରାସାୟନିକ ଦ୍ରବ୍ୟ ପ୍ରୟୋଗ, ଗୃହପାଳିତ ପଶୁ, ପକ୍ଷୀଙ୍କ ନିମନ୍ତେ ଯଥେଷ୍ଟ ଖାଦ୍ୟ ଯୋଗାଣ, ଚିକିତ୍ସା ଓ ସୁରକ୍ଷା ନିମନ୍ତେ ବ୍ୟବସ୍ଥାର ଉପଲବ୍ଧତା ଉପରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦୀପ୍ତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଥିବା ସଭାପତି ଶ୍ରୀ ଦାସ କହିଥିଲେ।ଏଭଳି ଦୁଃସ୍ଥିତି ସମୟରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ସିଧାସଳଖ ଜଳବନ୍ଦୀ ଥିବା ଜିଲ୍ଲାବାସୀଙ୍କ ଅସୁବିଧା ସଂପର୍କରେ ଅବଗତ ରହିବା ସହ ବନ୍ୟା ପ୍ରଭାବିତଙ୍କ ସମସ୍ୟା ଗୁଡ଼ିକୁ ତ୍ୱରିତ ସମାଧାନ କରିବାକୁ ଆମ୍ ଆଦମୀ ପାର୍ଟି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ବାନାମ୍ବର ସାହୁ, ସଂଗଠନ ସମ୍ପାଦକ ରୁଦ୍ର ପ୍ରସାଦ ବେହେରା, ସଂଗଠନ ସମ୍ପାଦକ କୁମୁଦ ପ୍ରସାଦ ରାଉତ ଓ କର୍ମକର୍ତ୍ତା ଆଇଏସ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

### ବେଟୀ ବଚାଓ ବେଟୀ ପଢାଓ

# ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ୍ ଓ କାର୍ଯ୍ୟଯୋଜନା ପ୍ରସ୍ତୁତି

**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ପ୍ରଶାସନ ଦ୍ୱାରା ‘ବେଟି ବଚାଓ, ବେଟି ପଢାଓ’ (ବିବିବିପି) କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ୍ ଓ ଜିଲ୍ଲା କାର୍ଯ୍ୟଯୋଜନା ପ୍ରସ୍ତୁତି ସମ୍ପର୍କିତ କାର୍ଯ୍ୟକ୍ରମ ସ୍ପେସିଆଲ ସର୍କିଟ ହାଉସ ସଭା ଗୃହରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ର ମୁଖ୍ୟ ଚିକିତ୍ସାଧିକାରୀ ଡା ସୁକାନ୍ତ ରଥ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୌମ୍ୟ ରଂଜନ ମଲ୍ଲିକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପ୍ରିୟଦର୍ଶିନୀ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ମୁଖ୍ୟ ପରିଦର୍ଶିକା ବାଲ୍ୟବତୀ ମହାନ୍ତି , ବିଦ୍ୟାଧର ମଲିକ୍ , କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।ତତ ସହିତ ଉପସ୍ଥିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ପରିଦର୍ଶୀକା , ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ଓ ଆଶାକର୍ମୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସାଇବର୍ ଥାନାର ପ୍ରଶିକ୍ଷକ ସୂର୍ଯ୍ୟ ପ୍ରକାଶ ତ୍ରିପାଠୀ ଡ଼ିଜିଟାଲ୍ ଅପରାଧ, ମୋବାଇଲ ରେ ବ୍ୟକ୍ତିଗତ



ବିବରଣୀର ସୁରକ୍ଷା ଯଥା ଆରକ୍ଷୀ ଅଧିକାରୀ ବାଳିକାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସଶକ୍ତିକରଣ ସହିତ ଲିଙ୍ଗଭିତ୍ତିକ ବୈଷମ୍ୟ ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଶିଶୁ ବିବାହ ରୋକିବା, ବାଳିକାଙ୍କ ସ୍କୁଲ୍ ଡ୍ରପ୍ ?ଆଉଟ୍ ହ୍ରାସ, ଶିକ୍ଷାରେ ନିରନ୍ତରତା ଏବଂ ସମାଜରେ ଲିଙ୍ଗ ସମାନତା ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ବିଭାଗ ଓ ଅଂଶୀଦାରଙ୍କ ସମନ୍ୱୟରେ ବାଳିକାଙ୍କ ସର୍ବାଙ୍ଗୀଣ ବିକାଶ ନିମନ୍ତେ ଏକ ସୁଦୃଢ଼ ଜିଲ୍ଲା କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଉପରେ ମତ ବିନିମୟ ହୋଇଥିଲା। ବିବିବିପି ଅଧୀନରେ ଜିଲ୍ଲା କାର୍ଯ୍ୟଯୋଜନା ବିଭିନ୍ନ ବିଭାଗର ପରାମର୍ଶ ଓ ସମନ୍ୱିତ ପଦକ୍ଷେପ ଆଧାରରେ ପ୍ରସ୍ତୁତ କରାଯାଏ । ବାଳିକାଙ୍କୁ ସୁରକ୍ଷିତ, ଶିକ୍ଷିତ ଓ ସଶକ୍ତ କରିବା ସହିତ ସମାଜରେ ତାଙ୍କ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ। ଶେଷରେ ପ୍ରୋଗ୍ରାମ ଅଫିସର ସୁହାଗି ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ।

# ଉଓରଣା ଗ୍ରାମରେ ପୋଖରୀ ଦଳ ସଫାକୁ ନେଇ ଗଣ୍ଡଗୋଳ

**ପୁରୀ (ବ୍ୟୁରୋ):** -ଆଜି ସକାଳ ପ୍ରାୟ ୯ଟା ସମୟରେ ଚନ୍ଦନପୁର ଥାନା ଅନ୍ତର୍ଗତ କେରାଣ୍ଡିପୁର ଗ୍ରାମ ପଞ୍ଚାୟତର ଉଓରଣା ଗ୍ରାମରେ ପୋଖରୀର ଦଳ ସଫାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉତ୍ତେଜନାକର ରୂପ ନେଇ ଉଭୟ ପକ୍ଷ ମଧ୍ୟରେ ଟେକାପଥର ମାଡ଼ ହୋଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଚନ୍ଦନପୁର ଥାନା ଅଧିକାରୀ ବିରଞ୍ଚି ସାହୁ ଏବଂ ସଦର ଡିଏସ୍ ?ପି ମାନସରଞ୍ଜନ ବାରିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହି ଘଟଣାରେ ଉଭୟ ପକ୍ଷର ମୋଟ ୬ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ପୁରୀ ବଡ଼ ମେଡିକାଲକୁ ପଠାଯାଇଛି। ଏହି ସମ୍ପର୍କରେ ଚନ୍ଦନପୁର ଥାନା କେସ୍ ନଂ ୧୯୮/୨୬ ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତି



ଥିବା ସନ୍ଦେହରେ ଉଭୟ ପକ୍ଷରୁ ମୋଟ ୮ ଜଣଙ୍କୁ ଅଟକ ରଖାଯାଇଛି ଏବଂ ସେମାନଙ୍କୁ ପଚରାଉଚରା କରାଯାଉଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ଦୁଇ ପ୍ଲାଟୁନ୍ ? ପୋଲିସ ଫୋର୍ସ ମୁତୟନ କରାଯାଇଛି। ବର୍ତ୍ତମାନ ଗ୍ରାମର ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ପୋଲିସ ପକ୍ଷରୁ ଘଟଣାସ୍ଥଳରେ କଡ଼ା ନଜର ରଖାଯାଇଥିବା ସହ ଘଟଣାର ତଦନ୍ତ ଜାରି ରହିଛି।ତଦନ୍ତ ଆଧାରରେ ଆଇନାନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ରାଜ୍ୟସ୍ୱାର୍ଥ ବିରୋଧୀ ଏମ୍‌ଏମଡିଆର୍ ଆକ୍ଟ ରଦ୍ଦ ଦାବିରେ ଜିଲ୍ଲାପାଳଙ୍କ ଅଫିସ ଘେରାଉ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଓଡ଼ିଶାର ସ୍ୱାର୍ଥ ବିରୋଧୀ ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟମାବଳୀ) ସଂଶୋଧନ ଆଇନ– ୨୦୨୬କୁ ରଦ୍ଦ କରାଯିବା ଦାବିରେ ଇଣ୍ଡିଆ ବ୍ଲକ ଅନ୍ତର୍ଗତ ରାଜନେତିକ ଦଳମାନଙ୍କ ଆହ୍ୱାନ କ୍ରମେ ରାଜ୍ୟ ବ୍ୟାପି ପ୍ରତିବାଦ ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ କେନ୍ଦ୍ରାପଡା ଜିଲ୍ଲାପାଳ ଅଫିସି ସମ୍ମୁଖରେ ଏକ ମିଳିତ ପ୍ରତିବାଦ ସଂଗଠିତ ହେଇ ଯାଇଛି। କଂଗ୍ରେସ ଜିଲ୍ଲା ସଭାପତି ଦେବସ୍ମିତା ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାରତୀୟ ସଂବିଧାନର ସୁରକ୍ଷା, ଦେଶର ସଂଘୀୟ ତା । , ରାଜ୍ୟମାନଙ୍କର ସାମ୍ବିଧାନିକ ଓ ଆର୍ଥିକ ଅଧିକାର, ପ୍ରାକୃତିକ ଓ ଖଣିଜ ସମ୍ପଦ ଉପରେ ଖଣିଜ ସମୃଦ୍ଧ ରାଜ୍ୟମାନଙ୍କର ନ୍ୟାୟସଙ୍ଗତ ଅଧିକାର ଏବଂ ଆଦିବାସୀ ଓ ଖଣି ପ୍ରଭାବିତ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏହି ଜନ ବିରୋଧୀ ଆଇନ ରଦ୍ଦ କରିବା ପାଇଁ ବକ୍ତାମାନେ ଦାବି କରିଥିଲେ। ବକ୍ତାମାନେ



କହିଥିଲେ ଏହି ଆଇନ ଲାଗୁହେଲେ ରାଜ୍ୟ ଏକ ଲକ୍ଷ ହଜାର କୋଟି ଟଙ୍କା ରାଜସ୍ୱ ହରାଇବ। ଓଡିଶା କେନ୍ଦ୍ରର କରଦ ରାଜ୍ୟ ନହେଉ। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଯାଇଥିବା ମୋହନ ସରକାର ରାଜ୍ୟକୁ କର୍ପୋରେଟ ହାଉସ ପାଖରେ ବିକ୍ରି କରିଦେବ। ଏହି ବିଲକୁ ଓଡିଶାରୁ ନିର୍ବାଚିତ ସମସ୍ତ ବିଜେପି ସାଂସଦ ସମର୍ଥନ ଦେଇ ଓଡିଶାବାସୀଙ୍କୁ ଧୋକ୍କା ଦେଇଛନ୍ତି ବୋଲି କହି ବକ୍ତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ସଭାରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, କଂଗ୍ରେସ ବରିଷ୍ଠ ନେତା ଭାଗିରଥି ଜେନା,ପ୍ରଫୁଲ୍ଲ ଦାସ, ଆକବର ଅଲ୍ଲୀ, ଫକୀର ଖଟୁଆ, କୃଷ୍ଣପ୍ରିୟ ବାରିକ, ରବିନାରାୟଣ ବେହେରା, ଜ୍ୟୋତିରଞ୍ଜନ ପରିଡା, ରାଜୀବ ଲୋଚନ ମିଶ୍ର, ସିତାଂଶୁ ଲେଙ୍କା, ହରିଶ ପଟ୍ଟନାୟକ, ଦିଲ୍ଲିପ ପ୍ରଧାନ, ସନ୍ତୋଷ ବେହେରା, ପ୍ରକାଶ ମହାନ୍ତି, ବିଧୁଭୂଷଣ ମହାପାତ୍ର, ସତ୍ୟପ୍ରିୟ ସାମଲ, କୈଳାସ ତରାଇ, ସିପିଆଇରୁ ଆଦିକନ୍ଦ ରାଉଳ, ଅଜୟ ସାମଲ, ଆହ୍ୱାନ ରାଉତରାୟ, ସିପିଆଇ(ଏମ୍)ରୁ ଜଗତଜୀବନ ଦାସ, ନରୋ ମ ପାର୍ଥସାରଥୀ, ସୋମନାଥ ବିଶ୍ୱାଳ, ଦିଲ୍ଲିପ ପଣ୍ଡା, ମାନଭଞ୍ଜନ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭା ପରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଓଡିଶାରୁ ନିର୍ବାଚିତ କୋଡିଏ ଜଣ ବିଜେପି ସାଂସଦଙ୍କ କୁଶ ପୁତଳିକା ଦାହ କରାଯାଇ ଥିଲା। ଶେଷରେ ପ୍ରତିବାଦକାରୀ ମାନେ ଏକ ଶୋଭାଯାତ୍ରାରେ ଯାଇ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଚାଷୀଙ୍କ ୭ ଦଫା ଦାବି ନେଇ ସିପିଆଇଏମର ଗଣବିକ୍ଷୋଭ




**ଟାଙ୍ଗୀ ଚୌଦ୍ୱାର (ଅମୃତ ମିଡ଼ିଆ) :** ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ମୁଖରେ ଓଡ଼ିଶା କୃଷକ ସଭା ପକ୍ଷରୁ ଚାଷୀ ଓ ଭାଗଚାଷୀଙ୍କ ସ୍ୱାର୍ଥ ସମ୍ବଳିତ ୭ ଦଫା ଦାବି ନେଇ “ଗଣବିକ୍ଷୋଭ” ପ୍ରଦର୍ଶନ କରାଯାଇଛି। ଏହି ଗଣବିକ୍ଷୋଭରେ ଚାଷୀଙ୍କ ଜମି, ଚାଷ ଓ ଜୀବିକା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ସହ ଭାଗଚାଷୀଙ୍କ ଅଧିକାର ସୁନିଶ୍ଚିତ କରିବା, ରାସାୟନିକ ସାର ଓ କୀଟନାଶକର ଯୋଗାଣ ସୁନିଶ୍ଚିତ କରିବା, ଫସଲର ଉଚିତ ମୂଲ୍ୟ ପ୍ରଦାନ ଆଦି ଦାବି ଉଠାଯାଇଥିଲା। କୃଷକସଭାର କର୍ମକର୍ତ୍ତା ଓ ଚାଷୀମାନେ ହାତରେ ଲାଲ ପତାକା ଧରି ବିଭିନ୍ନ ସ୍ଲୋଗାନ ଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାଷୀଙ୍କ ୭ ଦଫା ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସିପିଆଇଏମ ର ବରିଷ୍ଠ ନେତା ବଦ୍ରିନାରାୟଣ ଦାସ, ରମେଶ ବେହେରା, ଡ଼ ମୁରଧର ସାହୁ ସମେତ ବହୁ ଆନ୍ଦୋଳନକାରୀମାନେ ଉପସ୍ଥିତ ଥିଲେ।

### ପାହାଳ ମିଠା ବଜାର ଉପରେ ଚଢଉ

# ଦୁଇ ମିଠା ବ୍ୟବସାୟୀଙ୍କ ଦୋକାନରୁ ୧୫ କେଜି ଅପମିଶ୍ରିତ ଛେନା ଜବତ

**ବାଲିଅନ୍ତା (ଅମୃତ ମିଡିଆ) :** ରାଜ୍ୟରେ ଛେନା ଓ ପନିରରେ ଅପମିଶ୍ରିତ ହେଉଥିବା ଖବର ପ୍ରସାରଣ ହେବାରେ ଭୁବନେଶ୍ୱର ମହାନଗର ନିଗମ ( ବିଏମସି )ର ଖାଦ୍ୟ ସୁରକ୍ଷା ବିଭାଗ ଏକ ସ୍ୱତନ୍ତ୍ର ଟେଷ୍ଟିଙ୍ଗ ଭ୍ୟାନ ସହ ନକଲି ଛେନା ଓ ପନିର ଅସ୍ୱାସ୍ଥ୍ୟକର ପରିବେଷରେ ମିଠା ବିକ୍ରିକୁ ନେଇ ପାହଳ ମିଠା ବଜାର ଉପରେ ମଙ୍ଗଳବାର ଚଢ଼ାଉ କରାଯାଇଛି।୧୫ କେଜି ଅପମିଶ୍ରିତ ଛେନା ଦୁଇ ମିଠା ବ୍ୟବସାୟୀଙ୍କ ଦୋକାନରୁ ଜବତ କରାଯିବା ସହ ଏହାକୁ ନଷ୍ଟ କରିଦିଆଯାଇଛି । ଆଗକୁ ରାଖୀ ପୂର୍ଣିମା ଥିବାରୁ ପାହଳ ମିଠା ଓ ପୋଡ଼ପିଠାର ଚାହିଦା ବଢ଼ିବ ତେଣୁ ବ୍ୟବସାୟୀ ମାନେ ଏହାକୁ ଦୃଷ୍ଟିରେ ରଖି କିପରି ଅପମିଶ୍ରିତ ଛେନାରୁ ମିଠା ବିକ୍ରି କରିପାରିବେ ନାହିଁ। ଏହାକୁ ଦୃଷ୍ଟି ରେ ରଖି ବିଭାଗ ପକ୍ଷରୁ ୨୭ଟି ଦୋକାନ ରେ ତନତନ କରି ଯାଞ୍ଚ କରାଯାଇଛି । ଛେନା ଓ ପନିର ସଙ୍ଗେସଙ୍ଗେ ଯାଞ୍ଚ କରାଯାଉଥିବା ବେଳେ ମିଠା ଓ ପୋଡ଼



ଗୁଡିକର କିଛି ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାର କୁ ପଠା ଯାଇଛି ।ସେଠାରୁ ରିପୋର୍ଟ ଆସିବା ପରେ ଦୋକାନୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି । ଛେନାର ଗୁଣବତ୍ତାକୁ ନେଇ ରାଜଧାନୀରେ ଚିନ୍ତା ବଢ଼ିଛି ।ଛେନା ପ୍ରସ୍ତୁତି ସମୟରେ କୌଣସି ରାସାୟନିକ ପଦାର୍ଥ ମିଶାଯାଉଛି କି ନାହିଁ ମିଠା ପ୍ରସ୍ତୁତିରେ ଖାଦ୍ୟ ସୁରକ୍ଷା ପାଳନ କରାଯାଉଛି କି ନାହିଁ, ତାକୁ ନେଇ ଦୁଇ ତିନି ଦିନ ହେବ ଭୁବନେଶ୍ୱରରେ ମିଠା ଦୋକାନୀ, ହୋଟେଲ, ପନିର ଦୋକାନ ଉପରେ ଚଢ଼ାଉ ଜାରି ରହିଛି ବୋଲି ଅଧିକାରୀ ସୂଚନା ଦେଇଛନ୍ତି।

# ଦିଗାପୁର ଧାନମଣ୍ଡି ପଞ୍ଜୀକରଣରେ ବ୍ୟାପକ ଦୁର୍ନୀତି

**ଜୟପୁର (ଅମୃତ ମିଡିଆ) :** କୁନ୍ଦୁରା ବ୍ଲକ ଅନ୍ତର୍ଗତ ଦିଗାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରେ ଖରିଫ୍ ଧାନ ମଣ୍ଡି ବିକ୍ରି ନିମନ୍ତେ ହେଉଥିବା ପଞ୍ଜିକରଣ ରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ଆଣିଛନ୍ତି ଜଣେ ଚାଷୀ ଶଶୀଭୂଷଣ ଦାଶ୍, ଲସେ ଉପ ନିବନ୍ଧକ ସମବାୟ ସମୁହ ଜୟପୁର ଙ୍କୁ ଏକ ଅଭିଯୋଗ କରିବା ସହିତ ଜାଲିଆତି ଓ ଦୁର୍ନୀତି କରୁଥିବା ବ୍ୟକ୍ତି ବିଶେଷ ଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି । ସେ କହିଛନ୍ତି କୁନ୍ଦୁରା ବ୍ଲକ ରେ ଥିବା ଘୁମର ମୈଜା ରେ ଗୋଟିଏ ଜମି ର ଖଜଣା ଜଣେ ବ୍ୟକ୍ତି ପୈଠ କରିଛନ୍ତି ସେହି ଅଞ୍ଚଳରେ ଉକ୍ତ ନାମର କୌଣସି ବ୍ୟକ୍ତି ନଥିବା ଓ ଜଣେ ମୃତ୍ୟୁବରଣ କରିବାର ୨୮ ବର୍ଷ ପରେ ମଧ ମୃତକ ନିଜେ ଖଜଣା ପୈଠ କରିଥିବା ଅଭିଯୋଗ କରିବା ସହିତ ତାର ତଥ୍ୟ ମଧ ପ୍ରଦାନ କରିଛନ୍ତି । ଅପର ପକ୍ଷରେ ଘୁମର ମୈଜା ର ପୁଜାରୀ ପୁଟ ଠାରେ ବିଭିନ୍ନ ଲୋକ ଙ୍କ ଜମି ହଡପ ହୋଇଥିବା ଏପରିକି ଆଦିବାସୀ ହରିଜନ ଙ୍କ ଜମି ମଧ ହଡପ ହେବାର ସୁଚନା ମିଳିଥିବା ଦାଶ୍ ଉଲ୍ଲେଖ କରିଥିବା ଜଣା ପଡିଛି । ନିଜ ପିତୃ ଅର୍ଜିତ ସମ୍ପତ୍ତି କୁ ଯିଏବି ଦଖଲ କରିଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏ ନେଇ ସେ ଉପ ଜିଲ୍ଲାପାଳ ଜୟପୁର ଙ୍କୁ ମଧ ଲିଖିତ ଅଭିଯୋଗ କରିଛନ୍ତି । ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୈାଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ନଥିବା ସୁଚନା ମିଳିଛି । , ଉପ ନିବନ୍ଧକ ସମବାୟ ସମିତି ସମୁହ ଜୟପୁର ସହକାରୀ ନିବନ୍ଧକ ସମବାୟ ସମିତି ସମୁହ ଜୟପୁର ଙ୍କୁ ୪ ଦିନ ମଧ୍ୟରେ ତଦନ୍ତ କରି ତଦନ୍ତ ର ସମ୍ପୁର୍ଣ୍ଣ ବିବରଣି ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ପରେ ଦୋଷୀଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ କରି ଉକ୍ତ ଜମି ରେ ୧୪୪ ଧାରା ଜାରୀ କରିବା ନେଇ ଶ୍ରୀ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

### ପାହାଳ ନିକଟରେ ଛାତିଥରା ସଡ଼କ ଦୁର୍ଘଟଣା

# ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଲେ ପରିବାରର ୪ ସଦସ୍ୟ

**ବାଲିଅନ୍ତା (ଅମୃତ ମିଡିଆ) :** ରାଜଧାନୀ ଉପକଣ୍ଠ ପାହାଳ ଜାତୀୟ ରାଜପଥ (ଘଐ-୧୬)ରେ ଏକ ଛାତି ଥରା ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ମାଲବାହୀ ଟ୍ରକ୍ ଏକ କା ?କୁ ପ୍ରଚଣ୍ଡ ଧକ୍କା ଦେବା ସହ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘଷି ନେଇଥିଲା। ତେବେ ଏହି ବଡ଼ ଦୁର୍ଘଟଣାରୁ କା ?ରେ ଥିବା ଏକା ପରିବାରର ୪ ଜଣ ସଦସ୍ୟ ଅଲୌକିକ ଭାବେ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି ।ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ସଂପୃକ୍ତ ପରିବାରଟି କାର୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ ପାହାଳ ନିକଟରେ ପଛପଟୁ ଆସୁଥିବା ଏକ ବେପରୁଆ ଟ୍ରକ୍ କା ?କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଟ୍ରକ୍ ?ଟି କା ?କୁ କିଛି ବାଟ ପର୍ଯ୍ୟନ୍ତ ଘସି ନେଇ ରାସ୍ତା କଡ଼କୁ ଚେପା କରିଦେଇଥିଲା। ଦୁର୍ଘଟଣା ଯୋଗୁଁ କା ?ର ଦୁଇ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ଓ ପାହାଳ ଥାନା ପୋଲିସ ତୁରନ୍ତ ପହଞ୍ଚି କାର୍ କବାଟ କାଟି ଭିତରେ ଫସି ରହିଥିବା ମହିଳା ଓ ଶିଶୁଙ୍କ ସମେତ ୪ ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ସମସ୍ତଙ୍କୁ ସାମାନ୍ୟ ଆଘାତ ଲାଗିଥିବା ବେଳେ ପ୍ରାଥମିକ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିବା ସହ ଫେରାର ଟ୍ରକ୍ ଚାଳକଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଆଇଆଇଏମଟି ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

**ଭୁବନେଶ୍ୱର (ବ୍ୟୁରୋ) :** ଇଣ୍ଟରସାଇନ୍ସ ଇନ୍ ?ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର ପକ୍ଷରୁ ୨୦୨୬–୨୭ ଶିକ୍ଷାବର୍ଷର ନବନିଯୁକ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସପ୍ତାହବ୍ୟାପୀ ପରିଚୟ ଓ ଅଭିମୁଖୀକରଣ କାର୍ଯ୍ୟକ୍ରମ ‘ଆଗମନ-୨୦୨୬’ ସଫଳତାର ସହ ଆୟୋଜିତ ହୋଇଯାଇଛି। ଅଗଷ୍ଟ ୧୯ରୁ ୨୫ ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମ ଆଇଆଇଏମଟି ଅଧକ୍ଷ ପ୍ରଫେସର (ଡ.) ଶ୍ରୀକାନ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନୂତନ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ, ଏହାର ଶିକ୍ଷା ପରିବେଶ, ମୂଲ୍ୟବୋଧ, ସଂସ୍କୃତି ଓ ବିଭିନ୍ନ ସୁଯୋଗ ସହ ପରିଚିତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଆଇ ଆଇ ଏମ ଟି ଓ ଏହାର ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସମ୍ପର୍କରେ ପ୍ରଫେସର (ଡ.) ଶ୍ରୀକାନ୍ତ ପଟ୍ଟନାୟକ ଏକ ଅନ୍ତର୍ଦୃଷ୍ଟିମୂଳକ ଅଧିବେଶନ ନେଇଥିଲେ। ଆଇ ଆଇ ଏମ ଟି ର ନିର୍ଦ୍ଦେଶକ ପ୍ରଫେସର (ଡ.) ଜୟଦେବ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ନବନିଯୁକ୍ତ ଛାତ୍ରଛାତ୍ରୀଙ୍କୁ ଆଇ ଆଇ ଏମ ଟି ପରିବାରକୁ ସ୍ୱାଗତ କରିଥିଲେ। ଆଇ ଆଇ ଏମ ଟି ର ପ୍ରିନ୍ସିପାଲ ପ୍ରଫେସର (ଡ.) କବିରାଜ ସେଠୀ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ବୃତ୍ତି ଓ ପୁରସ୍କାର ପ୍ରଦାନ ସମାରୋହ। ମେଧାବୀ ଓ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ, ସମ୍ମାନିତ ଓ ସହାୟତା କରିବା ଉଦ୍ଦେଶ୍ୟରେ ଏହି ବୃତ୍ତି ପ୍ରଦାନ କରାଯାଇଥିଲା। ‘ଆଗମନ-୨୦୨୬’ରେ ସଙ୍କୋଚ ଦୂରୀକରଣ ଅଧିବେଶନ, ଆତ୍ମପରିଚୟ ଓ ଦଳଗଠନ ଭଳି ବିଭିନ୍ନ କାର୍ଯ୍ୟକଳାପ ମଧ୍ୟ ଆୟୋଜିତ ହୋଇଥିଲା। ପୂର୍ବତନ ଭାରତୀୟ ବାୟୁସେନା ଅଧିକାରୀ ବାୟୁସେନା କମୋଡୋର ନିରଞ୍ଜନ କୁମାର ପାଢ଼ୀ ସାଇବର ସୁରକ୍ଷା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ନେଇଥିଲେ। ସେ ସାଇବର ସୁରକ୍ଷା କ୍ଷେତ୍ରରେ ଉଦୀୟମାନ ଆହ୍ୱାନ ଓ କ୍ୟାରିୟର ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଆକାଶବାଣୀ, କଟକର ପୂର୍ବତନ ଉପମହାନିର୍ଦ୍ଦେଶକ ଇଞ୍ଜିନିୟର ପ୍ରକାଶ କୁମାର ପଟ୍ଟ ମଧ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ନିଜର ଦୀର୍ଘ ବୃତ୍ତିଗତ ଅଭିଜ୍ଞତାରୁ ବହୁ ମୂଲ୍ୟବାନ ଅନୁଭୂତି ବାଣ୍ଟିଥିଲେ।

# ଧର୍ମଗଡ଼ ରାଜସ୍ୱ ବିଭାଗରେ କର୍ମଚାରୀ ଅଭାବ

## ସାଧାରଣ ଲୋକଙ୍କୁ ସେବା ଯୋଗାଇବାରେ ବିଳମ୍ବ ନେଇ ଅଭିଯୋଗ

**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା):** ଚାଷୀ ଓ ସାଧାରଣ ଲୋକଙ୍କ ସହ ସିଧାସଳଖ ଭାବେ ଜଡ଼ିତ ରାଜସ୍ୱ ବିଭାଗରେ କର୍ମଚାରୀ ଅଭାବ ଏବେ ଧର୍ମଗଡ଼ ତହସିଲରେ ଗୁରୁତର ସମସ୍ୟା ଭାବେ ଉଭା ହୋଇଛି। ସରକାର ଚାଷୀଙ୍କ ଉନ୍ନତି ପାଇଁ ଯୋଜନା ପରେ ଯୋଜନା କରୁଥିବା ବେଳେ ଆବଶ୍ୟକ ପଦବୀ ପୂରଣ ହେଉନଥିବାରୁ ଏହାର ସୁଫଳ ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚି ନଥିବା ଅଭିଯୋଗ ହେଉଛି । ଧର୍ମଗଡ଼ ତହସିଲ ଅଧୀନରେ ଧର୍ମଗଡ଼, ଧର୍ମଗଡ଼ - ଗ୍ରାମାଞ୍ଚଳ, ବୋଡେନ, ଧର୍ଅଁରପୁର, କିର୍କାକାନି, କାଙ୍କେରି, ଖଇରପଦର, ପର୍ଲା ଓ ବେହେରା ଭଳି ରାଜସ୍ୱ ନିରୀକ୍ଷକ (ଆରଆଇ) କାର୍ଯ୍ୟାଳୟ ରହିଛି। ତେବେ ଏହି କାର୍ଯ୍ୟାଳୟ ଗୁଡ଼ିକରେ ଆବଶ୍ୟକ ମାନବସମ୍ବଳ ନଥିବାରୁ ରାଜସ୍ୱ ସେବା ପ୍ରଭାବିତ ହେଉଥିବା ଅଭିଯୋଗ ରହିଛି। କେତେକ ସ୍ଥାନରେ ଆରଆଇ ପଦବୀ ଖାଲିଥିବାରୁ ଅନ୍ୟ ଆରଆଇଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ କାମ ଚଳାଯାଉଛି। ବିଶେଷକରି ଧର୍ମଗଡ଼ ଗ୍ରାମାଞ୍ଚଳ ଆରଆଇ କାର୍ଯ୍ୟାଳୟରେ ଉଭୟ ଆର.ଆଇ ଓ




ଅତିରିକ୍ତ ରାଜସ୍ୱ ନିରୀକ୍ଷକ (ଏଆରଆଇ) ପଦବୀ ଖାଲି ରହିଛି। ଏହି କାରଣରୁ ଖଇରପଦର ଆରଆଇ ଅମ୍ଳାନଜ୍ୟୋତି ମୁଣ୍ଡଙ୍କୁ ଧର୍ମଗଡ଼ ଗ୍ରାମାଞ୍ଚଳର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହି ପରି ଧର୍ଅଁରପୁର ଆରଆଇ କାର୍ଯ୍ୟାଳୟରେ ମଧ୍ୟ ଆରଆଇ ଓ ଏଆରଆଇ ଉଭୟ ପଦ ଖାଲି ରହିଥିବାରୁ ବେହେରା ଆରଆଇ ମାନସ ରଞ୍ଜନ ସାହୁଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜଣେ ଆରଆଇଙ୍କ ଉପରେ ଏକାଧିକ ଅଞ୍ଚଳର ଦାୟିତ୍ୱ ରହିବା ଫଳରେ କାର୍ଯ୍ୟଭାର ବଢ଼ିବା ସହ ଲୋକଙ୍କୁ ସମୟୋଚିତ ରାଜସ୍ୱ ସେବା ମିଳିବାରେ ବିଳମ୍ବ ହେବାର ଆଶଙ୍କା ରହୁଛି। ବର୍ତ୍ତମାନ ଧାନ ବିକ୍ରି ପାଇଁ ଟୋକନ ପଞ୍ଜିକରଣ ପ୍ରକ୍ରିୟା ଚାଲିଥିବାରୁ ରାଜସ୍ୱ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଗଷୀମାନେ ନିଜ ଜମି ସମ୍ପର୍କିତ ଖଜଣା ପାଉତି ବାନ୍ଧି ଟୋକନ ପଞ୍ଜିକରଣ ପାଇଁ ନିଜ ପ୍ୟାକ୍‌କୁ ଯାଇ ପଞ୍ଜିକରଣ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଧର୍ମଗଡ଼ ଗ୍ରାମାଞ୍ଚଳ ଓ ଧର୍ଅଁରପୁର ଆରଆଇ କାର୍ଯ୍ୟାଳୟକୁ ଆସୁଥିବା ଚାଷୀମାନେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖି ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି । ଟୋକନ ପଞ୍ଜିକରଣ ଭଳି ଗୁରୁତ୍ୱପୂର୍ଣ ସମୟରେ ଯଦି ରାଜସ୍ୱ କାର୍ଯ୍ୟାଳୟରେ ଅଧିକାରୀ କିମ୍ବା କର୍ମଚାରୀ ଉପଲବ୍ଧ ନଥାନ୍ତି, ତେବେ ଚାଷୀମାନେ ଆବଶ୍ୟକ ସେବା ପାଇବେ କାହା ନିକଟରୁ ଏହାକୁ ନେଇ ପ୍ରଶ୍ନ ଉଠିଛି। ପ୍ରାକୃତିକ ବିପର୍ଯ୍ୟୟରେ କ୍ଷୟକ୍ଷତି ଯାଞ୍ଚ, ଏଗ୍ରିଷ୍ଟେକ୍, କଲମ-୨ ସଂଶୋଧନ, ସୁଭଦ୍ରାରୁ ବାଦ ପଡ଼ିଥିବା ହିତାଧିକାରୀଙ୍କ ଆୟ ଯାଞ୍ଚ, ଚାଷୀ ପଞ୍ଜିକରଣ, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଯାଞ୍ଚ, ଜମିଜମା ସମ୍ପର୍କିତ ଯାଞ୍ଚ, ଖଜଣା ପାଉତି, ଆୟ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର ଯାଞ୍ଚ, ବିଭିନ୍ନ ରିପୋର୍ଟ ପ୍ରସ୍ତୁତି ଭଳି କାର୍ଯ୍ୟ ପାଇଁ ଲୋକେ ଆରଆଇ କାର୍ଯ୍ୟାଳୟ ଉପରେ ନିର୍ଭର କରନ୍ତି। ଏଭଳି ପରିସ୍ଥିତିରେ କାର୍ଯ୍ୟାଳୟରେ କର୍ମଚାରୀ ନଥିବା କିମ୍ବା ତାଲା ଝୁଲୁଥିବା ଅଭିଯୋଗ ରାଜସ୍ୱ ବ୍ୟବସ୍ଥାର ଦୟନୀୟ ସ୍ଥିତିକୁ ସ୍ପଷ୍ଟ କରୁଛି। କେବଳ ଆରଆଇ ପଦବୀ ନୁହେଁ, ଧର୍ମଗଡ଼ ତହସିଲ ଅଧୀନରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଗୁଡ଼ିକରେ ଅତିରିକ୍ତ ରାଜସ୍ୱ ନିରୀକ୍ଷକ (ଏଆରଆଇ) ଓ ପିଅନ ପଦବୀ ମଧ୍ୟ ଖାଲି ରହିଥିବା ଅଭିଯୋଗ ରହିଛି। ଏପରି ସ୍ଥିତିରେ ଖାଲି ପଦବୀ ପୂରଣ କରିବା ବଦଳରେ ଜଣେ ଆରଆଇଙ୍କୁ ଅନ୍ୟ ଅଞ୍ଚଳର ଅତିରିକ୍ତ ଦାୟିତ୍ୱ ଦେଇ କାମ ଚଳାଇବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ରାଜସ୍ୱ ବିଭାଗ ଭଳି ଗୁରୁତ୍ୱପୂର୍ଣ ବିଭାଗରେ ଆବଶ୍ୟକ ପଦବୀ ସୃଷ୍ଟି ନକରିବା ଏବଂ ଖାଲି ପଦବୀଗୁଡ଼ିକୁ ପୂରଣ ନକରିବାକୁ ନେଇ ସରକାରଙ୍କ ପ୍ରତି ଅସନ୍ତୋଷ ବଢ଼ିଛି। ଲୋକଙ୍କ ନିକଟରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ଆରଆଇ କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ ସେଠାରେ ଅଧିକାରୀ ଓ କର୍ମଚାରୀ ନଥିବା ଏବଂ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଅଭିଯୋଗ ସରକାରୀ ବ୍ୟବସ୍ଥା ପ୍ରତି ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି। ଟୋକନ ପଞ୍ଜିକରଣ ଭଳି ଚାଷୀଙ୍କ ସହ ସିଧାସଳଖ ଜଡ଼ିତ ପ୍ରକ୍ରିୟା ସମୟରେ ଏଭଳି ଅବ୍ୟବସ୍ଥା ଚାଷୀଙ୍କୁ ଅସୁବିଧାରେ ପକାଇବା ସହ ସରକାରୀ ସେବା ପ୍ରତି ଲୋକଙ୍କ ବିଶ୍ୱାସକୁ ମଧ୍ୟ ପ୍ରଭାବିତ କରୁଛି। ତେଣୁ ଧର୍ମଗଡ଼ ତହସିଲର ସମସ୍ତ ଆରଆଇ କାର୍ଯ୍ୟାଳୟରେ ଖାଲି ଥିବା ଆରଆଇ, ଏଆରଆଇ ଓ ପିଅନ ପଦବୀ ତୁରନ୍ତ ପୂରଣ କରିବା ସହ ଆବଶ୍ୟକତା ଅନୁଯାୟୀ ନୂତନ ପଦବୀ ସୃଷ୍ଟି କରିବାକୁ ଦାବି ହେଉଛି। ବିଶେଷକରି ଧର୍ମଗଡ଼ ଗ୍ରାମାଞ୍ଚଳ ଓ ଧର୍ଅଁରପୁରରେ ନିୟମିତ ଆରଆଇ ନିଯୁକ୍ତ କରି ଚାଷୀ ଓ ସାଧାରଣ ଲୋକଙ୍କୁ ନିରବଚ୍ଛିନ୍ନ ରାଜସ୍ୱ ସେବା ଯୋଗାଇବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବୀ ହେଉଛି।

# ଗର୍ଭବତୀଙ୍କୁ ଦୁଷ୍କର୍ମ କରିଥିବା ପାଷ୍ଟରଙ୍କ ପତ୍ତାପାଉନି ପୋଲିସ

**କଳାହାଣ୍ଡି (ଅମୃତ ମିଡ଼ିଆ) :** ଭବାନୀପାଟଣା ସଦରଥାନା ଅଧୀନ ଠେମେରା ଗ୍ରାମର ଜଣେ ପାଷ୍ଟର ୮ ମାସର ଗର୍ଭବତୀଙ୍କୁ ଦୁଷ୍କର୍ମ କରିଥିବା ଘଟଣା କଳାହାଣ୍ଡିରେ ବେଶ ଚର୍ଚ୍ଚାର କାରଣ ପାଲଟିଛି। ଅଭିଯୁକ୍ତ ପାଷ୍ଟରର ଗିରଫଦାରୀ ଉପରେ ସମସ୍ତଙ୍କ ଉତ୍କଣ୍ଠା ବୃଦ୍ଧି ପାଇଛି। ଇତିମଧ୍ୟରେ ସଦର ଥାନା ପୁଲିସର ଏକ ଟିମ୍ ମୋବାଇଲ ଟ୍ରାକ୍ ଆଧାରରେ ତିନୋଟି ରାଜ୍ୟର ବିଭିନ୍ନ ଅଞ୍ଚଳ ଛାପା ମାରିବା ସତ୍ତ୍ୱେ ଫଳଶୂନ୍ ବୋଲି ଜଣାପଡ଼ିଛି। ତେବେ ଘଟଣା ଏମିତିଥିଲା ଯେ ଭବାନୀପାଟଣା ସଦର ଥାନା ଅଞ୍ଚଳର ଜଣେ ୮ ମାସର ଗର୍ଭବତୀ ମହିଳାଙ୍କ ଦେହ ବାରମ୍ବାର ଖରାପ ହେଉଥିଲା। ନିକଟସ୍ଥ ଠେମେରା ଗ୍ରାମରେ ରହୁଥିବା ପାଷ୍ଟର ମହିଳାଙ୍କ ସ୍ୱାମୀଙ୍କୁ ଫୋନ କରି କହିଲେ ତମ ସ୍ତ୍ରୀ ଦେହ ଖରାପ ରହୁଛି ମୁଁ ଚାହିଁଲେ ପ୍ରାର୍ଥନା କରି ଭଲ କରିଦେବି। ପୀଡ଼ିତା ମହିଳା ଏବଂ ସ୍ୱାମୀ ତାଙ୍କ କଥାରେ ବିଶ୍ୱାସ କରି ନେଇ ଥିଲେ। ଦୁହେଁ ଗତ ୭ ଅଗଷ୍ଟ ତାରିଖରେ ପ୍ରାର୍ଥନା ଦ୍ୱାରା ଭଲ ହୋଇଯିବା ଆଶାରେ ପାଷ୍ଟର ଘରକୁ ଯାଇଥିଲେ। ଉକ୍ତ ଦିନ ରାତିରେ ପାଷ୍ଟର ଗର୍ଭବତୀ ମହିଳାଙ୍କୁ ଦୁଷ୍କର୍ମ କରିଥିଲା। ମହିଳା ଜଣକ ଯେତେ ଚିତ୍କାର କଲେ ମଧ କେହି ଶୁଣିନଥିଲେ। ସେପଟେ ପାଷ୍ଟର ବୁଦ୍ଧି ଖଟାଇ ନିଜେ ମଦ ପିଇବା ସହ ସ୍ୱାମୀଙ୍କୁ ମଧ ମଦ ପିଆଇ ଦେଇଥିଲେ। ମଦ ପିଇବାପରେ ସ୍ୱମୀ ନିଶାରେ ଟଳି ପଡ଼ିଥିଲେ। ଫଳରେ ମହିଳାଙ୍କ ଚିତ୍କାର ତାଙ୍କ ପାଖରେ ପହଞ୍ଚି ପାରିନଥିଲା। ଅନ୍ୟପକ୍ଷରେ ପାଷ୍ଟର ସେ ଦିନଠାରୁ କେଉଁଆଡେ ଅନ୍ତର୍ଦ୍ଧାନ ହୋଇଯାଇଛି। ଘଟଣା ଘଟିବାର ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପାଷ୍ଟର ପାଖରେ ପୁଲିସ ପହଞ୍ଚି ପାରିନି ପାରିନି। ପୋଲିସର ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ରର କଲ୍ୟାଣ, ଦାଦର ଓ ପାଲଘର ଅଞ୍ଚଳରେ ଆତ୍ମଗୋପନ କରିଥିବା ସୂଚନାପାଇ ଯାଇଥିଲେ ହେଲେ ନିରାଶ ହୋଇ ଫେରିଲେ। ପରେ ଗୁଜରାଟ ଯାଇ ଖୋଜା ଖୋଜି କରି ପାଇନଥିଲେ। ପାଷ୍ଟର ଗୁଜରାଟର ଯାଇ ନର୍ଲା ଅଞ୍ଚଳର କିଛି ଯୁବକଙ୍କୁ ଭେଟିଥିଲେ ଓ ଚତୁରତାର ସହ ସେହି ଯୁବକମାନଙ୍କ ଠାରୁ ଗୋଟିଏ ମୋବାଇଲ ଓ ୯ ହଜାର ଟଙ୍କା ଧରି ପାଷ୍ଟର ଖସି ପଳାଇଥିବା ଜଣାପଡ଼ିଛି। ସୂଚନା ମୁତାବକ ରାୟପୁରରେ ଭଉଣୀ ଘରେ ରହିଛି ବୋଲି ଖବର ପାଇବା ସଙ୍ଗେସଙ୍ଗେ ପୁଲିସ ରାୟପୁର ଗଲେ ତଥାପି ଖାଲି ହାତରେ ଫେରିବାକୁ ପଡ଼ିଲା ଓ ବର୍ତମାନ ପୁଲିସ ସବୁଦିଗରୁ ଚିନ୍ତାକରି ପାଷ୍ଟରକୁ ଧରିବା ପାଇଁ ଜାଲ ବିଛାଇଛି। ପାଷ୍ଟର ପୋଲିସକୁ ଧରାଦେଉ ନାହିଁ। ଦୁଷ୍କର୍ମକାରୀ ପାଷ୍ଟର ତୁରନ୍ତ ଗିରଫ ନ ହେଲେ ଘଟଣା ଭିନ୍ନ ଆଡ଼କୁ ଗତି କରିବ ବୋଲି ମଧ କୁହାଯାଇଛି।

# ଧର୍ମଗଡରେ ଜମିଲାଣି ରାକ୍ଷୀବଜାର



**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ଆଗକୁ ଆସୁଛି ପବିତ୍ର ରାକ୍ଷୀ ପୂର୍ଣ୍ଣିମା। ଜୀବନ ତମାମ ସୁରକ୍ଷା ଯୋଗାଇବାର ପ୍ରତିଶ୍ରୁତି ନେଇ ଭାଇ ହାତରେ ସ୍ନେହର ଡୋର ବାନ୍ଧିବ ଭଉଣୀ। ଏହି ପବିତ୍ର ଏବଂ ସ୍ନେହର ପର୍ବକୁ ସବୁ ଭଉଣୀ ଆଗ୍ରହର ସହ ଅପେକ୍ଷା କରିଥିବା ବେଳେ ଧର୍ମଗଡ ସହରରେ ଏବେଠାରୁ ସଜେଇ ହେଲାଣି ରାକ୍ଷୀବଜାର। ଚଳିତ ବର୍ଷ ଭଲ ବ୍ୟବସାୟ ହେବାର ଆଶା ରଖିଛନ୍ତି ସ୍ଥାନୀୟ ରାଖୀ ବ୍ୟବସାୟୀ। ଧର୍ମଗଡ ସହରର ବିଭିନ୍ନ ସ୍ଥାନରେ ଅନେକ ରାକ୍ଷୀ ଦୋକାନ ଖୋଲିଥିବା ବେଳେ ସନ୍ଧ୍ୟା ହେଲେ ଗ୍ରାହକଙ୍କ ଭିଡ଼ ଜମୁଛି ଓ ବ୍ୟବସାୟୀ କହିବା ଅନୁଯାୟୀ, ଆଉ କିଛି ଦିନ ପରେ ବ୍ୟବସାୟ ଆହୁରି ଜମିବ। ରାଖୀ କେବଳ ଖଣ୍ଡିଏ ସୂତା ନୁହେଁ, ବରଂ ଭାଇଭଉଣୀଙ୍କ ଭାବପୂର୍ଣ୍ଣ ସମ୍ପର୍କର ପ୍ରତୀକ ହୋଇଥିବାରୁ ବଜାରରେ ବିବିଧ ଡିଜାଇନର ରାକ୍ଷୀ ଉପଲବ୍ଧ କରାଯାଇଛି। ଛୋଟମୋଟ ସୂତା ରାଖୀ ୫ ରୁ ଆରମ୍ଭ ହେଉଥିବା ବେଳେ କାରୁ କାର୍ଯ୍ୟ ପୂର୍ଣ୍ଣ ରାକ୍ଷୀ ୩୦ ରୁ ୨୦୦ ଟଙ୍କା ମଧ୍ୟରେ ମିଳୁଛି। କିଛି ରାକ୍ଷୀରେ (ଭାଇ) ଲେଖାଯାଇଥିବା ବେଳେ କିଛିରେ (ଜୟ ଜଗନ୍ନାଥ) (ଜୟ ଶ୍ରୀ ରାମ’)ଓ (ଓଁ ନମଃ ଶିବାୟ) ଆଦି ଶ୍ଳୋକ ରହିଛି। ଏହାସହ ଗଣେଶ, ଜଗନ୍ନାଥ, ଶିବ, ରାମ, କୃଷ୍ଣ, ରୁଦ୍ରାକ୍ଷ ଓ ତ୍ରିଶୂଳ ଆଦିର ପ୍ରତିଛବି ଏବଂ ଚମକପୂର୍ଣ୍ଣ ଷ୍ଟୋନ୍ ଖଞ୍ଜାଯାଇଥିବା ରାକ୍ଷୀ ଗ୍ରାହକଙ୍କ ମନ ଛୁଉଁଛି। ଭାଇଙ୍କ ପାଇଁ ବ୍ରେସଲେଟ୍ ରାକ୍ଷୀର ନୂଆ ଟ୍ରେଣ୍ଡ ଆରମ୍ଭହୋଇଥିବାରୁ ସୁନା ଓ ରୂପା ରଙ୍ଗ ଦିଆଯାଇଥିବା ଆକର୍ଷଣୀୟ ରାକ୍ଷୀ ଆସିଛି, ଯାହାର ଦର ୧୦୦ ରୁ ୫୦୦ ଟଙ୍କ ଟଙ୍କା ପର୍ଯ୍ୟନ୍ତ ରହିଛି। କୋମଳମତି ଶିଶୁଙ୍କୁ ଆକୃଷ୍ଟ କଲାଭଳି ଛୋଟା ଭୀମ, ମୋଟୁ-ପତଲୁ ଏବଂ ଆଲୋକଯୁକ୍ତ (ଲାଇଟ୍) ରାକ୍ଷୀ ଉପଲବ୍ଧ ଅଛି। ଏଗୁଡ଼ିକର ଦର ୫ ରୁ ୧୦୦ ଟଙ୍କା ମଧ୍ୟରେ ରହିଛି। ଧର୍ମଗଡ ବଜାରରେ ଏଥର ଗ୍ରାହକଙ୍କୁ ପସନ୍ଦ ଆସିବା ଭଳି ଭଳିକି ଭଳି ରାକ୍ଷୀ ମହଜୁଦ ଥିବାରୁ ଚଳିତ ବର୍ଷ ବ୍ୟବସାୟ ବହୁତ ଭଲ ହେବ ବୋଲି ବ୍ୟବସାୟୀମାନେ ବେଶ୍ ଆଶାବାଦୀ ଅଛନ୍ତି।

# ଡୁମ୍ରେରବାହାଲ ସ୍କୁଲରେ ବୃକ୍ଷରୋପଣ ସଭା

**ପଦ୍ମପୁର (ଅମୃତ ମିଡ଼ିଆ) :** ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅନ୍ତର୍ଗତ ଡୁମ୍ରେରବାହାଲ ସ୍କୁଲରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗଙ୍କ ଅଧ୍ୟକ୍ଷତାରେ ଏକ ବୃକ୍ଷରୋପଣ ସଭା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥବା ବେଳେ ମାଣ୍ଡୋସିଲ ସରପଞ୍ଚ ଓମ୍ ପ୍ରକାଶ ନାୟକ, ସିଆରସିସି ବସୁଦେବ କୁମ୍ଭାର, ପୂର୍ବତନ ଏସ୍ଏମ୍‌ସି ସଭାପତି ବନବସ ସାହୁ ଓ ବର୍ତ୍ତମାନର ଏସ୍ଏମ୍‌ସି ସଭାପତି ସୁଶାନ୍ତ ଖୁମୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ବାଗ ଗତ ୧୨ ବର୍ଷ ଧରି ଏହି ସ୍କୁଲ ଦ୍ୱାରା ହେଉଥିବା ବୃକ୍ଷରୋପଣ ଓ ତା’ର ସଫଳ ରୂପାୟନ ସଂପର୍କରେ ସୂଚନା ଦେଇଥିବା ବେଳେ ପୂର୍ବତନ ସ୍କୁଲ ସଭାପତି ଶ୍ରୀ ସାହୁ ଉତ୍କୃଷ୍ଟ ଶିକ୍ଷାଦାନ ଦ୍ୱାରା ସ୍କୁଲର ହେଉଥିବା ଉନ୍ନତି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ଦେବା ସହ ପ୍ରସ୍ତାବିତ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ମାଣ୍ଡୋସିଲ ଗ୍ରାମ ପଞ୍ଚାୟତର ଡୁମ୍ରେରବାହାଲ ଗ୍ରାମରେ ସ୍ଥାପନ ଦିଗରେ ପଦକ୍ଷେପ ନେବାକୁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରପଞ୍ଚ ଶ୍ରୀ ନାୟକ ଓ ସିଆରସିସି ଶ୍ରୀ କୁମ୍ଭାର ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିବା ବେଳେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ପୁରୋହିତ ଅବାଧ ଗଛକଟାର କୁପରିଣାମ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଫଳରେ ସାରା ଦେଶରେ ହେଉଥିବା ସଫଳ ବୃକ୍ଷରୋପଣ ସମ୍ପର୍କରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଥିଲେ। ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ ଥିଲେ ଡୁମ୍ରେରବାହାଲ ଗ୍ରାମରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନକୁ କେହି ଅଟକାଇ ପାରିବେନାହିଁ ବୋଲି ଘୋଷଣା କରିବା ସହିତ ଡୁମ୍ରେରବାହାଲ ନଦୀରେ ଥିବା ବ୍ରିଜଟି ଭାଙ୍ଗିଯାଇ ଜରାଜୀର୍ଣ୍ଣ ଅବସ୍ଥାରେ। ଏହା ଉପରେ ପ୍ରତିଦିନ ହଜାର ହଜାର ଜନସାଧାରଣ ଓ ଛାତ୍ରଛାତ୍ରୀ ବିପଦ ସଙ୍କୁଳ ଭାବେ ଯାତାୟାତ କରୁଥିବାରୁ ଏଠାରେ ଖୁବ ଶୀଘ୍ର ନୂତନ ବ୍ରିଜ ନିର୍ମାଣ ହେବ ବୋଲି ଶ୍ରୀ ପୁରୋହିତ ପ୍ରତିଶୃତି ଦେଇଥିଲେ। ସହକାରୀ ଶିକ୍ଷକ ଡେଜଲିଂ ଦନ୍ତା ସ୍ୱାଗତ ଭାଷଣ ଦେଇଥିବାବେଳେ ସୁଦାମ କନ୍ଧେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଗ୍ରାମ କମିଟି ସଭାପତି ତରଣୀସେନ ଷଡ଼ଙ୍ଗୀ, ରେଡ୍ଡୀ ଆଦିନାରାୟଣ ପ୍ରମୁଖ ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ସାଂସଦ ଶ୍ରୀ ପୁରୋହିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ଖେଳ ପଡିଆ ପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ।

# ୩୨ତମ ରାଜ୍ୟ ଉଷୁ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲାକୁ ୩ଟି ସ୍ୱର୍ଣ୍ଣ

**ବଲାଙ୍ଗୀର (ଅମୃତ ମିଡିଆ) :** ଚଳିତ ମାସ ୨୧ ରୁ ୨୩ ଅଗଷ୍ଟ ୨୦୨୬ ୩ ଦିନ ଧରି ଝାରସୁଗୁଡାର ବେଲପାହାଡ ଠାରେ ୩୨ତମ ରାଜ୍ୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲା ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବଲାଙ୍ଗିର ଜିଲ୍ଲାରୁ ୩ଟି ସ୍ୱର୍ଣ୍ଣ ପଦକ ସହିତ ମୋଟ ୧୨ଟି ପଦକ ହାସଲ କରିଛନ୍ତି । ଦିୟା ସାଗର ସ୍ୱର୍ଣ୍ଣ ପଦକ ସହିତ ଶ୍ରେଷ୍ଠ ଖେଳାଳି ଟ୍ରଫି, ସନ୍ଧ୍ୟା ନାଗ ସ୍ୱର୍ଣ୍ଣ ପଦକ, ଅଭିପ୍ସା ହୋତା ସ୍ୱର୍ଣ୍ଣ ପଦକ, ସୁହାନି ଗୁରହାଣ୍ଡି ରୌପ୍ୟ ପଦକ, ସୂର୍ଯ୍ୟ ଜେନା ରୌପ୍ୟ ପଦକ, ଅଂଶୁମାନ ସାହୁ ରୌପ୍ୟ ପଦକ, ଶୁଭଶ୍ରୀ ବିଶି ରୌପ୍ୟ ପଦକ, ଜଗନ୍ନାଥ ମେହେର ରୌପ୍ୟ ପଦକ, ନୟନ ରାୟ କାଂସ୍ୟ, ପ୍ରତ୍ୟୁର୍ଯ୍ୟା ରାୟ କାଂସ୍ୟ ପଦକ, ଯଜ୍ଞ ପ୍ରକାଶ ତ୍ରିପାଠି କାଂସ୍ୟ ପଦକ, ରାହୁଲ ସେଠ କାଂସ୍ୟ ପଦକ ଆଣି ବଲାଙ୍ଗିର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଓଡିଶା ଉଷୁ ସଂଘ ଚେୟାରମେନ ସୁଧାଂଶୁ ଶେଖର ହରିଚନ୍ଦନ ଓ ବଲାଙ୍ଗିର ଜିଲ୍ଲା ଉଷୁ ସଂଘ ସଭାପତି ତପନ ପାଣିଗ୍ରାହୀ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ବୋଲି ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି ।




# ଟ୍ରେନ୍ ଇଞ୍ଜିନ ଧକ୍କାରେ ଯୁବକ ମୃତ

**ସୁବର୍ଣ୍ଣପୁର (ଅମୃତ ମିଡିଆ) :** ସୁବର୍ଣ୍ଣପୁର ଜିଲ୍ଲା ନରସିଂହଗଡ଼ ଷ୍ଟେସନ୍ ନିକଟରେ ଅଘଟଣ। ମୃତ ଯୁବକ ଖମ୍ଭେଶ୍ୱରୀପାଲି ଗାଁର ସାହିଲ ଖାଁ ବୋଲି ଜଣାପଡ଼ିଛି। ବଲାଙ୍ଗୀରରୁ ସୋନପୁର ଅଭିମୁଖେ ଆସୁଥିବା ଇଞ୍ଜିନ ଧକ୍କା ଦେବାରୁ ଘଟିଛି ମୃତ୍ୟୁ। ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ। ମୃତ ଯୁବକ ବାପାଙ୍କ କହିବା ଅନୁସାରେ ସାହିଲ ପ୍ରତିଦିନ ପରି ନିଜର ନିତ୍ୟକର୍ମ କରିବା ପାଇଁ ଟ୍ରେନ କଡ଼କୁ ଯାଇଥିବା ବେଳେ ଘଟିଥିଲା ଏହି ଘଟଣା। ଏହାର ତଦନ୍ତ ଚାଲିଥିବାରୁ ଏହାର ପ୍ରକୃତ କାରଣ ପରେ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ପରିବାର ଲୋକ ଏହାକୁ ହତ୍ୟା କହୁଥିବା ବେଳେ ଏହାର କାରଣ ଆଗାମୀ ସମୟରେ ଜଣାପଡିବ।

# ଅବକାରୀ ବିଭାଗର ଚଢ଼ଉ ; ୨ଗିରଫ, କୋର୍ଟଚାଲାଣ

**କଳାହାଣ୍ଡି (ଅମୃତ ମିଡ଼ିଆ) :** ମଙ୍ଗଳବାର କୋକସରା ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଦେଶୀ ହାତରନ୍ଧା ମଦ ସହିତ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଧର୍ମଗଡ଼ ଅବକାରୀ ଇନ୍ସପେକ୍ଟର ଅରୁଣ କୁମାର ଯୋଷୀଙ୍କ ନେତୃତ୍ୱରେ ଖଲିଗଡ଼, ଡେଙ୍ଗାଗୁଡା ଓ କୁଲେରଗୁଡା ଆଦି ଗ୍ରାମରେ ଚଢ଼ାଉ କରାଯାଇଥିଲା। ଖଲିଗଡ ନୂଆପଡ଼ାର ଜୟରାମ ମାଝୀ(୪୦)ଙ୍କ ଠାରୁ ୧୦ ଲିଟର ଦେଶୀ ହାତରନ୍ଧା ମଦ ଓ କୁଲେରଗୁଡା ଗ୍ରାମର କମଳନାଥ ମାଝୀ(୨୭)ଙ୍କ ଠାରୁ ୧୫ ଲିଟର ଦେଶୀ ହାତରନ୍ଧା ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ଏବଂ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ସମୟରେ ଧର୍ମଗଡ଼ ତହସିଲଦାର ସମ୍ପଦ ମାଝୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ରହିଥିବାବେଳେ ଚଢ଼ାଉରେ ଧର୍ମଗଡ଼ ଅବକାରୀ ଇନ୍ସପେକ୍ଟର ଶ୍ରୀ ଯୋଷୀଙ୍କ ସହ କୋକସରା ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲ, କନେଷ୍ଟବଲ ଖୁସିଦେବ କଟା, ମହାଦେବ ମାଝୀ, ପ୍ରିୟମ୍ବଦା ଜେନା ପ୍ରମଖୁ ସାମିଲ ଥିଲେ।



# ଏମ୍ଏମ୍‌ଡିଆର ବିଲ୍ ବିରୋଧରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଧାରଣା



**ବଲାଙ୍ଗୀର (ଅମୃତ ମିଡିଆ) :** ଭାରତ ସରକାରଙ୍କ ପ୍ରସ୍ତାବିତ ଏମ୍ଏମ୍‌ଡିଆର ବିଲ୍ ବିରୋଧରେ ଆଜି ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ, ବଲାଙ୍ଗିର ପକ୍ଷରୁ ଧାରଣା ଦିଆଯାଇଥିଲା। ବଲାଙ୍ଗିର ବିଜୁ ଛାତ୍ର ଜନତା ଦଳ ସଭାପତି ସୁମନ କୁମାର ନନ୍ଦଙ୍କ ନେତୃତ୍ୱରେ ଦଳର କର୍ମକର୍ତ୍ତା ଓ ଛାତ୍ରନେତାମାନେ ଏହି ଧାରଣାରେ ସାମିଲ ହୋଇ ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ ଦାବି ଉଠାଇଥିଲେ। ଧାରଣା ପରେ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଏମ୍ଏମ୍‌ଡିଆର ବିଲ୍ ଦ୍ୱାରା ଓଡ଼ିଶାର ଖଣିଜ ସମ୍ପଦ, ରାଜସ୍ୱ ଓ ରାଜ୍ୟର ଅଧିକାର ଉପରେ ପଡୁଥିବା ପ୍ରଭାବ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ସୁମନ କୁମାର ନନ୍ଦ କହିଛନ୍ତି ଯେ, “ଯେଉଁ ସମ୍ପଦ ଓଡ଼ିଶାର ମାଟିରୁ ବାହାରୁଛି, ସେଥିରୁ ରାଜ୍ୟର ନ୍ୟାୟସଙ୍ଗତ ରାଜସ୍ୱ ଓ ଅଧିକାର ସୁନିଶ୍ଚିତ ହେବା ଦରକାର। ଓଡ଼ିଶାର ହକ୍ ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ଓଡ଼ିଶା ଦେଶର ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟ ହୋଇଥିବାରୁ ଏଠାରୁ ଉତ୍ତୋଳିତ ପ୍ରାକୃତିକ ସମ୍ପଦରୁ ରାଜ୍ୟବାସୀଙ୍କ ନ୍ୟାୟସଙ୍ଗତ ଅଧିକାର ଓ ରାଜସ୍ୱ ସୁନିଶ୍ଚିତ ହେବା ଆବଶ୍ୟକ ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ଛାତ୍ର ନେତା ଚିରଞ୍ଜିବୀ ପ୍ରଧାନ, ରୋଶନ ସାହୁ, ମନୀଷ କୁମାର ସାଏ, ନିରୋଜ ସାହୁ, ଦିଗସନ ସୁନା, ପ୍ରକାସ ବାଗ, ଆଦର୍ଶ ପୁରୋହିତ, ଶ୍ରୀତମ ମିଶ୍ର, ଅଭିନବ ଦାଶ, ଆର୍ଯ୍ୟନ ପଟେଲ, ଅନିଶ ପଟେଲ୍, ସାହିଲ ନାୟକ, ଶୋଭାକର ମନହୀରା, ରିଲୁ ଦାନି, ମନୀଷ, ପ୍ରତ୍ୟୁଷା ପାଲଟା, ବବଲୁ ବଗର୍ତ୍ତି, ଶୋଭୂତ ସାହୁ ପ୍ରମୁଖ ଛାତ୍ର ନେତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦିଆଯାଇଛି।

# ଜିଲ୍ଲା ପରିଷଦରେ ଶିଶୁ ସୁରକ୍ଷା କର୍ମଶାଳା

**କଳାହାଣ୍ଡି (ଅମୃତ ମିଡ଼ିଆ) :** ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଭବାନୀପାଟଣା ଠାରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ କଳାହାଣ୍ଡି ଓ କର୍ତ୍ତବ୍ୟ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର, ଶିଶୁ ମଙ୍ଗଳ ସମିତିର ଅଧକ୍ଷା ସୁଶ୍ରୀ ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଡିଏସପି IUCAW ଶ୍ରୀ କୁଲ୍ଲୁ ଏବଂ କର୍ତ୍ତବ୍ୟ ଅନୁଷ୍ଠାନ ର ମୁଖ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ଶିଶୁ ସୁରକ୍ଷା ସମ୍ପର୍କିତ ଯଥା ବାଲ୍ୟବିବାହ ପ୍ରଥାର




ନିରାକରଣ, ଶିଶୁ ଶ୍ରମିକ ପ୍ରଥା ନିବାରଣ, ଶିଶୁ ଭିକ୍ଷାବୃତି ଉଚ୍ଛେଦ ଏବଂ ଶିଶୁ ଚାଲାଣ ରୋକିବା ଦିଗରେ ବିଭିନ୍ନ ଆଲୋଚନା ସବୁ କରାଯାଇଥିଲା। ଜିଲ୍ଲାରେ ହେଉଥିବା ଏହି ସମସ୍ୟା ସବୁକୁ କିପରି ରୋକା ଯାଇପାରିବ ଏବଂ ଏ ଦିଗରେ ସରକାରୀ ବ୍ୟବସ୍ଥା, ପୋଲିସ ସେବା, ସରକାରୀ ଯୋଜନା, ସରକାରୀ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ , ଅଣସରକାରୀ ସଂସ୍ଥା ମାନଙ୍କ ସହଯୋଗ ଓ ସମସ୍ତଙ୍କର ସମନ୍ୱୟ ରକ୍ଷା କରି କିପରି ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରାଯାଇପାରିବ ଓ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ସେ ସମ୍ପର୍କରେ unicef odishaର ଶିଶୁ ସୁରକ୍ଷା ବିଶେଷଜ୍ଞ ଶ୍ରୀ ଘାସିରାମ ପଣ୍ଡା, ବଲାଙ୍ଗୀର ଜିଲ୍ଲା ର ପୂର୍ବତନ ଉଉଚଡଙ ଶ୍ରୀମତି ଲକ୍ଷ୍ମୀ ସିଂହ ଏବଂ ଅବସରପ୍ରାପ୍ତ ପ୍ରଫେସର ତଥା ପୂର୍ବତନ CWCର ଅଧକ୍ଷ ଡ. ଅଜୟ ମିଶ୍ର ରିସୋର୍ସ ପର୍ସନ ଭାବରେ ଯୋଗଦେଇ ନିଜର ମତ ପୋଷଣ କରିଥିଲେ ଏବଂ ପ୍ରତିଭାଗୀ ମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯଥା ପୋଲିସ ବିଭାଗର ଡିଏସପି, ଇୟୟକ୍ଷ ଏସପି, ସମସ୍ତ ଥାନାର ମହିଳା ଓ ଶିଶୁ ଡେସ୍କ ଅଫିସର, ଶ୍ରମ ବିଭାଗର ଅଧିକାରୀ, ପଞ୍ଚାୟତିରାଜ ବିଭାଗର ଅଧିକାରୀ, ମହିଳା ଓ ଶିଶୁ ବିକାଶ ବିଭାଗ ର ସମସ୍ତ ସିଡ଼ିପିଓ, ସମସ୍ତ ଏନଏସି ଓ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଉଚଗ ଙଖଗ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ମିଶନ ଶକ୍ତି ବିଭାଗ, ବିଭିନ୍ନ NGOର କର୍ମକର୍ତ୍ତା, ଚାଇଲ୍ଡ ହେଲ୍ପଲାଇନ, ଶିଶୁ ମଙ୍ଗଳ ସମିତିର ସଦସ୍ୟ/ ସଦସ୍ୟା, କିଶୋର ନ୍ୟାୟ ବୋର୍ଡର ସଦସ୍ୟ/ ସଦସ୍ୟା, ବିଭିନ୍ନ ଗଣ ମାଧମର ପ୍ରତିନିଧି ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ DCPO ଶୈଳେନ୍ଦୁ ଶେଖର ମହାପାତ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ କର୍ତ୍ତବ୍ୟ ସଂସ୍ଥାର ଅଶୋକ କୁମାର ପଟ୍ଟନାୟକ।



## ପ୍ରଶାସନର ଦାୟିତ୍ୱହୀନତା...

# ୧୫ ବର୍ଷ ହେଲା ଅଧପନ୍ତରିଆ ରହିଛି ବ୍ରିଜ

## ଭରାନଦୀରେ ଜୀବନକୁ ବାଜିଲଗାଇ ବିପଦପୂର୍ଣ୍ଣ ଜୀବନଯାତ୍ରା

**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ୧୫ ବର୍ଷ ପରେ ମଧ ବ୍ରିଜ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡି ରହିଛି. ଯଦ୍ୱାରାକି, ଗତ ୧୫ ବର୍ଷ ଧରି ଗଜପତି ଜିଲ୍ଲାର ୧୫ ଗୋଟି ଗ୍ରାମର ଗ୍ରାମବାସୀମାନେ ଭରା ନଦୀରେ ଜୀବନକୁ ବାଜି ଲଗାଇ ନଦୀ ପାର କରି ଦୁଃଖଦ ଜୀବନ ଜୀବିକା ବିତାଇ ଆସୁଥିବା ସୂଚନା ମିଳିଛି. ଦୁଇବର୍ଷ ଭିତରେ ବ୍ରିଜ୍ ନିର୍ମାଣ କାମ ଶେଷ ହେବାକୁ ଥିଲା। କିନ୍ତୁ ଦେଖୁ ଦେଖୁ ଏହାମଧରେ ୧୫ ବର୍ଷ ବିତିଗଲାଣି। ନଦୀ ଉପରେ ବ୍ରିଜ୍ କାମ ସେମିତି ଅଧାପନ୍ତରିଆ ଅବସ୍ଥାରେ ଛିଡ଼ା ହୋଇଛି. ଆଉ ଆଜି ବି ଗ୍ରାମବାସୀ ମୌଳିକ ସୁବିଧା ପାଇଁ ଜୀବନକୁ ବାଜିରେ ଲଗାଇ ଭରାନଦୀ ପାର ହେଉଛନ୍ତି। ଗୋଟିଏ କି ଦୁଇଟି ନୁହେଁ, ୧୫ରୁ ଅଧିକ ଗ୍ରାମର ଲୋକଙ୍କ ପାଇଁ ଏହି ନଦୀ ଯେମିତି ଦୁଃଖ ପାଲଟିଛି। ଏହି ଚିତ୍ର ହେଉଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ



କରଡ଼ାସିଂ, କୁଜାସିଂ ଓ ଅଜୟଗଡ଼ ପଞ୍ଚାୟତର ଉଭୟ ପଞ୍ଚାୟତର ୧୫ରୁ ଅଧିକ ଗ୍ରାମର ଲୋକଙ୍କ ପାଇଁ ଦୁଃଖ ସାଜିଛି ମହେନ୍ଦ୍ରତନୟା ନଦୀ. ମହେନ୍ଦ୍ରତନୟା ନଦୀର ଆରପାରିରେ ରହିଛି। ରାୟଗଡ଼ ବ୍ଲକ୍ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ, ହସ୍ପିଟାଲ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯିବା ପାଇଁ ଏହି ନଦୀ ପାର ହେବାକୁ ପଡ଼ିଥାଏ । ତେବେ ବର୍ଷା ଋତୁରେ ମହେନ୍ଦ୍ରତନୟାର ଜଳସ୍ତର ବଢ଼ିଗଲେ ସମସ୍ୟା ଆହୁରି ଗମ୍ଭୀର ହୋଇଥାଏ । ବର୍ଷ ବର୍ଷ ଧରି ଏଭଳି ଦୁର୍ଦ୍ଦଶା ଭୋଗୁଥିବାରୁ ଶେଷରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ୨୦୧୨ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମହେନ୍ଦ୍ରତନୟା ନଦୀ ଉପରେ ବ୍ରିଜ୍ ନିର୍ମାଣ ଆରମ୍ଭ ହୋଇଥିଲା । ଦୁଇବର୍ଷ ମଧ୍ୟରେ କାମ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା. ତେବେ ୨୦୧୨ରୁ ୨୦୧୫ ମଧ୍ୟରେ ଠିକାସଂସ୍ଥା ଚାରିଟି ପିଲାର୍ କାମ କରି ଛାଡ଼ି ଦେଇଥିଲା ପରବର୍ତ୍ତୀ ସମୟରେ ଟେଣ୍ଡର ଅର୍ଥ ତୁଳନାରେ ଅଧିକ ଖର୍ଚ୍ଚ ହେବା ଦର୍ଶାଇ ପୁନଃଆକଳନ ପାଇଁ ଅନୁରୋଧ କରାଯାଇଥିଲା। ତିତଲି ବାତ୍ୟା ଓ ବନ୍ୟା ସମୟରେ ନଦୀର ଜଳସ୍ତର ବୃଦ୍ଧିକୁ ନଜରରେ ରଖି ନୂଆ ଆକଳନ କରିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ନୂଆ ଆକଳନ ଓ ପ୍ରଶାସନିକ ପ୍ରକ୍ରିୟା ମଧ୍ୟରେ ବର୍ଷ ପରେ ବର୍ଷ ବିତିଥିବା ସହ ବ୍ରିଜ୍ ନିର୍ମାଣ କାମ ଅଧାରେ ଅଟକିଗଲା. ଏହାମଧରେ ୧୫ ବର୍ଷ ବିତିଗଲାଣି କିନ୍ତୁ ନଦୀ ଉପରେ ବ୍ରିଜ୍‌ଟିଏ ଛିଡ଼ା ହୋଇପାରୁନି। ସରକାର ଓ ଅଧିକାରୀ ବଦଳିଛନ୍ତି। କିନ୍ତୁ ୧୫ଟି ଗାଁର ଲୋକଙ୍କ ଭାଗ୍ୟ ବଦଳିପାରିନି।

## ଗଜପତିରେ ୭୩୮.୨ମିମି ବର୍ଷା

### ମହେନ୍ଦ୍ରତନୟା ଓ ବଂଶଧାରା ନଦୀରେ ଜଳସ୍ତର ବୃଦ୍ଧି



**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଗଜପତି ଜିଲାରେ ଗତ ତିନି ଦିନ ଅବିଶ୍ରାନ୍ତ ବର୍ଷା ଲାଗି ରହିବା ଯୋଗୁଁ ଜିଲାରେ ମୋଟ ୭୩୮.୨ ମିମି ବର୍ଷା ରେକର୍ଡ ହୋଇଥ?ିବା ବେଳେ ଜିଲାରେ ହାରାହାରି ବର୍ଷା ପରିମାଣ ୯୨.୨୮ ମିମି ରହିଛି। ଜିଲାର କାଶୀନଗରରେ ସର୍ବାଧ?ିକ ୧୩୨ ମିମି, ରାୟଗଡ଼ରେ ୧୨୦. ୪୦ ମିମି, ପାରଳାଖେମୁଣ୍ଡି ସହରାଞ୍ଚଳରେ ୧୧୯ ମିମି, ଗୁମ୍ମାରେ ୧୦୦ ମିମି, ନୂଆଗଡ଼ରେ ୮୯.୨୦ ମିମି, ଆର୍. ଉଦୟଗିରିରେ ୭୬ ମିମି, ଗୋଷାଣିରେ ୬୮ ମିମି ଏବଂ ମୋହନାରେ ସର୍ବନିମ୍ନ ୩୩.୬୦ ମିମି ବର୍ଷା ରେକର୍ଡ ହୋଇଛି। ମହେନ୍ଦ୍ରତନୟା ଓ ବଂଶଧାରା ଆଦି ନଦୀ ଜଳସ୍ତର ବୃଦ୍ଧି ହୋଇଥିବାରୁ ତଳିଆ ଅଞ୍ଚଳରେ ଜଳବନ୍ଦୀ ଆଶଙ୍କା ଦେଖାଦେଇଛି. ପାରଳାଖେମୁଣ୍ଡି ସହରର ରାଣୀପେଣ୍ଟ ରାସ୍ତାର ଗୁମ୍ମାଗଡ଼ା ଅଞ୍ଚଳରେ ପାଣି ଜମି ମୁଖ୍ୟରାସ୍ତା ଉପରେ ପ୍ରାୟ ୨ରୁ ୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ସେହିପରି ଗୁମ୍ମାଗଡ଼ାର ପାଣି ଖୁଙ୍ଗା ଗ୍ରାମ୍ୟ ରାସ୍ତା ଉପରେ ମଧ୍ୟ ପ୍ରବାହିତ ହେଉଛି । ଉଭୟ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି । ରବିବାର ସନ୍ଧ୍ୟା ୬ଟା ସୁଦ୍ଧା କାଶୀନଗର ଠାରେ ବଂଶଧାରା ନ?ଦୀର ଜଳସ୍ତର ୫୩.୮୫ ମିଟର ରେକର୍ଡ ହୋଇଛି।

ଏଠାରେ ଶୂନ୍ୟ ସ୍ତର ୫୧ ମିଟର ଥିବା ବେଳେ ସତର୍କତା ସ୍ତର ୫୪.୧୦ ମିଟର ଏବଂ ବିପଦ ସଙ୍କେତ ସ୍ତର ୫୪.୬୦ ମିଟର ରହିଛି । ଫଳରେ ଜଳସ୍ତର ବର୍ତ୍ତମାନ ସତର୍କତା ସ୍ତରଠାରୁ ମାତ୍ର ୦.୨୫ ମିଟର ତଳେ ରହିଛି । ଲଗାଣ ବର୍ଷା ଜାରି ରହିଲେ ବଂଶଧାରା ନଦୀର ଜଳସ୍ତର ଆହୁରି ବଢ଼ିବାର ଆଶଙ୍କା ରହିଛି। ଲଗାଣ ବର୍ଷା ଓ ବଢୁଥିବା ନଦୀଜଳସ୍ତର ଯୋଗୁଁ ନଦୀକୂଳିଆ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।

### ପ୍ରଣବ ପଟ୍ଟନାୟକଙ୍କ ବିୟୋଗ ସଙ୍ଗୀତ ଜଗତର ଅପୂରଣୀୟ କ୍ଷତି

## ବରିଷ୍ଠ କଳାକାର ମହାସଂଘ



**ବ୍ରହ୍ମପୁର (ଅମୃତ ମିଡିଆ):** କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ଏବଂ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ସୁବାରାଓ ଛକସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ସଂଘ କାର୍ଯ୍ୟାକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥିତଯଶା ସଂଗୀତଜ୍ଞ ପ୍ରଣବ ପଟ୍ଟନାୟକ ଏବଂ କଲିକତା, ଇଷ୍ଟର୍ଣ୍ଣ ଜୋନାଲ କଲଚର ସେଣ୍ଟରର ଜନୈକ କର୍ମଚାରୀ ତଥା ବରିଷ୍ଠ ମଞ୍ଚ ଅଭିନେତା ଶମ୍ଭୁନାଥ ଦାସଙ୍କ ଦିବଂଗତ ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ମଦନ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଅଜୟ ପାଢ଼ୀ, ନୃତ୍ୟ ନିର୍ଦ୍ଦେଶକ ବି. ପ୍ରସାଦ ରାଓ, ଗ୍ରାମୀଣ ନାଟ୍ୟ ନିର୍ଦ୍ଦେଶକ ଅଭିରାମ ରାଉଳ, କଳାପ୍ରାଣ କୈଳାସ ପାଣିଗ୍ରାହୀ, କଳା ଗୌରବ ମହେନ୍ଦ୍ର କୁମାର ସାହୁ, ବରିଷ୍ଠ କଳାକାର ହରିଶ୍ଚନ୍ଦ୍ର ବରଡ଼, ଅନିଲ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ସରୋଜ କୁମାର ପଣ୍ଡା, କେ. କାମରାଜୁ ପାତ୍ର, ବଳଦେବ ସାହୁ, ମୃତ୍ୟୁଞ୍ଜୟ ତ୍ରିପାଠୀ ପ୍ରମୁଖ ଦିବଂଗତ ପ୍ରତିଭାଧର ଦ୍ୱୟଙ୍କ କୃତିରାଜି ଉପରେ ସିଂହାବଲୋକନ ସହ ବାକ୍? ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ସହ ଦିବଂଗତ କଳାକାର ଦ୍ୱୟଙ୍କ ସଂକ୍ଷିପ୍ତ ପରିଚିତି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ।

## ଲଗାଣ ବର୍ଷାରେ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ

## କଲେ ପାରଳା ବିଧାୟକ ଓ ପୌରାଧକ୍ଷା



**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଲଗାଣ ବର୍ଷା ଯୋଗୁଁ ପାରଳାଖେମୁଣ୍ଡି ସହରର ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିବା ବେଳେ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଅଞ୍ଚଳ ପରିଦର୍ଶନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ପାରଳା ମୁନିସିପାଲିଟି ଅଧକ୍ଷା ନିର୍ମଳା ସେଠୀ.ସହରର ମୋକାତୋଟା ତଳିଆ ଅଞ୍ଚଳରେ ଅଳ୍ପ ବର୍ଷା ହେଲେ ମଧ ବିଭିନ୍ନ ସ୍ଥାନରେ ବର୍ଷାଜଳ ଜମି ରହୁଥିବାରୁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଅସୁବିଧା ଭୋଗୁଥିବା ନେଇ ବିଧାୟକଙ୍କୁ ଅବଗତ କରାଯାଇଥିଲା। ଖବର ପାଇ ବିଧାୟକ ଶ୍ରୀ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଜଳବନ୍ଦୀ ସ୍ଥିତି ଅନୁଧ୍ୟାନ କରିଥିଲେ।

ପରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ଆଲୋଚନା କରି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଅଞ୍ଚଳକୁ ଯିବା ମୁଖ୍ୟ ରାସ୍ତାରେ ଆବଶ୍ୟକ ସ୍ଥାନରେ ଗାର୍ଡ ୱାଲ୍ ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଆଦେଶ ଦେଇଥିବା ଜଣାପଡ଼ିଛି। ବର୍ଷା ସମୟରେ ଜଳ ନିଷ୍କାସନ ବ୍ୟବସ୍ଥା ସୁଧାରିବା ସହ ଅଞ୍ଚଳବାସୀଙ୍କ ଯାତାୟାତରେ ଯେପରି ସମସ୍ୟା ନହୁଏ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ ବିଧାୟକ ଗୁରୁତ୍ୱ ଦେଇଥିଲେ। ଏହି ପରିଦର୍ଶନ ସମୟରେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ବିଧାୟକଙ୍କ ତତ୍ପରତାକୁ ସ୍ଥାନୀୟ ଲୋକେ ସ୍ୱାଗତ କରିବା ସହ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

## ସର୍ବଭାରତୀୟସ୍ତରର ସୌନ୍ଦର୍ଯ୍ୟ ପ୍ରତିଯୋଗିତା

### ଗଜପତିର ଜାନ୍‌ଭୀ ପିନ୍ଧିଲେ ବିଜୟୀ ମୁକୁଟ



**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ସର୍ବଭାରତୀୟ ସ୍ତରର ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଗଜପତିର ଜାନଭି ସଫଳତା ହାସଲ କରି ସମଗ୍ର ଓଡ଼ିଶା ପାଇଁ ଗୌରବର କାରଣ ହୋଇଛନ୍ତି. ନୂଆଦିଲ୍ଲୀ-ଏନ୍?ସିଆ?ର୍‌ସ୍ଥିତ ହାୟାତ୍ ସେଣ୍ଟ୍ରିକ୍?ରେ ଆୟୋଜିତ 'ମିସ୍ ଦିଭା ଏକ୍ସିଲେନ୍ସ-୨୦୨୬' ପ୍ରତିଯୋଗିତାରେ ପାରଳାଖେମୁଣ୍ଡିର ଜାନଭି ଜେନା ବିଜୟୀ ହୋଇ ମୁକୁଟ ହାସଲ କରିଛନ୍ତି। ଏହି ଅବସରରେ ପୂର୍ବତନ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ସଲମାନ ଖୁସିଦଙ୍କ ସମେତ ଫ୍ୟାସନ୍ ଓ ଅନ୍ତର୍ଜାତୀୟ ଜଗତର ବହୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ। ସେ 'ଗ୍ଲାମ୍ ଗାଇଡାନ୍ସ ପ୍ରେଜେନ୍ସ ମିସ୍ ଇଣ୍ଡିଆ ୟୁନିଭର୍ସ-୨୦୨୧',ମିସ୍ ସ୍ୱାଗତିକା-୨୦୨୨ 'ମିସ୍ ଷ୍ଟାର୍ ଆଇକନ୍-୨୦୨୩', 'ମିସ୍ କସ୍ତୁରୀ- ୨୦୨୪', 'ମିସ୍ ଆକ୍ଟିଭ୍-୨୦୨୫' 'ମିସ୍ ମୁକୁଟ ହାସଲ କରିସାରିଛନ୍ତି. ଫ୍ୟାସନେବଲ୍-୨୦୨୫' ଭଳି କେବଳ ପେଜେଣ୍ଟ୍ରି ନୁହେଁ, ନୃତ୍ୟ, କଳା ଓ ଫ୍ୟାସନ୍ କ୍ଷେତ୍ରରେ ମଧ ଜାହ୍ନୁ ଜାହ୍ନଭୀ ସକ୍ରିୟ ରହିଛନ୍ତି । ପାରଳାଖେମୁଣ୍ଡିରୁ ଜାତୀୟ ମଞ୍ଚ ପର୍ଯ୍ୟନ୍ତ ଜାନଭୀଙ୍କ ଏହି ସଫଳତାକୁ ନେଇ ପରିବାର, ପରିଚିତ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ତାଙ୍କର ଏହି ସଫଳତା ଜିଲ୍ଲାର ଯୁବପିଢ଼ିଙ୍କ ପାଇଁ ମଧ ପ୍ରେରଣାର ଉତ୍ସ ହୋଇଛି।

# ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ଭିକ୍ଷାମାଗୁଛି ଝିଅ

## ସହାୟତାର ହାତ ବଢ଼ାଇଲା ସହରତଳି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି

**ବ୍ରହ୍ମପୁର (ଅମୃତ ମିଡିଆ):** ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି। ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଗୌଡ଼ ଗାଁ ନୂଆଁ ସାହିର ଗୋବିନ୍ଦ ମହାରଣା (୪୯ ବର୍ଷ) ଗତ ୧୫ ତାରିଖରେ ପରଲୋକ ଗମନ କରିଛନ୍ତି। ତାଙ୍କ ପରିବାର ଏବେ ଅର୍ଥ ଅଭାବରୁ ଶୁଦ୍ଧିକ୍ରିୟା ମଧ କରିପାରୁନାହିଁ। ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ଓ ଦୟନୀୟ।ଏଭଳି ସ୍ଥିତିରେ ନୂଆପଡ଼ା କଲେଜରେ +୨ ପାଠ ପଢୁଥିବା ତାଙ୍କ ସାନ ଝିଅ ହେପି ମହାରଣା ନିଜ ଛୋଟ ଭାଇକୁ ଧରି ଗାଁ ଗାଁ ବୁଲି ଭିକ୍ଷା ମାଗୁଥିବା ଦୃଶ୍ୟ ସମସ୍ତଙ୍କୁ ମର୍ମାହତ କରିଛି।

ଏହି ଖବର ପାଇ ବ୍ରହ୍ମପୁର ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଉପ ସଭାପତି ଦେବୀ ପ୍ରସାଦ ଦାସ, ସାଗରିକା ପାଣିଗ୍ରାହୀ ଓ ଚନ୍ଦନ କୁମାର



ଦଳେଇ ପ୍ରମୁଖ ଗ୍ରାମରେ ପହଞ୍ଚି ହେପିର ପରିବାରକୁ ପ୍ରାଥମିକ ଭାବେ ୨୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଆଉ କିଛି ଆର୍ଥିକ ସହାୟତା କମିଟି ତରଫରୁ ସଂଗ୍ରହ କରାଯାଇ ଯୋଗାଇ ଦିଆଯିବ ବୋଲି କମିଟି ଉପସଭାପତି କହିଛନ୍ତି।ମାତ୍ର ପରିବାରର ସ୍ଥିତିକୁ ଦେଖି ଅଧିକ ସହାୟତାର ଆବଶ୍ୟକତା ରହିଛି। ଅଧିକନ୍ତୁ ତାଙ୍କ ସାନ ଝିଅ ହେପିର ପରବର୍ତ୍ତୀ ପାଠ ପଢାର ସମସ୍ତ ଖର୍ଚ୍ଚ ଓ ଦାୟିତ୍ୱ କମିଟି ପକ୍ଷରୁ କମିଟି ଉପସଭାପତି ଦେବୀ ପ୍ରସାଦ ଦାସ ବହନ କରିବେ ଓ ପରିବାରର ମର୍ଯ୍ୟାଦା ରକ୍ଷା ନିମନ୍ତେ ତାଙ୍କ ବଡ ଝିଅଙ୍କୁ ଯୋଗ୍ୟତା ଅନୁରୂପ କର୍ମ ନିଯୁକ୍ତି ଯୋଗାଇ ଦିଆଯିବ ବୋଲି କମିଟି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଓ ଉପ ସଭାପତି ଦେବୀ ପ୍ରସାଦ ଦାସ ଉଲ୍ଲେଖ କରିଛନ୍ତି । ଗୋବିନ୍ଦ ମହାରଣା ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ପରିବାରର ଆର୍ଥିକ ସ୍ୱଚ୍ଛଳତା ବଜାୟ ରଖିବା ପାଇଁ ସରକାରଙ୍କ ସୁନଜର ପଡ଼ିବା ସହ ଆର୍ଥିକ ସହାୟତା ଯୋଗାଇ ଦେଲେ ଭଲ ହେଇଥାନ୍ତା ବୋଲି କମିଟି କହିଛି।

## ୪୧ତମ ଚକ୍ଷୁଦାନପକ୍ଷ ପାଳନର

## ପ୍ରଥମ ଦିନରେ ସଚେତନତା ପଦଯାତ୍ରା

**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ମହାରାଜ କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ଚକ୍ଷୁ ବିଭାଗ ପକ୍ଷରୁ ୪୧ ତମ ଚକ୍ଷୁଦାନ ପକ୍ଷ ପାଳନର ପ୍ରଥମ ଦିବସରେ ଏକ ସଚେତନତା ପଦଯାତ୍ରା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଫ୍ରେଣ୍ଡସ୍ ହେଲପିଙ୍ଗ କ୍ଲବ, ମାରୁଆଡ଼ି ମହିଳା ସମିତି ସହଯୋଗ କରିଥିଲେ। ପଦଯାତ୍ରା ଆରମ୍ଭରୁ ଫ୍ରେଣ୍ଡସ୍ ହେଲପିଙ୍ଗ୍ କ୍ଲବ ଦ୍ୱାରା ପ୍ରସ୍ତୁତ ପ୍ରଚାର ପତ୍ର (କ୍ଷରବଲକ୍ଷରସ୍ପ)କୁ ଚକ୍ଷୁ ବିଭାଗର ମୁଖ୍ୟ ପ୍ରୋଫେସର ଡଃ. ସରିତା ପଣ୍ଡା ଉନ୍ମୋଚନ କରିଥିଲେ ଓ ପ୍ରଥମେ ଶ୍ରୀ ବି. ଲକ୍ଷ୍ମୀନାରାୟଣ ପାତ୍ର, ଏହି ପ୍ରକଳ୍ପର ଅଧକ୍ଷ ସମ୍ୟକ ସୂଚନା ଦେଇ ୨୫.୦୮.୨୬ ତାରିଖଠାରୁ ୦୮.୦୯.୨୬ ଯାଏ ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ସଚେତନତା ପାଇଁ ପଥ ପ୍ରାନ୍ତ ସଭା ଓ ପଦଯାତ୍ରା କରିବା ପାଇଁ ସ୍ଥିର କରାଯାଇଛି ବୋଲି କହିଥିଲେ । ଚକ୍ଷୁ ବିଭାଗ ଠାରୁ ପଦଯାତ୍ରାରେ ବାହାରି କଲେଜର ମୁଖ୍ୟ ଦ୍ୱାରରେ ଓ ଙ୍ଗଟଉ ଠାରେ ପଥ ପ୍ରାନ୍ତ ସଭା କରାଯାଇଥିଲା । ଏଥିରେ ଚକ୍ଷୁ ବିଭାଗର ମୁଖ୍ୟ ପ୍ରୋଫେସର ସରିତା ପଣ୍ଡା, ଅବସରପ୍ରାପ୍ତ ମୂଖ୍ୟ ପ୍ରୋଫେସର ଡଃ. ବି. ନାଗେଶ୍ୱର ରାଓ ସୁବୁଦ୍ଧି, ପ୍ରୋଫେସର ପ୍ରଜ୍ଞା ପଣ୍ଡା, ଡଃ. ଶିବାନୀ ଦେବୀ, ଫ୍ରେଣ୍ଡସ୍ ହେଲପିଙ୍ଗ୍ କ୍ଲବ ର ପୂର୍ବତନ ସଭାପତି ଇ.ଟି.ରାଓ, କେ.ନାନ୍ଦେଶୁ ସେନାପତି, କେ. ନାଗେଶ୍ୱର ରାଓ ବକ୍ତବ୍ୟ ରଖିଥିଲେ। ଭାରତରେ କରିନିଆ ଜନିତ ସମ୍ପୂର୍ଣ୍ଣ ବା ଆଂଶିକ ଦୃଷ୍ଟି ହରାଇ ଥିବା ବ୍ୟକ୍ତି ପ୍ରାୟ ୩୦ ଲକ୍ଷ୍ୟ ଲୋକଥିବା ଓ ଏମାନଙ୍କୁ ଦୃଷ୍ଟି ଶକ୍ତି ଯୋଗାଇବାର ଏକମାତ୍ର ପନ୍ଥା ଅନ୍ୟ ମୃତବ୍ୟକ୍ତି ଠାରୁ ସଂଗ୍ରହ କରାଯାଇ ଥିବା କରିନିଆ ପ୍ରତିରୋପଣ ଫଳରେ ଏହା ସମ୍ଭବ ଓ. ଭାରତରେ ୨୦୨୫ ମସିହାରେ କେବଳ ୫୩୭୯୭ କରିନିଆ ସଂଗ୍ରହ କରାଯାଇଥିଲା । ଏହାକୁ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଏହି ପକ୍ଷ ପାଳନ କରାଯାଇ ସଚେତନତା ସୃଷ୍ଟି କରାଯାଉଛି ବୋଲି ବକ୍ତାମାନେ କହିଥିଲେ । ଯେଉଁ ବ୍ୟକ୍ତି ମୃତ୍ୟୁ ପରେ ଚକ୍ଷୁ ଦାନ କରିବା ପାଇଁ ଇଚ୍ଛୁକ, ତାଙ୍କ ଦାୟାଦ ବା ବନ୍ଧୁବାନ୍ଧବ ପ୍ରଥମେ ମୃତ ବ୍ୟକ୍ତିଙ୍କ ମୁଣ୍ଡକୁ ତକିଆ ଦେଇ ରଖିବେ ଓ ଆଖିରେ ଓଦା ତୁଳା ବା କନାଦେଇ ଘୋଡାଇ ରଖିବା ପରେ ଚକ୍ଷୁ ବିଭାଗକୁ ଜଣାଇଲେ ଚକ୍ଷୁ ବିଶେଷଜ୍ଞ ଘରକୁ ପହଂଚି ଚକ୍ଷୁ (କରିନିଆ) ବା ଆଖି ଉପରେ ଥିବା ସ୍ୱଚ୍ଛପରଳ ସଂଗ୍ରହ କରିବେ । ଏଠାରେ ମନେରଖିବାକୁ ପଡିବ ମୃତ୍ୟୁର ଛଅ ଘଣ୍ଟା ମଧ୍ୟରେ ଏହା ହେବାକୁ ପଡିବ ।

ଏହି ସ୍ୱଚ୍ଛ ପରଳ ଦୁଇଟିକୁ ନେଇ ଚକ୍ଷୁ ବ୍ୟାଙ୍କରେ ରଖାଯାଏ ଓ କରନିଆ ଯୋଗୁଁ ହୋଇଥିବା ଅନ୍ଧ ବ୍ୟକ୍ତିଙ୍କ ଠାରେ ପ୍ରତି ରୋପଣ କରାଯାଏ । ବ୍ୟକ୍ତିଟି ଦୃଷ୍ଟିପାଇ ଏହି ପୃଥିବୀର ଆଲୋକ ଦେଖିପାରିବେ । ଜନସାଧାରଣ ଆଗକୁ ଆସି ମୃତ ଶରିରକୁ ପୋତି ବା ପୋଡିବା ପୂର୍ବରୁ ଚକ୍ଷୁ ଦାନ କରିବା ପରେ ସମସ୍ତ ଅନ୍ତେଷ୍ଟି କ୍ରିୟା କରିପାରିବେ ବୋଲି ବକ୍ତବ୍ୟ ରଖିଥିଲେ । ମାରୱାଡି ମହିଳା ମଞ୍ଚର ସଭାପତି ଶ୍ରୀମତୀ ବୀଣା ବଗାରିଆ , ସମ୍ପାଦକ ଶ୍ରୀମତି ମମତା ଚୌଧୁରୀ, ଫ୍ରେଣ୍ଡସ୍ ହେଲପିଙ୍ଗ୍ କ୍ଲବର ସଭାପତି ଅନିଲ କୁମାର ଚୌଧୁରୀ, ସମ୍ପାଦକ ପି.କିରଣ କୁମାର, ପୂର୍ବତନ ସଭାପତି କେ. ପୁରୁଷୋତ୍ତମ ସୁବୁଦ୍ଧି, ପି.ଶ୍ରୀନିବାସ ରାଓ, ଜାମ୍ମୁଲା ସୁରେଶ, ଇ. ଡି. ପାତ୍ର, ଉଷ. ଶିବ ପ୍ରସାଦ ରାଓ , ହରେକୃଷ୍ଣ ପାଣିଗ୍ରାହୀ ଓ ବହୁ ଡାକ୍ତର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ୧୪୭ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା

# ଅହିଂସା ପଥରେ ପୁରୀବାସୀଙ୍କ ଅଧିକାର ଲଢ଼େଇ





**ପୁରୀ (ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଦାବିରେ ଆରମ୍ଭ ହୋଇଥିବା ନୀରବ ସତ୍ୟାଗ୍ରହ ସଚେତନତା ପଦଯାତ୍ରା ଆଜି ୧୪୭ତମ ଦିନରେ ପହଞ୍ଚିଛି। ଉତ୍କଳ ଦିବସ, ଏପ୍ରିଲ ୧ରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ଅଭିମୁଖେ ପ୍ରତିଦିନ ଚାଲିଆସୁଥିବା ଏହି ପଦଯାତ୍ରା ଆଜି ପୁରୀବାସୀଙ୍କ ଧୈର୍ଯ୍ୟ, ଆସ୍ଥା ଓ ଅଧିକାର ପାଇଁ ଅଟଳ ସଂକଳ୍ପର ପ୍ରତୀକ ପାଲଟିଛି। ୧୪୭ ଦିନ ଧରି ନା ଥକିଛି ପାଦ, ନା ଭାଙ୍ଗିଛି ସଂକଳ୍ପ। ପ୍ରବଳ ଖରା, ବର୍ଷା, ପର୍ବପର୍ବାଣୀ ଓ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସତ୍ୟାଗ୍ରହୀମାନେ ନୀରବତାକୁ ଅସ୍ତ୍ର କରି, ହାତରେ ଦାବି ସମ୍ବଳିତ ପ୍ଲାକାର୍ଡ ଧରି ପ୍ରତିଦିନ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରୁଛନ୍ତି। ଏହି ନୀରବ ପଦକ୍ଷେପରେ ରହିଛି ଏକ ସ୍ପଷ୍ଟ ବାର୍ତ୍ତା-ପୁରୀବାସୀଙ୍କ ଭାବନା, ଆସ୍ଥା ଓ ନ୍ୟାୟସଙ୍ଗତ ଅଧିକାରକୁ ସମ୍ମାନ ମିଳୁ। ଆଜି ମଧ୍ୟ ଭକ୍ତ ସାଲବେଗ ପୀଠରୁ ପଦଯାତ୍ରା ବାହାରି ଶ୍ରୀମନ୍ଦିର ସିଂହଦ୍ୱାରରେ ପହଞ୍ଚିଥିଲା। ସେଠାରେ ସତ୍ୟାଗ୍ରହୀମାନେ ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ଦାବି ପୂରଣ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୂର୍ବରୁ ରହିଥିବା ସୁବିଧା ପୁନଃସ୍ଥାପନ ନିମନ୍ତେ ଭକ୍ତିଭାବରେ ପ୍ରାର୍ଥନା କରିଥିଲେ।ସତ୍ୟାଗ୍ରହ ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୪୭ ଦିନ ଧରି ଆମର ନୀରବ ପଦଯାତ୍ରା ଜାରି ରହିଛି। ଏହା କେବଳ ଏକ ପଦଯାତ୍ରା ନୁହେଁ, ଏହା ପୁରୀବାସୀଙ୍କ ଆସ୍ଥା, ଭାବନା ଓ ଅଧିକାରର ଏକ ଶାନ୍ତିପୂର୍ଣ୍ଣ ସ୍ୱର। ଆମେ ସତ୍ୟ ଓ ଅହିଂସାର ପଥରେ ରହି ଆମର ନ୍ୟାୟସଙ୍ଗତ ଦାବି ସରକାର ଓ ପ୍ରଶାସନଙ୍କ ନିକଟରେ ପହଞ୍ଚାଇ ଚାଲିଛୁ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ସଂଘର୍ଷ ଜାରି ରହିବ।" ସେ ଆହୁରି କହିଛନ୍ତି, "ଆମର ପାଦ ଅଧିକାର ପାଇଁ ଚାଲୁଛି, ଆମର ନୀରବତା ନ୍ୟାୟର କଥା କହୁଛି ଏବଂ ଆମର ହୃଦୟ ଅପେକ୍ଷା କରୁଛି ମହାପ୍ରଭୁଙ୍କ ଦର୍ଶନ ପାଇଁ। ଏହି ଆନ୍ଦୋଳନ କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ସରକାର ବିରୋଧରେ ନୁହେଁ; ଏହା ପୁରୀବାସୀଙ୍କ ଭାବନା ଓ ଅଧିକାର ପାଇଁ ଏକ ଶାନ୍ତିପୂର୍ଣ୍ଣ ଅହିଂସାମୂଳକ ପ୍ରୟାସ।୧୪୭ ଦିନର ଏହି ଯାତ୍ରା ଆଜି ଏକ ଗଭୀର ଭାବନାର ସନ୍ଦେଶ ଦେଉଛି-ସତ୍ୟର ପଥ ଦୀର୍ଘ ହୋଇପାରେ, କିନ୍ତୁ ସଂକଳ୍ପ ଦୃଢ଼ ଥିଲେ ପଦକ୍ଷେପ କେବେ ଅଟକେ ନାହିଁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷାରତ ପୁରୀବାସୀଙ୍କ ଏହି ନୀରବ ସ୍ୱର କେବେ ନା କେବେ ନ୍ୟାୟର ଦ୍ୱାର ଖୋଲିବ-ଏହି ଆଶା ଓ ବିଶ୍ୱାସ ସହ ସତ୍ୟାଗ୍ରହୀମାନେ ଆଗକୁ ବଢୁଛନ୍ତି।ମଙ୍ଗଳବାର ପଦଯାତ୍ରାରେ ସର୍ବଶ୍ରୀ ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଯାଦବାନନ୍ଦ ରାୟ, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଅଭିମନ୍ୟୁ ରାୟଗୁରୁ, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ଛବିରାଣୀ ମହାନ୍ତି, ଭାରତୀ ମହାନ୍ତି, ଶିବାନୀ ମଲ୍ଲିକ, ମମତା ସ୍ୱାଇଁ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ଜୟପ୍ରକାଶ ମହାରଣା, ବାପିନା ସାମନ୍ତରାୟ, କିଶୋର ଚନ୍ଦ୍ର ଦାସ, କାଶୀନାଥ ସାହୁ, ଲିଙ୍ଗରାଜ ସାହୁ, ରମେଶ ଚନ୍ଦ୍ର ମହାନ୍ତି ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ।

# ଲୋକକଳା ମହାକୁମ୍ଭ ମହୋତ୍ସବ ଉଦ୍‌ଯାପିତ

## ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଓ କଳାକାରଙ୍କ ଉନ୍ନତି ପାଇଁ ପ୍ରୟାସ





**ପୁରୀ (ବ୍ୟୁରୋ):** ମଙ୍ଗଳବାର ବଡଦାଣ୍ଡ ସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ପୁରୀର ଲୋକସଭା ସାଂସଦ ଡ.ସମ୍ବିତ ପାତ୍ର, ମୁଖ୍ୟବକ୍ତା ଭାବେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ରୀଡା, ଯୁବବ୍ୟାପାର ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଶିଷ୍ଟ ଅତିଥି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ରାଜ୍ୟ ବିଜେପି ଅନୁସୂଚିତ ମୋର୍ଚ୍ଚା ଉପସଭାପତି ସତ୍ୟଜିତ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀର ବରିଷ୍ଠ ବିଜେପି ନେତା ନରେଶ କୁମାର ଶର୍ମା, ପ୍ରାଚୀ ପ୍ରଜ୍ଞା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟରେ ଅବହେଳିତ ଜୀବନ ଥିବା କଳାକାରଙ୍କର ବିଭିନ୍ନ ସମସ୍ୟା ଉପରେ ମତବ୍ୟକ୍ତ କରିବା ସହ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଉତ୍ସବରେ ଦାବି କରାଯାଇଥିବା ବେଳେ ମହାସଂଘ ପକ୍ଷରୁ କଳାକାର କଲ୍ୟାଣ ଯୋଜନାର ଶୁଭ ଉଦ୍‌ଘାଟନ ହୋଇଥିଲା । ଏହି କୁମ୍ଭ ମେଳାରେ ରାଜ୍ୟର ବିଶିଷ୍ଟ କଳାକାର, ସନ୍ଧ୍ୟା ଦେବୀ, ସଂଗଠକ ପ୍ରଭୃତି କଳାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ରକ୍ତଦାନ ଶିବିର



**ପୁରୀ (ବ୍ୟୁରୋ):** ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପୁରୀ ଶାଖା ତରଫରୁ ସଂସ୍ଥା ର ପ୍ରାକ୍ତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ପ୍ରକାଶ ମଣି ଜୀ ଙ୍କ ୧୯ ତମ ପୁଣ୍ୟ ତିଥି ଅବସରରେ ଏକ ସ୍ମୃତି ସମାରୋହ ପୂର୍ବାହ୍ନ ୮ ୩୦ ଘଟିକା ସମୟରେ ରାମ ଚଣ୍ଡୀ ସାହି ସ୍ଥିତ ଆଶ୍ରମ ପରିସରରେ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସୂରଜ ମଲ ଶାହା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଧନୁର୍ଦ୍ଧର ମୁଦୁଲି ଯୋଗ ଦେଇ କହିଲେ ଯେ ଦାଦି ପ୍ରକାଶ ମଣି ତ୍ୟାଗ ତପସ୍ୟା ସେବା ଓ ନମ୍ରତା ର ପ୍ରତିମୂର୍ତ୍ତି ଥିଲେ। ପଦ ପଦବୀ କେବଳ ଅନ୍ୟ ମାନଙ୍କୁ ଦିଗଦର୍ଶନ, ସମବେଦନା, ସହାନୁଭୂତି ଓ ପ୍ରେରଣା ପାଇଁ ଉଦ୍ଦିଷ୍ଟ ଥାଏ, ପଦବୀର ଅହଙ୍କାର ରେ ଶାସନ କରିବାକୁ ନୁହେଁ ଯାହା ଦାଦାଜୀଙ୍କ ଜୀବନ ଶୈଳୀରୁ ଶିଖିବାକୁ ମିଳିଥାଏ। ଦୀର୍ଘ ୩୮ ବର୍ଷ କାଳ ନିସ୍ୱାର୍ଥପର ଆଧାତ୍ମିକ ସେବା ଦ୍ୱାରା ଦାଦି ପ୍ରକାଶ ମଣି ସଂସ୍ଥାକୁ ବିଶ୍ୱର ୧୪୦ ଦେଶ ରେ ପହଞ୍ଚାଇ ପାରିଥିଲେ। ସେଥିପାଇଁ ସେ ପ୍ରାତଃ ସ୍ମରଣୀୟା । ଏହି ସମାରୋହରେ ଇଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ତଥା ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପୁରୀ ସବ ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡକ୍ଟର ନିରୁପମା ଦାଦାଜୀଙ୍କ ସହ ତାଙ୍କ ଦୀର୍ଘ ଦିନର ଅଙ୍ଗେନିଭା ସୁଖଦ ଅନୁଭୂତି ର ଅବତାରଣା କରିଥିଲେ। ସଂସ୍ଥା ର ସହ ନିର୍ଦ୍ଦେଶିକା ରାଜ ଯୋଗିନୀ ବ୍ରହ୍ମା କୁମାରୀ ପ୍ରତିମା ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍ଥା ର ବରିଷ୍ଠ ସମର୍ପିତ ଭ୍ରାତା ଡକ୍ଟର ସତ୍ୟାନନ୍ଦ ମଞ୍ଚ ସଂଯୋଜନା କରିଥିଲେ। ପରେ ପରେ ପୂର୍ବାହ୍ନ ୯ ୩୦ ଘଟିକା ସମୟରେ ସଂସ୍ଥାର ବ୍ରହ୍ମା ଧାମ ପରିସରରେ ଏକ ରକ୍ତ ଦାନ ଶିବିର କୁ ପୁରୀ ମୁଖ୍ୟ ହସ୍ପିଟାଲର ବ୍ଲଡ଼ ବ୍ୟାଙ୍କ୍ ଅଫିସର ଡକ୍ଟର ଦୀପକ କୁମାର ସାହୁ ଓ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ର ସହକାରୀ ପ୍ରୋଫେସର ଡକ୍ଟର ବିମଳ କୁମାର ସାହୁ ଉଦଘାଟନ କରିଥିଲେ। ଏଥିରେ ୩୯ ୟୁନିଟ୍ ଭକ୍ଷକ୍ଟକ୍ୟ ସଂଗ୍ରହ କରାଯାଇଥିଲା। ପ୍ରକାଶ ଥାଉ କି ଗତକାଲି ଦାଦି ପ୍ରକାଶ ମଣି ଜୀ ଙ୍କ ୧୯ ତମ ପୁଣ୍ୟ ସ୍ମୃତି ଉଦ୍ଦେଶ୍ୟରେ ଅସ୍ତରଙ୍ଗ ବ୍ରହ୍ମା କୁମାରୀ ଶାଖା ତରଫରୁ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ କରା ଯାଇଥିଲା।

## ଜମୁଛି ରାକ୍ଷୀ ଦୋକାନରେ ଭିଡ଼

# ଭାଇ ହାତରେ ରାକ୍ଷୀ ବାନ୍ଧିବ ଭଉଣୀ



**ପୁରୀ (ବ୍ୟୁରୋ):** ଆଉ ଦିନକ ପରେ ପବିତ୍ର ରାକ୍ଷାବନ୍ଧନ ଉତ୍ସବ । ଭାଇ ହାତରେ ଭଉଣୀ ରାକ୍ଷୀବାନ୍ଧି ତା'ର ସୁରକ୍ଷା କାମନା ସମେତ ଭଗବାନଙ୍କ ନିକଟରେ ଭାଇର ଦୀର୍ଘାୟୁ କାମନା କରିଥାଏ। ରାକ୍ଷୀ ଭଳି ନିଆରା ପର୍ବ ନିମନ୍ତେ ପୁରୀ ବଡଦାଣ୍ଡ ସମେତ ଛକ ମାନଙ୍କ ରେ ରାକ୍ଷୀ ଷ୍ଟଲ ଖୋଲା ହୋଇଥିବା ଦେଖିବାକୁ ମିଳିଛି। ଗୋଦାମ ସମେତଖୁଚୁରା ଦୋକାନରେ ଭଲ ବେପାର ହେବା ଆଶା କରିଛନ୍ତି ଗୋଦାମ ମାଲିକମାନେ । ରାକ୍ଷୀ ଷ୍ଟଲ ସିଜିନ୍ ବ୍ୟବସାୟ ହୋଇଥିବାରୁ ବର୍ଷା ନହେଲେ ବେପାର ଭଲ ହେବ ବୋଲି ରାକ୍ଷୀ ବ୍ୟବସାୟୀ ଆଶା ରଖିଛନ୍ତି । ମାର୍କେଟ ଛକ, ବଡଶଙ୍ଖ, ଶରଧାବାଲି ସମେତ ବିଭିନ୍ନ ସାହି ଓ ଗଳି କନ୍ଦିରେ ଶତାଧିକ ରାକ୍ଷୀ ଦୋକାନ ଖୋଲିଛି । ଗ୍ରାହକମାନେ ମଧ୍ୟ ନିଜ ମନପସନ୍ଦ ରାକ୍ଷୀ ପାଇବାକୁ ଖୁଚୁରା ଦୋକାନ ଆଗରେ ଭିଡ଼ ଜମାଇଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ବିଭିନ୍ନ ଡିଜାଇନ୍ ର ରାକ୍ଷୀ ସେମାନେ ଗୋଦାମରେ ଆଣି ଗଚ୍ଛିତ ରଖିଛନ୍ତି। ଚଳିତବର୍ଷ ଦିଲ୍ଲୀ, ରାଜକୋଟ୍, ପଶ୍ଚିମବଙ୍ଗ, ମୁମ୍ବାଇ,ଅହମଦାବାଦ, ଗୁଜୁରାଟ, ମହାରାଷ୍ଟ୍ର ପ୍ରମୁଖ ରାଜ୍ୟରେ ପ୍ରସ୍ତୁତ ରାକ୍ଷୀକୁ ସେମାନେ ପ୍ରାୟ ୪ମାସ ପୂର୍ବରୁ କିଣି ଆଣି ନିଜ ପାଖରେ ମହଜୁଦ ରଖିଛନ୍ତି । ଚଳିତବର୍ଷ ଲୋକଙ୍କର ବେଶୀ ପସନ୍ଦ ହୋଇଛି ମୟୂର ପୁଚ୍ଛରୁ ହୋଇଥିବା ଜଗନ୍ନାଥ ରାକ୍ଷୀ ଏବଂ ଧାନ ଓ ଅରୁଆ ଚାଉଳରୁ ଜଗନ୍ନାଥ ରାକ୍ଷୀ। ସେହିପରି ମୋଟୁପତଲୁ ରାକ୍ଷୀ, ଲାଇଟ ରାକ୍ଷୀ, ସୂତା, ବ୍ରେସଲେଟ, ମୋ ଭାଇ ବ୍ରେସଲେଟ ଏହା ଚଳିତବର୍ଷ ଗ୍ରାହକଙ୍କ ବେଶି ପସନ୍ଦ ହୋଇଛି । ଆମେରିକାନ ଡାଇମଣ୍ଡ, ଷ୍ଟୋନ ରାକ୍ଷୀ, ଷ୍ଟୋନ, ଫ୍ୟାନସି, ଲାଇଟ୍ ମ୍ୟାଜିକ୍, ହ୍ୱାଟସ୍‌ଅପ୍ ରାକ୍ଷୀ, ଫେସବୁକ୍ ରାକ୍ଷୀ, କଲିକତା ଲୁମ୍ବା, ଦିଲୀ ଲୋରା, ବମ୍ବେର ବ୍ରେସଲେଟ, ଢ଼ୋରି, ଫଟୋ ପ୍ରିଣ୍ଟ ରାକ୍ଷୀ,କିଡସ ସୂତା ରାକ୍ଷୀ,ଜଗନ୍ନାଥ ରାକ୍ଷୀ, ଡୋରି ଆଦି ରାକ୍ଷୀକୁ ଗ୍ରାହକ ପସନ୍ଦ କରିବା ଫଳରେ ଏହା ଉପରେ ବ୍ୟବସାୟୀ ମାନେ ଫୋକସ୍ ଦେଉଥିବା କହିଛନ୍ତି। ରାକ୍ଷୀ ଷ୍ଟଲରେ ୫ ଟଙ୍କା ଠାରୁ ଆରମ୍ଭ କରି ୨୫୦ ଟଙ୍କା ରାଖିର ଦାମ ରହିଛି। ରାକ୍ଷୀ ଦାମିକା ମଧ୍ୟ ରହିଛି ତିନିଶହ ଟଙ୍କାରୁ ପାଞ୍ଚ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି । ଫ୍ୟାନ୍ସି ଓ ଷ୍ଟୋନ୍ ରାକ୍ଷୀର ବେଶି ଚାହିଦା ଥିବା ଦେଖାଯାଇଛି ।ବର୍ତ୍ତମାନ ଭଲ ବେପାର ହେଉଛି ଏବଂ ଆଗକୁ ମଧ୍ୟ ଭଲ ବେପାର ହେବ ବୋଲି ଦୋକାନୀ ଆଶା ରଖିଛନ୍ତି। ଦୋକାନରେ ଦୈନିକ ୨ ହଜାର ରୁ ୫ ହଜାର ଟଙ୍କାର ବିକ୍ରି ହେଉଥିବା ବ୍ୟବସାୟୀ କହିଛନ୍ତି। ରକ୍ଷାବନ୍ଧନ ଉତ୍ସବ ଆଉ ଦିନକ ପରେ ଥିବାରୁ ଖୁଚୁରା ଦୋକାନ ସମେତ ଷ୍ଟଲ ମାନଙ୍କରେ ଏବେ ଝିଅମାନେ ଭାଇ ପାଇଁ ବୁଲି ବୁଲି ରାକ୍ଷୀ କିଣୁଥିବା ଦେଖାଯାଇଛି। ମନ ପସନ୍ଦର ରାକ୍ଷୀ କିଣି ଖୁସିରେ ଘରକୁ ନେଉଛନ୍ତି । ପବିତ୍ର ସ୍ନେହ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ଭାଇର ଶୁଭମନାସୀ ଥାଏ । ସେହିପରି ଭାଇ ମଧ୍ୟ ଭଉଣୀ ପାଇଁ ସୁରକ୍ଷା କବଚ ହୋଇ ରହିଥାଏ ।

# ପୁରୀ ପୋଲିସର ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍

- ୫୮୦ ଅସାମାଜିକ ବ୍ୟକ୍ତି ଗିରଫ
- ମାଦକଦ୍ରବ୍ୟ ଓ ଆଇନ-ଶୃଙ୍ଖଳାବିରୋଧୀ କାର୍ଯ୍ୟକଳାପ ଉପରେ କଡ଼ା ନଜର

**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆହୁରି ସୁଦୃଢ଼ କରିବା, ଅସାମାଜିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା, ମାଦକଦ୍ରବ୍ୟ ସମ୍ବନ୍ଧୀୟ ଅପରାଧ ରୋକିବା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଚଳିତବର୍ଷ ଧରି ବ୍ୟାପକ ଚଢ଼ାଉ ଓ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଡ୍ରାଇଭ୍ ଜାରି ରହିଛି। ଏହି ଅଭିଯାନରେ ଅପରାଧୀ, ଅସାମାଜିକ ତତ୍ତ୍ୱ ଓ ବିଭିନ୍ନ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ସିଟି ପୋଲିସ ପକ୍ଷରୁ ସମ୍ପ୍ରତି କରାଯାଇଥିବା ବ୍ୟାପକ ଅଭିଯାନରେ ମୋଟ ୫୮୦ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଅପରାଧ, ସାମାଜିକ ଅଶାନ୍ତି ସୃଷ୍ଟି ଓ ଆଇନ ଶୃଙ୍ଖଳା ବିଘ୍ନ କରିବା ଭଳି କାର୍ଯ୍ୟକଳାପରେ ସେମାନଙ୍କ ସମ୍ପୃକ୍ତତା ନେଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି ।ମାଦକଦ୍ରବ୍ୟ ବିରୋଧୀ ଅଭିଯାନ ମାଦକଦ୍ରବ୍ୟର ଅବୈଧ କାରବାର ଓ ବ୍ୟବହାର ବିରୋଧରେ ପୁରୀ ପୋଲିସ ପକ୍ଷରୁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଇଛି। ବିଶେଷକରି ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ସୁରକ୍ଷିତ ରଖିବା ପାଇଁ ମାଦକଦ୍ରବ୍ୟ ଚାଲାଣକାରୀ ଓ ବିକ୍ରେତାଙ୍କ ବିରୋଧରେ ନିୟମିତ ଚଢ଼ାଉ କରାଯାଉଛି ।ବ୍ରାଉନ ସୁଗାର ବିରୋଧୀ ଅଭିଯାନରେ ୧୧ଟି ମାମଲା ରୁଜୁ କରାଯାଇଛି। ୨୪ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ମୋଟ ୩୮୫.୧୩ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ସେହିପରି, କଫ ସିରାପର ଅବୈଧ କାରବାର ଓ ବିକ୍ରୟ ବିରୋଧରେ ମଧ୍ୟ କଡ଼ା ପଦକ୍ଷେପ ନିଆଯାଇଛି। ଏହି ଅଭିଯାନରେ ୨୬ଟି ମାମଲା ରୁଜୁ, ୩୨ ଜଣ ଅଭିଯୁକ୍ତ ଗିରଫ ଏବଂ ୨୯୨୭ ବୋତଲ କଫ ସିରାପ ଜବତ କରାଯାଇଛି। ମାଦକଦ୍ରବ୍ୟର ଅବୈଧ କାରବାର ଯୁବପିଢ଼ି ଓ ସମାଜ ଉପରେ ଗୁରୁତର କୁପ୍ରଭାବ ପକାଉଥିବାରୁ ଏହା ବିରୋଧ ରେ ଆଗାମୀ ଦିନରେ ମଧ୍ୟ ଅଧିକ କଠୋର ଏନଫୋର୍ସମେଣ୍ଟ ଜାରି ରହିବ। ଡ୍ରଙ୍କେନ୍ ଡ୍ରାଇଭିଂ ବିରୋଧରେ ବିଶେଷ ଅଭିଯାନ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଓ ମଦ୍ୟପାନ କରି ଗାଡ଼ି ଚାଳନା ଯୋଗୁଁ ଘଟୁଥିବା ଦୁର୍ଘଟଣା ରୋକିବା ପାଇଁ ପୁରୀ ପୋଲିସ ପକ୍ଷରୁ ନିୟମିତ ଚେକିଂ ଓ ଏନଫୋର୍ସମେଣ୍ଟ ଡ୍ରାଇଭ୍ କରାଯାଉଛି। ଏହି ଅଭିଯାନରେ ଏପର୍ଯ୍ୟନ୍ତ ୭୮୪ଟି ଡ୍ରଙ୍କେନ୍ ଡ୍ରାଇଭିଂ କେସ୍ ଚିହ୍ନଟ କରାଯାଇଛି। ଆଇନ ଅନୁଯାୟୀ ସମ୍ପୃକ୍ତ ଚାଳକମାନଙ୍କ ବିରୋଧ ରେ ଜରିମାନା ସହ ଆବଶ୍ୟକୀୟ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି ।ପବ୍ଲିକ ଡ୍ରିଙ୍କିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ସାର୍ବଜନିକ ସ୍ଥାନରେ ମଦ୍ୟପାନ କରି ସାମାଜିକ ଶୃଙ୍ଖଳା ଭଙ୍ଗ କରୁଥିବା ଓ ସାଧାରଣ ଲୋକଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ପୋଲିସ ପକ୍ଷରୁ ନିୟମିତ ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ଏପର୍ଯ୍ୟନ୍ତ ୨୦୯୮ ଜଣଙ୍କୁ ପବ୍ଲିକ ଡ୍ରିଙ୍କିଂରେ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି ।ପୁରୀ ପୋଲିସ ଜନସାଧାରଣଙ୍କ ସୁରକ୍ଷା, ଆଇନ-ଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ପ୍ରତି ସଦା ପ୍ରତିବଦ୍ଧ। ଅପରାଧୀ ଓ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ଏନଫୋର୍ସମେଣ୍ଟକୁ ଆହୁରି ଜୋରଦାର କରାଯିବା ସହିତ ମାଦକଦ୍ରବ୍ୟ ମୁକ୍ତ ସମାଜ ଗଠନ, ସଡ଼କ ସୁରକ୍ଷା ଏବଂ ଏକ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ପରିବେଶ ସୃଷ୍ଟି ପାଇଁ ଏପରି ଅଭିଯାନ ଆଗାମୀ ଦିନରେ ମଧ୍ୟ ଅବ୍ୟାହତ ରହିବ। ପୁରୀ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, କୌଣସି ପ୍ରକାରର ସନ୍ଦେହଜନକ କାର୍ଯ୍ୟକଳାପ, ମାଦକଦ୍ରବ୍ୟର ଅବୈଧ କାରବାର, ସାର୍ବଜନିକ ସ୍ଥାନରେ ଅଶାନ୍ତି କିମ୍ବା ଆଇନ ଶୃଙ୍ଖଳା ବିଘ୍ନ ସମ୍ବନ୍ଧୀୟ ସୂଚନା ମିଳିଲେ ତତକ୍ଷଣାତ୍ ନିକଟସ୍ଥ ପୋଲିସ ଥାନାକୁ ଅବଗତ କରନ୍ତୁ। ଜନସାଧାରଣଙ୍କ ସହଯୋଗ ହିଁ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ପୁରୀ ଗଠନର ମୁଖ୍ୟ ଆଧାର।

# ଚର୍ଚ୍ଚାରେ ଓଡ଼ିଆ ଚଳଚ୍ଚିତ୍ର 'ଅଭିସାର ଏକ ପ୍ରେମ କାହାଣୀ'



**ପୁରୀ (ବ୍ୟୁରୋ):** ଫିୟୁଜନ୍ ଏଣ୍ଟେରଟେନମେଣ୍ଟ ଦ୍ୱାରା ନିର୍ମିତ ଓଡ଼ିଆ ଚଳଚିତ୍ର ଅଭିସାର ଏକ ପ୍ରେମ କାହାଣୀ ପୁଣି ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଚଳଚିତ୍ରରେ ପ୍ରଯୋଜନା ସଂସ୍ଥା ପ୍ରଥମ ଥର ପାଇଁ ଜଣେ କିନ୍ନର କୁ ନାୟିକା ଭୂମିକାରେ ଚୟନ କରିବାର ପଦକ୍ଷେପରେ ଅନୁପ୍ରାଣିତ ହୋଇ ହରେକୃଷ୍ଣପୁର ସ୍ଥିତ ଜାଭିଅର କଲେଜ ପୁରୀରେ ରେ କିନ୍ନର ମାନଙ୍କ ପାଇଁ ଦେୟମୁକ୍ତ ଶିକ୍ଷାର ଘୋଷଣା କରିଛନ୍ତି କଲେଜ ସେକ୍ରେଟ୍ରେରୀ ରାଜୀବ୍ କୁମାର ମହାନ୍ତି । ଏହା ସମାଜ ପାଇଁ ଏକ ବିରଳ ତଥା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କଲେଜ ପରିସରରେ ଫିଲ୍ମ ପ୍ରମୋସନ୍ ଅବସରରେ ଉପସ୍ଥିତ ଥିବା କଲେଜ୍ ର ସମସ୍ତ କର୍ତ୍ତୃପକ୍ଷ ଏବଂ ଛାତ୍ର ଛାତ୍ରୀ ମାନେ କହିଛନ୍ତି । କିଛି ଦିନ ପୂର୍ବେ ହେଇଥିବା ଅଭିସାର ଏକ ପ୍ରେମ କାହାଣୀ ଚଳଚ୍ଚିତ୍ରର ଅଡିଓ ରିଲିଜ ର ସମସ୍ତ ଗୀତଗୁଡିକୁ କଲେଜର ସମସ୍ତ ସଦସ୍ୟ ଏବଂ ସବୁ ଛାତ୍ରଛାତ୍ରୀ ମାନେ ବହୁତ ଭଲ ପାଇବା ଦେବା ସହିତ, କିନ୍ନର ମାନଙ୍କୁ ଏକ ଭିର୍ଣ୍ଣ ଦୃଷ୍ଟିଭଙ୍ଗୀରେ ଦେଖୁଥିବା ବ୍ୟକ୍ତିମାନଙ୍କର ମାନସିକତା ରେ ପରିବର୍ତ୍ତନ ଆଣିବା ପାଇଁ ଆମ ଅଭିସାର ପରିବାର ସହିତ ସାମିଲ ହେବା ପାଇଁ ଆଗେଇ ଆସିଛନ୍ତି ଜାଭିଅର କଲେଜର ଏପରି କିନ୍ନର ମାନଙ୍କ ପାଇଁ ଦେୟମୁକ୍ତ ଶିକ୍ଷାର ଘୋଷଣା ଏବଂ ଛାତ୍ରଛାତ୍ରୀ ମାନଙ୍କ ଏପରି ମହତ୍ତ୍ୱ ଚିନ୍ତା ଧାରା ପାଇଁ ସିନେମା ନିର୍ଦ୍ଦେଶକ ରଞ୍ଜିତ୍ ମହାନ୍ତି ସେମାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି । ସିନେମାରେ ନାୟକ ଭୂମିକାରେ ରୁଦ୍ରପ୍ରତାପ, ନାୟିକା ଭୂମିକାରେ ଭୂମି ଥିବାବେଳେ ସ୍ୱାତି, ସିଦ୍ଧେଶ୍ୱର, ସନ୍ତୋଷ, ଆର୍ଯ୍ୟ, ଶାନ୍ତି, ବାବୁ, କାର୍ତ୍ତିକ, ଶିବାଜୀ ରାଜା ଅଭିନୟ କରିଛନ୍ତି । ଚିତ୍ରଉତୋଳନରେ ପ୍ରସନ୍ନ କୁମାର ଥିବାବେଳେ ସ୍ୱର ସଂଯଜନା କରିଛନ୍ତି ବିଭୁତି ଭୂଷଣ ଗଡ଼ନାୟକ, ପ୍ରଯୋଜନା ରେ ଅଛନ୍ତି ଲକ୍ଷ୍ମୀପ୍ରିୟା ମହାନ୍ତି ଏବଂ ବିଜୟ କେତନ ମିଶ୍ର ।

# ପୁରୀ ସମୁଦ୍ରରୁ ବାହାରୁଛି ଭୟଙ୍କର ବିଷାକ୍ତସାପ



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ଅନ୍ତର୍ଗତ ଭାର୍ଗବୀ ଓ ମଙ୍ଗଳା ନଦୀ ମୁହାଣ ସମେତ ଅନ୍ୟ ସମୁଦ୍ରର ମୁହାଣ ଅଞ୍ଚଳଗୁଡ଼ିକରେ କିଛି ଦିନ ହେବ ପ୍ରଚୁର ପରିମାଣରେ ବିଷଧର ସାମୁଦ୍ରିକ ସାପ ଦେଖାଯାଉଛନ୍ତି। ଏହାଦ୍ୱାରା ନଦୀ ଓ ସମୁଦ୍ର ମୁହାଣ ନିକଟରେ ଚଳପ୍ରଚଳ କରୁଥିବା ସାଧାରଣ ଜନତା ଏବଂ ଜୀବିକା ନିର୍ବାହ ପାଇଁ ସମୁଦ୍ରକୁ ଯାଉଥିବା ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ଜୀବନ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି।ଏହି ସାପର ବିଷ ନାଗ ସାପ ଠାରୁ ୧୦ ଗୁଣା ଅଧିକ ମାରାତ୍ମକ। ଏହି ସାପ କାମୁଡ଼ିଲେ ବଞ୍ଚିବା ଆଶା କ୍ଷୀଣ। ତେଣୁ ଏହି ସାପମାନଙ୍କ ବିଷୟରେ ସମୁଦ୍ରକୂଳିଆ ବାସିନ୍ଦା ଓ ମତ୍ସ୍ୟଜୀବୀଙ୍କୁ ତୁରନ୍ତ ସଚେତନ କରାଯାଉ ବୋଲି ଦାବି ହେଉଛି। ଏନେଇ ପୁରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ)ଙ୍କୁ ପରିବେଶବିତ୍ ସରୋଜ କୁମାର ଜେନା ନିବେଦନ ପତ୍ର ଦେଇଛନ୍ତି।ପରିବେଶବିତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନୂଆନଇ ଓ ରାମଚଣ୍ଡୀ ମୁହାଁଣମାନଙ୍କରେ ଏହି ସାପ ବହୁ ପରିମାଣର ଦେଖିବାକୁ ମିଳୁଛି। ସମୁଦ୍ର ଜୁଆରରେ ସାପମାନେ ଭାସି ଆସି ବାଲିରେ ରହି ଯାଉଛନ୍ତି। ସେମାନେ ବାଲିରେ ସହଜରେ ଚଳପ୍ରଚଳ କରିପାରୁନାହାନ୍ତି। ପୁରୀ ସମୁଦ୍ର ଓ ବେଳାଭୂମିରେ ପ୍ରବଳ ପର୍ଯ୍ୟଟକଙ୍କ ସମାଗମ ହେଉଥିବାରୁ ସେମାନଙ୍କ ସୁରକ୍ଷା ସାଙ୍ଗକୁ ଉପକୂଳ ଅଧିବାସୀଙ୍କ ସୁରକ୍ଷା ଜରୁରି ହୋଇପଡ଼ିଛି ବୋଲି ପରିବେଶବିତ ବହିଛନ୍ତି।ସେ ଆହୁରି କହିଛନ୍ତି, ସମୁଦ୍ରରେ ଜାଲ ପକାଇବା, ଜାଲ ସଂଗ୍ରହ କରିବା କିମ୍ବା ମୁହାଣ ଅଞ୍ଚଳରେ ମାଛ ଧରିବା ସମୟରେ ଏହି ବିଷଧର ସାପଗୁଡ଼ିକ ଜାଲରେ ଛନ୍ଦି ହୋଇ ଯାଉଛନ୍ତି। ଏହାଦ୍ୱାରା ଜାଣତ ବା ଅଜାଣତରେ ସାପଗୁଡ଼ିକ ମତ୍ସ୍ୟଜୀବୀଙ୍କ ନିକଟତର ହୋଇ ବିପଦ ସୃଷ୍ଟି କରୁଛନ୍ତି । ଯଦି କୌଣସି ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟରେ ଏହି ସାପ କାମୁଡ଼ି ଦିଅନ୍ତି, ତୁରନ୍ତ କି ଉପଚାର କରାଯିବ ସେ ସମ୍ବନ୍ଧରେ ମତ୍ସ୍ୟଜୀବୀମାନଙ୍କୁ ସଚେତନ ଓ ପ୍ରତିକାର ଜଣାଇବା ଜରୁରି। ତେଣୁ ମୁହାଣ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ସାଧାରଣ ଜନସାଧାରଣ ଓ ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା ସୂଚନା ଫଳକ ଲଗାଯାଉ। ଜଣେ ଅଭିଜ୍ଞ ସାପ ବିଶେଷଜ୍ଞଙ୍କୁ ଆଣି ମତ୍ସ୍ୟଜୀବୀମାନଙ୍କ ପାଇଁ ଏକ ବିଶେଷ ତାଲିମ ଶିବିରର ଆୟୋଜନ କରାଯାଉ । ଯେଉଁଥିରେ ସାମୁଦ୍ରିକ ସାପ ଚିହ୍ନଟ କରିବା, ସେମାନଙ୍କଠାରୁ ସୁରକ୍ଷିତ ରହିବା ଏବଂ କାମୁଡ଼ିଲେ କି ପ୍ରକାର ପ୍ରାଥମିକ ଚିକିତ୍ସା କରାଯିବ, ସେ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦିଆଯାଇପାରିବ। ଏହି ସମ୍ବେଦନଶୀଳ ସମସ୍ୟାର ଗୁରୁତ୍ୱକୁ ବୁଝି ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ ମତ୍ସ୍ୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

# ମା'କୁ ମାରି ରୋଷେଇଘର ସ୍ଲାବ୍ ତଳେ ଲୁଚାଇଥିଲା ପୁଅ

## ମୃତଦେହ ଜବତ, ମା'-ପୁଅ ସମ୍ପର୍କ ଅସ୍ପଷ୍ଟ

**ପୁରୀ (ବ୍ୟୁରୋ):** ମାଆ-ପୁଅ ପରିଚୟ ଦେଇ ପୁରୀରେ ଭଡ଼ାରେ ରହୁଥିଲେ । ବଡ଼ଦାଣ୍ଡରେ ପାଣି ବିକି ଜୀବିକା ନିର୍ବାହ କରୁଥିଲେ । ସବୁକିଛି ଠିକଠାକ ଚାଲିଥିବା ବେଳେ ହଠାତ୍ ? ସାମ୍ନାକୁ ଆସିଛି ଚାଞ୍ଚଲ୍ୟକର ଘଟଣା । ପୁରୀ କୁମ୍ଭାରପଡ଼ା ଅଞ୍ଚଳରେ ମାଆଙ୍କୁ ହତ୍ୟା କରି ପୁଅ ମୃତଦେହକୁ ରୋଷେଇ ଘର ସ୍ଲାବ ତଳେ ଲୁଚାଇଥିବା ସନ୍ଦେହ ହୋଇଛି । ସୋମବାର ରୋଷେଇ ଘର ସ୍ଲାବ ତଳୁ ପୁଲିସ ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ଘର ମାଲିକ ମନୋରମା ସାହୁଙ୍କ ସୂଚନା ଅନୁଯାୟୀ, ପ୍ରାୟ ଦୁଇ ମାସ ତଳେ ଜଣେ ମହିଳା ଓ ଜଣେ ଯୁବକ ମାଆ-ପୁଅ ପରିଚୟ ଦେଇ ତାଙ୍କ ଘରେ ଭଡ଼ାରେ ରହିଥିଲେ । ତେବେ ଗତକାଲିଠାରୁ ଯୁବକ ଜଣକ ଘରୁ ଫେରାର ହୋଇଯାଇଥିବା ବେଳେ ମହିଳାଙ୍କର ମଧ୍ୟ କୌଣସି ଖୋଜଖବର ମିଳୁନଥିଲା। ଏହାରି ଭିତରେ ରୋଷେଇ ଘରୁ ପ୍ରବଳ ଦୁର୍ଗନ୍ଧ ଆସିବାରୁ ଘର ମାଲିକଙ୍କର ସନ୍ଦେହ ହୋଇଥିଲା । ଯାଞ୍ଚ କରିବା ପରେ ରୋଷେଇ ଘର ସ୍ଲାବ ତଳେ ପ୍ଲାଷ୍ଟର ହୋଇଥିବା ଦେଖିବାକୁ ମିଳିଥିଲା । ଚଟାଣରେ ମଇଳା ପାଣି ଜମିଥିବା ସହ ସେଥିରୁ ଦୁର୍ଗନ୍ଧ ବାହାରୁଥିଲା । ଏହାପରେ ଘର ମାଲିକ ଓ ପଡ଼ୋଶୀ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲା। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ଯାଞ୍ଚ କରୁଛି । ମୃତ ମହିଳାଙ୍କ ପରିଚୟ ଜାଣିବା ପାଇଁ ପୁଲିସର ଆଉ ଏକ ଟିମ୍ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଯାଇଥିବା ଜଣାପଡ଼ିଛି । ଘଟଣା ପରେ ଅନେକ ପ୍ରଶ୍ନ ସାମ୍ନାକୁ ଆସିଛି । ପ୍ରକୃତରେ ମୃତ ମହିଳା କିଏ ? ତାଙ୍କ ସହ ରହୁଥିବା ଯୁବକ କିଏ ? ଦୁଇ ଜଣଙ୍କ ମଧ୍ୟରେ ପ୍ରକୃତ ସମ୍ପର୍କ କ'ଣ ? ମୃତ୍ୟୁ ପଛରେ କାରଣ କ'ଣ ଏବଂ ଯୁବକ ଜଣକ କାହିଁକି ଫେରାର ହୋଇଛି ? ଏସବୁ ପ୍ରଶ୍ନର ଉତ୍ତର ଏବେ ପୁଲିସ ତଦନ୍ତରୁ ସାମ୍ନାକୁ ଆସିବ।




# ହଲିଡେ ପ୍ୟାକେଜ୍ ଆଳରେ ସାଇବର ଠକେଇ




**ଭୁବନେଶ୍ୱର(ବ୍ୟୁରୋ):** ନ୍ୟାସନାଲ୍ ଓ ଇଣ୍ଟରନ୍ୟାସନାଲ୍ ହଲିଡେ ପ୍ୟାକେଜ୍ ଆଳରେ ରାଜଧାନୀରେ ଜାଲ ବିଛାଇଛନ୍ତି ସାଇବର ଠକ। ଲୋକଙ୍କୁ ଦେଶ ବିଦେଶରେ ବୁଲାଇ ନେବାକୁ ଲୋଭ ଦେଖାଇ ଲକ୍ଷାଧିକ ଟଙ୍କା ଠକୁଛନ୍ତି। କେବଳ ସେତିକି ନୁହେଁ, ମିଥ୍ୟା ପ୍ରତିଶ୍ରୁତି ସାଙ୍ଗକୁ ତାରକା ହୋଟେଲ୍‌ରେ ରହିବାର ଲୋଭ ଦେଖାଇ ହଲିଡେ ମେମ୍ବରସିପ୍ ସଂଗ୍ରହ କରାଯାଉଛି। ଆଉ ଏହି ମେମ୍ବରସିପ୍ ଆଳରେ ଲୋକଙ୍କଠାରୁ ଟଙ୍କା ଲୁଟି ନିଆଯାଉଛି। ଗତ ୪ଦିନରେ ଭୁବନେଶ୍ୱର ସାଇବର ଥାନାକୁ କ୍ରମାଗତ ଭାବରେ ୩ଟି ଅଭିଯୋଗ ସାମନାକୁ ଆସିଛି। ଏଭଳି ଅଭିଯୋଗକୁ କେନ୍ଦ୍ର କରି ସାଇବର ଥାନା ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି ଓ ପ୍ରମୋସନାଲ୍ ମିଟିଂ ଆୟୋଜିତ ହୋଇଥିବା ୨ଟି ପଞ୍ଚତାରକା ହୋଟେଲ୍‌କୁ କଡ଼ା ଚେତାବନି ଦେଇଛି। ଭୁବନେଶ୍ୱରରେ ଏକ ଆଇଟି କମ୍ପାନିରେ କାର୍ଯ୍ୟରତ ଜଣେ ମଧ୍ୟପ୍ରଦେଶର ଯୁବକଙ୍କ ଅଭିଯୋଗ କରିଛନ୍ତି ଯେ କିଛିଦିନ ପୂର୍ବରୁ ସେ ଏକ ସପିଂ ମଲ୍‌କୁ ଯାଇଥିଲେ। ସେଠାରେ ତାଙ୍କୁ କିଛି ଯୁବକ ଏକ ନିର୍ଦ୍ଦିଷ୍ଟ ସଂସ୍ଥାର ମାର୍କେଟିଂ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପରିଚୟ ଦେଇଥିଲେ। ପରେ ତାଙ୍କୁ ଦେଶ ବିଦେଶରେ ବୁଲିବା ପାଇଁ ଏକ ହଲିଡେ ପ୍ୟାକେଜ୍ ଟୁର୍ କିଣିବା ପାଇଁ କହି ଅଭିଯୁକ୍ତମାନେ ଯୁବକଙ୍କ ମୋବାଇଲ ନମ୍ବର ନେଇଥିଲେ। ଏହା ପରେ ତାଙ୍କୁ ଏକ ଇଣ୍ଟରକଣ୍ଟିନେଣ୍ଟାଲ ହଲିଡେଜ୍ ସଂସ୍ଥାରୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ଯୁବକ ନିଜକୁ ସଂସ୍ଥାର ପ୍ରମୋସନାଲ୍ ହେଡ୍ ବୋଲି ପରିଚୟ ଦେଇଥିଲେ। ଏହା ପରେ ତାଙ୍କୁ ଭୁବନେଶ୍ୱରର ଏକ ପଞ୍ଚତାରକା ହୋଟେଲ୍‌କୁ ଡାକିଥିଲେ। ଏତେ ବଡ଼ ହୋଟେଲ୍‌ରେ ବୈଠକ ସାଙ୍ଗକୁ ଡିନର୍ ଅଫର୍ ପାଇ ଅଭିଯୋଗକାରୀ ହଲିଡେ ପ୍ୟାକେଜ୍ ଟୁର୍ ସତ ବୋଲି ଭାବିଥିଲେ। ତେଣୁ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖରେ ଅଭିଯୋଗକାରୀ ତାରକା ହୋଟେଲ୍‌ରେ ତାଙ୍କ ପରିବାର ଲୋକଙ୍କୁ ସାଙ୍ଗରେ ନେଇ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସୁସ୍ୱାଦୁ ଖାଦ୍ୟପେୟରେ ଆପ୍ୟାୟିତ କରି ଲୁଟିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଂସ୍ଥା ପକ୍ଷରୁ ଏକ ରେଟ୍ ଚାର୍ଟ ଧରାଇଦିଆଯାଇଥିଲା। ୫ବର୍ଷ ପାଇଁ ସଂସ୍ଥାରେ ହଲିଡେ ମେମ୍ବରସିପ୍ କଲେ ୧ ଲକ୍ଷ ୨୫ହଜାର ଟଙ୍କା ପୈଠ କରାଯିବ। ପ୍ରତିବର୍ଷ ୭ଦିନ ପାଇଁ ବିଭିନ୍ନ ତାରକା ଖଚିତ ହୋଟେଲ୍‌ରେ ରହଣି ସାଙ୍ଗକୁ ବୁଲେଇ ନିଆଯିବ। ଏହିଭଳି ୫ବର୍ଷ ପର୍ଯ୍ୟନ୍ତ କରାଯିବ। ସେହିଭଳି ୧୦ବର୍ଷର ମେମ୍ବରସିପ୍ କଲେ ୨ଲକ୍ଷ ଟଙ୍କା ଓ ୧୫ବର୍ଷର କଲେ ଆହୁରି ଡିସକାଉଣ୍ଟ୍ ମିଳିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମସ୍ତ ଟଙ୍କା ଏକାସଙ୍ଗେ ଆପଣଙ୍କୁ ପୈଠ କରିବାକୁ ପଡ଼ିବ ନାହିଁ। ଆପଣ ମାସକୁ ମାସ ଇଏମ୍‌ଆଇରେ ଟଙ୍କା ଦେବେ। କେବଳ ସେତିକି ନୁହେଁ, ଆପଣ କ୍ରେଡିଟ୍ କାର୍ଡ ମାଧ୍ୟମରେ ଏବେ ହିଁ ପଞ୍ଜୀକରଣ କଲେ ଆହୁରି ଅନେକ ଡିସକାଉଣ୍ଟ୍ ମିଳିବ। ତେବେ ଏଭଳି ମନଲୋଭା ଅଫର୍ ଶୁଣି ଯୁବକ ଜଣକ ନିଜ କ୍ରେଡିଟ୍ କାର୍ଡର ନମ୍ବର ଓ ଅନ୍ୟାନ୍ୟ ତଥ୍ୟ ଦେଇଥିଲେ। ଆଉ ଘରେ ଆସି ପହଞ୍ଚିବା ବେଳକୁ ତାଙ୍କ କ୍ରେଡିଟ୍ କାର୍ଡରୁ ଲକ୍ଷାଧିକ ଟଙ୍କା କଟିଯାଇଥିଲା। ତେଣୁ ସେ ବାଧ୍ୟ ହୋଇ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଫୋନ୍ କରିଥିଲେ। ସଂସ୍ଥା ପକ୍ଷରୁ ତାଙ୍କୁ ଟଙ୍କା ଫେରିପାଇବାର ଆଶ୍ୱସନା ମିଳିଥିଲା। ଏହା ସହିତ ତାଙ୍କ ମେଲ୍ ଆଇଡିକୁ ଏକ ଏଗ୍ରିମେଣ୍ଟ୍ କପି ମଧ୍ୟ ଯିବ ବୋଲି କୁହାଯାଇଥିଲା। ହେଲେ ଦିନ ପରେ ଦିନ ବିତିଥିଲେ ବି ଅଭିଯୋଗକାରୀଙ୍କୁ କୌଣସି ମେଲ୍ ଆସି ନଥିଲା କି ଆକାଉଣ୍ଟ୍‌କୁ ଟଙ୍କା ଫେରି ନଥିଲା। ତେଣୁ ସେ ବାଧ୍ୟ ହୋଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ସାଇବର ଥାନାରେ ଏହି ଯୁବକଙ୍କ ବ୍ୟତୀତ ଆଉ ୨ଟି ଅଭିଯୋଗ ଆସିଛି। ସମୁଦାୟ ୩ଟି ଅଭିଯୋଗର ତଦନ୍ତ କରି ସାଇବର ଥାନା ପୁଲିସ ସମ୍ପୃକ୍ତ ହଲିଡେ ଟୁର୍ ସଂସ୍ଥାକୁ ନୋଟିସ୍ କରିଥିଲା। ଏହା ସହିତ ସେମାନଙ୍କ କ୍ରେଡିଟ୍ କାର୍ଡରୁ କଟିଥିବା ପ୍ରାୟ ଅଢ଼େଇଲକ୍ଷରୁ ୩ଲକ୍ଷ ଟଙ୍କା ବ୍ଲକ୍ କରି ଫେରସ୍ତ ଅଣାଯାଇଥିବା ଜଣାପଡ଼ିଛି।

# ଯାତ୍ରାରେ ନୂଆ ଟ୍ରେଣ୍ଡ : ସିନେମାକୁ ଟପିଗଲା ମଞ୍ଚସଜ୍ଜା

**ଭୁବନେଶ୍ୱର(ବ୍ୟୁରୋ):** ପାଲ, ବାଉଁଶ ଜମାନା ନାହିଁ । ହାଲୋଜିନ୍ ଆଲୁଅ, ପୁରୁଣା ମାଇକ୍ ସାଉଣ୍ଡ୍ ଯୁଗ ଗଲାଣି । ଖାତା ଧରି ଟିକଟ୍ କାଟିବା ଇତିହାସ ପାଲଟିଲାଣି । ଏବେ ଶୀତତାପ ନିୟନ୍ତ୍ରିତ ଜର୍ମାନ ଟେଣ୍ଟ ହ୍ୟାଙ୍ଗର ଭିତରେ ଚମକାଇଲା ଭଳି ଲେଜର ଲାଇଟ୍ ସାଙ୍ଗକୁ ଡଲ୍‌ବି ଆଟମସ୍ ସାଉଣ୍ଡ୍‌ର ମଜା । ମଞ୍ଚ ପଛରେ ବିଶାଳ ଏଲ୍‌ଇଡି ସ୍କ୍ରିନ୍ । ସିନେମାକୁ ଟପିଗଲା ଭଳି ନାଟକର ଟିଜର, ଟ୍ରେଲର । ବେଶ ପରିପାଟୀଠୁ ନେଇ ରୂପସଜ୍ଜା, ସବୁଠି ଫ୍ୟାଶନର ଛାପ । ମେକ୍‌ଅପ୍‌ଠୁ ମଞ୍ଚ ପୂରା ଆକର୍ଷଣୀୟ । ପୁଣି ଅନ୍‌ଲାଇନ୍‌ରେ ଟିକଟ୍ ବୁକିଂ । ପୂରା ପ୍ରଫେସନାଲ୍ । ଯାତ୍ରାରେ ଆଉ ଯାତ୍ରା ଛାପ ନାହିଁ । ଆଧୁନିକତାର ସ୍ପର୍ଶରେ ବଦଳିଯାଇଛି ଯାତ୍ରା ଅପେରାର ଶୈଳୀ । ଭାଙ୍ଗିଛି ଚିରାଚରିତ ପ୍ରଥା । ସମୟ ସହ ତାଳ ଦେଇ ଆରମ୍ଭ ହୋଇଛି ନୂଆ ଟ୍ରେଣ୍ଡ୍ । ଜମାଣିଆ ନାଟକ ବହି ସାଙ୍ଗକୁ ଛୋଟ ଛୋଟ ଶୀର୍ଷକ ସୃଷ୍ଟି କରିଛି ନୂଆ ଧାରା । ତନ୍ମଧ୍ୟରେ ଓଲିଉଡ୍‌ରୁ ନେଇ ବଲିଉଡ୍ ପର୍ଯ୍ୟନ୍ତ କଳାକାରଙ୍କ ଆଗମନ ଯାତ୍ରାର ମର୍ଯ୍ୟାଦା ବଢ଼ାଇଛି । ଓଡ଼ିଶାର ସର୍ବପୁରାତନ ମନୋରଞ୍ଜନର ମାଧ୍ୟମ ଯାତ୍ରା । ସରକାରୀ ସ୍ୱୀକୃତି, ସମ୍ମାନ ନ ଥିଲେ ବି ଧାରାବାହିକ ଓ ସିନେମା ଦୁନିଆଠୁ ବେଶ୍ ଆଗରେ । ସେ ଆୟ ବ୍ୟୟ କୁହନ୍ତି କଳାପରିବେଷଣ ଶୈଳୀ । ସବୁଠୁ ଅଧିକ ଦର୍ଶକ ଏବଂ ପ୍ରଶଂସକ ଯାତ୍ରାର । ଏଠି ରାତିକୁ ୫୦୦ରୁ



୭୦୦ ଟଙ୍କା ବ୍ଲାକ୍‌ରେ ଟିକଟ୍ କାଟି ଦର୍ଶକ ଯାତ୍ରା ଦେଖନ୍ତି । ସାମାଜିକ ଗଣମାଧ୍ୟମରେ ଯଦି ବେଶି କିଛି ଭାଇରାଲ୍ ଏବଂ ଟ୍ରେଣ୍ଡ୍ ହେଉଥାଏ, ତାହା ହେଲା ଯାତ୍ରାଜଗତ । କେତେବେଳେ ନାଟକ, ସଂଳାପ ତ ଆଉ କେତେବେଳେ କଳାକାର, ମାଲିକଙ୍କ କଳି । ସେଭିତରେ ଭାଇରାଲ୍ ଓ ଭାଇରସ୍ କଳାକାର ବି ଆସନ୍ତି । କିନ୍ତୁ ଯାତ୍ରା କ୍ରେଜ୍ କମିନି, ବରଂ ଦିନକୁ ଦିନ ଆକାଶଛୁଆଁ ହୋଇଚାଲିଛି । ଚାହିଦା ସହ ଦାମ୍ ବି ବଢ଼ୁଛି । ଖୁସିର କଥା ଯାତ୍ରା ସହ ନୂଆ ନୂଆ ଟେକ୍ନୋଲୋଜି ଯୋଡ଼ି ହୋଇଚାଲିଛି । ଚଳିତ ବର୍ଷଠୁ ଯାତ୍ରା ନାଟକର ଶୀର୍ଷକରେ ଏକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଦୁଇଧାଡ଼ିଆ ନାଁ ବଦଳରେ ୨-୩ ଓ ୪ ଅକ୍ଷର ବିଶିଷ୍ଟ ନାଁ ସବୁ ଆସିଛି । ଯେମିତିକି 'ଏଡ଼ା', 'ବୋଝ', 'ବାଘା', 'ବାପା', 'ଝଡ଼', 'ଠକ', 'ଅଘୋରୀ', 'ମୁଖାଗ୍ନି', 'ଢ଼ୋଲିଆ', 'ଭିଲେନ୍', 'ହରିଶ୍ଚନ୍ଦ୍ର', 'ଅଲାଜୁକୀ', 'ସନାତନୀ', 'ଯମରାଜ' 'ବିଶ୍ୱାମିତ୍ର', 'ଫେରିବାଲା', 'ଚୌକିଦାର', 'ରାମଲୀଳା', 'ପର୍ଶୁରାମ' ଭଳି ଅନେକ ଯାତ୍ରା ନାଟକ ଏହି ବର୍ଷ ହେଉଛି । ଏହାଛଡ଼ା ଯାତ୍ରାକୁ ସିନେମା, ସିରିଏଲ୍ କଳାକାର, କାହାଣୀକାର, ସଙ୍ଗୀତକାର ଓ ନିର୍ଦ୍ଦେଶକଙ୍କ ପ୍ରବେଶ ପରେ ଯୋଡ଼ି ହୋଇଛି ଟିଜର ଓ ଟ୍ରେଲର । ସିନେମା ଭଳି ଉନ୍ନତ ଧରଣର ଟିଜର ହୋଇ ରିଲିଜ୍ ହେଉଛି । ବିଜିଏମ୍ (ବ୍ୟାକ୍ ଗ୍ରାଉଣ୍ଡ ମ୍ୟୁଜିକ୍) ସହ ନାଟକ ଫାଇନାଲ୍ ହେଉଛି । ବାହାରେ ସୁଟିଂ କରି ଯାତ୍ରା ମଞ୍ଚରେ ନାଟକର ଅଧା କାହାଣୀକୁ ଏଲ୍‌ଇଡି ସ୍କ୍ରିନ୍‌ରେ ପ୍ରଦର୍ଶନୀ କରାଯାଉଛି । ଯାହା ଅଧିକ ଆକର୍ଷଣୀୟ ଓ ମନଛୁଆଁ ହେଉଛି । ଦର୍ଶକ ନିଜ ପ୍ରିୟ କଳାକାରଙ୍କୁ ଭିନ୍ନ ଅବତାରରେ ଦେଖୁଛନ୍ତି । ତା'ପୂର୍ବରୁ ସାମାଜିକ ଗଣମାଧ୍ୟମରେ ଏହା ଭାଇରାଲ୍ ହୋଇ ମିଲିୟନ୍ ମିଲିୟନ୍ ଭିୟୁ ଛୁଉଁଛି । ବିଶେଷକରି ସିନେମା ଓ ସିରିଏଲ୍ କଳାକାରଙ୍କ ଦବ୍‌ଦବା ଯାତ୍ରାରେ ବଢ଼ୁଥିବାବେଳେ ସେମାନେ ଏବେ ଆକର୍ଷଣର କେନ୍ଦ୍ର ସାଜୁଛନ୍ତି । ବଲିଉଡ୍‌ର ଭେଟେରାନ୍ ଷ୍ଟାର ପୁନିତ୍ ଇସାରଙ୍କ ଭଳି କଳାକାର ମଧ୍ୟ ଚଳିତ ବର୍ଷ ଯାତ୍ରା ନାଟ୍ୟ ମଣ୍ଡପ ମାଧ୍ୟମରେ ଯଲିଉଡ୍‌କୁ ଏଣ୍ଟ୍ରି କରୁଛନ୍ତି । ନାଟକଠୁ ନେଇ ମଞ୍ଚ, ପୋଷ୍ଟର, ବ୍ୟାନର ଏବଂ କଟ୍‌ଆଉଟ୍‌ରେ, ସବୁଠି ସେମାନଙ୍କ ଚର୍ଚ୍ଚା । ଏସବୁ ଭିତରେ ଯାତ୍ରାକୁ ପେସାଦାର କଣ୍ଠଶିଳ୍ପୀ, ସଙ୍ଗୀତକାରଙ୍କ ମଧ୍ୟ ପ୍ରବେଶ ହୋଇଛି । ଶୀର୍ଷକ ସଙ୍ଗୀତଠୁ ନେଇ ମୁଖ୍ୟ ମୁଖ୍ୟ ଗୀତ ପଛରେ ଶୁଭୁଛି ସେମାନଙ୍କ ସ୍ୱର । ଏସବୁକୁ ଭାଇରାଲ୍ କରି ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ଯାତ୍ରା ଦଳମାନେ ସାମାଜିକ ଗଣମାଧ୍ୟମକୁ ସାହାରା କରିଛନ୍ତି । ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଖୋଲିଲେ ଯାତ୍ରାର ଦମଦାର ସଂଳାପ । ଡିଜିଟାଲ୍ ପ୍ଲାଟ୍‌ଫର୍ମର ବିଭିନ୍ନ ମାଧ୍ୟମରେ ଯାତ୍ରା ଦଳର ସ୍ୱତନ୍ତ୍ର ଆକାଉଣ୍ଟ ଖୋଲି ପ୍ରଚାର, ପ୍ରସାର କରୁଛନ୍ତି । ଆଖଡ଼ାଶାଳରୁ ନେଇ ଯାତ୍ରା ନାଟକ, କଳାକାର, କାହାଣୀ, କେଉଁ ସ୍ଥାନରେ ନାଟକ ହେବ, ଆଗୁଆ ବୁକିଂ ଆଦି ବିଭିନ୍ନ ବିଷୟରେ ଭିଡିଓ, ଅଡିଓ ଓ ଫଟୋ, ମେସେଜ୍ ମାଧ୍ୟମରେ ପ୍ରତି ମୁହୂର୍ତ୍ତରେ ସୂଚନା ଦେଇ ଦର୍ଶକଙ୍କୁ ବାନ୍ଧି ରଖୁଛନ୍ତି । ସେ କ୍ଷେତ୍ରରେ ବି ଗୋଟିଏ ଗୋଟିଏ ଯାତ୍ରା ଦଳର ଆକାଉଣ୍ଟଗୁଡ଼ିକର ଫଲୋଅର୍ସ ସଂଖ୍ୟା ମିଲିୟନ୍ ଛୁଆଁ । ବର୍ତ୍ତମାନ ସ୍ଥିତି ଯାହା, ମନୋରଞ୍ଜନର ବଜାରରେ ଯାତ୍ରାର ଲୋକପ୍ରିୟତା ସବୁଠୁ ବେଶି ବୋଲି ଯାତ୍ରା ସମୀକ୍ଷକ କୁହନ୍ତି ।

# ଅଟୋ ଚାଳକଙ୍କ ହିଂସା ମାମଲା: ପରମିଟ୍ ବାତିଲ ପ୍ରକ୍ରିୟା ଆରମ୍ଭ



**ଭୁବନେଶ୍ୱର(ବ୍ୟୁରୋ):** ଲୋୟର ପିଏମ୍‌ଜିରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟାଇଥିବା ଓଲା, ଉବର ଓ ରାପିଡୋ ଅଟୋ ଚାଳକଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ। ଶୁକ୍ରବାର ଦିନ ୩୮୦ ଅଟୋ ମାଲିକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ବେଳେ ଆଜି ସେମାନଙ୍କ ପରମିଟ୍ ବାତିଲ୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଆରଟିଓ ମାନସ ମିଶ୍ର କହିଛନ୍ତି। ତେବେ ଯାଞ୍ଚ ବେଳେ ଜଣାପଡ଼ିଛି ଯେ ଅନେକ ଅଟୋର ଫିଟ୍‌ନେସ୍ ନାହିଁ। କେବଳ ଫିଟ୍‌ନେସ୍ ନୁହେଁ, ପ୍ରଦୂଷଣ, ଇନ୍‌ସ୍ୟୁରାନ୍ସ ମଧ୍ୟ ନାହିଁ।ବର୍ଷ ବର୍ଷ ହେବ ଏମାନେ ଏଭଳି ବେଆଇନ୍ ଭାବେ ରାଜଧାନୀ ରାସ୍ତାରେ ଗାଡ଼ି ଚଳାଉଥିଲେ। ସେହିପରି ଟ୍ରାଫିକ୍ ନିୟମ ଉଲ୍ଲଂଘନ କଥା ମଧ୍ୟ ସାମ୍ନାକୁ ଆସିଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ ଯୋଗୁ ଅନେକଙ୍କ ବିରୋଧରେ ମାଳ ମାଳ ଇ-ଚାଲାଣ ମଧ୍ୟ ପେଣ୍ଡିଂ ରହିଛି। ଏହାଛଡ଼ା ୨୦୦ଜଣଙ୍କ ବିରୋଧରେ ଇ-ଚାଲାଣ କଟାଯାଇଛି। ଆଞ୍ଚଳିକ ପରିବହନ ବିଭାଗ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପରେ ୩ଦିନ ମଧ୍ୟରେ ମାତ୍ର ୨୦-୨୫ଜଣ ଏହାର ଜବାବ ରଖିଛନ୍ତି। ଏବେ ବି ଶତାଧିକ ମାଲିକ ଏହାକୁ ଖାମଖିଆଲି ଭାବି କୌଣସି ଜବାବ ଦେଇନାହାନ୍ତି। ଆକ୍ସନ ମୁଡ୍‌ରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଜବତ ହୋଇଥିବା ସମସ୍ତ ଅଟୋର ତଥ୍ୟ ଯାଞ୍ଚ କରି ବେଆଇନ୍ ଅଟୋଗୁଡ଼ିକର ତାଲିକା କରୁଛି। ଯେଉଁମାନେ ନିୟମ ଉଲ୍ଲଂଘନ କରିଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ନିଶ୍ଚିତ ହୋଇଛି। ଏଥିପାଇଁ ଅଟୋଗୁଡ଼ିକର ପରମିଟ୍ ବାତିଲ ପାଇଁ ନିଷ୍ପତ୍ତି ହୋଇଛି। ଆଞ୍ଚଳିକ ପରିବହନ ବିଭାଗର ଏଭଳି ଗୋଟିଏ ପରେ ଗୋଟିଏ କଡ଼ା ଆଭିମୁଖ୍ୟ ପରେ ଅଟୋ ଚାଳକଙ୍କ ନିଦ ହଜିଛି । ପୁଲିସ ଜବତ କରିଥିବା ଅଟୋ ମଧ୍ୟରୁ ଏକାଧିକ ଅଟୋ ମିଳୁନାହିଁ। ପୁଲିସ ହେପାଜତରୁ ଅଟୋ ନେଇଯାଇଥିବା ଜଣାପଡ଼ିଛି। ଏନେଇ ଗାଡ଼ି ଚାଳକଙ୍କୁ ୱାରେଣ୍ଟ ଜାରି ହେବ ବୋଲି ଜଣାପଡ଼ିଛି। ପ୍ରାୟ ୧୦ଟି ଗାଡ଼ି ପାଇଁ ୱାରେଣ୍ଟ ଜାରି କରାଯିବ ଜଣାପଡ଼ିଛି। ସୂଚନା ଅନୁସାରେ ୧୯ ତାରିଖ ଘଟଣା ପରେ ରାସ୍ତା ଉପରେ ବ୍ଲକିଂ କରାଯାଇଥିବା ଗାଡ଼ିକୁ ପୁଲିସ ପକ୍ଷରୁ ଜବତ କରାଯାଇଥିଲା। ମୋଟ୍ ୩୫୪ ଗାଡ଼ିକୁ ଜବତ କରାଯାଇଥିଲା। ଗାଡ଼ିଗୁଡ଼ିକୁ ଟୋଇଂ କରି ରିଜର୍ଭ ଗ୍ରାଉଣ୍ଡକୁ ନିଆଯାଇଥିଲା। କିନ୍ତୁ ସେଥିରୁ ପ୍ରାୟ ୧୦ଟି ଗାଡ଼ି ମିଳୁନଥିବା ଜଣାପଡ଼ିଛି। ପୁଲିସ ହେପାଜତରୁ ଗାଡ଼ିଗୁଡ଼ିକୁ ନିଆଯାଇଥିବାରୁ ଏହାକୁ ନେଇ ୱାରେଣ୍ଟ ଜାରି କରାଯିବ। କାରଣଦର୍ଶାଅ ନୋଟିସର ଉତ୍ତର ନଦେବାକୁ ସଂଘ ପକ୍ଷରୁ ଚାପ ପକାଯାଉଯାଉଛି। ନୋଟିସ୍‌ର ଉତ୍ତର ଦେବାକୁ ଆସିଥିବା କିଛି ଅଟୋ ଚାଳକ କହିଛନ୍ତି ଯେ ଗତକାଲି ସଂଘ ପକ୍ଷରୁ ସେମାନଙ୍କୁ ଆଜି ଆରଟିଓକୁ ଆସି ନୋଟିସର ଉତ୍ତର ନଦେବାକୁ କୁହାଯାଇଥିଲା। ଜେଲରେ ଥିବା ଡ୍ରାଇଭରମାନେ ନୋଟିସର ଉତ୍ତର ଦେଇ ନାହାନ୍ତି।

# ଝିଅକୁ ମାଡ଼ ମାରି ଜେଲ୍ ଗଲା ବାପା

**ଭୁବନେଶ୍ୱର(ବ୍ୟୁରୋ) :** ଝିଅକୁ ମାଡ଼ ମାରି ଜେଲ୍ ଗଲା ବାପା । ଝିଅକୁ ସୁରକ୍ଷା ଦେଉଥିବା ବାପା, ପାଲଟିଗଲା ଝିଅର ଆକ୍ରମଣକାରୀ । ବାପା ହାତରେ ଝିଅକୁ କଲା ଲହୁଲୁହାଣ । ପାରିବାରିକ କଳହରୁ ନାବାଳିକା ଝିଅକୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ । ମଦ ପିଇ ଆସି ଝିଅକୁ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ବାପା ଗିରଫ । ପାହାଳ ଥାନା ଅଞ୍ଚଳ ଘଟିଛି ଏଭଳି ଘଟଣା । ଅଭିଯୁକ୍ତ ପ୍ରକାଶ ଚନ୍ଦ୍ର ଭୋଇ ନିୟମିତ ମଦ ପିଇ ଘରକୁ ଆସି ମାଆ ଓ ଝିଅଙ୍କୁ ମାଡ଼ ମାରୁଥିଲା । ହେଲେ ୨୪ ତାରିଖରେ ସବୁ ସୀମା ଟପିଗଲା । ପାରିବାରିକ କଳହକୁ ନେଇ ଝିଅ ସହ ବଚସା ପରେ କାଠ ଫାଳିଆ ଧରି ତାକୁ ଆକ୍ରମଣ କରିଥିଲା ବାପା । ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ମାଡ଼ ମାରି ଝିଅକୁ ଗୁରୁତର କରିଦେଇଥିଲା। ଚିତ୍କାର ଶୁଣି ପଡ଼ୋଶୀ ଘରେ ପହଞ୍ଚି ଗୁରୁତର ନାବାଳିକାକୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ । ପରେ ମାଆ ଓ ଝିଅ ପାହାଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ କରି ଅଭିଯୁକ୍ତ ବାପା ପ୍ରକାଶ ଚନ୍ଦ୍ର ଭୋଇକୁ ଗିରଫ କରିଛି । ତାକୁ କୋର୍ଟ ଚାଲାଣ କରାଯାଇଛି ।

# ପରିବେଶପ୍ରେମୀଙ୍କ ମନ ଜିଣୁଛି ଗୋବର ଓ ତାଳପତ୍ର ତିଆରି ରାଖୀ



**ଭୁବନେଶ୍ୱର(ବ୍ୟୁରୋ):** ଗୋବରରୁ ତିଆରି ହୋଇଛି ରାଖୀ । ସେଥିରେ ରହିଛି ପୁଣି ବିଭିନ୍ନ ପ୍ରକାରର ମଞ୍ଜି । ଯାହା ମାଟିରେ ପଡ଼ିଲାକ୍ଷଣି ସୃଷ୍ଟି କରିବ ଗଛ । ରାଖୀ ପୂର୍ଣ୍ଣିମା ଅବସରରେ ଏହିଭଳି ପରିବେଶ ଅନୁକୂଳ ରାଖୀ ବଜାରକୁ ଆସିଛି । ଯାହା ଭାଇ ଭଉଣୀର ସମ୍ପର୍କର ସେତୁ ହେବା ସହିତ ପରିବେଶ ସୁରକ୍ଷାର ବାର୍ତ୍ତା ମଧ୍ୟ ଦେବ । ପ୍ରୟତଃ ରାଖୀ ମାଟିରେ ପଡ଼ିଲେ ନଷ୍ଟ ହୁଏନି । ଏହା ପରିବେଶ ପ୍ରଦୂଷଣର କାରଣ ହୁଏ । ଏହାକୁ ଲକ୍ଷ୍ୟକରି କେତେକ ଗୋସେବକ ଓ ସମାଜସେବୀ ଏହି ଗୋବର ତିଆରି ପରିବେଶ ଅନୁକୂଳ ରାଖୀ ତିଆରି କରିଛନ୍ତି । ଯାହା ପରିବେଶ ଅନୁକୂଳ ହେବା ସହିତ ଜଙ୍ଗଲ ସୃଷ୍ଟି କରିବାରେ ସାହାଯ୍ୟ କରିବ । ଏହି ରାଖୀଗୁଡ଼ିକର ମୂଲ୍ୟ ୧୫ ଟଙ୍କାରୁ ଆରମ୍ଭ ହୋଇ ୭୫ ଟଙ୍କା ପର୍ଯ୍ୟନ୍ତ ରହୁଛି । ଏହା ପରିବେଶ ଅନୁକୂଳ ହୋଇଥିବାରୁ ଏହାକୁ ପରିବେଶ ପ୍ରେମୀମାନେ ବେଶ୍ ଆନନ୍ଦ ସହକାରେ କିଣୁଛନ୍ତି । ଡମଣା ଛକ ନିକଟରେ ଗୋବର ରାଖୀ ବିକ୍ରି କରୁଥିବା ଗୋ ସେବକ କିଷ୍ଣା କହନ୍ତି, ଗୋବରରୁ ତିଆରି ହୋଇଥିବା ଏହି ରଖୀକୁ ଲୋକମାନେ ବେଶ୍ ପସନ୍ଦ କରୁଛନ୍ତି । ଏଥିସହିତ ବଜାରରେ ଦେଖିବାକୁ ମିଳୁଛି ତାଳପତ୍ରରେ ତିଆରି ହୋଇଥିବା ରାଖୀ । ବିଶେଷକରି ଏହି ରାଖୀଗୁଡ଼ିକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆକୃତି ଦେଖିବାକୁ ମିଳୁଛି । ଏହାର କାରୁକାର୍ଯ୍ୟ ମଧ୍ୟ ବେଶ୍ ନିଖୁଣ ଭାବେ ହୋଇଛି । ରାଖୀଗୁଡ଼ିକର ମୂଲ୍ୟ ୩୦ ଟଙ୍କା ରହୁଛି । ଏହି ରାଖୀକୁ ପ୍ରସ୍ତୁତ କରୁଥିବା ବାଲିଅନ୍ତାର ସୁଦୀପ୍ତା ପରିଡ଼ା କହନ୍ତି, ରାଜଧାନୀରେ ଆୟୋଜିତ ହେଉଥିବା ବିଭିନ୍ନ ପ୍ରଦର୍ଶନୀରେ ତାଳପତ୍ରରେ ତିଆରି ବିଭିନ୍ନ ପ୍ରକାର ସାମଗ୍ରୀର ଷ୍ଟଲ ପକାଏ । ରାଖୀ ପୂର୍ଣ୍ଣିମାକୁ ଆଉ ଦିନକେଇଟା ଥିବାରୁ ବଜାରର ବିଭିନ୍ନ ଛକରେ ଭଳିକି ଭଳି ଅସ୍ଥାୟୀ ରାଖୀ ଦୋକାନ ଖୋଲିଗଲାଣି । ବଡ଼ବଡ଼ ମଲ୍‌ରେ ବି ରାଖୀ ଦୋକାନ । ଭାଇ ଭାଉଜ ରାଖୀର ବେଶ୍ ଚାହିଦା ରହୁଛି । ଏହାବାଦ୍ ଥାଳି ରାଖୀ, ବିଭିନ୍ନ ଦେବାଦେବୀଙ୍କ ଫଟୋ ଲାଗିଥିବା ଏବଂ ଧାନ ଓ କଉଡ଼ିରେ କାମ ହୋଇଥିବା ରାଖୀ, ଇଭିଲ ଆଇ ରାଖୀ, ଷ୍ଟୋନ୍, ଓମ୍, ତ୍ରିଶୂଳ, ସ୍ୱସ୍ତିକ୍ ଚିହ୍ନ, ଭଗବାନଙ୍କର ପ୍ରତିଛବି, ରୁଦ୍ରାକ୍ଷ, ମୟୁର ପୁଚ୍ଛ, କାର୍ଟୁନ ରାଖୀ ବଜାରକୁ ଆସିଛି । ଯାହାର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ ହୋଇ ୨୦୦ ଟଙ୍କା ପର୍ଯ୍ୟନ୍ତ ରହୁଛି । ଏଥିସହିତ ଦୂରରେ ରହୁଥିବା ଭାଇମାନଙ୍କ ପାଇଁ ଭଉଣୀମାନେ ବିଭିନ୍ନ ସପିଙ୍ଗ୍ ଆପ୍ ମାଧ୍ୟମରେ ରାଖୀ ପଠାଉଛନ୍ତି । ଯେଉଁଥିରେ ପୂଜାର ବିଭିନ୍ନ ସାମଗ୍ରୀ ସମେତ, ମିଠା, ଶୁଭେଚ୍ଛା କାର୍ଡ, ରାଖୀ ରହୁଛି ।

# ବନ୍ୟାରେ ଉଜୁଡ଼ା କ୍ଷେତକୁ ଏବେ ବିହନ ଚିନ୍ତା

**ଭୁବନେଶ୍ୱର(ବ୍ୟୁରୋ):** ଏଥର ପାଣିପାଗ କହିଲା ମରୁଡି ହେବ । କିନ୍ତୁ ମରୁଡି ଜାଗାରେ ଗୋଟିଏ ନୁହେଁ ଚାରି ଚାରିଟି ବନ୍ୟା ହେଲା । ଚାଷୀ ବର୍ଷା, ବନ୍ୟା, ବାତ୍ୟାକୁ ଖାତିର ନ କରି ପ୍ରତିବର୍ଷ ଭଙ୍ଗା ଅଣ୍ଟାକୁ ସଳଖି ପୁଣି ଚାଷ କରନ୍ତି । ଚଳିତ ବର୍ଷ କିନ୍ତୁ ପାଣିପାଗ ମାଡରେ ଆଉ ସିଧା ହେବାକୁ ବଳ ନାହିଁ । ସଅଳ କିସମର ଧାନ ବିହନ ଖୋଜିଲେ ମଧ୍ୟ ମିଳୁନି । ପରିସ୍ଥିତି ଏମିତି ଯେ ଏଥର ଘରେ ମାଣ ବସାଇବାକୁ ଧାନ ମିଳିବନି । ଉପକୂଳ ଓଡ଼ିଶାର ଚାଷୀମାନେ ସ୍ୱର୍ଣ୍ଣ, ୧୦୦୧, ୧୦୦୯, ଧଳାସ୍ୱର୍ଣ୍ଣ, ମାହେଶ୍ୱରୀ, ଡେରାଡୁନ୍, ଲକ୍ଷ୍ମୀ ଗୋଲ୍ଡ, ସମ୍ପଦା, ଉବାମା ଆଦି ବିହନ ନେଇ ତଳି ପକାଇଥିଲେ । ଯେତିକି ତଳି ଆଗୁଆ ପଡିଥିଲା ତାହାକୁ ରୁଆ ଯାଇଥିଲା । କିନ୍ତୁ ଚାରି ଚାରିଟି ବନ୍ୟା ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ସମସ୍ତ ତଳି ଓ ରୁଆ ଧାନକୁ ଉଜାଡି ଦେଇଛି । ଜୁଲାଇ ୧୯ରୁ ଲଗାଣ ବର୍ଷା ଆରମ୍ଭ ହୋଇଛି ଯେ, ଅଗଷ୍ଟ ୨୪ ତାରିଖ ହୋଇଗଲା, ଶେଷ ହେଉନାହିଁ । ସବୁ ବର୍ଷ ଚାଷୀ ଖରିଫ୍ ଧାନ ସମୟରେ ଅକ୍ଷୟ ତୃତୀୟାରୁ ଗହ୍ମାପୂର୍ଣ୍ଣିମା ପର୍ଯ୍ୟନ୍ତ ୨୯୦ରୁ ୩୧୦ ମିଲିମିଟର ବର୍ଷା। ଆବଶ୍ୟକ କରନ୍ତି । କିନ୍ତୁ ଚଳିତ ବର୍ଷ ଭଦ୍ରକ ଜିଲ୍ଲାରେ ୮୬୫ ମିଲିମିଟର ବର୍ଷା।



ହୋଇସାରିଲାଣି । ତିନି ଗୁଣା ବର୍ଷା ହୋଇଥିବାରୁ ଜଳବହୁଳେ ସୃଷ୍ଟି ନାଶ ଭଳି ପରିସ୍ଥିତି ଉପୁଜିଛି । ଯାହାଫଳରେ ବର୍ଷକର ସୁନାର ଫସଲ ଆରମ୍ଭ କରିବାବେଳେ ଚାଷୀଙ୍କ କ୍ଷେତ ସମ୍ପୂର୍ଣ୍ଣ ଉଜୁଡିଯାଇଛି । ଭଦ୍ରକ ଜିଲ୍ଲାରେ ୭ଟି ବ୍ଲକରେ ପାଖାପାଖି ୧ ଲକ୍ଷ ୪୮ ହଜାର ହେକ୍ଟର ଚାଷଜମି ମଧ୍ୟରୁ ପାଖାପାଖି ୧ ଲକ୍ଷ ହେକ୍ଟର ଚାଷଜମି ବନ୍ୟାରେ ପ୍ରଭାବିତ ହୋଇଛି । ୨୦୨୫-୨୬ ବର୍ଷରେ ଧାନ ବିକିବା ପାଇଁ ୯୬ ହଜାର ଚାଷୀ ଭଦ୍ରକ ଜିଲ୍ଲାରୁ ପଞ୍ଜିକୃତ ହୋଇଥିବାବେଳେ ୨୦୨୬-୨୭ ବର୍ଷରେ ଆଜି ସୁଦ୍ଧା ମାତ୍ର ୨୫ ହଜାର ଚାଷୀ ପଞ୍ଜିକୃତ ହୋଇଛନ୍ତି । ହାତରେ ଆଉ ମାତ୍ର ୭ ଦିନ ବାକି ରହିଛି । ଜିଲ୍ଲାର ୧୧୩ଟି ସମବାୟ ସୋସାଇଟି ମଧ୍ୟରୁ ୧୦୫ଟି ସୋସାଇଟି ଧାନ କିଣନ୍ତି । ତେବେ ଏମାନଙ୍କ ମଧ୍ୟରୁ କେତେକ ସୋସାଇଟି ଚାଷୀ ଧାନ ବିକିବା ପାଇଁ ଅନଲାଇନ ନ କରିବାକୁ ଅଡି ବସିଛନ୍ତି । ବାଲେଶ୍ୱର ଜିଲ୍ଲାରେ ୧ ଲକ୍ଷ ୭୩ ହଜାର ହେକ୍ଟର ଜମିରୁ ୧ ଲକ୍ଷ ୨୦ ହଜାର ହେକ୍ଟରରେ ତଳି ରୁଆ ସରିଥିଲା । ସେଥିରୁ ୨୫ ହଜାର ହେକ୍ଟର ଏବେ ବି ବନ୍ୟା ପାଣି ଘେରରେ ଅଛି । ଯାଜପୁର ଜିଲ୍ଲାରେ ବୈତରଣୀରେ ୫ ଥର ବନ୍ୟା ଆସିଛି । ସେହିପରି ବ୍ରାହ୍ମଣୀ ଓ ଖରସ୍ରୋତାରେ ଦୁଇ ଥର ବନ୍ୟା ଆସି ୪୦ ହଜାର ହେକ୍ଟର ଜମିରେ ଚାଷ ପ୍ରଭାବିତ ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ୧ ଲକ୍ଷ ୨୪ ହଜାର ହେକ୍ଟର ଜମିରୁ ୧୪ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି । କଟକ ଜିଲ୍ଲାରେ ୯ ହଜାର ହେକ୍ଟର ଜମିରେ ଧାନ ଚାଷ ପ୍ରଭାବିତ ହୋଇଛି । ଭଦ୍ରକ ଜିଲ୍ଲା ତିହିଡିର ଜଣେ ଚାଷୀ ହରିହର ନାୟକ କହିଛନ୍ତି ଚଳିତ ବନ୍ୟା ଓ ବର୍ଷା ମାଡ଼ରେ ମୋର ୫ ଏକର ଜମି ରୁଆ ଧାନ ଉଜୁଡିଗଲା । ତେଣୁ ପାଖାପାଖି ୨୫ ହଜାର ଟଙ୍କା ଖର୍ଚ୍ଚ କରି ଧାନ ବିହନ ତଳି କିଣିଆଣି ରୋଇବାରେ ଲାଗିଛି । ଗୋଟିଏ ପଟେ ସରକାରଙ୍କ ଧାନ କିଣିବା କଟକଣା ଅନ୍ୟପଟେ ଇନ୍ଦ୍ରଙ୍କ ମାଡ ଓ ମଜୁରି ମାଡ ପାଇଁ ଚାଷ ଛାଡିଦେବାକୁ ଇଚ୍ଛା ହେଉଛି । ଦୋସିଙ୍ଗା ସମବାୟ ସମିତି ସଭାପତି ଅଭିମନ୍ୟୁ ରାଉତ କହିଛନ୍ତି ମନ୍ତେଇ ନଦୀ ଉଛୁଳିଲା, ତା ସାଙ୍ଗକୁ ଜୁଆର ପାଣି ମାଡରେ ଧାମରା, ଜାଗୁଲା, ଦୋସିଙ୍ଗା, କଇଥଖୋଲା, ବାଂଶଡା ଆଦି ଅଞ୍ଚଳରେ ଚାଷୀଙ୍କ ଫସଲ ଉଜୁଡିଗଲା । ସରକାର ଆମକୁ ସଅଳ କିସମ ବିହନ ଦେଲେ ଆମେ ପୁଣି କମର ସଳଖି ପାରିବୁ । ଚଳିତ ବନ୍ୟାରେ ରୁଆ ଧାନ ଉଜୁଡିଗଲା । ଲୋକେ ପୁଣି କ୍ଷେତକୁ ଯାଇ ଉଜୁଡିଥିବା ରୁଆ ଧାନ ଉପରେ ପୁଣି ରୋଇବାକୁ ତଳି ଖୋଜିଲେ । ଯେଉଁ ଉଚ୍ଚ ବିଲରେ ଯାହାର ତଳି ବଞ୍ଚିଥିଲା ତାହା ଦେହରେ ହାତ ମାରିହେଲାନି । ତଳି ମାଲିକ ପଣ ୫୦୦ ଟଙ୍କା ନେଉଥିବାବେଳେ ସେହି ଜମିରୁ ପଣେ ବିହନକୁ ଉପାଡିବା ପାଇଁ ୫୦୦ ଟଙ୍କା ଏବଂ ଟ୍ରଲି କିମ୍ବା ଅଟୋ ଭଡ଼ା କରି ନିଜ କ୍ଷେତକୁ ଆଣିବା ପାଇଁ ୩୦୦ ଟଙ୍କା ଓ ମୂଲିଆ ପକାଇ ରୋଇବା ପାଇଁ ୫୦୦ ଟଙ୍କା ଖର୍ଚ୍ଚ କରୁଛି । ଚାଷୀ ବନ୍ୟା ପରେ ଜୀବନ ବିକଳରେ ପଣେ ବିହନକୁ ୧୮୦୦ ଟଙ୍କା ଖର୍ଚ୍ଚ କରୁଛି । ରାଜ୍ୟ ସରକାର ବନ୍ୟା ପରେ ଚାଷୀଙ୍କୁ ୯୦ ଦିନିଆ ଅମଳ ହେଉଥିବା ବିହନ ଦେବାକୁ ପ୍ରସ୍ତୁତ ହେଉଛନ୍ତି । କିନ୍ତୁ କୃଷିବିଭାଗ କହୁଛି ଆମ ଗୋଦାମରେ ଷ୍ଟକ ନାହିଁ । ଚାଷୀଙ୍କ ପାଇଁ ସରକାର ଆନ୍ଧ୍ର, ରାୟଗଡା ଓ ସୁନ୍ଦରଗଡ଼ରୁ ୯୦ ଦିନିଆ ବିହନ ଆଣିବାକୁ ପ୍ରସ୍ତୁତ ହେଉଛନ୍ତି ଯାହାକି ସେପ୍ଟେମ୍ବର ମାସ ସୁଦ୍ଧା ସେମାନଙ୍କୁ ଦେଇ ହେବ ଓ ଏହା ଜାନୁଆରୀ ପ୍ରଥମ ସପ୍ତାହ ବେଳକୁ ଧାନ କଟା ହୋଇସାରିଥିବ । ଶୁଖିଲା ଭୂଇଁରେ ହୋଇପାରୁଥିବା ଧାନ ବିହନ ଖଣ୍ଡଗିରି, ନବୀନ, ସହଭାଗି, ମନ୍ଦାଗିନି, ଯୋଗେଶ ଆଦି ବିହନ ଚାଷୀଙ୍କୁ ସରକାର ଦେବା ପାଇଁ ଦାବି ହେଉଛି । ଏହି ବିହନ ଉପକୂଳ ଓଡିଶାର କୃଷି ଗୋଦାମରେ ନାହିଁ । ତେଣୁ କୃଷି ବିଭାଗର ଅଧିକାରୀ କ'ଣ କରିବେ ବାଟ ପାଉନାହାନ୍ତି ।

# ବଜାରରେ ଏବେ ମିଳୁଛି ଅପମିଶ୍ରିତ ପନୀର, ଛେନା

**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅପମିଶ୍ରିତ ପନିର ଓ ଛେନା ବିକ୍ରିକୁ ନେଇ ଲୋକଙ୍କ ଭିତରେ ଛନକା ପଶିଥିଲେ ହେଁ ବଜାରରୁ ଏହା କିନ୍ତୁ ସରୁନାହିଁ। ଯେତେ ଚଢ଼ାଉ ହେଉଛି ସେତେ ବାହାରୁଛି। ଅର୍ଥାତ୍ ସ୍ୱାସ୍ଥ୍ୟ ବିଭାଗ ଅପମିଶ୍ରଣର ମୂଳ ଉତ୍ସ ପାଖରେ ପହଞ୍ଚି ପାରୁନାହିଁ। ଆନାଲୋଗ(ବିନା କ୍ଷୀରରୁ ପ୍ରସ୍ତୁତ) ପନିରର ବିକ୍ରି ଉପରେ କିଛି ରାଜ୍ୟ କଟକଣା ଜାରି କରିବା ପରେ ଓଡ଼ିଶାରେ ପନିରକୁ ନେଇ ଯାଞ୍ଚ ଆରମ୍ଭ ହୋଇଛି। ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟ, ସ୍ଥାନୀୟ ପ୍ରଶାସନ ମିଳିତଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛନ୍ତି। ରାପିଡ୍ ଟେଷ୍ଟିଂ କିଟ୍ ବ୍ୟବହାର କରାଯାଇ ଘଟଣାସ୍ଥଳରେ ହିଁ ଏହା ଅପମିଶ୍ରିତ କି ନୁହେଁ ତାହାକୁ ଚିହ୍ନଟ କରାଯାଉଛି। ଆଜି ମଧ୍ୟ ଭୁବନେଶ୍ୱର ଓ କଟକର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଆଜି ବିଏମ୍‌ସି, ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ରାଜଧାନୀର ସିଆରପି, ନୂଆପଲ୍ଲୀ, ସମ୍ ହସ୍ପିଟାଲ, ଫାୟାର ଷ୍ଟେସନ୍‌ରେ ଥିବା ବିଭିନ୍ନ ଦୋକାନରେ ମଧ୍ୟ ଚଢ଼ାଉ ହୋଇଛି। ଆଜି ଭୁବନେଶ୍ୱରରେ ସମୁଦାୟ ୬୦ କେଜିର ଖାଦ୍ୟ ନଷ୍ଟ ସହ ୧୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି କଟକର ବାଦାମବାଡ଼ି ଅଞ୍ଚଳରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇଛି। ନିଆଳି ଅଞ୍ଚଳରୁ ଆସିଥିବା ୫ କ୍ୱିଣ୍ଟାଲ ଛେନା ଓ ପନିରକୁ ସିଏମ୍‌ସି ସ୍ୱାସ୍ଥ୍ୟ ନିରାପତ୍ତା ଅଧିକାରୀ ଯାଞ୍ଚ କରିଥିଲେ। ସେଥିରୁ ୫୦ କେଜି ଅପମିଶ୍ରିତ ଥିବା ସ୍ପଷ୍ଟ ହୋଇଛି। ଉଭୟ ଅପମିଶ୍ରିତ ଓ ଭଲ ଥିବା ଛେନାରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଅପମିଶ୍ରଣର ଉତ୍ସ ଖୋଜିବା ଲାଗି ଉଦ୍ୟମ ଜାରି ରହିଥିବା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ବର୍ତ୍ତମାନସୁଦ୍ଧା ଆନାଲୋଗ୍ ? ପନିରର ବିକ୍ରି ଉପରେ କୌଣସି କଟକଣା ଲାଗାଇନାହାନ୍ତି। ଏମିତିକି ଗତ ୫ବର୍ଷ ଭିତରେ ଯେଉଁ ବ୍ୟବସାୟୀଙ୍କ ବିରୋଧରେ ଏପ୍ରକାର ଅପମିଶ୍ରଣ ନେଇ ଆପରାଧିକ ମାମଲା ହୋଇଛି, ସେଥିରେ କେହି ଦଣ୍ଡିତ ହୋଇ ନଥିବାରୁ, ବିଭାଗୀୟ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଅପମିଶ୍ରିତ ପନିର ବିକ୍ରି ହେଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ ସ୍ପଷ୍ଟ ସୂଚନା ରହିଥିଲା। ସେଥିପାଇଁ ୭ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଅପମିଶ୍ରିତ ପନିର ଓ ଛେନା ଉପରେ ଚଢ଼ାଉ ଜାରି ରହିଛି।

### ବିହାର ପ୍ରଶାସନିକ ସେବା ପରୀକ୍ଷାରେ ଅନିୟମିତତା

# ପୋଲିସ-ଶିକ୍ଷାର୍ଥୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ

**ନୂଆଦିଲ୍ଲୀ,୨୫।୮:** ଦିଲ୍ଲୀ ଓ ଝାଡ଼ଖଣ୍ଡ ପରେ ଏବେ ବିହାରରେ ତୀବ୍ର ହୋଇଛି ଛାତ୍ର ଆନ୍ଦୋଳନ। ଶିକ୍ଷାର୍ଥୀ ଓ ପୁଲିସ୍ ମଧ୍ୟରେ ଦେଖିବାକୁ ମିଳିଛି ଖଣ୍ଡଯୁଦ୍ଧ। ହଜାର ହଜାର ଶିକ୍ଷାର୍ଥୀ ଓ ବିପିଏସ୍‌ସି ଆଶାୟୀଙ୍କ ଉପରେ ପୁଲିସ୍ ମାଡ଼ କରିଛି ପାଣି। କିଛି ସ୍ଥାନରେ ପୁଲିସ୍ ଲାଠିଚାର୍ଜ କରିବାର ଖବର ମିଳିଛି। ବିକ୍ଷୋଭକାରୀମାନେ ବ୍ୟାରିକେଡ ଭାଙ୍ଗି ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ବାସଭବନ ଆଡ଼କୁ ଯାଉଥିବା ବେଳେ ପୁଲିସ୍ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୭୦ତମ ବିହାର ପ୍ରଶାସନିକ ସେବା (ବିପିଏସ୍‌ସି) ପରୀକ୍ଷାରେ ବ୍ୟାପକ ଅନିୟମିତତାର ଅଭିଯୋଗ କରିଛନ୍ତି ଶିକ୍ଷାର୍ଥୀ। ଏହି ପରୀକ୍ଷାକୁ ବାତିଲ କରିବା ଦାବିରେ ଆଜି ସେମାନେ କରିଛନ୍ତି ବିକ୍ଷୋଭ ଶୋଭାଯାତ୍ରା। ହଜାର ହଜାର ଶିକ୍ଷାର୍ଥୀ ବ୍ୟାରିକେଡ ଭାଙ୍ଗି ଆଗକୁ ବଢୁଥିବା ବେଳେ ପୁଲିସ୍ ସେମାନଙ୍କୁ ଅଟକାଇଥିଲା। ଏହାପରେ ଦୁଇ ପକ୍ଷ ମଧ୍ୟରେ ଦେଖିବାକୁ ମିଳିଥିଲା ଧସ୍ତାଧସ୍ତି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ଏକାଧିକ ସ୍ଥାନରେ ଲାଠିଚାର୍ଜ କରିବା ସହ ପାଣି ମାଡ଼ କରିଛି। ପୁଲିସ୍‌ର ଏହି କାର୍ଯ୍ୟାନୁଷ୍ଠାନକୁ ଖାତିର ନ କରି ଶତାଧିକ ଶିକ୍ଷାର୍ଥୀ ଶୋଭାଯାତ୍ରା ଜାରି



## ବିକ୍ଷୋଭକାରୀଙ୍କ ଉପରେ ଲାଠି ଓ ପାଣିମାଡ଼

ରଖିବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗକୁ ବଢ଼ିଥିଲେ। ଏଥିପାଇଁ ପୁଲିସ୍ ଅନେକ ବିକ୍ଷୋଭକାରୀଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି। ଦିନ ପ୍ରାୟ ୧୦ଟା। ବିହାରର ଗାନ୍ଧି ମୈଦାନରେ ଏକାଠି ହୋଇଥିଲେ ହଜାର ହଜାର ଶିକ୍ଷାର୍ଥୀ ଓ ବିପିଏସ୍‌ସି ଆଶାୟୀ। ସେମାନେ ବିଭିନ୍ନ ପ୍ରକାରର ନାରା ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା ଆରମ୍ଭ କରିଥିଲେ। ସେମାନଙ୍କୁ ଅଟକାଇବା ପାଇଁ ପୁଲିସ୍ ସରକାର ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଲଗାଇଥିଲା। କିନ୍ତୁ ବିକ୍ଷୋଭକାରୀମାନେ ଏହାକୁ ଭାଙ୍ଗି ଆଗକୁ ବଢ଼ିଥିଲେ। ଶିକ୍ଷାର୍ଥୀମାନେ ଆଗକୁ ବଢୁଥିବା ବେଳେ ପାଟନାରେ ଜମି ସମ୍ପର୍କିତ ବିବାଦ ପାଇଁ ବିକ୍ଷୋଭ କରୁଥିବା ଗୋଟିଏ ଚାଷୀ ସଂଗଠନ ସେମାନଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ସେମାନଙ୍କ ହାତରେ କଳାପତକା ରହିଥିଲା। ଏହାକୁ ଦେଖି ପୁଲିସ୍ ସହ ସାମିଲ ହୋଇଥିଲେ ସିଆରପିଏଫ ଯବାନ। ବାରମ୍ବାର ଚେତାବନୀ ସତ୍ତ୍ୱେ ବିକ୍ଷୋଭକାରୀମାନେ ସେମାନଙ୍କ ଶୋଭାଯାତ୍ରାକୁ ବନ୍ଦ କରି ନଥିଲେ। ସେମାନେ ଆଗକୁ ବଢ଼ିବାରୁ ପୁଲିସ୍ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛି। ବିହାରର ଶିକ୍ଷାର୍ଥୀମାନେ ପାଟନାର ଗାରଦାନିବାଗ ଅଞ୍ଚଳରେ ବେଶ କିଛି ସପ୍ତାହ ହେଲା ଆନ୍ଦୋଳନ କରୁଛି। ବିପିଏସ୍‌ସି-ଟାୟାର ୪ରେ ଏକକ ପରୀକ୍ଷା, ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ବିହାର ଷ୍ଟାଫ ସିଲେକସନ କମିଶନ ଦ୍ୱାରା ପରୀକ୍ଷା ଓ ହିନ୍ଦୀ ମାଧ୍ୟମ ପିଲାଙ୍କୁ ଉପଯୁକ୍ତ ସୁଯୋଗ ଦେବାକୁ ସେମାନେ ଦାବି କରୁଛନ୍ତି। ଛାତ୍ର ଆନ୍ଦୋଳନକୁ ଦୃଷ୍ଟି ରଖି ବିହାର ସରକାର ସେମାନଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ସରକାର ଆଲୋଚନା ସକାରାତ୍ମକ ରହିବା କହୁଥିଲେ ହେଁ ଆନ୍ଦୋଳନ ବନ୍ଦ ହୋଇ ନଥିଲା। ସରକାରଙ୍କ ସହ ଆଲୋଚନା କରିବା ପରେ ବିକ୍ଷୋଭକାରୀ ଆଜି ଗାନ୍ଧି ମୈଦାନରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା ପାଇଁ ଡାକରା ଦେଇଥିଲେ।

### ବଦଳିବ ମୋଦୀଙ୍କ କ୍ୟାବିନେଟ

# ଯୁବ ଚେହେରାଙ୍କୁ ମିଳିବ ସୁଯୋଗ

**ନୂଆଦିଲ୍ଲୀ,୨୫।୮:** ବିଜେପିର ନୂଆ ଜାତୀୟ ଟିମ୍ ଘୋଷଣା ହେବା ପରେ ଏବେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଚର୍ଚ୍ଚା। ଦଳୀୟ ସଂଗଠନରେ ନୂଆ ଦାୟିତ୍ୱ ପାଇଥିବା ମନ୍ତ୍ରୀ, ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେଉଥିବା ନେତାଙ୍କ ସ୍ଥାନରେ ନୂଆ ସହଯୋଗୀ ଦଳ ଓ ଯୁବ ଚେହେରାଙ୍କୁ କେନ୍ଦ୍ର କ୍ୟାବିନେଟ୍ ?ରେ ମିଳିପାରେ ସୁଯୋଗ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମୋଟ ୬୯ ଜଣ ସଦସ୍ୟ ଅଛନ୍ତି। ସମ୍ବିଧାନର ଧାରା ୭୫(୧ଏ) ଅନୁଯାୟୀ କେନ୍ଦ୍ର କ୍ୟାବିନେଟରେ ସର୍ବାଧିକ ୮୧ ଜଣ ସଦସ୍ୟ ରହିପାରିବେ। ଅର୍ଥାତ୍ ଏବେ ୧୨ଟି ମନ୍ତ୍ରୀ ପଦ ଖାଲି ରହିଛି। ୨୦୨୯ ଲୋକସଭା ନିର୍ବାଚନ ଓ ଏହା ପୂର୍ବରୁ ହେବାକୁ ଥିବା କିଛି ରାଜ୍ୟର ବିଧାନସଭା ନିର୍ବାଚନକୁ ନଜରରେ ରଖି ମୋଦି ସରକାର ମନ୍ତ୍ରିମଣ୍ଡଳରେ କରିପାରନ୍ତି ପରିବର୍ତ୍ତନ। ତେବେ କେବଳ ରାଜନୀତିକ ସମୀକରଣ ନୁହେଁ, ଏକାଧିକ ବିଭାଗର ଦାୟିତ୍ୱ ନେଇଥିବା ମନ୍ତ୍ରୀଙ୍କ କାର୍ଯ୍ୟଭାର କମାଇବାକୁ ବି ଲକ୍ଷ୍ୟ ରହିଛି। ମୋଦିଙ୍କ ମନ୍ତ୍ରିମଣ୍ଡଳରେ ଥିବା ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ପଦରୁ ଛାତ୍ର ଆନ୍ଦୋଳନ ଯୋଗୁ ଇସ୍ତଫା ଦେଇଥିବା ବେଳେ ସଂଖ୍ୟାଲଘୁ



ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଏନ୍ ଓ ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହୋଇଛି। ଉଭୟ ମଧ୍ୟ ଧର୍ମେନ୍ଦ୍ରଙ୍କ ଭଳି ଇସ୍ତଫା ଦେଇ ସାରିଛନ୍ତି। ସେହିପରି ହର୍ଷ ମାଲହୋତ୍ରା ଓ ପଙ୍କଜ ଚୌଧୁରୀଙ୍କୁ ଯଥାକ୍ରମେ ଦିଲ୍ଲୀ ଓ ଉତ୍ତରପ୍ରଦେଶ ବିଜେପିର ରାଜ୍ୟ ସଭାପତି କରାଯାଇଛି। ସେହିପରି ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ବିଜେପିର କୋଷାଧ୍ୟକ୍ଷ ଦାୟିତ୍ୱ ମିଳିଛି। ତେଣୁ ନୂଆ ସାଂଗଠନିକ ଦାୟିତ୍ୱ ପାଇଥିବା ନେତାଙ୍କ ମନ୍ତ୍ରୀ ପଦ କଟିପାରେ।

ଏହାବାଦ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବାକୁ ଥିବା କିଛି ମନ୍ତ୍ରୀଙ୍କ ଉପରେ ମଧ୍ୟ ନଜର ରହିବ। ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଓ ସାମାଜିକ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ବିଏଲ୍ ବର୍ମାଙ୍କ କାର୍ଯ୍ୟକାଳ ଆସନ୍ତା ନଭେମ୍ବରରେ ଶେଷ ହେବ। ଏହାଛଡ଼ା କାର୍ଯ୍ୟଦକ୍ଷତାକୁ ଆଧାର କରି କିଛି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇପାରେ ବୋଲି ଜଣାପଡ଼ିଛି।

ବିଜେପି ପାରମ୍ପରିକ ଜଣେ ବ୍ୟକ୍ତି ଗୋଟିଏ ନୀତି କଥା କହୁଥିବାରୁ ମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାରେ ଥିବା ସ୍ମୃତି ଇରାନୀ, ବିନୋଦ ତାୱଡ଼େ, ସତୀଶ ପୁନିଆ ଓ ତରୁଣ ଚୁଘଙ୍କ ଭଳି ନେତାଙ୍କ ଭାଗ୍ୟ କ'ଣ ହେବ, ତା' ଉପରେ ମଧ୍ୟ ନଜର ରହିଛି। କାରଣ ଏମାନଙ୍କୁ ନୀତୀନ ନବୀନଙ୍କ ଟିମରେ ସାଂଗଠନିକ ଦାୟିତ୍ୱ ମିଳିଛି। ମନ୍ତ୍ରିମଣ୍ଡଳ ସଂପ୍ରସାରଣ ବେଳେ ବୟସ ମଧ୍ୟ ଏକ ପ୍ରମୁଖ ମାପଦଣ୍ଡ ହୋଇପାରେ। ୨୦୨୪ରେ ମୋଦି ୩.୦ ସରକାର ଗଠନ ସମୟରେ ୬୫ ପ୍ରତିଶତରୁ ଅଧିକ ମନ୍ତ୍ରୀଙ୍କ ବୟସ ୫୧ରୁ ୭୦ ବର୍ଷ ମଧ୍ୟରେ ଥିଲା। ୩୧ରୁ ୫୦ ବର୍ଷ ବୟସର ମନ୍ତ୍ରୀଙ୍କ ସଂଖ୍ୟା ଥିଲା ପ୍ରାୟ ୨୪ ପ୍ରତିଶତ। ବର୍ତ୍ତମାନ ୧୨ ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ସ୍ୱାଧୀନ ଦାୟିତ୍ୱରେ ଥିବା ରାଷ୍ଟ୍ରମନ୍ତ୍ରୀଙ୍କ ବୟସ ୭୦ ବର୍ଷରୁ ଅଧିକ। ୮୧ ବର୍ଷୀୟ ବିହାରର ଜିତନ ରାମ ମାଞ୍ଝୀ ସବୁଠାରୁ ବୟସ୍କ କ୍ୟାବିନେଟ୍ ମନ୍ତ୍ରୀ। ୩୮ ବର୍ଷୀୟ କେ ରାମମୋହନ ନାଇଡୁ ସବୁଠାରୁ କନିଷ୍ଠ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି।

# ତରୁଣ ତେଜପାଲଙ୍କୁ ଆତ୍ମସମର୍ପଣ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୨୫।୮:** ତେହେଲକା ମାଗାଜିନର ପୂର୍ବତନ ମୁଖ୍ୟ ସମ୍ପାଦକ ତରୁଣ ତେଜପାଲଙ୍କୁ ବଡ଼ ଝଟକା। ସହକର୍ମୀଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ତେଜପାଲଙ୍କୁ ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ୨ ସପ୍ତାହ ମଧ୍ୟରେ ସେ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବା ପରେ ତାଙ୍କ ଆବେଦନର ଶୁଣାଣି କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଅଗଷ୍ଟ ୬ ତାରିଖରେ ତେଜପାଲଙ୍କୁ ବମ୍ବେ ହାଇକୋର୍ଟଙ୍କ ଗୋଆ ବେଞ୍ଚ ୨୦୧୩ ମସିହା ସହକର୍ମୀଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷର ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ୨୦୨୧ରେ ସେ ଦୋଷମୁକ୍ତ ହୋଇଥିବା ନେଇ ନିମ୍ନ ଅଦାଲତ ଜାରି କରିଥିବା ରାୟକୁ ରଦ୍ଦ କରିଥିଲେ। ତେବେ ୬୩ ବର୍ଷୀୟ ପୂର୍ବତନ ସାମ୍ବାଦିକ ତେଜପାଲ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ନିଜକୁ ପୀଡ଼ିତ ଭାବେ ଦର୍ଶାଇଥିଲେ। ସେହିପରି ଗୋଆ ସରକାର ମଧ୍ୟ ମାମଲାରେ ତେଜପାଲଙ୍କ ୧୦ ବର୍ଷର ଜେଲଦଣ୍ଡକୁ ଅଧିକ କଠୋର କରିବାକୁ ନିବେଦନ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଙ୍ଗଳବାର ଶୁଣାଣି ବେଳେ ସୁପ୍ରିମକୋର୍ଟ ଗୋଆ ସରକାର ଓ ତରୁଣ ତେଜପାଲଙ୍କ ପକ୍ଷକୁ ଶୁଣିଛନ୍ତି। ଏହାପରେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଦଣ୍ଡାଦେଶ ନିର୍ଦ୍ଦେଶ ପରେ ପ୍ରଥମେ ଆତ୍ମସମର୍ପଣ କରିବାକୁ ପଡ଼ିବ।

# ଟିଏମ୍‌ସିର ୨୦ ବିଦ୍ରୋହୀ ସାଂସଦଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

**ନୂଆଦିଲ୍ଲୀ,୨୫।୮:** ମମତା ବାନାର୍ଜୀଙ୍କ ଟିଏମସିର ୨୦ ବିଦ୍ରୋହୀ ସାଂସଦଙ୍କୁ ସୁପ୍ରିମକୋର୍ଟ ନୋଟିସ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମସିର ପରାଜୟ ପରେ ଏମାନେ ଦଳ ଠାରୁ ହୋଇଥିଲେ ଅଲଗା। ଏହାପରେ ଅଳ୍ପ ପରିଚିତ ଏନସିପିଆଇରେ ଲୀନ ହୋଇ ଏବେ ଲୋକସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ କରୁଛନ୍ତି ସମର୍ଥନ। କିନ୍ତୁ ଟିଏମସିର ଦଳୀୟ ଟିକେଟରେ ଜିତି ପରେ ଦଳ ବଦଳ କରିଥିବାରୁ ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ସାଂସଦ ଅଭିଷେକ ବାନାର୍ଜୀ। ବିଦ୍ରୋହୀ ସାଂସଦମାନଙ୍କ ଏନସିପିଆଇରେ ମିଶ୍ରଣକୁ ଲୋକସଭା ବାଚସ୍ପତି ଓମ ବିର୍ଲା ସ୍ୱୀକୃତି ଦେଇଥିବାରୁ ଏହାକୁ ସେ ବିରୋଧରେ କରିଥିଲେ। ୨୦ ବିଦ୍ରୋହୀ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଅଭିଷେକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ



ହୋଇଛନ୍ତି। ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ ଆବେଦନର ଶୁଣାଣି କରି ବିଦ୍ରୋହୀ ସାଂସଦଙ୍କୁ ଜବାବ ତଲବ କରିଛନ୍ତି। ଶୁଣାଣି ଆରମ୍ଭ ବେଳେ ସୁପ୍ରିମକୋର୍ଟ ବାଚସ୍ପତି ଓମ ବିର୍ଲାଙ୍କୁ ମଧ୍ୟ ନୋଟିସ ଜାରି କରିବାରେ ସଙ୍କେତ ଦେଇଥିଲେ। କିନ୍ତୁ ବାଚସ୍ପତିଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହଟା ଏପରି ନ କରିବାକୁ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ରକ୍ଷା କରି ଖଣ୍ଡପୀଠ ଆଜି ବାଚସ୍ପତିଙ୍କୁ ଜବାବ ତଲବ କରିନାହାନ୍ତି। ମେହଟା କହିଛନ୍ତି ଯେ ସେ ବାଚସ୍ପତିଙ୍କ ତରଫରୁ ପକ୍ଷ ରଖିବେ। ବାଚସ୍ପତି ଅଯୋଗ୍ୟ ଘୋଷଣା ଆବେଦନ ଉପରେ ନୋଟିସ ଜାରି କରି ସାରିଥିବା କୋର୍ଟଙ୍କୁ ଜଣାଇବାକୁ ତାଙ୍କୁ ନିର୍ଦ୍ଦେଶ ମିଳିଥିବା ମଧ୍ୟ ଶ୍ରୀ ମେହଟା ଅବଗତ କରାଇଛନ୍ତି। ଏହା ଶୁଣି ଜଷ୍ଟିସ ବାଗୀ କହିଛନ୍ତି, "ଏହା ନୋଟିସ ଜାରି କରିବାର ପ୍ରଶ୍ନ ନୁହେଁ। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର ବିଚାର କରିବା ହିଁ ଏଠାରେ ବଡ଼ ପ୍ରଶ୍ନ।" ଅଭିଷେକ ତାଙ୍କ ଆବେଦନରେ ଅଭିଯୋଗ କରିଛନ୍ତି ଯେ ୨୦ ବିଦ୍ରୋହୀ ସାଂସଦଙ୍କ ବିରୋଧରେ ଆରମ୍ଭ ହୋଇଥିବା ଅଯୋଗ୍ୟ ପ୍ରକ୍ରିୟାରେ ଜାଣିଶୁଣି ବିଳମ୍ବ କରାଯାଉଛି।

## ଚୁଟ୍‌କୀରେ...

### ଅଭିଷେକଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା

**ନୂଆଦିଲ୍ଲୀ,୨୫।୮:** ମମତା ବାନାର୍ଜୀଙ୍କ ଟିଏମସିର ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କୁ ବଡ଼ ଆଶ୍ୱସ୍ତି। କ୍ୟାଲକାଟା ହାଇକୋର୍ଟ ତାଙ୍କୁ ଦେଇଛନ୍ତି ଅନ୍ତୀରଣ ସୁରକ୍ଷା। ନଭେମ୍ବର ୩୦ ଯାଏ ପଶ୍ଚିମବଙ୍ଗରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ୩ଟି ମାମଲାରେ ପୋଲିସ୍ କୌଣସି ପ୍ରକାରର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏକକ ବେଞ୍ଚର ବିଚାରପତି ଜଷ୍ଟିସ ସୌଗତ ଭଟ୍ଟାଚାର୍ଯ୍ୟ ଆହୁରି ସ୍ପଷ୍ଟ କରିଛନ୍ତି ଯେ ଏବେ ଅଭିଷେକ ବାନାର୍ଜୀଙ୍କ ଆବେଦନରେ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ପାଇଁ ନିବେଦନ କରାଯାଇଛି ଓ ଏଫଆଇଆରକୁ ରଦ୍ଦ ପାଇଁ ଅନୁରୋଧ ହୋଇଛି। କୋର୍ଟ ତାଙ୍କୁ ନିର୍ଦ୍ଦିଷ୍ଟ ୩ଟି ମାମଲାରେ ସୁରକ୍ଷା ଦେଉଛନ୍ତି। ଏହି ୩ ମାମାଲରେ ହେପାଜତକୁ ନେଇ ଜେରା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି କୋର୍ଟ କହିଥିଲେ ହେଁ ଅଭିଷେକ ବାନାର୍ଜୀଙ୍କୁ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପୋଲିସ୍ ତାଙ୍କୁ ହାଜର ହେବା ପାଇଁ ୪୮ ଘଣ୍ଟା ପୂର୍ବରୁ ହିଁ ନୋଟିସ କରିବ। ନୋଟିସ ପାଇବାର ୪୮ ଘଣ୍ଟା ପରେ ଅଭିଷେକ ପୋଲିସ୍ ଆଗରେ ହାଜର ହେବେ ବୋଲି କୋର୍ଟ ନିଜ ରାୟରେ କହିଛନ୍ତି। ଅଭିଷେକ ବାନାର୍ଜୀ ଆବେଦନରେ କହିଥିଲେ ଯେ ତାଙ୍କ ଅଜାଣତରେ ଅନେକ ଏଫଆଇଆର ରୁଜୁ ହୋଇଛି। ଏହି ସବୁ ମାମଲା ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ସେ ପୋଲିସ୍‌ର ସହାୟତା ଲୋଡ଼ିଥିଲେ।

### ଶିଳ୍ପକୁ ମିଳିବ ଡିଆର୍‌ଡିଓ କ୍ଷେପଣାସ୍ତ୍ର ପ୍ରଯୁକ୍ତି

**ନୂଆଦିଲ୍ଲୀ,୨୫।୮:** ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତାକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ଦ୍ୱାରା ବିକଶିତ ସମସ୍ତ ପାରମ୍ପରିକ କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଯୁକ୍ତି ଭାରତୀୟ ପ୍ରତିରକ୍ଷା ଶିଳ୍ପକୁ ହସ୍ତାନ୍ତର କରିବାକୁ ମଞ୍ଜୁରି ଦେଇଛନ୍ତି। ଫଳରେ ସେମାନେ ସେହି କ୍ଷେପଣାସ୍ତ୍ରର ଉତ୍ପାଦନ କରିପାରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହି ପ୍ରଯୁକ୍ତି ହସ୍ତାନ୍ତର ପଦକ୍ଷେପ ଦ୍ୱାରା ଡିଆରଡିଓର ଗବେଷଣା ଓ ବିକାଶ ପର୍ଯ୍ୟାୟରୁ କ୍ଷେପଣାସ୍ତ୍ର ପ୍ରଣାଳୀକୁ ବୃହତ୍ ଶିଳ୍ପ ଉତ୍ପାଦନ ପର୍ଯ୍ୟାୟକୁ ନେବା ସହଜ ହେବ। ଏଥିପାଇଁ କମ୍ପାନୀଗୁଡ଼ିକୁ ନିର୍ଦ୍ଧାରିତ ଯୋଗ୍ୟତା, ପ୍ରମାଣୀକରଣ ଓ ନିୟାମକ ନିୟମ ପାଳନ କରିବାକୁ ପଡ଼ିବ। ଏହି ନିଷ୍ପତ୍ତି କେବଳ ବଡ଼ ପ୍ରତିରକ୍ଷା କମ୍ପାନି ନୁହେଁ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଏବଂ ଅନ୍ୟ ପ୍ରଯୁକ୍ତି ସହଯୋଗୀଙ୍କ ପାଇଁ ମଧ୍ୟ ନୂଆ ସୁଯୋଗ ସୃଷ୍ଟି କରିବ। କ୍ଷେପଣାସ୍ତ୍ର ଉତ୍ପାଦନ ସହ ଜଡ଼ିତ ଯୋଗାଣ ଶୃଙ୍ଖଳରେ ଅଧିକ ସଂଖ୍ୟକ ଭାରତୀୟ କମ୍ପାନି ସାମିଲ ହେବାର ସୁଯୋଗ ପାଇବେ। ଏହା ଦେଶର ପ୍ରତିରକ୍ଷା ଶିଳ୍ପ ଭିତ୍ତିକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

### ନଈକୁ ଡେଇଁଲେ ଇଞ୍ଜିନିୟର ପରିବାର

**ଆନ୍ଧ୍ରପ୍ରଦେଶ,୨୫।୮:** ନଈକୁ ଡେଇଁଲେ ଇଞ୍ଜିନିୟର ପରିବାର । ଆନ୍ଧ୍ରପ୍ରଦେଶରେ ଦୁଃଖଦ ଘଟଣା । ଜଣେ ଇଞ୍ଜିନିୟରଙ୍କ ପୂରା ପରିବାର ନଦୀକୁ ଡେଇଁ ପ୍ରାଣ ହରାଇଛନ୍ତି । ପଞ୍ଚାୟତିରାଜ ଆସିଷ୍ଟାଣ୍ଟ ଇଂଜିନିୟର, ତାଙ୍କ ପତ୍ନୀ, ଝିଅ ଓ ଝିଅର ପୁଅ ନାତି ଗୋଦାବରୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ରାଜମହେନ୍ଦ୍ରବରମରେ ଗତ ୧୭ ତାରିଖରେ ଏକ ରେଳ ବ୍ରିଜ୍ ଉପରୁ ନଦୀକୁ ଡେଇଁଥିଲେ ପରିବାର । ସୁଇସାଇଡ୍ ନୋଟରେ ଆତ୍ମହ୍ୟା ପାଇଁ ରାଇଫଲ୍ ସୁଟିଂ କୋଚ୍‌କୁ ଦାୟୀ କରିଥିଲେ। ସୁଇସାଇଡ୍ ନୋଟ ମିଳିବା ପରେ ରାଇଫଲ କୋଚଙ୍କୁ ଖୋଜିଥିଲା ପୋଲିସ। ଆନ୍ଧ୍ରପ୍ରଦେଶର କାକିନାଡା ଜିଲ୍ଲା ପୋଲିସ ପାଞ୍ଚଟି ରାଜ୍ୟରେ ଖୋଜାଖୋଜି କରିବା ପରେ ରାଇଫଲ୍ ସୁଟିଂ କୋଚ୍ ଶେଖ୍ ସାଧିକ ଖାନ୍‌ଙ୍କୁ ଗିରଫ କରିଛି। ଜଣେ ସରକାରୀ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ପରିବାରକୁ ହଇରାଣ କରିବା ଏବଂ ଟଙ୍କା ଆଦାୟ କରିବା ସହ ସେମାନଙ୍କୁ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ କରିଥିବା ଅଭିଯୋଗରେ ତାଙ୍କ ନାଁରେ ମାମଲା ରୁଜୁ ହୋଇଛି। ପଞ୍ଚାୟତିରାଜ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ଥିଲାପୁଡି ନୁକାରାଜୁ, ତାଙ୍କ ପତ୍ନୀ ମୀନା ଏବଂ ଝିଅ ସୌଜନ୍ୟା ଓ ସୌଜନ୍ୟାଙ୍କ ୧୦ ବର୍ଷର ପୁଅ ନଦୀକୁ ଡେଇଁଥିଲା। ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ଦ୍ୱାରା ଉଦ୍ଧାର ହେବା ପରେ ସୌଜନ୍ୟାଙ୍କ ପୁଅ ବଞ୍ଚି ଯାଇଛି। ଆତ୍ମହତ୍ୟା ପୂର୍ବରୁ ସୁଇସାଇଡ୍ ନୋଟକୁ ସାଙ୍ଗମାନଙ୍କୁ ସେୟାର କରିଥିଲେ ଇଂଜିନିୟର।

# ଅବସର ନେବେ ନୀତିନ ଗଡକରୀ !

## ନୂତନ ପିଢ଼ିଙ୍କୁ ସୁଯୋଗ ଦିଆଯିବା ଉଚିତ

**ନୂଆଦିଲ୍ଲୀ,୨୫।୮:** ନାଗପୁର ଜିଲାର କାଟୋଲ ଅଞ୍ଚଳର ପାରାଡସିଙ୍ଗାରେ ଆୟୋଜିତ ଏକଲବ୍ୟ ଏକଲ ବିଦ୍ୟାଳୟର ଶିକ୍ଷକ ଏବଂ ପର୍ଯ୍ୟବେକ୍ଷକଙ୍କ ପାଇଁ ଏକ ତାଲିମ ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଯୋଗ ଦେଇଥିଲେ। ସେ ମନ୍ତବ୍ୟ ଦେଇଥିଲେ ଯେ ଗତ ୩୦ ବର୍ଷ ଧରି ସେ ସାର୍ବଜନୀନ ଜୀବନରେ ସକ୍ରିୟ ଥିଲେ ମଧ, ସେ ଆଉ ଅଧିକ କାର୍ଯ୍ୟଭାର ସମ୍ଭାଳି ପାରିବେ ନାହିଁ



ଏବଂ ନୂତନ ପିଢ଼ିକୁ ସୁଯୋଗ ଦିଆଯିବା ଉଚିତ ବୋଲି ବିଶ୍ୱାସ କରନ୍ତି। ନୀତିନ ଗଡକରୀଙ୍କ ଏହି ବକ୍ତବ୍ୟ ଆଲୋଚନାର ଏକ ପ୍ରମୁଖ ବିଷୟ ପାଲଟିଛି। ମନ୍ତ୍ରିମଣ୍ଡଳ ପୁନର୍ଗଠନ ସମ୍ପର୍କରେ ଚାଲିଥିବା ଆଲୋଚନା ମଧ୍ୟରେ ନୀତିନ ଗଡକରୀଙ୍କ ଏହି ବୟାନ ଆସିଛି। ସେ ମନ୍ତବ୍ୟ ଦେଇଛନ୍ତି ଯେ ସେ ଆଉ ଭାରୀ କାର୍ଯ୍ୟଭାର ସମ୍ଭାଳି ପାରିବେ ନାହିଁ ଏବଂ ବିଶ୍ୱାସ କରନ୍ତି ଯେ ନୂତନ ପିଢ଼ିକୁ ସୁଯୋଗ ଦିଆଯିବା ଉଚିତ। ସେ ଏହା ମଧ୍ୟ ମନେ ପକାଇଛନ୍ତି ଯେ, ଅତୀତରେ ଦଳ ପାଇଁ କାମ କରିବା ସମୟରେ ସେ କେବଳ ସମୋସା ଖାଇ ଶୋଇପଡୁଥିଲେ, କୌଣସି ପ୍ରକୃତ ଶୃଙ୍ଖଳାର ଅଭାବ ଥିଲା। କେନ୍ଦ୍ରମନ୍ତ୍ରୀ ଶେୟାର କରିଛନ୍ତି ଯେ କୋଭିଡ-୧୯ ମହାମାରୀ ପରେ ସେ ତାଙ୍କ ଜୀବନଶୈଳୀରେ ପରିବର୍ତ୍ତନ କରିଛନ୍ତି ଏବଂ ବର୍ତ୍ତମାନ ପ୍ରତିଦିନ ଯୋଗ ଅଭ୍ୟାସ କରୁଛନ୍ତି। ସେ କହିଛନ୍ତି, 'ଯଦି ଆପଣଙ୍କର ସ୍ୱାସ୍ଥ୍ୟ ଭଲ ଅଛି, ତେବେ ଆପଣ କେବଳ ଜୀବନର ଆନନ୍ଦ ନେଇପାରିବେ। ଯଦି ଆପଣଙ୍କର ସ୍ୱାସ୍ଥ୍ୟ ଖରାପ, ତେବେ କ୍ଷମତା ଏବଂ ସମ୍ପତ୍ତି କୌଣସି କାମର ନୁହେଁ।' ଏହା ପରେ ତୁରନ୍ତ, ଗଡକରୀ ବିକାଶ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ନିକଟ ଭବିଷ୍ୟତରେ ବିକାଶର ପରିସର ଆହୁରି ବିସ୍ତାର ହେବାକୁ ଯାଉଛି। ତାଙ୍କର ଲକ୍ଷ୍ୟ ହେଉଛି ଯେ ମହାରାଷ୍ଟ୍ରର କୌଣସି ଆଦିବାସୀ ଗ୍ରାମ ବିଦ୍ୟୁତ ବିନା ନ ରହେ ଏବଂ ରାଜ୍ୟ ସାରା ବିକାଶ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୁଏ।

### ଖୋଲିଲା ଟୋଲ୍ ପ୍ଲାଜା

# ହର୍ମୁଜରେ ଜାହାଜଠୁ ଟୋଲ୍ ଆଦାୟ କରିବ ଇରାନ

**ନୂଆଦିଲ୍ଲୀ,୨୫।୮:** ମଧ୍ୟପ୍ରାଚ୍ୟରେ ଇରାନ୍ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଜାରି ରହିଛି । ଇରାନ୍ ଦୁନିଆରେ ସବୁଠାରୁ ବଡ଼ ସମୁଦ୍ର ପଥରେ ହର୍ମୁଜ ଷ୍ଟ୍ରିଟକୁ ନେଇ ବଡ଼ ପ୍ଲାନ୍ କରୁଛି । ଆମେରିକା ସହ ଲଢେଇ ଭିତରେ ଇରାନ ହର୍ମୁଜ ପ୍ରଣାଳୀ ଦେଇ ଯାତାୟତ କରୁଥିବା ଜାହାଜଗୁଡିକ ନିକଟରୁ ଟୋଲ୍ ଆଦାୟ କରିବା ଯୋଜନା ଦିଗରେ ଆଉ ପାଦେ ଅଗ୍ରସର ହୋଇଛି । ଇରାନ୍ ସଂସଦର ଏକ ଗୁରୁତ୍ୱପୂର୍ଣ୍ଣ କମିଶନ ଏଥି ସଂକ୍ରାନ୍ତୀୟ ପ୍ରସ୍ତାବକୁ ମଞ୍ଜୁରି ଦେଇଛି। ଶୁଳ୍କ ନେବା ବଦଳରେ ଇରାନ୍ ସେ ଜାହାଜଗୁଡିକକୁ ସୁରକ୍ଷା ଏବଂ ବୀମା ଯୋଗାଇ ଦେବ । ସରକାରୀ ସମାଚାର ଏଜେନ୍ସି ଆଇଆରଏନଏର ରିପୋର୍ଟ ଅନୁସାରେ ସଂସଦର ଜାତୀୟ ସୁରକ୍ଷା ଏବଂ ବିଦେଶ ନୀତି କମିଶନ ହର୍ମୁଜ ପ୍ରଣାଳୀର ସୁରକ୍ଷା ଏବଂ ପ୍ରଗତି ସୁନିଶ୍ଚିତ କରିବାକୁ ରଣନୈତିକ କାର୍ଯ୍ୟାନୁଷ୍ଠାନ ଯୋଜନାର ଧାରା ୩କୁ ମଞ୍ଜୁରି ଦେଇଛି। ଏହି ବ୍ୟବସ୍ଥା ଅନୁସାରେ, ଯେଉଁ ଦେଶର ଜାହାଜକୁ ହର୍ମୁଜ ପାର କରିବାକୁ ଇରାନ ଅନୁମତି ଦେବ ସେମାନଙ୍କଠାରୁ ଶୁଳ୍କ ଆଦାୟ କରିବ । ବଦଳରେ ଇରାନ୍ ସେହି ଜାହାଜଗୁଡିକୁ ସୁରକ୍ଷା ଏବଂ ବୀମା ଯୋଗାଇ ଦେବ । ବିଶେଷ ପରିସ୍ଥିତିରେ ଇନ୍ଧନ ମଧ୍ୟ ପ୍ରଦାନ କରିବ । ଇରାନୀ ମୁଦ୍ରା ରିଆଲ କିମ୍ବା ଦେଶ ଦ୍ୱାରା ନିର୍ଦ୍ଧାରିତ ଆଉ କୌଣସି ମୁଦ୍ରାରେ ଏଥିଲାଗି ପଇଠ କରିହେବ ବୋଲି କମିଶନର ମୁଖପାତ୍ର ହସନ କାସାଭି କହିଛନ୍ତି । ତେବେ ପ୍ରସ୍ତାବିତ ଶୁଳ୍କର ନିର୍ଦ୍ଦିଷ୍ଟ ପରିମାଣ ସଂମ୍ପର୍କରେ ଜଣାପଡିନାହିଁ । ସେପଟେ ଏହି ପ୍ରସ୍ତାବକୁ ପ୍ରଥମେ ସଂସଦରେ ଉପସ୍ଥାପନ କରିବାକୁ ହେବ । ସଂସଦରେ ପାସ୍ ହେବା ପରେ ଗାର୍ଡିଆନ୍ କାଉନସିଲ୍ ତାକୁ ସମୀକ୍ଷା କରିବ । ଗାର୍ଡିଆନ୍ କାଉନସିଲର ଅନୁମତି ମିଳିଲେ ରାଷ୍ଟ୍ରପତି ଏହାକୁ ଲାଗୁ କରିବେ ।

ଏହି ନିଷ୍ପତ୍ତିର ସମୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ ।




ବିଶ୍ଳେଷକଙ୍କ କହିବା ଅନୁସାରେ, ଆମେରିକାର ଅର୍ଥନୈତିକ ପ୍ରତିବନ୍ଧକର ଚାପରେ ଇରାନର ନଗଦ ଆବଶ୍ୟକତା ବୃଦ୍ଧି ପାଉଛି । ଇରାନର ରିୟାଲର ମୂଲ୍ୟ ମଧ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି । ତଥାପି, ଆଞ୍ଚଳିକ ଦେଶଗୁଡିକ ଏହି ଅତିରିକ୍ତ ଶୁଳ୍କ ସହଜରେ ଗ୍ରହଣ କରିବାର ସମ୍ଭାବନା ନାହିଁ। ବିଶେଷଜ୍ଞମାନେ କହିଛନ୍ତି ଯେ ଆମେରିକାର ପ୍ରତିବନ୍ଧକକୁ ବିପଦରେ ପକାଇ ଅନେକ ଦେଶ ଇରାନ ଅତିରିକ୍ତ ଦେୟ ଦେବାକୁ ଏଡାଇ ପାରିବେ । ଯଦି ଏହି ଯୋଜନା କାର୍ଯ୍ୟକାରୀ ହୁଏ, ତେବେ ଏହା ହର୍ମୁଜ ଷ୍ଟ୍ରେଟ୍ ଦେଇ ଯାଉଥିବା ଆନ୍ତର୍ଜାତୀୟ ଜାହାଜ ଉପରେ ସିଧାସଳଖ ପ୍ରଭାବ ପକାଇପାରେ । ଇରାନ ସହିତ ଆଞ୍ଚଳିକ ତିକ୍ତତା ମଧ୍ୟ ବୃଦ୍ଧି ପାଇପାରେ ।

### ପ୍ରଥମଥର ଶୁଣାଗଲା ମୋଜତବା ଖାମେନେଇଙ୍କ ସ୍ୱର

ଇରାନ ଏବଂ ଆମେରିକା ମଧ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଇରାନର ସୁପ୍ରିମ ଲିଡର ମୋଜତବା ଖାମେନେଇଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଦୀର୍ଘ ଦିନର ନିଖୋଜ ମଧ୍ୟରେ ଇରାନ ଗଣମାଧ୍ୟମ ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି, ଯେଉଁଥିରେ ମୋଜତବା ଖାମେନେଇ ନଜର ଆସିଛନ୍ତି । ଏହି ଭିଡିଓର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥିରେ ପ୍ରଥମ ଥର ପାଇଁ ତାଙ୍କର ସ୍ୱର ଶୁଣିବାକୁ ମିଳିଛି । ଇରାନର ସରକାରୀ ସମ୍ବାଦ ସଂସ୍ଥା 'ଫାର୍ସ' ପକ୍ଷରୁ ଏହି ଭିଡିଓଟି ସେୟାର କରାଯାଇଛି । ଭିଡିଓରେ ମୋଜତବା ଖାମେନେଇ ଏକ ଧାର୍ମିକ ଏକାଡେମିକ ସେସନର ଅଧ୍ୟକ୍ଷତା କରୁଥିବା ଦେଖାଯାଉଛି । ଏହି ସମୟରେ ଜଣେ ଛାତ୍ର ତାଙ୍କ ନିଜର ଥିସିସ୍ ବିଷୟରେ ସୂଚନା ଦେଉଛନ୍ତି । ମୋଜତବା ସେହି ଥିସିସକୁ ପ୍ରଶଂସା କରିବା ସହ ୨୦ ରୁ ୧୯.୫ ଅଙ୍କ ଦେଉଥିବା ଏବଂ ଛାତ୍ରଙ୍କ ସହ କଥା ହେଉଥିବା ଶୁଣାଯାଉଛି । ତେବେ ଏହି ଭିଡିଓଟି କେଉଁ ସମୟର ଏବଂ କେଉଁ ସ୍ଥାନର, ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ ।





# ଭଗବାନଙ୍କ ରୁପା ମୁକୁଟ ଚୋରି

- ୨୪ ଘଣ୍ଟାରେ ୩ ଚୋର ଗିରଫ
- ମୁକୁଟ କାଟି ବିକିଲା କାଳିଆ, କିଣିଲେ ନିମାପଡ଼ା-କୋଣାର୍କ ବେପାରୀ
- ୩୧ ଗ୍ରାମ୍ ରୁପା ଓ ପିତ୍ତଳବାସନ ଜବତ



**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ଦେବତାଙ୍କୁ ବି ଛାଡିଲେନି ଚୋର ! ପୁରୀ ଜିଲ୍ଲା କାକଟପୁର ଥାନା ଶ୍ରୀରାମପୁର ରାଧାକୃଷ୍ଣ ମନ୍ଦିରରେ ଭଗବାନଙ୍କ ରୁପା ମୁକୁଟ ଚୋରି କରି କଟା ଛିଡା କରି ବିକି ଦେଉଥିବା ଗ୍ୟାଙ୍ଗକୁ କାକଟପୁର ପୋଲିସ ଧରି ପକାଇଛି । କେସ ନଂ ୨୯୬/ ୨୦୨୬ରେ ମୁଖ୍ୟ ଚୋର ସମେତ ଚୋରୀ ମାଲ କିଣୁଥିବା ୨ ରିସିଭର ଗିରଫ । ଘଟଣା ଅଗଷ୍ଟ ୨୦ ମଧ୍ୟରାତ୍ରୀର । ଶ୍ରୀରାମପୁର ଗ୍ରାମର ଅମରେଶ୍ୱର ବେହେରା(୪୨)ଙ୍କ ଅଭିଯୋଗ ଅନୁସାରେ ଦୁର୍ବୃତ୍ତ ରାତି ଅନ୍ଧାରରେ ମନ୍ଦିର ତାଲା ଭାଙ୍ଗି ପଶି ରାଧାକୃଷ୍ଣଙ୍କ ୫୦ ହଜାର ଟଙ୍କା ମୂଲ୍ୟର ରୁପା ମୁକୁଟ ଓ ପୂଜା ପିତ୍ତଳ ସାମଗ୍ରୀ ଲୁଟି ନେଇଥିଲେ । ଭକ୍ତଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ୨୩ ତାରିଖରେ ଥାନାରେ ମାମଲା ପରେ ପୋଲିସ ତୁରନ୍ତ ଆକ୍ସନ ମୋଡକୁ ଆସିଥିଲା । ତଦନ୍ତରେ ସାମ୍ନାକୁ ଆସିଲା ଚାଞ୍ଚଲ୍ୟକର ତଥ୍ୟ । ଚୋର ମୁକୁଟକୁ କାଟି ଖଣ୍ଡ ଖଣ୍ଡ କରି ବିକିବାକୁ ଯୋଜନା କରିଥିଲା । ପୋଲିସ ସୋମବାର ୨୪ ତାରିଖରେ ମୁଖ୍ୟ ଅଭିଯୁକ୍ତ କାକଟପୁର ମହାନ୍ତିସାହିର ପ୍ରଶାନ୍ତ ସାହୁ ଓରଫ କାଳିଆ(୩୦)କୁ ଧରିଲା । ତା' ନିଶାଣିରେ ଚୋରି ମାଲ କିଣିଥିବା ନିମାପଡା ବିଷ୍ଣୁପୁର ଦେଉଳିସାହିର ବିଜୟ କୁମାର ଦଳାଇ(୪୫) ଓ କୋଣାର୍କ ରାଉଳ ପାଟଣାର ଭରତ କୁମାର ନନ୍ଦୀ(୩୨) ମଧ୍ୟ ଗିରଫ ହେଲେ । ସିଜର ଲିଷ୍ଟ ଦେଖିଲେ ଚୋରର ନୃଶଂସତା ଜଣା ପଡେ । ଭଙ୍ଗା ତାଲା, ୩୧ ଗ୍ରାମ ଓଜନର କଟା ଯାଇଥିବା ରୁପା ମୁକୁଟ ଖଣ୍ଡ, ଆଳତୀ ଥାଳି, ଘଣ୍ଟି, ଘିଅ ଥାଳି, ପୁଷ୍ପ ଥାଳି, ଜଳ ଲୋଟା, ଚାମଚ ସମେତ ୧୨ଟି ସାମଗ୍ରୀ ଜବତ ହୋଇଛି । ଏହି ସଫଳତା ପରେ ଅଞ୍ଚଳରେ ପୋଲିସକୁ ପ୍ରଶଂସା କରାଯାଉଛି । ଭଗବାନଙ୍କ ମୁକୁଟ ଫେରି ଆସିବାରୁ ଗ୍ରାମବାସୀ ଖୁସି । ତିନି ଅଭିଯୁକ୍ତଙ୍କୁ ସୋମବାର ଅପରାହ୍ନ ରେ କୋର୍ଟ ଚାଲାଣ କରାଯାଇଛି । ତଦନ୍ତ କରୁଛନ୍ତି ଏଏସଆଇ ଜହୁର ଖାନ ।ଯାହା ସୂଚନା ଦେଇଛନ୍ତି କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ।

# ପଞ୍ଚାୟତ ସମିତିରେ ଜିଲ୍ଲାପାଳଙ୍କ ଜନଶୁଣାଣି



**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ପୁରୀ ଜିଲା ସତ୍ୟବାଦୀ ବ୍ଲକର ପଞ୍ଚାୟତ ସମିତିର ସଦଭାବନା ଗୃହ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପାନୀୟ ଜଳରୁ ଅଭିଯୋଗ ଆରମ୍ଭ ହୋଇ ଶେଷ ମଧ୍ୟ ହେଲା ସେହି ପାନୀୟ ଜଳ ସମସ୍ୟାରେ । ଏଥିରେ ୭୮ଗୋଟି ଅଭିଯୋଗ ଆସିଥିଲା ବେଳେ ସମାଧାନ ମାତ୍ର ଛଅ ଗୋଟି ହୋଇଥିବା କୁହାଯାଉଛି । ଅଭିଯୋଗ କରିଥିବା ଲୋକମାନେ କେବଳ ହଳଦିଆ କାଗଜ ଖଣ୍ଡେ ଖଣ୍ଡେ ହାତରେ ଧରି ଯାଇଛନ୍ତି । ଏହି ଅଭିଯୋଗ ଶିବିରରେ ପୁରୀ ଏସପି ପ୍ରତୀକ ଗୀତା ସିଂ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଏଡିଏମ ଶରତ ବେହେରା ( ଏଡିଏମ୍ ରେଭିନ୍ୟୁ) ଓ ପିଡି ଦାୟିତ୍ୱରେ ଥିବା ସୁଶାନ୍ତ କୁମାର ପତି, ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲ । ଶେଷରେ ଏକ ବ୍ୟାଟେରୀ ଚାଳିତ ଅଟୋ ରିକ୍ସା ଓ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା ।

# ମହିଳାଙ୍କ ଆଇନଗତ ଅଧିକାର ଆଲୋଚନାଚକ୍ର

**ସତ୍ୟବାଦୀ /ସୁଆଣ୍ଡୋ(ଅମୃତ ମିଡିଆ):** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭଗୃହରେ ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗ ପକ୍ଷରୁ ' ମହିଳା ମାନଙ୍କର ଆଇନ ଗତ ଅଧିକାର ସମ୍ପର୍କରେ ସଚେତନତା' ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ମୁଖ୍ୟ ଅଧାପିକା ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ସହିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ଅଞ୍ଜନ କୁମାର ହୋତା ଯୋଗଦେଇ ନାରୀ ମାନଙ୍କର ଆଇନ ଗତ ଅଧିକାର ଓ ସେ ସବୁ ଅଧିକାରର ସୁବିବେଚିତ ଓ ସଂସ୍କାରମୂଳକ ପ୍ରୟୋଗ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ



ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗର ମୁଖ୍ୟ ପ୍ରଧାପିକା ପ୍ରଫେସର ଡ. କଳ୍ପନା କୁମାରୀ ମହାପାତ୍ର, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧାପକ ପ୍ରଫେସର ରତ୍ନାକର ସାହୁ ପ୍ରମୁଖ, ଅନୁଷ୍ଠାନର ପୂର୍ବତନ ବଡ଼ବାବୁ ରାଜ କିଶୋର ପତି ଅତିଥି ରୂପରେ ଯୋଗଦେଇ ଉକ୍ତ ବିଷୟବସ୍ତୁ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆୟୋଜିତ ପ୍ରତିଯୋଗିତା ଗୁଡିକରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ତର୍କଶାସ୍ତ୍ର ବିଭାଗର ମୁଖ୍ୟ ଅଧାପିକା ପ୍ରଫେସଦେବସ୍ମିନୀ ଜାଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧାପକ, ଅଧାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ସଭାରେ ଯୋଗଦାନ କରି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଏବିଭିପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ପିପିଲ(ଅମୃତ ମିଡିଆ):** ପିପିଲି ମହାବିଦ୍ୟାଳୟରେ ଏବିଭିପି ପକ୍ଷରୁ ବିଭିନ୍ନ ଦାବି ନେଇ କଲେଜ ଅଧ୍ୟକ୍ଷ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସଂସଦ ନିର୍ବାଚନ ତାରିଖ ଘୋଷଣା ସହ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବି କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ । ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ପିପିଲି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏବିଭିପି ପୁରୀ ଜିଲ୍ଲା ସଂଯୋଜକ ବିଭୁ ପ୍ରସାଦ ଦାସ ଙ୍କ ନେତୃତ୍ୱରେ ଛାତ୍ର ମାନେ କଲେଜ ଅଧ୍ୟକ୍ଷ ସଦାଶିବ ଦାଶଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# କାକଟପୁର ଉର୍ଦ୍ଦୁ ସ୍କୁଲରେ ବହି ସଙ୍କଟ

## ବିଡିଓଙ୍କୁ ଦାବିପତ୍ର ଦେଲେ ସଂଖ୍ୟାଲଘୁ ସାଧାରଣ ସଂପାଦକ ଏନାମୁଲ୍

**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ଆଉ କିଛି ଦିନ ପରେ ବର୍ଷର ଅଧବାର୍ଷିକ ପରୀକ୍ଷା । ସରକାର କହୁଛନ୍ତି ସମସ୍ତଙ୍କୁ ଶିକ୍ଷା, ହେଲେ ପୁରୀ ଜିଲ୍ଲା କାକଟପୁର ମଣ୍ଡଳଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ କାକଟପୁର ବ୍ଲକର ଚିତ୍ର ଓଲଟା । ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ଉର୍ଦ୍ଦୁ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଏ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପହଞ୍ଚି ନାହିଁ । ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇ ୪ ମାସ ବିତିଯାଇଥିଲେ ମଧ୍ୟ ପିଲାମାନେ ଖାଲି ହାତରେ ସ୍କୁଲ ଆସୁଛନ୍ତି । ଶିକ୍ଷକ ଅଛନ୍ତି, ବ୍ଲାକବୋର୍ଡ ଅଛି, କିନ୍ତୁ ପଢିବାକୁ ବହି ନାହିଁ । ଫଳରେ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ପାଠପଢା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି । ଏହି ସମସ୍ୟା କେବଳ ଗୋଟିଏ ସ୍କୁଲର ନୁହେଁ, ସମଗ୍ର ବ୍ଲକର ସମସ୍ତ ଉର୍ଦ୍ଦୁ ବିଦ୍ୟାଳୟର ସମାନ ଅବସ୍ଥା । ଅଭିଭାବକ ମହଲରେ ଏହାକୁ ନେଇ ଅସନ୍ତୋଷ ବଢୁଛି । ପ୍ରଶ୍ନ ଉଠୁଛି, ଯଦି ଉର୍ଦ୍ଦୁ ପିଲାଙ୍କୁ ବହି ଦେଇ ପାରୁନାହାନ୍ତି ତେବେ ଶିକ୍ଷା ବିଭାଗ କଣ କରୁଛି ? ଏହା ପଛରେ କଣ ବିଭାଗୀୟ ଅବହେଳା ନା ଜାଣିଶୁଣି ସଂଖ୍ୟାଲଘୁ ଛାତ୍ରଙ୍କୁ ଅଣଦେଖା କରାଯାଉଛି ? ଏହି ପ୍ରସଙ୍ଗରେ ମଙ୍ଗଳବାର ଓଡିଶା ପ୍ରଦେଶ କଂଗ୍ରେସ କମିଟି (ସଂଖ୍ୟାଲଘୁ ବିଭାଗ)ର ସାଧାରଣ ସମ୍ପାଦକ ମଲ୍ଲିକ ଏନାମୁଲ ସ୍ୱର ଉତ୍ତୋଳନ କରିଛନ୍ତି । ସେ କାକଟପୁର ବିଡ଼ିଓ ଙ୍କ ଏକ ଦାବୀ ପତ୍ର ଦେବା ସହ କହିଛନ୍ତି, ତୁରନ୍ତ ପିଲାଙ୍କୁ ବହି ଯୋଗାଇ ଦିଆନଯାଏ, ତେବେ ଆମେ ଚୁପ ବସିବୁ ନାହିଁ । ଯଦି ଆସନ୍ତା ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ସମସ୍ତ ଉର୍ଦ୍ଦୁ





ବିଦ୍ୟାଳୟରେ ପାଠ୍ୟପୁସ୍ତକ ବଣ୍ଟନ କରା ନଯାଏ, ତେବେ ସେପ୍ଟେମ୍ବର ୪ ତାରିଖରୁ ବାଧ ହୋଇ ଗଣ-ଆନ୍ଦୋଳନ ଓ ରାଜରାସ୍ତା ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଏହି ଦାବିପତ୍ର ନକଲ କାକଟପୁର ମଣ୍ଡଳ ଶିକ୍ଷା ଅଧିକାରୀ ସମେତ ପୁରୀ ଜିଲ୍ଲାପାଳ, କାକଟପୁର ତହସିଲଦାର ଓ ଥାନା ଅଧିକାରୀଙ୍କୁ ଅବଗତି ନିମନ୍ତେ ଦିଆଯାଇଛି ।

# ନିଶାମାଫିଆଙ୍କ ନିରାପଦ ଆଡ୍ଡାସ୍ଥଳ ପାଲଟିଛି ଥାନା ସାମ୍ନା

√ ପେଟି ପେଟି ମଦଚାଲାଣ, ପୋଲିସ ଆଖିବୁଜିଛି
√ ଫେବୃଆରୀରୁ ଗୋଟିଏ ବି ବଡ଼ ଧରପଗଡ଼ ନାହିଁ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଏବେ ପୋଲିସ ଥାନା ନୁହେଁ, ନିଶା ମାଫିଆଙ୍କ ନିରାପଦ ଆଡ୍ଡା ପାଲଟିଛି ! ଏଭଳି ସଙ୍ଗୀନ ଅଭିଯୋଗ ଏବେ ଗାଁ ଗାଁରେ ଚର୍ଚ୍ଚା ହେଉଛି ।ଅସ୍ତରଙ୍ଗ ଥାନା ସାମ୍ନା ଦେଇ ପ୍ରତିଦିନ ଖୁଲମଖୁଲା ସ୍କୁଟି, ବାଇକରେ ପେଟି ପେଟି ଦେଶୀ-ବିଦେଶୀ ମଦ ଗାଁ ଗାଁକୁ ଚାଲାଣ ହେଉଛି, କିନ୍ତୁ ଅସ୍ତରଙ୍ଗ ପୋଲିସ ଆଖି ବୁଜି ଦେଇଛି । ଏହି ନିରବତା ପଛରେ କଣ ରହସ୍ୟ ଅଛି ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି । ଅସ୍ତରଙ୍ଗ ଥାନା ଅଧୀନ ଶିଶୁଅ, କୋରଣା, ପୋଟଳ ଛକ,ଛୁରିଆନା,ମାଣ୍ଡୁକି ପଂଚାୟତ ବିଭିନ୍ନ ଗାଁ,ପାଟଳଦା, ନଗର, ଆଳସାହି, ଅସ୍ତରଙ୍ଗ ହାଟ ଚାକିରେ ଏବେ କୋଚିଆଙ୍କ ରାଜ୍ ଚାଲିଛି । ପ୍ରତି ଛକରେ ଚୋରା ମଦ-ଗଞ୍ଜେଇ ବିକ୍ରି ହେଉଛି । କାଳିଆକଣ ରୁ ଷାଠିଏବାଟି ପର୍ଯ୍ୟନ୍ତ ଯୁବକମାନେ ଧଳା ଜହର ବେପାରରେ ସକ୍ରିୟ । ଅଭିଯୋଗ ଅନୁସାରେ, ଗଞ୍ଜେଇକୁ ଚତୁରତାର ସହ ସିଗାରେଟ ଖୋଳରେ ପୁରାଇ କୋଡ୍ ବଦଳାଇ 'ବାବା' ଓ 'ରିଜିଲା' ନାଁରେ ଯୁବପିଢିଙ୍କୁ ଯୋଗାଇ ଦିଆଯାଉଛି । ଯୁବସମାଜ ନିଶା କବଳରେ ପଡି ବରବାଦ ହେଉଛି । ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା । ହେଉଛି, ଫେବୃଆରୀ ମାସରୁ ଅସ୍ତରଙ୍ଗ ନିଶା ଅଞ୍ଚଳ ପାଲଟିଛି । ଫେବୃଆରୀରେ ନୂଆ ଥାନା ଅଧିକାରିଣୀ ଯୋଗ ଦେବା ଦିନରୁ ନିଶା କାରବାର କ୍ଷିପ୍ର ଗତିରେ ମାଡି ଚାଲିଛି । ଫେବୃଆରୀରୁ ଆଜି ଯାଏଁ ଗୋଟିଏ ବି ଧଳା ଜହର ବା ବଡ ଗଞ୍ଜେଇ ଚାଲାଣ ଧରା ନ ପଡିବା ପୋଲିସର ଅପାରଗତା ନୁହେଁ ତ ଆଉ କଣ ? ସମାଜସେବୀ ତଥା ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା ଖୋଲା ଅଭିଯୋଗ କରିଛନ୍ତି, ପ୍ରତି ସନ୍ଧ୍ୟାରେ ନିଶା ବେପାରୀଙ୍କ ମାଲିକ ଓ କର୍ମଚାରୀ ଥାନାରେ ହାଜରା ଦେଉଛନ୍ତି । ଏହାର ପ୍ରମାଣ ପାଇଁ ଥାନା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉ । ଏପରିକି ଥାନା ଉପର ମହଲା ଓ ବାରାକରେ ଅଚାନକ ଚଢାଉ ହେଲେ କେତେ ମଦ ବୋତଲ ଗଦା ହୋଇଛି ତାହା ସାମ୍ନାକୁ ଆସିବ । ଡ୍ୟୁଟି ସମୟରେ ପୋଲିସ କର୍ମଚାରୀ ନିଶା ଖାଇବା ଓ ମଦ ଦୁର୍ଗନ୍ଧରେ କଥା ହେବା ଭଳି ଲଜ୍ୟାଜନକ ଘଟଣା ମଧ୍ୟ ସାମ୍ନାକୁ ଆସିଛି । କେବଳ ସେତିକି ନୁହେଁ, ମାମଲା ସଂଖ୍ୟା ବଢାଇବାକୁ ବଡ ମାଫିଆଙ୍କୁ ଛାଡି ଛୋଟ କୋଚିଆ ଙ୍କ ପାଖରୁ ୪ ଲିଟର ମଦ ଜବତ ଦେଖାଇ ମିଥ୍ୟା ସାକ୍ଷୀ ଯୋଡି ମାମଲା କରାଯାଉଛି ବୋଲି ଅଭିଯୋଗ । ଚୋର ଧରିବାରେ ଫେଲ୍ ମାରିଥିବା ପୋଲିସ ସନ୍ଧ୍ୟା ରେ ମଦ ପିଉଥିବା ରାସ୍ତା ପାର୍ଶ୍ୱରେ ଗରିବ ଲୋକଙ୍କୁ ଉଠାଇ ଆଣି ବାହାଦୁରୀ ଦେଖାଉଛି । ସ୍ୱଚ୍ଛ ଅସ୍ତରଙ୍ଗ ପାଇଁ ଥାନା ଅଧିକାରିଣୀ ଙ୍କୁ ତୁରନ୍ତ ବଦଳି କରି ଜିଲ୍ଲା ପୋଲିସ ଅଧୀକ୍ଷକ ନିଜେ ହସ୍ତକ୍ଷେପ କରି ସ୍ୱତନ୍ତ୍ର ଟିମ୍ ପଠାଇ ତଦନ୍ତ କରନ୍ତୁ ବୋଲି ବ୍ୟବସାୟୀ ସଙ୍ଘ ଓ ଗ୍ରାମବାସୀ ଦାବି କରିଛନ୍ତି ।ନଚେତ ଲୋକଙ୍କ ସରକାର ରେ ଏଭଳି ଥାନା ଅଧିକାରୀ ଅସ୍ତରଙ୍ଗ ସୁନ୍ଦର ସମାଜ ଦିନ କୁ ଦିନ ଖରାପ ହେବ । ତୁରନ୍ତ ଥାନା ଅଧିକାରିଣୀ ଗାଦି ଛାଡ଼ନ୍ତୁ ବୋଲି ପ୍ରତି ଗାଁରୁ ସ୍ୱର ଉତ୍ତୋଳନ ଆରମ୍ଭ ହେଲାଣି ।

# ଅପମିଶ୍ରଣର ହବ୍ ପାଲଟିଛି କାକଟପୁର-ଅସ୍ତରଙ୍ଗ ଅଞ୍ଚଳ

- ମିଠା ନାଁରେ ବିଷ ବିକ୍ରି, ଦେଢ଼ବର୍ଷ ହେଲା ଚଢ଼ଉ ନାହିଁ
- ଅପରିଷ୍କାର ପରିବେଶରେ ଫାଷ୍ଟଫୁଡ୍ ଦୋକାନ

**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ରାକ୍ଷୀ ପୂର୍ଣ୍ଣିମା ଆସିବ, ଭାଇ-ଭଉଣୀର ପବିତ୍ର ପର୍ବରେ ମିଠାରେ ମୁହଁ ମିଠା ହେବ, କିନ୍ତୁ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗରେ ମିଠା ନାଁରେ ବିଷ ବିକ୍ରି ହେଉଛି ! ପୁରୀ ଜିଲ୍ଲାର ଏହି ଦୁଇ ବ୍ଲକ ଏବେ ସମ୍ପୂର୍ଣ୍ଣ ଅପମିଶ୍ରଣର ହବ୍ ପାଲଟିଛି । ବଜାରରୁ ମିଳିଥିବା ଖବର ଅନୁସାରେ, ଅସାଧୁ ମିଠା ବ୍ୟବସାୟୀମାନେ ଦିନ ଦିନ ଧରି ପୋଡା ତେଲ ଓ ପୋଡା ଚିନି ସିରାକୁ ବାରମ୍ବାର ଗରମ କରି ମିଠା ଛାଣୁଛନ୍ତି । ନିମ୍ନମାନର ବେସନ, ପଚା ଖୁଆ ଓ ଶରୀର ପାଇଁ ଅତ୍ୟନ୍ତ ହାନିକାରକ କୃତ୍ରିମ ରଙ୍ଗ ମିଶାଇ ଲଡୁ, ଚମଚମ, ରସଗୋଲାକୁ ଆକର୍ଷଣୀୟ କରାଯାଉଛି । ଏହି ରଙ୍ଗ ମିଠା ଖାଇ ଛୋଟ ପିଲାଠୁ ବୁଢା ଯାଏଁ ପେଟ ରୋଗ, ଝାଡାବାନ୍ତି ଓ ଚର୍ମ ରୋଗରେ ପଡୁଛନ୍ତି । ସେହିପରି ସନ୍ଧ୍ୟା ହେଲେ କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର, ଛକ ବଜାରରେ ମାଳମାଳ ଫାଷ୍ଟଫୁଡ୍, ଗୁପଚୁପ, ଚାଟ୍, ବିରିୟାନୀ ହବ୍





ଦୋକାନ ଗଜା ହେଉଛି । ଅଧିକାଂଶ ଦୋକାନର ନା ଅଛି ଫୁଡ୍ ଲାଇସେନ୍ସ, ନା ଅଛି ସଫେଇ । ଖୋଲା ଡ୍ରେନ ପାଖରେ, ଧୂଳି ଭିତରେ ଏଠି ଖାଦ୍ୟ ତିଆରି ହେଉଛି । ତା ସହ ବେନାମୀ କମ୍ପାନୀର ମୃଦୁ ପାନୀୟ, ଯାହାର ନା ଅଛି ବିଆଇଏସ ମାର୍କ, ନା ଅଛି ମିଆଦ ତାରିଖ, ତାହା ଗାଁ ଗାଁ ଦୋକାନରେ ବିକ୍ରି ହେଉଛି । ଆଶ୍ଚର୍ଯ୍ୟର କଥା, ଏସବୁ ଜାଣି ମଧ୍ୟ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ନିଦାବିଷ୍ଟ । ଗତ ବର୍ଷ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଅସ୍ତରଙ୍ଗରେ ଦେଖାଣିଆ ଚଢ଼ାଉ ହୋଇଥିଲା । କିନ୍ତୁ ଫାଇନ୍ ନ ହେବାରୁ ଏବେ ବ୍ୟବସାୟୀମାନେ ଆହୁରି ବେଫିକର । ଦେଢ଼ ବର୍ଷ ହେଲା କାକଟପୁର-ଅସ୍ତରଙ୍ଗରେ ବିଭାଗର ପାଦ ପଡିନାହିଁ । ଲୋକଙ୍କ ଦାବି, ପର୍ବ ପୂର୍ବରୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ସ୍ୱତନ୍ତ୍ର ସ୍କ୍ୱାଡ୍ ପଠାଇ ନମୁନା ସଂଗ୍ରହ ଓ କଠୋର ଜୋରିମାନା କରନ୍ତୁ । ନଚେତ୍ ଏଥର ରାକ୍ଷୀରେ ମିଠା ନୁହେଁ, ରୋଗ ବାଣ୍ଟିବ ବଜାର ।

# କଲେଜ ଛାତ୍ରଛାତ୍ରୀଙ୍କ ସହ ଭର୍ଚୁଆଲ୍ ମୋଡ୍‌ରେ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ

**ନିମାପଡ଼ା(ଅମୃତ ମିଡିଆ):** ନିମାପଡ଼ା ଅଟୋନୋମସ୍ କଲେଜ୍‌ର ଛାତ୍ରଛାତ୍ରୀଙ୍କ ପାଇଁ ଆସନ୍ତା ୨୭ ତାରିଖ ହେବ ଏକ ସ୍ମରଣୀୟ ଦିନ । ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆୟୋଜିତ 'ଖେଲୋ ଇଣ୍ଡିଆ ଡାଏଲଗ୍ – ଖେଲ୍ କି ବାତ୍, ପ୍ରଧାନମନ୍ତ୍ରୀ ମୋଦି କେ ସାଥ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ୍ ମାଧ୍ୟମରେ ଯୁବପିଢ଼ିଙ୍କୁ ସମ୍ବୋଧନ କରିବେ ।ଦେଶର ୧,୫୦୦ରୁ ଅଧିକ ଶିକ୍ଷାନୁଷ୍ଠାନ ଏହି କାର୍ଯ୍ୟକ୍ରମ ସହ ଯୋଡ଼ିହେବେ ।ଏହି କାର୍ଯ୍ୟକ୍ରମକୁ ନେଇ ନିମାପଡ଼ା ଅଟୋନୋମସ୍ କଲେଜ୍ ପରିସରରେ ଉତ୍ସାହ ଦେଖାଦେଇଛି । କଲେଜ୍‌ର ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନକୁ ସିଧାସଳଖ ଭର୍ଚୁଆଲ୍ ମାଧ୍ୟମରେ ଦେଖିବା ସହ ଦେଶର କ୍ରୀଡ଼ା ଓ ଯୁବପିଢ଼ିଙ୍କ ଭବିଷ୍ୟତ ସମ୍ପର୍କିତ ଆଲୋଚନାର ଅଂଶ





ହେବାର ସୁଯୋଗ ପାଇବେ ।ନିମାପଡ଼ା କଲେଜ୍ ପାଇଁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ଆହୁରି ବଢ଼ିଛି । ପୁରୀ ଜିଲ୍ଲାରୁ ଚୟନ ହୋଇଥିବା ଦୁଇଟି କଲେଜ୍ ମଧ୍ୟରୁ ନିମାପଡ଼ା ଅଟୋନୋମସ୍ କଲେଜ୍‌କୁ 'ଏ' ଗ୍ରେଡ୍ ମିଳିଥିବା ନେଇ କଲେଜ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସଫଳତା ପରେ ଏବେ ପ୍ରଧାନମନ୍ତ୍ରୀଙ୍କ ସହ ଯୁବପିଢ଼ିଙ୍କ ଆଲୋଚନାର ସୁଯୋଗ ମିଳିବା କଲେଜ୍ ?ର ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ।ଏହି ଜାତୀୟସ୍ତରୀୟ ଆଲୋଚନାରେ ଯୁବପିଢ଼ିଙ୍କ ଚିନ୍ତାଧାରା, କ୍ରୀଡ଼ାର ଭବିଷ୍ୟତ, ତୃଣମୂଳ ସ୍ତରରେ କ୍ରୀଡ଼ା ସୁବିଧା, ପ୍ରଶିକ୍ଷଣ ଓ ନୂଆ ପ୍ରତିଭା ଚିହ୍ନଟ ଭଳି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବ । ଏଥିସହ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରତିଭା ବିକାଶ, ଯୁବ ନେତୃତ୍ୱ, ଦକ୍ଷତା ବିକାଶ ଓ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଉପରେ ମଧ୍ୟ ଆଲୋଚନା ହେବ ।ନିମାପଡ଼ା କଲେଜ୍‌ର ଛାତ୍ରଛାତ୍ରୀଙ୍କ ପାଇଁ ଏହି ସୁଯୋଗ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଦେଶର ପ୍ରଧାନମନ୍ତ୍ରୀଙ୍କ ଠାରୁ ଯୁବପିଢ଼ି ପାଇଁ ବାର୍ତ୍ତା ଶୁଣିବା ସହ ନିଜ ଶିକ୍ଷା, କ୍ରୀଡ଼ା, ଦକ୍ଷତା ଓ ଭବିଷ୍ୟତ ସ୍ୱପ୍ନ ସମ୍ପର୍କରେ ଚିନ୍ତା କରିବାର ଏହା ଏକ ବଡ଼ ମଞ୍ଚ ହେବ । କାର୍ଯ୍ୟକ୍ରମରେ ବିଭିନ୍ନ ଜନପ୍ରତିନିଧି ଓ ଅଧିକାରୀଙ୍କ ଉପସ୍ଥିତି ମଧ୍ୟ ରହିବେ ବୋଲି ଆଜି କଲେଜର ଅଧ୍ୟକ୍ଷ ସାମ୍ବାଦିକ ସମ୍ମିଳନି ରେ ସୂଚନା ଦେଇଛନ୍ତି । କଲେଜ୍ ପକ୍ଷରୁ କାର୍ଯ୍ୟକ୍ରମ ପାଇଁ ଭର୍ଚୁଆଲ୍ ସଂଯୋଗ, ପ୍ରାଯୁକ୍ତିକ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ବସିବା ବ୍ୟବସ୍ଥା ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀଙ୍କ ସହ ଏହି ଭର୍ଚୁଆଲ୍ ସଂଯୋଗ ନିମାପଡ଼ା ଅଟୋନୋମସ୍ କଲେଜ୍ ?ର ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଶେଷ ଅନୁଭୂତି ହେବ ବୋଲି ଆଶା କରାଯାଉଛି ।ସୂଚନାଯୋଗ୍ୟ, 'ଖେଲୋ ଇଣ୍ଡିଆ ଡାଏଲଗ୍'ର ମୁଖ୍ୟ ଲକ୍ଷ୍ୟ ହେଉଛି ଯୁବପିଢ଼ିଙ୍କ ଆକାଂକ୍ଷା, କ୍ରୀଡ଼ାବିତ୍‌ଙ୍କ ଅଭିଜ୍ଞତା ଓ ନୀତି ନିର୍ଦ୍ଧାରଣକୁ ଏକ ମଞ୍ଚରେ ଆଣିବା । ଦେଶର ପ୍ରମୁଖ କ୍ରୀଡ଼ାବିତ୍‌ମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଯୁବମାନଙ୍କ ସହ ନିଜ ଅଭିଜ୍ଞତା ବାଣ୍ଟିବେ । ନିମାପଡ଼ା ଅଟୋନୋମସ୍ କଲେଜ୍‌ର ଛାତ୍ରଛାତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଏହି ଭର୍ଚୁଆଲ୍ ଆଲୋଚନା କେବଳ କଲେଜ୍ ପାଇଁ ନୁହେଁ, ନିମାପଡ଼ା ଅଞ୍ଚଳର ଯୁବପିଢ଼ି ପାଇଁ ମଧ୍ୟ ଏକ ଗୌରବର ମୁହୂର୍ତ୍ତ ହେବ । ଏହି କାର୍ଯ୍ୟକ୍ରମ ଯୁବମାନଙ୍କୁ କ୍ରୀଡ଼ା, ଶିକ୍ଷା, ଦକ୍ଷତା ଓ ରାଷ୍ଟ୍ର ନିର୍ମାଣ ଦିଗରେ ଆଗକୁ ବଢ଼ିବାକୁ ନୂଆ ପ୍ରେରଣା ଦେବ ବୋଲି ଆଶା କରାଯାଉଛି ।

# ଗଛ ଲଗାଇବା ନାମରେ ଲକ୍ଷାଧିକ ଟଙ୍କା ହଡ଼ପ୍ ଅଭିଯୋଗ

**ପିପିଲି(ଅମୃତ ମିଡିଆ):** ସବୁଜିମା ବୃଦ୍ଧି ଓ ପରିବେଶ ସୁରକ୍ଷା ନାମରେ ସରକାରୀ ଯୋଜନାରେ ଆସିଥିବା ଅର୍ଥରେ ବଡ଼ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ ପିପିଲି ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି । 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ଗଛ ଲଗାଇବା ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଦର୍ଶାଯାଇଥିବା ବେଳେ ଅନେକ ସ୍ଥାନରେ ଗ୍ରାଉଣ୍ଡରେ ଗଛ କିମ୍ବା ଚାରାର ଚିହ୍ନ ନଥିବା ଅଭିଯୋଗ ହୋଇଛି । ପିପିଲି ବ୍ଲକର ୨୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ଏନେଇ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ତେଇଶିପୁର ପଞ୍ଚାୟତର ଆଲିସ ଅଞ୍ଚଳରେ ୫୦୦ ଚାରା ରୋପଣ କରାଯାଇଥିବା କାଗଜପତ୍ରରେ ଦର୍ଶାଯାଇଛି । କିନ୍ତୁ ବାସ୍ତବରେ ସେଠାରେ ଗୋଟିଏ ମଧ୍ୟ ଚାରା କିମ୍ବା ବୃକ୍ଷ ଦେଖିବାକୁ ମିଳୁନଥିବା ସେ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ୨୦୨୫ ମସିହା ସେପଟ୍ଟେମ୍ବର ୧୭ ତାରିଖରେ ପିପିଲି ବ୍ଲକରେ ପ୍ରାୟ ୩୦ ହଜାର ଚାରା ରୋପଣ କରାଯାଇଥିଲା । ବ୍ଲକର ୨୫ଟି ପଞ୍ଚାୟତକୁ ପ୍ରତି ପଞ୍ଚାୟତ ପିଛା ୫୦୦ ଚାରା ହିସାବରେ ଚାରା ଯୋଗାଇ ଦିଆଯାଇଥିବା ବେଳେ ଅବଶିଷ୍ଟ ଚାରା ସ୍କୁଲ, ଅଙ୍ଗନବାଡ଼ି ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଦିଆଯାଇଥିବା କୁହାଯାଇଛି । ଚାରା ରୋପଣ ସହ ଗଛର ସୁରକ୍ଷା, ବାଡ଼ ନିର୍ମାଣ, ଜାଲି କିଣା, ଗାତ ଖୋଳିବା, ଚାରା ପୋତିବା ଏବଂ ପରବର୍ତ୍ତୀ ସମୟରେ ପାଣି ଦେଇ ଗଛକୁ ବଞ୍ଚାଇ ରଖିବା ଭଳି କାର୍ଯ୍ୟ ପାଇଁ ପ୍ରତି ପଞ୍ଚାୟତକୁ ପ୍ରାୟ ୨ ଲକ୍ଷ ୩୦ ହଜାର ଟଙ୍କା ଅର୍ଥ ବ୍ୟୟବରାଦ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି । କିନ୍ତୁ ଅଭିଯୋଗ ହେଉଛି, ଅନେକ ସ୍ଥାନରେ ଗଛ ଲଗାଯାଇନଥିଲେ ମଧ୍ୟ କାଗଜପତ୍ର ଓ ଫଟୋ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ହୋଇଥିବା ଦର୍ଶାଇ ବିଲ୍ କରାଯାଇଛି । ଫଳରେ ସରକାରୀ ଅର୍ଥର ଅପବ୍ୟବହାର କିମ୍ବା ଆତ୍ମସାତ୍ ହୋଇଥିବା ନେଇ ପ୍ରଶ୍ନ ଉଠିଛି । ସବୁଠାରୁ ବଡ଼ କଥା ହେଉଛି, ପିପିଲି ବ୍ଲକର କେଉଁ ପଞ୍ଚାୟତରେ କେତେ ଚାରା ଲଗାଯାଇଛି ଏବଂ ସେଥିରୁ ବର୍ତ୍ତମାନ କେତେ ଗଛ ବଞ୍ଚିଛି, ସେନେଇ ବ୍ଲକ ପ୍ରଶାସନ ପାଖରେ ସ୍ୱଷ୍ଟ ତଥ୍ୟ ନଥିବା ଅଭିଯୋଗ ହୋଇଛି । କେଉଁ ବ୍ୟକ୍ତିଙ୍କ ନାମରେ କେତେ ବିଲ୍ ହୋଇଛି ଏବଂ କେଉଁ କାର୍ଯ୍ୟ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ତାହା ମଧ୍ୟ ତଦନ୍ତ ପରେ ସ୍ୱଷ୍ଟ ହେବ ବୋଲି କୁହାଯାଉଛି । ଏନେଇ ପିପିଲି ବିଡିଓ ସରୋଜ ରାଉତଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ, ପଞ୍ଚାୟତର ପିଇଓ ମାନଙ୍କ ଠାରୁ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯିବା ପରେ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି । ଯଦି କୌଣସି ସ୍ଥାନରେ ଗଛ ମରିଯାଇଥାଏ, ସେଠାରେ ନୂତନ ଗଛ ଲଗାଯିବ ବୋଲି ମଧ୍ୟ ସେ କହିଛନ୍ତି । ତେବେ ସରକାରୀ ଯୋଜନାରେ ଗଛ ଲଗାଇବା ନାମରେ ପ୍ରକୃତରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେତେ ଗଛ ଲଗାଯାଇଛି ଏବଂ କେତେ ଗଛ ବଞ୍ଚିଛି-ଏହାର ସ୍ୱଚ୍ଛ ତଦନ୍ତ କରାଯାଇ ସତ୍ୟ ସାମ୍ନାକୁ ଆସିବା ଏବେ ଜରୁରୀ । ଅଭିଯୋଗ ସତ୍ୟ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସରକାରୀ ଅର୍ଥ ଆଦାୟ ହେବ କି ନାହିଁ, ତାହା ଉପରେ ଏବେ ସମସ୍ତଙ୍କ ନଜର ।



# ତ୍ରୁଟିମୁକ୍ତ, ବିଜ୍ଞାନସମ୍ମତ ଓ ମୌଳିକ ବିଷୟବସ୍ତୁ ସନ୍ନିବେଶିତ ପାଠ୍ୟପୁସ୍ତକ ଯୋଗାଇଦେବା ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ ଓ ବାଇକ୍ ରାଲି




**ବ୍ରହ୍ମପୁର (ଅମୃତ ମିଡିଆ):** ତ୍ରୁଟିମୁକ୍ତ, ବିଜ୍ଞାନସମ୍ମତ ଏବଂ ମୌଳିକ ବିଷୟବସ୍ତୁ ସନ୍ନିବେଶିତ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତ ବର୍ଷର ପାଠ୍ୟପୁସ୍ତକରେ ଶିକ୍ଷାଦାନ କରିବା, ଖାଲିପଡ଼ିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ପଦବୀ ସ୍ଥାୟୀଭିତ୍ତିରେ ପୂରଣ କରିବା, ଏନ୍.ଟି.ଏ କୁ ରଦ୍ଦ କରିବା ଓ ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟଗୁଡ଼ିକୁ ଅବିଳମ୍ବେ ଖୋଲିବା ଦାବିରେ ଆଜି ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଇଞ୍ଜିନିୟରିଂ ସ୍କୁଲ ଠାରୁ ଆରମ୍ଭ କରି ବ୍ରହ୍ମପୁର ସହର ପରିକ୍ରମା କରିବା ସହ ଦସ୍ତଖତ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି।

ଶିକ୍ଷାବର୍ଷ ଆରମ୍ଭ ହେବାର ୫ମାସ ବିତିଯିବା ପରେ ମଧ୍ୟ ସରକାର, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ, ବିଜ୍ଞାନସମ୍ମତ ଏବଂ ମୌଳିକ ବିଷୟବସ୍ତୁ ସନ୍ନିବେଶିତ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଛାତ୍ରଛାତ୍ରୀଙ୍କୁ ବଣ୍ଟନ କଲେ ନାହିଁ କି ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ ଓ ଜନଗଣଙ୍କ ଦାବି ନୂତନ ବହି ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ପୁରୁଣା ବହିରେ ପିଲାଙ୍କୁ ପାଠ ପଢାଯାଉ, ଏହି ଦାବି ପ୍ରତି ମଧ୍ୟ ସରକାର କୌଣସି କର୍ଣ୍ଣପାତ କଲେନାହିଁ। ସ୍କୁଲ ମାନଙ୍କରେ ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ ହେବାକୁ ଆଉ ମାତ୍ର ୧ମାସ ବାକି ଅଛି। ଏପରି ସ୍ଥଳେ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବେ ଦ୍ୱନ୍ଦରେ ଅଛନ୍ତି।

ଅନ୍ୟ ପଟେ ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପ୍ରାୟ ଅଧରୁ ଅଧିକ ସ୍ଥାୟୀ ଶିକ୍ଷକ, ଅଧ୍ୟାପକ, ପ୍ରଫେସର ଏବଂ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିଛି। ଫଳରେ ଠିକ୍ ସମୟରେ କ୍ଲାସ, ସଠିକ ଭାବେ ପରୀକ୍ଷା ପରିଚାଳନା, ସଠିକ ପରୀକ୍ଷା ଖାତା ଦେଖି ପରୀକ୍ଷା ଫଳ ଘୋଷଣା କରିବାରେ ନାନା ବିଭ୍ରାଟ ଘଟୁଥିବା ବେଳେ ଅନ୍ୟପଟେ ସରକାର ହଜାର ହଜାର ସରକାରୀ ସ୍କୁଲ ବନ୍ଦ କରିବାରେ ବ୍ୟସ୍ତ। ଫଳରେ ଲକ୍ଷ ଲକ୍ଷ ଗରିବ ପିଲାଙ୍କ ପାଠ ପଢାରେ ଡୋରି ବନ୍ଧା ହେଉଛି।

ଏନଟିଏ (ଘଞ୍ଚଇ) ବାରମ୍ବାର ନିରପେକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷା ପରିଚାଳନାରେ ବିଫଳ ହେଉଥ?ିବାରୁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଗଭୀର ଅନିଶ୍ଚିତତା ଓ କ୍ଷୋଭ ସୃଷ୍ଟି ହୋଇଛି। କନ୍ଦ୍ରୀକୃତ ପରୀକ୍ଷା ବ୍ୟବସ୍ଥାର ବାରମ୍ବାର ବିଫଳତା, କୋଚିଂ ଶିଳ୍ପର ସ୍ୱାର୍ଥକୁ ଆହୁରି ପ୍ରୋତ୍ସାହିତ କରୁଛି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ମାନସିକ, ଆର୍ଥିକ ଚାପ ବଢ଼ାଇ ଦେଉଛି। ତେଣୁ ଉପର ଲିଖିତ ସମସ୍ତ ଦାବିଗୁଡ଼ିକୁ ସରକାର ଅବିଳମ୍ବେ ପୂରଣ କରିବା ପାଇଁ ଏଆଇଡିଏସଓ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି।

ଆଜିକାର କାର୍ଯ୍ୟକ୍ରମ ଏଆଇଡିଏସ୍ଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁ, କୋଷାଧ୍ୟକ୍ଷ କିସାନ୍ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ସଂଗଠନର କର୍ମକର୍ତ୍ତା ବାମିଆ କୁମାର, ଜଗନ୍ନାଥ ବେହେରା,ବୈକୁଣ୍ଠ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

## ୨୧୦ କିଲୋ ଗଞ୍ଜେଇ ସହ ଟାଟା ଏସି ଜବତ, ୮ ଗିରଫ



**ଭଞ୍ଜନଗର (ଅମୃତ ମିଡିଆ):** ଦିନ କୁ ଦିନ ରାଜ୍ୟରେ ବଢୁଛି ଗଞ୍ଜେଇ ର ଚୋରା ଚାଲାଣ। ଜବତ ହେଉଛି ଶହ ଶହ କିଲୋଗ୍ରାମ ଗଞ୍ଜେଇ। ଏହା କେଉଁଠୁ ଆସୁଛି, କେଉଁଠି କି ଯାଉଛି, ଏସବୁ ଭିତରେ ଗଞ୍ଜେଇ ର ଧଳା ଧୂଆଁ ରେ ଜାବୁଡ଼ି ହୋଇ ରହିଛନ୍ତି ଅନେକ ଯୁବକ। ଆଉ କିଛି ଯୁବକ ଟଙ୍କା ଲୋଭରେ ଗଞ୍ଜେଇ ର ଚୋରା ଚାଲାଣ ଛନ୍ଦି ହେଉଛନ୍ତି। ଗଞ୍ଜେଇ ର ଚେର ରାଜ୍ୟ ଓ ବାହାରକୁ ଲମ୍ବିଛି।ତେଣୁ ଏସବୁ ଭିତରେ କେତେବେଳେ ଅବକାରୀ ବିଭାଗ ତ କେତେବେଳେ ପୋଲିସ ମାଡି ବସୁଛି ଗଞ୍ଜେଇ ଚୋରକୁ। ମଙ୍ଗଳବାର ପୁଣି ଭଞ୍ଜନଗର ପୋଲିସକୁ ମିଳିଛି ସଫଳତା । ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା ଙ୍କ ନେତୃତ୍ୱରେ ଏଏସଆଇ ସମୀର ସେଠୀ ଙ୍କ ଦ୍ୱାରା ଡହ ବଙ୍ଗଳା ଠାରେ ଚେକିଂ ସମୟରେ ଟାଟା ଏସିଇ ଗାଡ଼ିରେ ଥିବା ପାଣି ଟ୍ୟାଙ୍କ ପଛରେ ୨୧୦ କିଲୋ ଗଞ୍ଜେଇ ଥିବା ପୋଲିସ ଦେଖିବାକୁ ପାଇଥିଲା। ପରେ ଏସବୁ ଜବତ ହେବା ସହ ଉକ୍ତ ଗାଡିକୁ ପାଇଲଟ କରୁଥିବା ପଲସର ଗାଡିକୁ ମଧ୍ୟ ଜବତ କରାଯାଇଛି। ଗଞ୍ଜେଇ ଭର୍ତି ଗାଡି ଜବତ କରିବା ସହ ଆଠ ଜଣକୁ ରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପନ୍ଦର ଲକ୍ଷ ଟଙ୍କା ହେବା।ଗଞ୍ଜାମ ଏସପି ଙ୍କ ନିର୍ଦ୍ଦେଶ ରେ ଗଂଜାମ ପୋଲିସ ବିଭିନ୍ନ ସ୍ଥାନରେ ଚେକିଂ ବ୍ଲକିଂ ଜାରୀ ରଖୁଛି ସେହି ଆଧାରରେ ବହୁ ପରିମାଣରେ ମାଦକ ଦ୍ରବ୍ୟ ଜବତ ହେଉଛି।ଆଜି ଏକ ପ୍ରେସ ବିବୃତ୍ତିରେ ଭଞ୍ଜନଗର ଅତିରିକ୍ତ ଏସପି ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ସେପ୍ଟେମ୍ବର ୨୦ରେ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସମ୍ମିଳନୀ




**ବ୍ରହ୍ମପୁର (ଅମୃତ ମିଡିଆ):** ଅଖିଳ ଭାରତ ଟ୍ରେଡ ୟୁନିଅନ କଂଗ୍ରେସ (ଏଆଇଟିୟୁସି)ର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ଜିଲ୍ଲା ସଭାପତି ପ୍ରଶାନ୍ତ ପାଟଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଓଡ଼ିଶା ଲକ୍ଷେ କୋଟି ଟଙ୍କା ରାଜସ୍ୱ ହରାଉଥିବା କେନ୍ଦ୍ର ସରକାରଙ୍କ ଏମ୍ଏମଡିଆର ଆଇନ-୨୦୨୬କୁ ତୁରନ୍ତ ରଦ୍ଦ କରିବାପାଇଁ ଦାବି କରାଯାଇଥୁଲା । ଏଆଇଟିୟୁସିର ରାଜ୍ୟ ସମ୍ମିଳନୀ ତାଳଚେରଠାରେ ଅକ୍ଟୋବର ୨୯, ୩୦ ଓ ନଭେମ୍ବର ୧ ତାରିଖରେ ଅନୁଷ୍ଠିତ ହେଉଅଛି । ଅତଏବ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସମ୍ମିଳନୀ ଆସନ୍ତା ସେପଟ୍ଟେମ୍ବର ୨୦ ତାରିଖରେ ଆସିକା ଠାରେ ଆୟୋଜିତ କରିବା ପାଇଁ ନିଷ୍ପତ୍ତି ଗୃହିତ ହୋଇଛି। ତା ପୂର୍ବରୁ ଏଆଇଟିୟୁସି ସହବନ୍ଧିତ ସମସ୍ତ ୟୁନିଅନର ସମ୍ମିଳନୀ ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସମ୍ପାଦକ ଅଲକନାଥ ମିଶ୍ର, ସହସମ୍ପାଦକ ପ୍ରଦୀପ ସେଠୀ, କାମଦେବ ନାହାକ, ଏ. ସୁଧୀର, ଏମ୍. ସାହାଜାହାନ,କିଶୋର ଶତପଥୀ, ପଞ୍ଚାନନ ସ୍ୱାଇଁ, ରାଜେନ୍ଦ୍ର ଦାସ, ମାଗୁଣି ବିଷୋୟୀ, ବିଦେଶୀ ନାହାକ,ବିଭୁତି ଭୂଷଣ ମହାନ୍ତି,କୈଳାଶ,ରୋହୀତ ବିଷୋୟୀ, ପ୍ରଫୁଲ ଜେନା, ରବୀନ୍ଦ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବନ୍ୟାବିପନ୍ନଙ୍କୁ ଘାରିଛି ମଣିଷଖିଆ ବଉଳା କୁମ୍ଭୀର ଭୟ

# ପାଦ ବୁଡ଼ାଇଲେ ଟାଣି ନେଉଛି ଅଥଳ ଜଳକୁ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲାର ଖରସ୍ରୋତା ନଦୀ ପାଣି ପୁଣିଥରେ ହୋଇଛି ରକ୍ତରଂଜିତ । ପୁଣି ଜଣେ ମଣିଷକୁ ସମସ୍ତଙ୍କ ସାମ୍ନାରେ ଟାଣିନେଇଯାଇଛି ଭିତରକନିକାର ମଣିଷଖିଆ କୁମ୍ଭୀର । ଏଥର କୁମ୍ଭୀର ମୁହଁର ଶିକାର ହୋଇଛନ୍ତି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଗଙ୍ଗାଧରପ୍ରସାଦ ଡିଆ ଗାଁର ପରେଶ୍ୱର ବେହେରା । ଦ୍ୱୀପାଂଚଳ ଭାବେ ପରିଚିତ ଏହି ପୁଣି ଆଉ କେତେବେଳେ ମଣିଷ ହେଉଛି ସେମାନଙ୍କ ଶିକାର । ସରକାରୀ ଭାବେ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୦୨୪-୨୫ରେ ରାଜନଗର ଓ ରାଜକନିକ ବ୍ଲକର ୪ ଜଣଙ୍କର କୁମ୍ଭୀର ଆକ୍ରମଣରେ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଗାଇ ଛେଳି ମେଣ୍ଢା ଆଦି ଗୃହପାଳିତ ପଶୁ କୁମ୍ଭୀର ମୁହଁର ଶିକାର ହୋଇଥିଲେ । ଚଳିତବର୍ଷ ଆହୁରି ହିଂସ୍ର ହୋଇପଡିଛନ୍ତି ଏହି ମଣିଷ ଖିଆ କୁମ୍ଭୀର ।



ଗାଁର ପରେଶ୍ୱର ନଦୀ ପାର ହେବା ପାଇଁ ଡଙ୍ଗା ପାଖକୁ ଯାଉଥିବା ବେଳେ ଟାଣି ନେଇଛି ୨୦ଫୁଟ୍ର ବଉଳା କୁମ୍ଭୀର । ଖବର ପାଇ ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍ର ସଦସ୍ୟମାନେ ଖୋଜା ଖୋଜି କରିଥିଲେ ମଧ୍ୟ ପତା ମିଳିନି ପରେଶ୍ୱରଙ୍କର। ଏଯାବତ କୁମ୍ଭୀର ଆକ୍ରମଣରେ ଜିଲାର ପ୍ରାୟ ୩ ଜଣ ଲୋକ ପ୍ରାଣ ହରାଇ ସାରିଥିବା ବେଳେ ୨ ଜଣ ଲୋକ କୁମ୍ଭୀର ମୁହଁରୁ ବର୍ତି ଯାଇଛନ୍ତି ।

ସୂଚନା ଦିଆଯାଇପାରେ ଯେ, ଭିତର କନିକା ଅଭୟାରଣ୍ୟ ମୁକୁଳା ପଡିଥିବା ବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ବନ ବିଭାଗ । ଖାଦ୍ୟାଭାବରୁ ଅଭୟାରଣ୍ୟ ଛାଡି ଉପର ମୁଣ୍ଡକୁ ଉଠି ଆସୁଛନ୍ତି ଏହି ମଣିଷ ଖିଆ ବଉଳା କୁମ୍ଭୀର । କାହାର ଲମ୍ବ ୧୫ ଫୁଟ୍ ତ କାହାର ଲମ୍ବ ୨୦ ଫୁଟ୍ । କେତେବେଳେ ଗୃହପାଳିତ ପଶୁ ବର୍ତମାନ ଖରସ୍ରୋତା ଓ କାଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ କୁମ୍ଭୀରମାନେ ଗାଁ ଗଣ୍ଡାରେ ବୁଲିଲେଣି । ନିକଟରେ ସ୍ଥାନୀୟ ପଦନୀପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ଶୋଇଥିବା ଏକ ୨୦ ଲମ୍ବ ବଉଳା କୁମ୍ଭୀରକୁ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ । ମଧୁର ପାଣି ଯୋଗୁ ଏଠାକାର ନଈଗୁଡିକ ନଦୀକୂଳ ବାସିନ୍ଦାଙ୍କ ଲାଇଫ ଲାଇନ ହୋଇଥିବା ବେଳେ କୁମ୍ଭୀରଙ୍କ ଆତଯାତ ଯୋଗୁ ଲୋକେ ପାଦ ବୁଡ଼ାଇବାକୁ ବି ଡରୁଛନ୍ତି । ଚାଷବାସ ଏକପ୍ରକାର ଠପ୍ ହେବାକୁ ବସିଛି । ଅଭୟାରଣ୍ୟ ପରିଧି ଭିତରେ କୁମ୍ଭୀରଙ୍କୁ ସୀମାବଦ୍ଧ ରଖା ନ ଗଲେ ନଦୀକୂଳିଆ ଲୋକଙ୍କ ଜୀବନ ବିପଦରେ ପଡିବା ସହ ଚାଷବାସ ମଧ୍ୟ ବନ୍ଦ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି ।

## ଶେରଗଡ଼ରେ ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା କର୍ମଶାଳା



**ବ୍ରହ୍ମପୁର / ଶେରଗଡ଼ (ଅମୃତ ମିଡିଆ):** ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଶେରଗଡ଼ ବ୍ଲକରେ ଆର୍ଥିକ ସାକ୍ଷରତା, ଡିଜିଟାଲ ନିର୍ଯାତନା ଓ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ଷୁଦ୍ର ସଞ୍ଚୟ ଅଧିକାରୀ ସୁଦାମ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ସେ ଆର୍ଥିକ ସାକ୍ଷରତା, ନିୟମିତ ସଞ୍ଚୟର ଗୁରୁତ୍ୱ ଏବଂ ଅନଲାଇନ୍ ଓ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଛତ୍ରପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ସାଇବର ସେଲ୍?ର ସହକାରୀ ଆରକ୍ଷୀ ଉପନିରୀକ୍ଷକ କିରଣ କୁମାର ପାତ୍ର ଡିଜିଟାଲ ନିର୍ଯାତନା, ସାଇବର ଅପରାଧ ଓ ଡିଜିଟାଲ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ଅଜଣା ଆପ୍ ଫାଇଲ୍ ଡାଉନଲୋଡ୍ ନକରିବା, ସାମାଜିକ ପ୍ରତାରଣା, ମିଥ୍ୟା ଜରୁରୀକାଳୀନ ଫୋନ୍, ଫୋନ୍ କଲ୍ ସ୍ଥାନାନ୍ତରଣ ଠକେଇ ଏବଂ ମୋବାଇଲ୍ରେ ଡିଜିଟାଲ ସ୍ୱଚ୍ଛତା ବଜାୟ ରଖିବା ଉପରେ ସେ ବିସ୍ତୃତ ଭାବେ ବୁଝାଇଥିଲେ। ଆସ୍କା ଡାକ ବିଭାଗର ଅଧୀକ୍ଷକ ଦିଲୀପ କୁମାର ବେହେରା ସଞ୍ଚୟ, ଆର୍ଥିକ ଅନ୍ତର୍ଭୁକ୍ତି ଓ ଆର୍ଥିକ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ସୁକନ୍ୟା ସମୃଦ୍ଧି ଯୋଜନା ସମେତ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ଲାଭ ନେବାକୁ ସଚେତନ କରିଥିଲେ।

ଡାକ ଜୀବନ ବୀମାର ବିକାଶ ଅଧିକାରୀ ଦୀପକ ରଞ୍ଜନ ପାଣିଗ୍ରାହୀ ଡାକ ଜୀବନ ବୀମା ଓ ବିଭିନ୍ନ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

କର୍ମଶାଳାରେ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର, ଅନଲାଇନ୍ ଆର୍ଥିକ କାରବାରରେ ସତର୍କତା, ଚାକିରି ଠକେଇ, ଋଣ ଆପ୍ ଠକେଇ, ବିବାହ ସମ୍ପର୍କିତ ଠକେଇ, ଅଜଣା ଫୋନ୍ କଲ୍, ଏବଂ ଅନଲାଇନ୍ କ୍ରୟବିକ୍ରୟ ଠକେଇ ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ଶେରଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମମତାଞ୍ଜଳି ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରିଣୀ ଡି. ନାଗରତ୍ନମ୍ କର୍ମଶାଳାର ଉଦ୍ଦେଶ୍ୟ ଓ ବିଷୟବସ୍ତୁ ସମ୍ପର୍କରେ ଅବଗତ କରାଇଥିଲେ। କର୍ମଶାଳାରେ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ସଂଯୋଜିକା ଗୀତାଞ୍ଜଳି ମହାରଣା, ସଂଯୋଜକ ଦେବବ୍ରତ ମହାନ୍ତ, ଆର୍ଥିକ ସାକ୍ଷରତା ଲିଙ୍ଗ ବିଶେଷଜ୍ଞ ବାପୁଜୀ କନ୍ୟାରୀ, ଟୁନି ବିଷୋୟୀଙ୍କ ସମେତ ଶେରଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ ଅଞ୍ଚଳ ପରିଦର୍ଶିକା ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

## କଳା ଓ କଳାକାର ହିତୈଷୀ ମହାମଞ୍ଚ ପକ୍ଷରୁ ପ୍ରଣବଙ୍କୁ ଶ୍ରଦ୍ଧା ସୁମନ

**ବ୍ରହ୍ମପୁର (ଅମୃତ ମିଡିଆ):** କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ଏବଂ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ସୁବାରାଓ ଛକସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ସଂଘ କାର୍ଯ୍ୟାକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥିତଯଶା ସଂଗୀତଜ୍ଞ ପ୍ରଣବ ପଟ୍ଟନାୟକ ଏବଂ କଲିକତା, ଇଷ୍ଟର୍ଣ୍ଣ ଜୋନାଲ କଲଚର ସେଣ୍ଟରର ଜନୈକ କର୍ମଚାରୀ ତଥା ବରିଷ୍ଠ ମଞ୍ଚ ଅଭିନେତା ଶମ୍ଭୁନାଥ ଦାସଙ୍କ ଦିବଂଗତ ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ମଦନ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଅଜୟ ପାଢ଼ୀ, ନୃତ୍ୟ ନିର୍ଦ୍ଦେଶକ ବି. ପ୍ରସାଦ ରାଓ, ଗ୍ରାମୀଣ ନାଟ୍ୟ ନିର୍ଦ୍ଦେଶକ ଅଭିରାମ ରାଉଳ, କଳାପ୍ରାଣ କୈଳାସ ପାଣିଗ୍ରାହୀ, କଳା ଗୌରବ ମହେନ୍ଦ୍ର କୁମାର ସାହୁ, ବରିଷ୍ଠ କଳାକାର ହରିଶ୍ଚନ୍ଦ୍ର ବରଡ଼, ଅନିଲ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ସରୋଜ କୁମାର ପଣ୍ଡା, କେ. କାମରାଜୁ ପାତ୍ର, ବଳଦେବ ସାହୁ, ମୃତ୍ୟୁଞ୍ଜୟ ତ୍ରିପାଠୀ ପ୍ରମୁଖ ଦିବଂଗତ ପ୍ରତିଭାଧର ଦ୍ୱୟଙ୍କ କୃତିରାଜି ଉପରେ ସିଂହାବଲୋକନ ସହ ବାକ୍ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ସହ ଦିବଂଗତ କଳାକାର ଦ୍ୱୟଙ୍କ ସଂକ୍ଷିପ୍ତ ପରିଚିତି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ।

## ଯୋଡ଼ା ଥାନାରେ ଶାନ୍ତି କମିଟି ବୈଠକ



**ଯୋଡ଼ା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନାରେ ଆଜି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତେକ ବର୍ଷ ଭଳି ଚଳିତ ବର୍ଷ ଯୋଡ଼ା ନଗରରେ ମୁସ୍ଲିମ୍ ସମ୍ପ୍ରଦାୟ ର ବ୍ୟକ୍ତି ବିଶେଷ ଇଦ୍ ଉଲ୍ ଯୁହା ପର୍ବ ପାଳନ କରିବା କୁ ଯାଉଥିବାରୁ ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଏକ ଶାନ୍ତି କମିଟି ବୈଠକ ଉଭୟ ହିନ୍ଦୁ ଓ ମୁସଲମାନ ଙ୍କୁ ନେଇ କରାଇଥିଲେ। ଏହି ବୈଠକରେ ବଡ଼ବିଲ ଏସଡିପିଓ ଡେବେନ୍ଦ୍ର ନାଥ ପିଙ୍ଗୁଆ ଓ ତହସିଲ୍ ଦାର୍ ରାକେଶ କୁମାର ପଣ୍ଡା ଉପସ୍ଥିତ ରହି ଉଭୟ ପକ୍ଷ ଙ୍କ ମଧ୍ୟରେ ସ୍ୱଆର୍ଦ୍ଧ୍ୟ ପୂର୍ଣ୍ଣ ବାତାବରଣ ରେ ଆଲୋଚନା ସମ୍ପର୍ଣ୍ଣ ହୋଇଥିଲା। ଶେଷରେ ଥାନା ଅଧିକାରୀ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



**ବ୍ରହ୍ମପୁର (ଅମୃତ ମିଡିଆ):** ଆମର ଅତିପ୍ରିୟ ଓଡ଼ିଶାର ପ୍ରଖ୍ୟାତ ଗାୟକ ତଥା କଣ୍ଠଶିଳ୍ପୀ ପ୍ରଣବ କୁମାର ପଟନାୟକଙ୍କ ଦେହାନ୍ତ ସମସ୍ତ ଓଡ଼ିଆ ସଂଗୀତ ତଥା କଳାପ୍ରେମୀଙ୍କ ପାଇଁ ଏକ ଗଭୀର ଦୁଃଖଦ ଖବର ।। ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ଏହି ମହାନ କଳାକାରଙ୍କ ଶ୍ରଦ୍ଧାଞ୍ଜଳି ତଥା ସ୍ମୃତିଚାରଣ ସଭା ସିଦ୍ଧାର୍ଥ ନଗର ମୁଖ୍ୟ ରାସ୍ତାସ୍ଥିତ ହିମାନି ସେଲିବ୍ରେସନରେ ତା ୨୩/୮/୨୦୨୬ ରିଖ ସନ୍ଧ୍ୟା ପାଞ୍ଚ ଘଣ୍ଟା ତିରିଶ ମିନଟରେ ଆୟୋଜିତ ହୋଇଥିଲା ।। ଏଥିରେ ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ର, ସମ୍ପାଦକ ମହମଦ ଆସଲାମ, ଉପସଭାପତି ମହେନ୍ଦ୍ର ନାଥ ସାହୁ ଓ ହର ମୋହନ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୁନୀଳ କୁମାର ସାହୁ,ଡ଼ କୈଳାସ ଚନ୍ଦ୍ର ତ୍ରିପାଠୀ, ଇସ୍ମାଇଲ ଖାନ, ସୁବାସ ଚନ୍ଦ୍ର ପଟନାୟକ, ସଞ୍ଜୟ ଅଚାରୀ, ଡାକ୍ତର ରାମହରୀ ଖଣ୍ଡୁଆଳ, ଶ୍ରୀମତୀ ଜୟନ୍ତୀ ପାତ୍ର, ଶ୍ରୀମତୀ ପଦ୍ମିନୀ ମିଶ୍ର, କେଶବ ଚନ୍ଦ୍ର ସାହୁ, ମିଳନ କୁମାର ସାହୁ, ଚିନ୍ମୟ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଣବ ପଟନାୟକଙ୍କ ଓଡ଼ିଆ ସିନେମା ଓ ସଂଗୀତଜଗତରେ ତାଙ୍କର ଅବଦାନ ଓ ସ୍ୱତନ୍ତ୍ର ସଂଗୀତ ପରିବେଷଣ ବିଷୟରେ ସ୍ମୃତି ଚାରଣ କରିବା ସହ ତାଙ୍କର ବିଭିନ୍ନ କାଳଜୟୀ ଗୀତ ଗାୟନ କରିଥିଲେ ।

## ଦୀର୍ଘଦିନ ଅପେକ୍ଷାର ଘଟିଲା ଅନ୍ତ

# ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇଲେ ୫୭ ଶିକ୍ଷକ

**ହାଟଡିହି/ଛେନାପଦି (ଅମୃତ ମିଡିଆ):** କେନ୍ଦୁଝର ଜିଲା ହାଟଡିହୀ ଶିକ୍ଷା ଜିଲାର ୫୭ ଜଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ଲକର ୫୭ ଜଣ ଶିକ୍ଷକଙ୍କୁ ଲେଭଲ-୩ ପଦୋନ୍ନତି ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ଦୀର୍ଘଦିନ ଧରି ଶିକ୍ଷକମାନେ ପଦୋନ୍ନତି ପାଇଁ ଯୋଗ୍ୟ ହୋଇ ସାରିଥିଲେ ମଧ୍ୟ କେନ୍ଦୁଝର ଜିଲାରେ ତାହା ଲାଗୁ କରାଯାଉ ନ ଥିଲା। ଶିକ୍ଷାଦାନ କ୍ଷେତ୍ରରେ ସେବା ଯୋଗାଇ ଆସୁଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଅନେକ ଦିନର ଅପେକ୍ଷାର ଅନ୍ତ ପରେ ସୋମବାର ଏହି ପଦୋନ୍ନତି ମିଳିଥିବାରୁ ସେମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।



ବ୍ଲକ ଶିକ୍ଷା ଅଧିକାରୀ ରାଜୀବ ଦଳେଇଙ୍କ ସମେତ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାୟକ ଏବଂ ଭାରପ୍ରାପ୍ତ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ମୁଖ୍ୟ କିରାଣୀ ଶିଶିର କୁମାର ଜେନା, ପ୍ରସନ୍ନ କୁମାର ବେହେରା, ଡିଇଓ ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ପଦୋନ୍ନତିପ୍ରାପ୍ତ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହା ସହିତ ନିଷ୍ଠା, ଦାୟିତ୍ୱବୋଧ ଓ ଉତ୍ସର୍ଗୀକୃତ ମନୋଭାବର ସହ ଶିକ୍ଷାଦାନ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ପଦୋନ୍ନତି ପାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏହି ସୁଯୋଗ ପାଇଁ ଶିକ୍ଷା ବିଭାଗ ପ୍ରତି ଓ ସଂଘର କର୍ମକର୍ତ୍ତା ମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଶ୍ରୀକାନ୍ତ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାହୁ, ବିଷ୍ଣୁ ପ୍ରସାଦ ସାହୁ, ଅନିରୁଦ୍ଧ ବିଶ୍ୱାଳ, କ୍ଷେତ୍ରବାସୀ ମିଶ୍ର, କେଶବ ଚନ୍ଦ୍ର ପାତ୍ରଙ୍କ ସମେତ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ୍ୟାବିପନ୍ନ ୪୫୦ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ଔଷଧ ବଣ୍ଟନ



**ବଡ଼ଚଣା (ଅମୃତ ମିଡ଼ିଆ) :** ଦଶରଥପୁର ବ୍ଲକ ଅଧୀନ ଜଫରପୁର ପଞ୍ଚାୟତର ଚାଉଳିଆ ଏବଂ ମାଧପୁର ପଞ୍ଚାୟତ ଅନ୍ତର୍ଗତ କଇଆଁ.ଗୋଲା ଓ ମାଧପୁର ଅଞ୍ଚଳରେ ବନ୍ୟା ପରିସ୍ଥିତି ଯୋଗୁଁ ପ୍ରାୟ ୧୦ରୁ ଉର୍ଦ୍ଧ ଗ୍ରାମର ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଦୀର୍ଘ ୧୧ ଦିନ ଧରି ବିଭିନ୍ନ ଗ୍ରାମକୁ ବଜାର ସହ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକ ବନ୍ୟାଜଳରେ ବୁଡ଼ି ରହିଥିବାରୁ ଲୋକଙ୍କ ଜୀବନ ଯାପନ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ଅନେକ ଘରେ ବନ୍ୟାଜଳ ପଶି ଯାଇଥିବାରୁ ଲୋକମାନେ ରାନ୍ଧି ଖାଇବା ଏବଂ ଆବଶ୍ୟକ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ସେମାନେ ପଡ଼ୋଶୀଙ୍କ ଘରେ କିମ୍ବା ସ୍କୁଲ ଘରେ ଆଶ୍ରୟ ନେଉଛନ୍ତି । ବିଶେଷ କରି ଚାଳ ଏବଂ ମାଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି । ଗୃହପାଳିତ ପଶୁମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଲୋକମାନଙ୍କ ଆସବାବପତ୍ର କେତେକ ଅଂଶରେ ଭାସିଯାଇଥିବା ଶୁଣିବାକୁ ମିଳିଥିଲା । ଏଭଳି ଦୁର୍ଦ୍ଦିନ ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ସହାୟତାର ହାତ ବଢ଼ାଇଛି ସେବା ହିଁ ଧର୍ମ ଚାରିଟେବୁଲ ଟ୍ରଷ୍ଟ । ଟ୍ରଷ୍ଟର ସଦସ୍ୟମାନେ ନିଜ ଜୀବନକୁ ବିପଦରେ ପକାଇ ବାଡ଼ି ସାହାଯ୍ୟରେ ଅଣ୍ଟାଏ ଉଚ୍ଚତାର ବନ୍ୟାଜଳ ମଧ୍ୟରେ ଚାଲି ଚାଲି ଘରକୁ ଘର ଯାଇ ବନ୍ୟାପୀଡ଼ିତ ପରିବାରଙ୍କ ନିକଟରେ ପହଞ୍ଚିଥିଲେ । କେତେକ ଅଞ୍ଚଳରେ ଜଳସ୍ତର ଅଧିକ ଥିବାରୁ ଡଙ୍ଗା ଯୋଗେ ପୀଡ଼ିତଙ୍କ ଘରେ ପହଞ୍ଚି ସହାୟତାର ହାତ ବଢ଼ା ଯାଇଥିଲେ । ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ରିଲିଫ୍ ପ୍ୟାକେଟ୍‌ରେ ଶୁଖିଲା ଖାଦ୍ୟ, ଓଆରଏସ ଓ ଜରୁରୀ ଔଷଧ ରହିଥିଲା । ସାରା ଦିନ ଧରି ଅଭିଯାନ ଚାଲି ପ୍ରାୟ ୪୫୦ଟି ବନ୍ୟା ବିପନ୍ନ ପରିବାରଙ୍କୁ ଏହି ସାମଗ୍ରୀ ବଣ୍ଟନ କରାଯାଇଥିଲା । ଦୀର୍ଘଦିନ ଧରି ଦୁର୍ଦ୍ଦଶାରେ ଥିବା ଲୋକଙ୍କ ମୁହଁରେ ଟ୍ରଷ୍ଟର ଏହି ସହାୟତା, ଆଶା ଓ ଖୁସିର ଆଲୋକ ଆଣିଥିଲା । ଏହି ଅବସରରେ ଟ୍ରଷ୍ଟର ଅନ୍ୟତମ ସଦସ୍ୟ ଡାକ୍ତର ଅଜୟ ମଲ୍ଲିକ ମଧ୍ୟ ଉପସ୍ଥିତ ରହି ବନ୍ୟା ସମୟରେ ଏବଂ ବନ୍ୟା ପରବର୍ତ୍ତୀ ସମୟରେ ନିଆଯିବାକୁ ଥିବା ସତର୍କତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ । ବିଶେଷକରି ସାପ କାମୁଡ଼ିବା ଓ ବିଭିନ୍ନ କୀଟପତଙ୍ଗ କାମୁଡ଼ିଲେ ଜରୁରୀ ସମୟରେ କ'ଣ ପଦକ୍ଷେପ ନେବା ଉଚିତ, ସେନେଇ ସେ ଲୋକଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ । ଏହି ଅଭିଯାନର ଆବାହକ ଶ୍ରୀଯୁକ୍ତ ଭବାନି ଶଙ୍କର ସାହୁ ନିଜେ ଉପସ୍ଥିତ ରହି ସମସ୍ତଙ୍କୁ ପ୍ରେରଣା ଦେଇଥିଲେ । ବନ୍ୟା ପୀଡ଼ିତଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ନିଜ ଆଖିରେ ଦେଖି ଟ୍ରଷ୍ଟର ସଦସ୍ୟମାନେ ଏହାକୁ ଏକ ହୃଦୟ ବିଦାରକ ପରିସ୍ଥିତି ବୋଲି କହିଛନ୍ତି । ଆଗାମୀ ଦିନରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ବନ୍ୟା ପୀଡ଼ିତଙ୍କୁ ସହାୟତା ଯୋଗାଇବା ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରୟାସ ଜାରି ରହିବ ବୋଲି କୁହାଯାଇଛି । ମାନବ ସେବା ହିଁ ମାଧବ ସେବାର ମହତ୍ତ୍ୱକୁ ପ୍ରମାଣ କରି ଏଭଳି ବିପଦ ସମୟରେ ସେବା ହିଁ ଧର୍ମ ଚାରିଟେବୁଲ ଟ୍ରଷ୍ଟର ଏହି ପ୍ରୟାସ ନିଶ୍ଚିତ ଭାବେ ଏକ ପ୍ରଶଂସନୀୟ ମାନବିକ ପଦକ୍ଷେପ ବୋଲି ସ୍ଥାନୀୟ ଲୋକେ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ବନ୍ୟା ପରିସ୍ଥିତିକୁ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ନେଇ ଜିଲ୍ଲାପାଳ ଅମ୍ବର କୁମାର କର ବରିଷ୍ଠ ଅଧିକାରୀ, ବିଡ଼ିଓ, ତହସିଲଦାରଙ୍କ ସହ ଆଭାସୀ ବୈଠକରେ ସମୀକ୍ଷା କରିଥିଲେ । ବୈତରଣୀ ଓ କାଣୀ, ବ୍ରାହ୍ମଣୀ ନଦୀର ଘାଇ ଯୋଗୁ ଜିଲ୍ଲାର ୧୦ଟି ବ୍ଲକ, ୧୨୩ଟି ଗ୍ରାମ ପଞ୍ଚାୟତ ଓ ୪୦୫ଟି ଗାଁ ଜଳମଗ୍ନ ହୋଇଛି । ଏହାଦ୍ୱାରା ପ୍ରାୟ ୪,୩୪,୬୩୨ ଜଣ ଜନସାଧାରଣ ପ୍ରଭାବିତ ହୋଇଥିବା ବେଳେ ୯୯,୭୫୭ ଜଣ ଲୋକ ବନ୍ୟା ପାଣି ଘେରରେ ରହିଛନ୍ତି । ବିଶେଷ କରି ଦଶରଥପୁର ବ୍ଲକର ତରପଦା ପଞ୍ଚାୟତର ପାଟଣା ଗ୍ରାମ ନିକଟରେ କାଣୀ ନଦୀର ଦକ୍ଷିଣ ଘାଇ ଏବଂ ବିଞ୍ଝାରପୁର ବ୍ଲକର ଜରୀ ପଞ୍ଚାୟତର ନଉବାଙ୍କ ଗ୍ରାମ ନିକଟରେ ବୈତରଣୀ ନଦୀର ଘାଇ ଦେଇ ବନ୍ୟା ଜଳ ପ୍ରବାହିତ ହେଉଛି । ବନ୍ୟା ପରିସ୍ଥିତିର ମୁକାବିଲା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଦ୍ରୁତଗାମୀ କରିବା ପାଇଁ ସମସ୍ତ ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଦଶରଥପୁର ବ୍ଲକ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ, ରିଲିଫ୍ ସାମଗ୍ରୀ, ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା, ପଶୁଖାଦ୍ୟ ଯୋଗାଣ,ସମ୍ପର୍କରେ ସମୀକ୍ଷା ହୋଇଥିଲା ।ପ୍ରଶାସନ ପକ୍ଷରୁ ବନ୍ୟାଞ୍ଚଳରେ ଉଦ୍ଧାର ଓ ଆଶ୍ରୟ କାର୍ଯ୍ୟ ସ୍ୱାଭାବିକ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି । ବନ୍ୟା ପୀଡ଼ିତଙ୍କ ପାଇଁ ୩୬୩ଟି ରନ୍ଧାଖାଦ୍ୟ କେନ୍ଦ୍ର ଜରିଆରେ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି । ଉଦ୍ଧାର କାର୍ଯ୍ୟରେ ୩ଟି ଓଡ୍ରାଫ୍, ୨ଟି ଏନ,ଡି.ଆ.ରଏଫ୍ ୧୨ଟି ଅଗ୍ନିଶମ ବାହିନୀ ଓ ୧୨ଟି ପୋଲିସ/ସିଭିଲ ଡିଫେନ୍ସ ଟିମ୍ ନିୟୋଜିତ ଅଛନ୍ତି । ୧୪ଟି ଡଙ୍ଗା ମାଧ୍ୟମରେ ୩୭୮ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ ୩୮ ଜଣ ଜରୁରୀକାଳୀନ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ସ୍ୱାସ୍ଥ୍ୟ ଟିମ୍ ୧୮ଟି ମେଡିକାଲ କ୍ୟାମ୍ପ ଜରିଆରେ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି । ଜଳବାହିତ ରୋଗ ବ୍ୟାପିବା ରୋକିବା ପାଇଁ ନଳକୂପକୁ ବିଶୋଧନ କରାଯାଇଛି । ଏହି ବନ୍ୟା ଫଳରେ ଜିଲ୍ଲାର ପ୍ରାଣୀସମ୍ପଦ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି । ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବା ପରେ ଭଙ୍ଗା ଘାଇ ଗୁଡ଼ିକର ସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ମହାନଦୀରେ...

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ରାଜ୍ୟର ବନ୍ୟାସ୍ଥିତି ସମୀକ୍ଷା କରି ରାଜସ୍ୱ ମନ୍ତ୍ରୀ କହିଛନ୍ତି, ସମସ୍ତ ନଦୀରେ ଜଳପତନ କମିଲାଣି । ଏବେ ବି ୬ ଜିଲ୍ଲା ୨୨ଟି ବ୍ଲକ୍‌ର ୧ ଲକ୍ଷ ୭ହଜାର ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ଅଛନ୍ତି । ୩୭୭ଟି ଘର ଭାଙ୍ଗିଛି । ୨୮ଟି ଓଡ୍ରାଫ୍, ଗୋଟିଏ ଏନ୍‌ଡିଆରଏଫ୍ ଓ ୪୦ଟି ଅଗ୍ନିଶମ ଟିମ୍ ମୁତୟନ ଅଛନ୍ତି । ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବନ୍ୟାଞ୍ଚଳରୁ ସଂପୂର୍ଣ୍ଣ ଜଳ ନିଷ୍କାସନ ହେବାକୁ ଆହୁରି ୨ରୁ ୩ ଦିନ ଲାଗିବ । ରାଜସ୍ୱ ବିଭାଗ ତୃତୀୟ କିସ୍ତିରେ ଜିଲ୍ଲାମାନଙ୍କୁ ଅର୍ଥ ଦେଇଛି । ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଗ୍ରାଉଣ୍ଡ ଜିରୋରେ ପହଞ୍ଚିଛି ବୋଲି କହିଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ ।

### ଗୋଟିଏ...

ଏଭଳି ଘଟଣା ଘଟୁଥିବା କୁହାଯାଉଛି । ଆଉ ଆଜିର ଏ ଦୁଃଖଦ ଘଟଣା ପରେ ଏବେ ସ୍ଥାନୀୟ ଅଞ୍ଚଳ ଓ ହସ୍ପିଟାଲ ପରିବେଶ ଶୋକାକୂଳ ହୋଇଛି । ସେହିପରି ବାଲେଶ୍ୱର ଜଳେଶ୍ୱର ଅଂଚଳରେ ମଧ୍ୟ ଜଣେ ନାବାଳିକାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ସେହିଭଳି ବନ୍ୟା ପରେ ଭଦ୍ରକ ଜିଲ୍ଲାରେ ବଢ଼ିଛି ସାପ ଆତଙ୍କ । ଚାନ୍ଦବାଲି ବ୍ଲକ ମୃଗନୟନୀ ଗାଁରେ ସାପ କାମୁଡାରେ ନାବାଳିକାଙ୍କ ମୃତ୍ୟୁ । ଶୋଇଥିବା ଅବସ୍ଥାରେ ସାପ କାମୁଡ଼ାରେ ୧୦ ବର୍ଷୀୟା ନାବାଳିକାର ମୃତ୍ୟୁ ହୋଇଛି ।

### ଝାରସୁଗୁଡ଼ା...

ବଢ଼ିଛି । ହସ୍ପିଟାଲରେ ବେଡ୍ ଅଭାବ ଦେଖାଦେଇଥିବା ବେଳେ ପରିସରରେ ନିର୍ମାଣ ହୋଇଥିବା ୧୦ରୁ ଅଧିକ କୋଠରୀ ଖାଲି ପଡ଼ିଛି । ଅନେକ କୋଠରୀ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ବେଳେ ସେଥିରେ ତାଲା ଝୁଲୁଛି । ସୂଚନା ଅନୁସାରେ, ଭବିଷ୍ୟତରେ ଶିଶୁ ବିଭାଗରେ ଆଇସିୟୁ ପ୍ରତିଷ୍ଠା ପାଇଁ ଏହି କୋଠରୀଗୁଡ଼ିକୁ ଡିଜାଇନ୍ କରାଯାଇଛି । ତେବେ ଏବେ ବେଡ୍ ଅଭାବରୁ ରୋଗୀ ବାରଣ୍ଡାରେ ପଡ଼ିଥିବା ବେଳେ ଏହି ରୁମ୍‌ଗୁଡ଼ିକର ବର୍ତ୍ତମାନ ବ୍ୟବହାର ନେଇ ପ୍ରଶ୍ନ ଉଠିଛି । ଖାଲି ପଡ଼ିଥିବା ରୁମ୍‌ଗୁଡ଼ିକୁ ଏବେ ବ୍ୟବହାର କରି ବେଡ୍ ସଂଖ୍ୟା ବଢ଼ାଇବା ସମ୍ଭବ କି ନୁହେଁ, ତାକୁ ନେଇ ଉଠିଛି ପ୍ରଶ୍ନ । ଭବିଷ୍ୟତ ଯୋଜନାକୁ ଅପେକ୍ଷା କରି ବର୍ତ୍ତମାନର ରୋଗୀଙ୍କ ସମସ୍ୟାକୁ ଅଣଦେଖା କାହିଁକି କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି ଲୋକେ ।ଏନେଇ ହସ୍ପିଟାଲର ଏଡିଏମ୍‌ଓ କହିଛନ୍ତି, ଅତ୍ୟଧିକ ସଂଖ୍ୟାରେ ରୋଗୀ ହସ୍ପିଟାଲକୁ ଆସୁଥିବାରୁ ବେଡ୍ ଅଭାବ ଦେଖାଦେଉଛି । ତେଣୁ ବାଧ୍ୟ ହୋଇ ହଲ୍ ଓ ବାରଣ୍ଡାରେ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି ।

### ବରଗଡ଼ର...

ଅନ୍ତିମ କିସ୍ତି ପ୍ରଦାନ ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେବା ମାମଲାରେ ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକର ପୂର୍ବତନ ପିଇଓ ଛବିଲାଲ ବରିହାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ହୋଇଛି ।କୋର୍ଟ ଆଜି ରାୟ ଶୁଣାଇଛନ୍ତି । ରାୟ ପରେ ଛବିଲାଲଙ୍କୁ ଗିରଫକରାଯାଇ ଜେଲ୍‌ହାଜତକୁ ପଠାଇଦିଆଯାଇଛି ।

# ବନ୍ଧୁକ ଦେଖାଇ ଶିକ୍ଷୟିତ୍ରୀଙ୍କ ନିକଟରୁ ମୋବାଇଲ ଲୁଟ୍



**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ଅଞ୍ଚଳରେ ଲୁଟେରାମାନଙ୍କ ଆତଙ୍କରାଜରେ ଆତଙ୍କିତ ଅଞ୍ଚଳବାସୀ । ନା ସହି ପାରୁଛନ୍ତି ନା କହି ପାରୁଛନ୍ତି । କିଏ କାନ ମୁଣ୍ଡ ଆଉଁସି ଘରେ ରହୁଛନ୍ତି ତ ଆଉ କିଏ ପୋଲିସ ଆଗରେ ମୁହଁ ଖୋଲୁଛନ୍ତି । ଲୁଟେରା ମାନେ ଲୁଟ କରି ଫେରାର ହେଇଯାଉଥିବା ବେଳେ ଶିକାର ବ୍ୟକ୍ତି ମାନେ ସେମାନଙ୍କ ଚେରୀ ସାମଗ୍ରୀ ପାଇବାରେ ବଞ୍ଚିତ ହେଉଥିବାର କୁହାଯାଉଛି । ଲୁଟେରା ମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଲୁଟ୍ କରିଚାଲିଛନ୍ତି । ନୀଳଗିରି ଅଞ୍ଚଳରେ ଦିନାକୁ ଦିନ ଚୋଇ, ଛିନ୍ତାଇ ବଢି ଚାଲିଥିବାରୁ ସାଧାରଣ ଜନତା ଭୟ ସୃଷ୍ଟି ଦେଖାଦେଇଛି । ଏପରି ଘାଟଣା ଦେଖିବାକୁ ମିଳିଛି । ନୀଳଗିରି ଥାନା ଅଧୀନ ନୟାପଟଣା ଛକରେ । କାନପୁର ଗ୍ରାମର ଦେବେନ୍ଦ୍ର ପାଣିଗ୍ରାହୀଙ୍କ ଝିଅ ସାଇପ୍ରଭା ପାଣିଗ୍ରାହୀ ଟ୍ୟୁସନ ସାରି ନିଜ ଘରକୁ ଫେରୁଥିବା ବେଳେ ନୟାପାଟଣା ଛକ ନିକଟରେ ତିନି ଜଣ ଦୁବୃର୍ତ୍ତ ଗୋଟିଏ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ମୋବାଇଲ ଛଡାଇ ନେଇଥିଲେ । ଭୟରେ ଘଟଣା ସ୍ଥଳରେ ସାଇକେଲ ଛାଡି ଘରକୁ ଫେରିଥିଲେ ଶିକ୍ଷୟତ୍ରୀ ଜଣକ । ଇଶ୍ୱରପୁର ଫାଣ୍ଡିରେ ଅଭଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ସନ୍ତରାଗାଡ଼ିଆ ଓ କାନପୁର ଅଞ୍ଚଳରେ ସନ୍ଧ୍ୟା ହେଲେ ଦୃବୃର୍ତ୍ତମାନେ ଆତଙ୍କ ଖେଳାଉଛନ୍ତି । ପୋଲିସ ପାଟ୍ରୋଲିଙ୍ଗକୁ କଡ଼ାକଡି କରିବା ସହ ଦୃବୃର୍ତ୍ତଙ୍କୁ ଧରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ପକ୍ଷରୁ ଦାବି ହୋଇଛି ।

# ମହିଳା ସଶକ୍ତୀକରଣ ସଚେତନତା



**ବାଲୁଗାଁ (ଅମୃତ ମିଡିଆ) :** ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ସୁରକ୍ଷା ଓ ମର୍ଯ୍ୟାଦା ବୃଦ୍ଧି ସହିତ ଶିକ୍ଷାୟତନରେ ନିର୍ଯ୍ୟାତନା ରୋକିବା ନିମନ୍ତେ କେନ୍ଦ୍ର ସରକାର,ରାଜ୍ୟ ସରକାର ଜାରି କରିଥିବା ଅଧିନିୟମର କାର୍ଯ୍ୟକାରିତା ପାଇଁ ଆନୁଷ୍ଠାନିକ ତତ୍ପରତା ପ୍ରକାଶ ପାଇବା ସହ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର,ମହିଳା ସେଲ ଓ ଅଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇ ଏହାର କ୍ଷମତା ବୃଦ୍ଧି କରାଯାଇଛି । ଏହି ଅବସରରେ ମଙ୍ଗଳବାର ଦିନ ବାଲୁଗାଁ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ପକ୍ଷରୁ ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ପରାମର୍ଶ କ୍ରମେ ଏକ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିବା ବରିଷ୍ଠ ଆଇନଜୀବୀ ବିପ୍ଳବ କୁମାର ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ଛାତ୍ରୀ ପ୍ରଜ୍ଞାସ୍ମିତା ସାହୁ ସ୍ୱାଗତ ସଂଗୀତ ଗାନ କରିଥିଲେ । ସଭାପତି ଡକ୍ଟର ମହାରଣା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟ କ୍ଷେତ୍ରରେ ଛାତ୍ରୀ ଓ ମହିଳାମାନଙ୍କର ଯୌନ ନିର୍ଯାତନାର ନିବାରଣ ଆଧାରିତ ଅଧିନିୟମ ୨୦୧୩ ସମ୍ପର୍କରେ ଅବଗତ କରାଇଥିଲେ । ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଡକ୍ଟର ମନସ୍ୱିନୀ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଏକ ସୁସ୍ଥ ସମାଜ ଗଠନ ଓ ଶିକ୍ଷାୟତନରେ ଉତ୍ତମ ବାତାବରଣ ସୃଷ୍ଟି ନିମନ୍ତେ ୨୦୧୩ ଅଧିନିୟମ ଅନୁସାରେ ମହିଳାମାନଙ୍କ ଯୌନ ନିର୍ଯାତନା ନିବାରଣ, ପ୍ରତିଷେଧ ଓ ପ୍ରତିକାର ନିମନ୍ତେ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଅଭ୍ୟନ୍ତରୀଣ ଅଭିଯୋଗ କମିଟି ଜରିଆରେ ଅଭିଯୋଗ ଗୁଡିକର ଚିହ୍ନଟ, ନିରପେକ୍ଷ ଯାଞ୍ଚ,ସମ୍ବେଦନତାର ସହ ଶୁଣାଣି ଓ ସମାଧାନ ଉପରେ ମୁଖ୍ୟ ଆଲୋଚକ ଶ୍ରୀଯୁକ୍ତ ମୁଦୁଲି ଆଲୋକପାତ କରିଥିଲେ । ଏଥି ସହ ମହାବିଦ୍ୟାଳୟରେ ପ୍ରତ୍ୟେକ ଛାତ୍ରୀ ଓ ମହିଳା ମର୍ଯ୍ୟାଦାର ସହ କାର୍ଯ୍ୟ କରିବା ନିହାତି ଆବଶ୍ୟକ ଓ ପ୍ରତ୍ୟେକ ସମ୍ବେଦନଶୀଳ ଅଭିଯୋଗକୁ ନିରପେକ୍ଷ ଭାବେ ବିଚାର କରିବାକୁ ସେ ପରାମର୍ଶ ଦେଇଥିଲେ ।ଡିଜିଟାଲ ଯୁଗରେ କୌଣସି କର୍ମଚାରୀ ବା ଛାତ୍ର ହ୍ୱାଟ୍ସଅପ ଏବଂ ସାମାଜିକ ଗଣ ମାଧ୍ୟମରେ ବାର୍ତ୍ତାଳାପ,ଅଶ୍ଳୀଳ ମତାମତ ଦେଲେ ତା ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ମଧ୍ୟ ଆଲୋଚନା କରାଯାଇଥିଲା । ଏହାପରେ ଛାତ୍ରୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଆଲୋଚକ ପ୍ରଦାନ କରିଥିଲେ । ଏହି ଆଲୋଚନାଚକ୍ରରେ ଅଧ୍ୟାପକ ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର,ପତିତପାବନ ପଣ୍ଡା, ଅଧ୍ୟାପିକା ସୁନିତା ନନ୍ଦ, ଜାତୀୟ ସେବା ଯୋଜନା ଅଧିକାରୀ ରୀନା ରାଉତ, ସ୍ନିଗ୍ଧାରାଣୀ ମୁଦୁଲି, ଅଧ୍ୟାପକ ବିମଳ ପଣ୍ଡା, ରୋଜାଲିନ ମିଶ୍ର, ଅମ୍ରିତା ନନ୍ଦ, ଅନିଶା ପାତ୍ର, ଐଶ୍ୱର୍ଯ୍ୟା ସାହୁ, ଅଧ୍ୟାପକ ସନ୍ନି ସୌମ୍ୟଦର୍ଶନ ପଲାଇ, ବିଷ୍ଣୁପ୍ରିୟା ସ୍ୱାଇଁ, ବିଶ୍ୱଜିତ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।ଡକ୍ଟର ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

## ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ନେଇ କଲେ ଆଲୋଚନା

**ନୂଆଦିଲ୍ଲୀ:** ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । 'ଆସନ୍ତା ୨୮ ତାରିଖ (ରାଖୀ ପୂର୍ଣ୍ଣିମା) ଅବସରରେ ନୟାଗଡ଼ଠାରୁ ପ୍ରଦାନ କରାଯିବାକୁ ଥିବା 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ପ୍ରସ୍ତୁତି ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ପଞ୍ଚମ କିସ୍ତି ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଜରିଆରେ ୫,୦୦୦ ଟଙ୍କା ଲେଖାଏଁ ପାଇବେ । ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ମହିଳା ହିତାଧିକାରୀ ଏହି କିସ୍ତି ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି, ଯାହା ପାଇଁ ମୋଟ ୫,୧୬୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସଠିକ୍ ସମୟରେ ଏବଂ ସୁରୁଖୁରୁରେ ସହାୟତା ରାଶି ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶ୍ରୀମତୀ ପରିଡ଼ା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ । ବିଶେଷ କରି ହିତାଧିକାରୀଙ୍କ ଯାଞ୍ଚ, ଇ-କେୱାଇସି , ଆଧାର-ସଂଯୋଗୀକୃତ ବ୍ୟାଙ୍କ ଆକାଉଣ୍ଟ, ଏନପିସିଆଇ ମ୍ୟାପିଂ ଏବଂ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି, ଯାହାଦ୍ୱାରା ବିନା କୌଣସି ବିଳମ୍ବରେ ଆର୍ଥିକ ସହାୟତା ପହଞ୍ଚିପାରିବ । ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣକୁ ଆଗେଇ ନେବାରେ ଏହି ପଞ୍ଚମ କିସ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଆଲୋକପାତ କରିଥିଲେ ।

# କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କ ବଢ଼ିଲା ଅଡୁଆ

**କଟକ(ବ୍ୟୁରୋ)**କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କ ପାଇଁ ପୁଣି ବଢ଼ିଛି ଅଡୁଆ । ନିମ୍ନ ଅଦାଲତରେ ବାରମ୍ବାର ସମୟ ନେବା ସତ୍ତ୍ୱେ ହାଜର ନହେବା ଘଟଣାରେ ହାଇକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି । ଏହାସହ ସୌରିନ୍ ଭଟ୍ଟଙ୍କ ବିରୋଧରେ ଜାରି ହୋଇଥିବା ଜାମିନବିହୀନ ପରୱାନା ବା ଏନବିଡ଼ବ୍ଲ୍ୟୁ ଉପରେ ପୂର୍ବରୁ ଲାଗୁ ହୋଇଥିବା ରହିତାଦେଶକୁ ହାଇକୋର୍ଟ ହଟାଇ ଦେଇଛନ୍ତି । ମାମଲାର ବିଚାର କରି ହାଇକୋର୍ଟ କହିଛନ୍ତି, ସୌରିନ୍ ଭଟ୍ଟ କିଭଳି ନିମ୍ନ ଅଦାଲତରେ ହାଜର ହେବେ, ସେନେଇ ନିମ୍ନ ଅଦାଲତ ଆବଶ୍ୟକ ପଦକ୍ଷେପ ନେବେ । ଫଳରେ ତାଙ୍କ ବିରୋଧରେ ଥିବା ଆଇନଗତ ଅଡୁଆ ଆହୁରି ବଢ଼ିଛି । ଅଭିଯୋଗ ଅନୁସାରେ, ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଯୌନ ଅପରାଧ କରିବା ଏବଂ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ଫେରସ୍ତ ନକରିବା ଅଭିଯୋଗରେ କଟକ ମହିଳା ଥାନାରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ କଟକ ଏସ୍‌ଡିଜେଏମ୍ କୋର୍ଟ ୨୦୨୩ ନଭେମ୍ବର ୨୩ ତାରିଖରେ ସୌରିନ୍ ଭଟ୍ଟଙ୍କ ବିରୋଧରେ ଏନବିଡ଼ବ୍ଲ୍ୟୁ ଜାରି କରିଥିଲେ ।

# ଶ୍ରାବଣ ମାସର ଚତୁର୍ଥ ପାଳି ସୋମବାର ଜଳାଭିଷେକ ପାଇଁ ଭକ୍ତଙ୍କ ଭିଡ଼

## ସମାଜସେବୀ ବିକ୍ରମ ବେହେରାଙ୍କ ଦ୍ୱାରା ଅନ୍ନପ୍ରସାଦ ସୁବ୍ୟବସ୍ଥା



**ଫୁଲବାଣୀ (ଅମୃତ ମିଡିଆ) :** ଶ୍ରାବଣ ମାସର ଚତୁର୍ଥ ସୋମବାର କନ୍ଧମାଳ ଜିଲ୍ଲା ଚକାପାଦ ସ୍ଥିତ ବିରୂପାକ୍ଷ ବାବା ଶୈବ ପୀଠ ଶିବ ମନ୍ଦିର ତଥା ସେଠାରେ ଥିବା ବାବା ଆନେନ୍ଦେଶ୍ୱର, ଜଗେଶ୍ୱର ଓ ପ୍ରସିଦ୍ଧ ଡୁଙ୍ଗି ମନ୍ଦିରରେ ବୋଲ୍ ବୋମ୍ ଭକ୍ତ ମାନେ ଶ୍ରାବଣ ଜଳାଭିଷେକ କରିଥିଲେ । କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏବଂ ଗଞ୍ଜାମ , ବୌଦ୍ଧ ନୟାଗଡ଼ ଜିଲ୍ଲାର ହଜାର ହଜାର ବୋଲ୍ ବମ୍ ଭକ୍ତ ବାବା ବିରୂପାକ୍ଷଙ୍କ ମସ୍ତକରେ ସୁବାସିତ ଗଙ୍ଗା ଜଳ ଢାଳି ଜଳାଭିଷେକ କରିଥିଲେ । ଏହି ଶ୍ରାବଣ ମାସର ଶ୍ରାବଣୀ ଜଳ ଯାତ୍ରା ଏହା ଏକ ଭକ୍ତଙ୍କ ମନରେ ଆଧାତ୍ମିକ ଭାବ ସୃଷ୍ଟି କରୁଥିବା ଏକ ମହାନଯାତ୍ରା ବୋଲି ଶ୍ରଦ୍ଧାଳୁ ମାନେ କହୁଥିବା ଶୁଣିବାକୁ ମିଳିଛି । ବହୁତ ଅନୁଷ୍ଠାନ ପକ୍ଷରୁ ଏହି ସମୟରେ ବୋଲବମ ଭକ୍ତ ମାନଙ୍କ ପାଇଁ ତଥା ଖାଦ୍ୟପେୟ ଅର୍ଣ୍ଣ ପ୍ରସାଦ ପାନୀୟ ଜଳ ବଣ୍ଟନ କରି ମହାଦେବ ବିରୂପାକ୍ଷ ବାବାଙ୍କର ଆଶିଷ ଲାଭ କରିଥାନ୍ତି । ମାସର ପ୍ରଥମ,ଦ୍ୱିତୀୟ, ତୃତୀୟ, ଚର୍ତୁଥ ସୋମବାର ୪ ପାଳି ଭକ୍ତମାନେ ବିଭିନ୍ନ ଜଳାଶୟ ମାନଙ୍କରୁ ଜଳ ଉଠାଇ ସଂକଳ୍ପ କରି, ବିଭିନ୍ନ ରଙ୍ଗ ବେରଙ୍ଗର ବୋଲ ବମ ପୋଷାକ ପରିଧାନ କରି, ବିରୂପାକ୍ଷ ବାବା ଶୈବ ପୀଠ ରେ ଜଳାଭିଷେକ କରିବା ପାଇଁ ଖାଲି ପାଦରେ ଚାଲି ଚାଲି ଶ୍ରାବଣୀ ଜଳ ଯାତ୍ରା ଆରମ୍ଭ କରିଥିଲେ ।ଚର୍ତୁଥ ପାଳି ସୋମବାର ଫୁଲବାଣୀ ଉଦ୍ୟମାନ୍ ଯୁବକ ତଥା ସମାଜ ସେବୀ ବିକ୍ରମ ବେହେରା ,ଫୁଲବାଣୀ ପୌର ପରିଷଦ ଅଧକ୍ଷା ପାୟେଲ ବେହେରା ଓ ଜିରିଙ୍ଗିପଡ଼ା ମନ୍ଦିର ପରିଚାଳନା କମିଟି ସଭାପତି କରମ୍ ବେହେରାଙ୍କର ନେତୃତ୍ୱରେ ଫୁଲବାଣୀ ଜିରିଙ୍ଗିପଡ଼ା ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ଯୁବକ ସଂଘ ପକ୍ଷରୁ ସମସ୍ତ ସଦସ୍ୟ ସଦସ୍ୟା ଯୁବକ ଯୁବତୀ ଶ୍ରୀହରି ଜିରିଙ୍ଗିପଡ଼ା ନାମରେ ଏକ ଦଳ ସ୍ଥାନୀୟ ଫୁଲବାଣୀର ଅଧିଷ୍ଠାତ୍ରୀ ଦେବୀ ମାଁ ନାରାୟଣୀ ଠାକୁରାଣୀ ମନ୍ଦିର, କାଶୀ ବିଶ୍ୱନାଥ ମନ୍ଦିର ନିକଟ ସାଲୁଙ୍କି ନଈରୁ ଜଳ ଉଠାଇ ମାନସିକ ପୂରଣ ନିମନ୍ତେ ନଈ ବାଲିରେ ବାଲୁକା ଲିଙ୍ଗ ସ୍ଥାପନ କରି, ରୀତିନୀତି ଅନୁସାରେ ଧୂପ, ଦୀପ ଫୁଲ ଚନ୍ଦନ ନୈବେଦ୍ୟରେ ପୂଜା ଅର୍ଚ୍ଚନା କରିଥିଲେ । ସେହି ଜଳ କଳସରେ ସୁବାସିତ ଗଙ୍ଗା ଜଳ ଭରି କାନ୍ଧରେ କାଉଡ଼ି ଭାର ଧାରଣ କରିବା ସହ ଓଁ ନମଃ ଶିବାୟ, ବିରୂପାକ୍ଷ ବାବା ପାରକରେଗା ଧ୍ୱନି ଦେଇ ସାଲୁଙ୍କି ନଈ ଠାରୁ ବିରୁପାକ୍ଷ ମନ୍ଦିର ଚକାପାଦ ପର୍ଯ୍ୟନ୍ତ ଶ୍ରାବଣୀ ଜଳ ଯାତ୍ରା ଆରମ୍ଭ କରିଥିଲେ । ଫୁଲବାଣୀ ଠାରୁ ଚକାପାଦ ଅନୁନନ୍ୟ ୬୦ କିମି ରାସ୍ତା ମଧ୍ୟରେ ଘାଟି ରାସ୍ତା ଅତିକ୍ରମ କରି ଜଳାଭିଷେକ କରିଥିଲେ । ବୋଲ୍ ବମ୍ ଭକ୍ତ ମାନଙ୍କ ପାଇଁ ସମାଜ ସେବୀ ବିକ୍ରମ ବେହେରା ସ୍ଥାନୀୟ ବଇଡ଼ା, ଶଙ୍କରାଖୋଲ ଏବଂ ଚକାପାଦ ଠାରେ ଖାଦ୍ୟ ପାନୀୟ ଜଳ, ଅର୍ଣ୍ଣ ପ୍ରସାଦର ସୁବ୍ୟବସ୍ଥା କରିଥିଲେ । ବୋଲ୍ ବୋମ୍ ଭକ୍ତ ମାନଙ୍କ ଖାଲି ପାଦ କଷ୍ଟ କୁ ଲାଘବ କରିବା ପାଇଁ ମଧ୍ୟ ଦୁଲ୍ ଦୁଲି ବାଜା ଓ ଡିଜେ ର ବ୍ୟବସ୍ଥା ମଧ୍ୟ କରିଥିଲେ । ଡିଜେ ଓ ଦୁଲ୍ ଦୁଲି ବାଦ୍ୟ ରେ ବୋଲ୍ ବମ୍ ମହାଦେବ ଗୀତରେ ସମସ୍ତ ଭକ୍ତ ଝୁମିଥିଲେ । ଚକାପାଦ ଶୈବପୀଠ ରେ କନ୍ଧମାଳ ଜିଲ୍ଲାର ଏବଂ ଦୂରଦୂରାନ୍ତ ରୁ ଆସିଥିବା ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା । ବୋଲ ବମ୍ ନାମ ଉଚଚାରଣ କରି କାନ୍ଧରେ କାଉଡି ଭାର ଧରି ହଜାର ହଜାର ଭକ୍ତ ରାସ୍ତାରେ ଧାଡ଼ି ହୋଇ ଯାଉଥିବା ଦେଖିବାକୁ ମିଳିଥିଲା । ଏହି ଯୁବ ଉଦ୍ୟକ୍ତା ସମାଜସେବୀ ବିକ୍ରମ ବେହେରା ବିଭିନ୍ନ ସମୟରେ ଫୁଲବାଣୀ ସହର ରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କମିଟି ପକ୍ଷରୁ ଜାନୀ ଯାତ୍ରା, ପୂଜା ପର୍ବ, ମନ୍ଦିର ପ୍ରତିଷ୍ଠା, କାର୍ଯ୍ୟରେ ସହଯୋଗ କରି ଉତ୍ସାହିତ କରୁଥିବା ନଜିର ରହିଥିବା ବେଳେ ମୃତ୍ୟୁଘର ରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇ ସହଯୋଗ କରିଥାନ୍ତି । ଏହି ସମାଜ ସେବୀଙ୍କର ଉନ୍ନତ ଉତ୍ତର ଉନ୍ନତି ନିମନ୍ତେ ଭକ୍ତ ମାନେ ଠାକୁରଙ୍କ ନିକଟରେ ଶୁଭ ମନାସିଥିବା ଦେଖିବାକୁ ମିଳିଛି । ହଜାର ହଜାର ଭକ୍ତ ଙ୍କର ଭିଡ ଓ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ କନ୍ଧମାଳ ଏସ୍ ପି ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶରେ ଚକାପାଦ ଥାନା ଅଧିକାରୀ ରବୀନ୍ଦ୍ର ହେମ୍ବ୍ରମ୍‌ଙ୍କ ତତ୍ତ୍ୱାବଧାନ ରେ ଏସ୍ ଆଇ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ଏବଂ ପୋଲିସ ଟିମ୍ ଦ୍ୱାରା ପ୍ରବଳ ଭିଡ ନିୟନ୍ତ୍ରଣ କରାଯାଇଥିଲା ।

# ଡିଜିଟାଲ ଯୁଗରେ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ କର୍ମଶାଳା




**ବାଲିଚନ୍ଦ୍ରପୁର (ଅମୃତ ମିଡ଼ିଆ)** ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁରସ୍ଥ ସାହାସପୁର ମହାବିଦ୍ୟାଳୟ ନୂତନ ପ୍ରକୋଷ୍ଠରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ ପକ୍ଷରୁ 'ଡିଜିଟାଲ ଯୁଗରେ ମହିଳା ମାନଙ୍କ ସୁରକ୍ଷା' ପ୍ରସଙ୍ଗରେ ଏକ କର୍ମଶାଳା ଆଜି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବଡ଼ଚଣା ଥାନା ଅଧିକାରୀ ଜଗଦୀଶ କର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାଇବର ହଇରାଣ, ଅନଲାଇନ ଧମକ, ନକଲି ପ୍ରୋଫାଇଲ, ବ୍ୟକ୍ତିଗତ ଫୋଟୋର ଅପବ୍ୟବହାର, ସାଇବର ବୁଲିଂ ଏବଂ ଅନଲାଇନ ଠକେଇ ଭଳି ଘଟଣା ମହିଳା ମାନଙ୍କ ସୁରକ୍ଷା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଏହି ପରିସ୍ଥିତି ରେ ଆମର ମୂଳମନ୍ତ୍ର ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟଅତିଥି ଭାବେ ସାହାସପୁର ମହାବିଦ୍ୟାଳୟ ର ଅଧକ୍ଷ ସତ୍ୟବ୍ରତ ପୃଷ୍ଟି ଯୋଗଦେଇ ଛାତ୍ରୀ ଅଧାପିକା ମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି ଭାବେ ବଡ଼ଚଣା ଥାନାର ଏସ. ଆଇ ସୁବ୍ରତ ପ୍ରଧାନ ଯୋଗଦେଇ ଉପସ୍ଥିତ ମହିଳା ମାନଙ୍କୁ ସଚେତନତା କରିଥିଲେ । ମହାବିଦ୍ୟାଳୟର ଶକ୍ତିଶ୍ରୀ ସେଲର ସଂଯୋଜିକା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧାପିକା ମିନତୀ ମଞ୍ଜରୀ ନାୟକ କର୍ମଶାଳାକୁ ସଂଯୋଜନା କରି ଡିଜିଟାଲ ଯୁଗ ଆମ ଜୀବନକୁ ଅନେକ ସହଜ କରୁଛି । ଶିକ୍ଷା, ଯୋଗାଯୋଗ, ଚାକିରୀ, ବ୍ୟବସାୟ ଓ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ମହିଳା ମାନେ ଡିଜିଟାଲ ମାଧ୍ୟମରୁ ଅନେକ ସୁଯୋଗ ପାଉଛନ୍ତି । ଅଜଣା ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ତଥ୍ୟ ଦେବନାହିଁ । ନିଜର ଗୋପନୀୟତା ତାକୁ ସର୍ବଦା ପ୍ରାଥମିକତା ଦେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଶେଷରେ ଅଧାପିକା ଶତାବ୍ଦୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କର୍ମଶାଳା ରେ ଶତାଧିକ ଛାତ୍ରୀଗଣ ଅଂଶ ଗ୍ରହଣ କରିଥିଲେ ।





### ବର୍ଷା ଯୋଗୁଁ ଅଟକିଲା ମ୍ୟାଚ୍

# ଅଲ୍‌ଆଉଟ୍‌ରୁ ବର୍ତ୍ତିଲା ଶ୍ରୀଲଙ୍କା, ସ୍କୋର ୨୬୫/୮



**କଲମ୍ବୋ:** ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜାରି ରହିଛି। ଏହି ମୁକାବଲାର ପ୍ରଥମ ଦୁଇ ଦିନରେ ଭାରତୀୟ ଟିମ୍ ରାଜୁତି କରିଛି। ଆଜି ତୃତୀୟ ଦିନରେ ବର୍ଷା ପୁଣି ବାଧକ ସାଜିଛି। ଶ୍ରୀଲଙ୍କାର ଦଳ ଅଲ୍‌ଆଉଟ୍‌ରୁ ବର୍ତ୍ତି ଯାଇଥିବା ବେଳେ ଘରୋଇ ଦଳ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୮ଟି ୱିକେଟ୍ ହରାଇ ୨୬୫ ରନ୍ ସଂଗ୍ରହ କରିଛି। ତେବେ ଭାରତୀୟ ଟିମ୍‌ର ୫୦୩ ରନ୍‌ର ଜବାବରେ ଦଳ ଏବେ ବି ସଂଘର୍ଷ କରୁଛି। କ୍ରିଜ୍‌ରେ ବର୍ତ୍ତମାନ ସୋନଲ ଦିନୁଷା ୮୫ ରନ୍ ସଂଗ୍ରହ କରି ଅପରାଜିତ ଅଛନ୍ତି। ଲାହିରୁ କୁମାରା ୮ ରନ୍ କରି ସହଯୋଗ କରୁଛନ୍ତି। ଉଭୟ ବ୍ୟାଟରଙ୍କ ମଧ୍ୟରେ ଭଲ ଭାଗିଦାରୀ ହୋଇଛି। କିନ୍ତୁ ଦଳର ସ୍ଥିତି ଏବେ ବି ଭଲ ନାହିଁ। ଶ୍ରୀଲଙ୍କାକୁ ଫଲୋଅନ୍‌ରୁ ବର୍ତ୍ତିବା ପାଇଁ ଆହୁରି ୩୯ ରନ୍ ଦରକାର। ଶ୍ରୀଲଙ୍କାର ପ୍ରଥମ ପାଳି ଆରମ୍ଭରୁ ନୈରାଶ୍ୟଜନକ ଥିଲା। ଦଳ ଦ୍ୱିତୀୟ ଦିନରେ ଗତକାଲି ମାତ୍ର ୩ ଓଭରରେ ୨ଟି ୱିକେଟ ହରାଇଥିଲା। ତୃତୀୟ ଦିନ ମଧ୍ୟ ପ୍ରଥମ ସେସନରେ ପ୍ରଥମ ଝଟକା କାମିଲ ମିଶାରା ଭାବେ ଲାଗିଥିଲା। ସେ ପ୍ରସିଦ୍ଧ କୃଷ୍ଣାଙ୍କ ବଲ୍ ଧ୍ରୁବ ଜୁରେଲଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ସେହିପରି ମଧ୍ୟାହ୍ନ ଭୋଜନ ବିରତି ପରେ କାମିନ୍ଦୁ ମେଣ୍ଡିସ (୩୨)ଙ୍କୁ ପ୍ରସିଦ୍ଧ କୃଷ୍ଣାଙ୍କ ବଲ୍ ମିଡ୍‌ୱିକେଟରେ ରବୀନ୍ଦ୍ର ଜାଡେଜା କ୍ୟାଚ୍ କରିଥିଲେ। ଏହା ପରେ ଅଧିନାୟକ ଧନଞ୍ଜୟ ଡି' ସିଲଭା ମଧ୍ୟ କିଛି ଉତ୍ସାହଜନକ ପ୍ରଦର୍ଶନ କରିପାରି ନଥିଲେ। ସିଂହଳ ସ୍ପୋର୍ଟସ୍ କ୍ଲବରେ ବର୍ଷା ଯୋଗୁଁ ମ୍ୟାଚ୍‌କୁ ପୁଣି ଥରେ ଅଟକାଇବାକୁ ପଡ଼ିଛି। ପ୍ରବଳ ବର୍ଷା କାରଣରୁ ପଡ଼ିଆକୁ କଭର୍ସରେ ଘୋଡ଼ାଇବାକୁ ପଡ଼ିଛି। ଆଜି ଆଉ କମ୍ ଓଭର ଖେଳାଯିବାକୁ ଥିବା ବେଳେ ଅଚାନକ ଆକାଶରେ ବାଦଲ ଘୋଟି ଆସିଥିଲା। ପରେ ବର୍ଷା ହୋଇଥିଲା। ବର୍ଷା କାରଣରୁ ଆଜି ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଥିଲା।

# ଇନିଂସ୍ ଘୋଷଣା କରିବାରେ କିଙ୍ଗ୍ କୋହଲି ନମ୍ବର ୱାନ୍

**ନୂଆଦିଲ୍ଲୀ :** କଲମ୍ବୋରେ ଭାରତ ବନାମ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଖେଳାଯାଉଛି । ବ୍ୟାଟିଂ ବୋଲିଂରେ ଗିଲ୍ ବାହିନୀର ଡୋମିନାନ୍ସ ଦେଖିବାକୁ ମିଳିଛି । ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ଟିମ୍ ଇଣ୍ଡିଆରେ ୨ ଜଣ ବ୍ୟାଟର ଶତକ ହାସଲ କରିଛନ୍ତି । ଭାରତ ଆଧିପତ୍ୟ ଜାରି ରଖି ଆଉ ଏକ ବିଜୟ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଦେବଦତ୍ତ ପାଡ଼ିକଲଙ୍କ ପରେ ଧ୍ରୁବ ଜୁରେଲଙ୍କ ଶତକ ବଳରେ ଭାରତ ୯/୫୦୩ ରନରେ ପ୍ରଥମ ଇନିଂସ ଘୋଷଣା କରିଥିଲା । ଏହାର ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସ ବ୍ୟାଟିଂ କରି ରିପୋର୍ଟ ଲେଖାଯିବ ସୁଦ୍ଧା ୭ ୱିକେଟ୍ ହରାଇ ୧୮୦ରନ୍ କରିଛି । ୩୨୩ ରନ୍ ପଛରେ ପଡିଛି ଘରୋଇ ଦଳ । ତେବେ ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ଇନିଂସ ଘୋଷଣା ତାଲିକାରେ ବିରାଟ କୋହଲି ପ୍ରଥମ ସ୍ଥାନରେ ରହିଛନ୍ତି । ଶୁଭମନ ଗିଲ୍ ଅଷ୍ଟମ ସ୍ଥାନରେ ରହିଛନ୍ତି । କୋହଲି ନମ୍ବର ୱାନ୍- ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଟିମ୍ ଇଣ୍ଡିଆ ଅଧିନାୟକ ଶୁଭମନ ଗିଲ୍ ଦଳୀୟ ସ୍କୋର ୫୦୩ ରନରେ ଇନିଂସ ଘୋଷଣା କରିଥିଲେ । ଗିଲ୍ ତାଙ୍କ ଅଧିନାୟକତ୍ୱ କ୍ୟାରିୟରେ ଟେଷ୍ଟ କ୍ରିକେଟରେ ଚତୁର୍ଥ ଥର ଇନିଂସ ଘୋଷଣା କରିଛନ୍ତି । ଗୋଟିଏ ବର୍ଷ କିଛି ମାସ ହେବ ଟେଷ୍ଟ କ୍ରିକେଟରେ କ୍ୟାପଟେନ୍ସି କରୁଛନ୍ତି । ପାଳି ଘୋଷଣା ମାମଲାରେ ରୋହିତ ଶର୍ମାଙ୍କ ନିକଟତର ହୋଇଛନ୍ତି । ଏହି ଲିଷ୍ଟରେ ବିରାଟ କୋହଲି ଶୀର୍ଷ ସ୍ଥାନରେ ରହିଛନ୍ତି । ଅନ୍ୟ କ୍ୟାପଟେନଙ୍କ ତୁଳନାରେ କିଙ୍ଗ କୋହଲି ବହୁତ ଆଗରେ ଅଛନ୍ତି । ୨୯ ଥର ଟେଷ୍ଟ ଇନିଂସ ଘୋଷଣା କରି ପ୍ରଥମ ସ୍ଥାନରେ ରହିଛନ୍ତି ବିରାଟ କୋହଲି । ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି ଏମଏସ ଧୋନି । ସେ ୧୫ ଥର ଇନିଂସ ଘୋଷଣା କରିଛନ୍ତି । ସୌରଭ ଗାଙ୍ଗୁଲି ଏହି ତାଲିକାର ୩ୟ ସ୍ଥାନରେ ଅଛନ୍ତି । ସେ ୧୪ ଥର ଭାରତୀୟ ବ୍ୟାଟରଙ୍କୁ ମୈଦାନକୁ ଡାକିଛନ୍ତି । ବିପକ୍ଷ ଦଳକୁ ବ୍ୟାଟିଂ ପାଇଁ ଅମନ୍ତ୍ରଣ କରିଛନ୍ତି । ମହମ୍ମଦ ଅଜହରରୁଦ୍ଦିନ ବି ଏହି ତାଲିକାରେ ଅଛନ୍ତି । ୧୧ ଥର ଇନିଂସ ଘୋଷଣା କରିଛନ୍ତି । ମହାନ ଅଧିନାୟକ ସୁନୀଲ ଗାଭାସ୍କର ୧୦ ଥର ଇନିଂସ ଘୋଷଣା କରିଛନ୍ତି । ଗିଲଙ୍କ ପୂର୍ବରୁ କ୍ୟାପଟେନ ଥବା ରୋହିତ ଶର୍ମା ମାତ୍ର ୫ ଥର ଇନିଂସ ଘୋଷଣା କରିଛନ୍ତି । ଗିଲ୍ ତାଙ୍କ ପଛରେ ରହିଛନ୍ତି । ଭାରତୀୟ ଟେଷ୍ଟ ଅଧିନାୟକଙ୍କ ଦ୍ୱାରା ସର୍ବାଧିକ ଇନିଂସ ଘୋଷଣା: ବିରାଟ କୋହଲି-୨୯, ଏମଏସ୍ ଧୋନି- ୧୫, ସୌରଭ ଗାଙ୍ଗୁଲି-୧୪, ମହମ୍ମଦ ଅଜହରୁଦ୍ଦିନ-୧୧, ସୁନୀଲ ଗାଭାସ୍କର-୧୦, ରାହୁଲ ଦ୍ରାବିଡ଼-୯, କପିଳ ଦେବ-୭, ରୋହିତ ଶର୍ମା-୫, ଶୁଭମନ ଗିଲ୍ ୪ ।



# ଶତକ ହାସଲ ପରେ ଜୟ ଯବାନ, ଜୟ କିଷାନ ଟାଟୁ ଦେଖାଇଲେ ଧ୍ରୁବ ଜୁରେଲ



**ନୂଆଦିଲ୍ଲୀ :** କଲମ୍ବୋରେ ଶ୍ରୀଲଙ୍କା ବିପକ୍ଷରେ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଧ୍ରୁବ ଜୁରେଲ ଅପରାଜିତ ୧୧୫ ରନରେ ଚମତ୍କାର ଇନିଂସ ଖେଳିଥିଲେ । କିନ୍ତୁ ଶତକ ହାସଲ ହେବା ପରେ ତାଙ୍କ ବିଜୟର ସେଲିବ୍ରେସନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଧ୍ରୁବ ଜୁରେଲ ପ୍ରଥମେ ସାଲ୍ୟୁଟ୍ କରିବା ପରେ ବାଇସେପରେ ଥିବା 'ଜୟ ଯବାନ, ଜୟ କିଶାନ' ଟାଟୁକୁ ଦେଖାଇଥିଲେ । ଏହି ଟାଟୁ କେବଳ ସ୍ଲୋଗାନ୍ ନୁହେଁ ବରଂ ଏହା ପଛରେ ରହସ୍ୟ ରହିଛି ଏବଂ ସାଲ୍ୟୁଟ କାହାକୁ କରିଥିଲେ ଏବେ ଜୁରେଲ ନିଜେ କହିଛନ୍ତି । ଜୁରେଲଙ୍କ ବାପା ଜଣେ ସୈନିକ ଥିଲେ ଏବଂ ଜେଜେ ବାପା ଜଣେ ଚାଷୀ ଥିଲେ । ତେଣୁ 'ଜୟ ଯବାନ, ଜୟ କିଶାନ' କରିଥିଲେ । ସେଥିପାଇଁ ଶତକ ହାସଲ ପରେ ସେ ତାଙ୍କର ଟାଟୁ ଦେଖାଇଥିଲେ ଏବଂ ତାଙ୍କ ବାପା ଓ ଜେଜେ ବାପାଙ୍କୁ ଉତ୍ସର୍ଗ କରି ସାଲ୍ୟୁଟ୍ କରିଥିଲେ । ସେହି ଦୁଇ ମଣିଷଙ୍କ ସ୍ମୃତି ଓ ନିଜ ମୂଳକୁ କେବେ ନ ଭୁଲିବା ପାଇଁ ସେ ଏହି ଟାଟୁ କରିଛନ୍ତି । ଏଥିସହ "ମୋ ଜେଜେବାପା ଜଣେ ଚାଷୀ ଥିଲେ ଏବଂ ମୋ ବାପା ଜଣେ ସୈନିକ ଥିଲେ । ସେଗୁଡ଼ିକ ମୋର ମୂଳ, ଏବଂ ମୁଁ କେବେ ସେମାନଙ୍କୁ ଭୁଲିବାକୁ ଚାହୁଁନାହିଁ । ତେଣୁ ସେହି ସାଲ୍ୟୁଟ୍ ମୋ ବାପା ଏବଂ ଜେଜେବାପାଙ୍କ ପାଇଁ ଥିଲା,"ବୋଲି ଜୁରେଲ୍ କହିଥିଲେ । ଏହି ଇନିଂସ୍‌ରେ ଧ୍ରୁବଙ୍କ ସହ ଋଷଭ ପନ୍ତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପାର୍ଟନରସିପ୍ କରିଥିଲେ । ଦୁଇ ୱିକେଟକିପର ବ୍ୟାଟରଙ୍କ ମଧ୍ୟରେ ୧୧୨ ରନ୍‌ର ଭାଗିଦାରୀ ହୋଇଥିଲା । ପନ୍ତ ୬୩ ରନ୍ କରିଥିବା ବେଳେ ଜୁରେଲ ଇନିଂସ୍‌କୁ ଆଗକୁ ବଢ଼ାଇଥିଲେ । ଶତକ ପୂର୍ବରୁ ମଧ୍ୟ ଧ୍ରୁବଙ୍କ ନର୍ଭସନେସ୍ ଦେଖିବାକୁ ମିଳିଥିଲା । ୯୯ ରନ୍‌ରେ ପହଞ୍ଚିବା ପରେ ଶତକ ପାଇଁ ତାଙ୍କୁ ୧୩ଟି ବଲ୍ ଅପେକ୍ଷା କରିବାକୁ ପଡ଼ିଥିଲା । ଶେଷରେ ଏକ ରନ୍ ପାଇଁ ଡାଇଭ୍ ମାରି ସେ ଶତକ ହାସଲ କରିଥିଲେ । ତେଣୁ ଧ୍ରୁବ ଜୁରେଲଙ୍କ ଏହି ଶତକ କେବଳ ସ୍କୋରବୋର୍ଡରେ ଏକ ସଂଖ୍ୟା ନୁହେଁ ବରଂ ଏହା ଜଣେ ସୈନିକ ବାପା ଓ ଚାଷୀ ଜେଜେବାପାଙ୍କ ପ୍ରତି ଜଣେ ପୁଅ ଓ ନାତିର ସମ୍ମାନ। 'ଜୟ ଯବାନ, ଜୟ କିଷାନ'ଟାଟୁ ଦେଖାଇ ଧ୍ରୁବ ନିଜ ବାପା ଓ ଜେଜେ ବାପାଙ୍କୁ ସଲାମ କରିଥିଲେ ।

# କ୍ରିକେଟ୍ ଖେଳିବାକୁ ସଞ୍ଜୟ ବାଙ୍ଗରଙ୍କ ଝିଅ ଅନାୟାଙ୍କୁ ମିଳିଲା ମଞ୍ଜୁରୀ



**ନୂଆଦିଲ୍ଲୀ :** ପୂର୍ବତନ ଭାରତୀୟ ଅଲରାଉଣ୍ଡର ତଥା ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କ ଝିଅ ଅନାୟା ବାଙ୍ଗରଙ୍କ କ୍ୟାରିୟର ଏବଂ ଜୀବନରେ ଏକ ବଡ଼ ସକାରାତ୍ମକ ମୋଡ଼ ଆସିଛି । ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କରାଇବା ପରେ ୨୫ ବର୍ଷୀୟା ଟ୍ରାନ୍ସ-ଆଥଲେଟ୍ ଅନାୟାଙ୍କୁ କ୍ରିକେଟ୍ ଅଷ୍ଟ୍ରେଲିଆ ଅଷ୍ଟ୍ରେଲିଆରେ କମ୍ୟୁନିଟି ପ୍ରିମିୟର ମହିଳା କ୍ରିକେଟ୍ ଖେଳିବା ପାଇଁ ଆନୁଷ୍ଠାନିକ ମଞ୍ଜୁରୀ ପ୍ରଦାନ କରିଛି । ଏହି ନିଷ୍ପତ୍ତି ସହିତ ବର୍ତ୍ତମାନ ଅନାୟାଙ୍କର ମହିଳା କ୍ରିକେଟ୍ ମାଧ୍ୟମରେ ମଇଦାନକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିବା ପାଇଁ ରାସ୍ତା ସମ୍ପୂର୍ଣ୍ଣ ସଫା ହୋଇଯାଇଛି । କ୍ରିକେଟ୍ ଅଷ୍ଟ୍ରେଲିଆର 'ଟ୍ରାନ୍ସଜେଣ୍ଡର ଆଣ୍ଡ ଜେଣ୍ଡର ଡାଇଭର୍ସ ପ୍ଲେୟାର୍ସ ଇନ୍ ଏଲିଟ୍ କ୍ରିକେଟ୍ ପଲିସି' ଅନୁସାରେ, ଏଲିଟ୍ କିମ୍ବା ବ୍ୟାବସାୟିକ ସ୍ତରରେ ମହିଳା କ୍ରିକେଟ୍ ଖେଳିବା ପାଇଁ ଜଣେ ଖେଳାଳିଙ୍କ ଟେଷ୍ଟୋଷ୍ଟେରନ୍ ସ୍ତର କ୍ରମାଗତ ୧୨ ମାସ ପର୍ଯ୍ୟନ୍ତ ପ୍ରତି ଲିଟରରେ ୧୦ ନାନୋମୋଲ୍‌ରୁ କମ୍ ହେବା ବାଧ୍ୟତାମୂଳକ ଅଟେ । ବୋର୍ଡର ଇଣ୍ଟିଗ୍ରିଟି ବିଭାଗର ମୁଖ୍ୟ ଜ୍ୟାକି ପାର୍ଟରିଜ୍ ଅନାୟାଙ୍କୁ ଲେଖିଥିବା ପତ୍ରରେ ସ୍ପଷ୍ଟ କରିଛନ୍ତି ଯେ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ସେ ଅଷ୍ଟ୍ରେଲିଆର ଯେକୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ କମ୍ୟୁନିଟି ଏବଂ ପ୍ରିମିୟର କ୍ରିକେଟ୍ ଖେଳିପାରିବେ, କାରଣ ଏହି ସ୍ତର ଏଲିଟ୍ କ୍ରିକେଟ୍‌ର ପରିସରଭୁକ୍ତ ନୁହେଁ । ଏହା ବ୍ୟତୀତ ଯଦି ସେ ମାର୍ଚ୍ଚ ୨୦୨୭ ରେ ଏଲିଟ୍ ମହିଳା କ୍ରିକେଟ୍ ଖେଳିବାକୁ ଚାହାଁନ୍ତି, ତେବେ ତାଙ୍କୁ ନିର୍ଦ୍ଧାରିତ ଟେଷ୍ଟୋଷ୍ଟେରନ୍ ମାନଦଣ୍ଡ ପୂରଣ କରିବା ପାଇଁ ବ୍ଲଡ୍ ଟେଷ୍ଟ ରିପୋର୍ଟ ଦାଖଲ କରିବାକୁ ହେବ । ଅନାୟା ବାଙ୍ଗରଙ୍କର କ୍ରିକେଟ୍ ସହ ପୁରୁଣା ସମ୍ପର୍କ ରହିଆସିଛି । ସେ ମୁମ୍ବାଇ ପକ୍ଷରୁ ଏଜ୍-ଗ୍ରୁପ୍ କ୍ରିକେଟ୍ ଖେଳିସାରିଛନ୍ତି। ଯେଉଁଠାରେ ସେ ଭାରତୀୟ ଟେଷ୍ଟ ଖେଳାଳି ସରଫରାଜ୍ ଖାନ୍ ଏବଂ ତାଙ୍କ ଭାଇ ମୁଶୀର ଖାନ୍‌ଙ୍କ ସହ ମଇଦାନରେ ନଜର ଆସିଥିଲେ । ସର୍ଜରୀ ଏବଂ ଶାରୀରିକ ପରିବର୍ତ୍ତନର ପ୍ରକ୍ରିୟା ଦେଇ ଗତି କରିବା ପରେ ଅନାୟା ସୋସିଆଲ ମିଡିଆରେ ନିଜର ପ୍ରତ୍ୟାବର୍ତ୍ତନର ସଙ୍କେତ ଦେଇଥିଲେ ଏବଂ ବର୍ତ୍ତମାନ ସେ ଅଷ୍ଟ୍ରେଲିଆରେ ଏକ ନୂଆ କ୍ଲବ୍ ଖୋଜୁଛନ୍ତି, ଯାହାଦ୍ୱାରା ସେ ପ୍ରତିଯୋଗିତାମୂଳକ କ୍ରିକେଟ୍‌ରେ ନିଜର ଏହି ନୂଆ ଇନିଂସର ଆରମ୍ଭ କରିପାରିବେ ।

# ଭାରତୀୟ ରଗ୍‌ବୀ ଦଳରେ ୬ ଓଡ଼ିଆ





**ଭୁବନେଶ୍ୱର(ବ୍ୟୁରୋ):** ଓଡ଼ିଶା ରଗ୍‌ବି ପାଇଁ ମଙ୍ଗଳବାର ଆସିଛି ଗର୍ବ ଓ ଗୌରବର ଖବର। ଏସୀୟ ରଗ୍‌ବି ଏମିରେଟ୍‌ସ ସେଭେନ୍ସ ସିରିଜ୍ ପାଇଁ ଘୋଷିତ ଭାରତୀୟ ବରିଷ୍ଠ ଦଳରେ ୬ ଜଣଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ୨ ଜଣ ଏବଂ ମହିଳା ଦଳରେ ୪ ଜଣ ସାମିଲ ରହିଛନ୍ତି। ପୁରୁଷ ଦଳରେ ଆଶିଷ ସବର, ଗଣେଷ ଡାଙ୍ଗ୍ରା ମାଝୀ ଏବଂ ମହିଳା ଦଳରେ ଡୁମିନୀ ମାରାଣ୍ଡି, ମାମା ନାଏକ, ନିର୍ମାଲ୍ୟ ରାଉତ, ସନ୍ଧ୍ୟାମଣି ଟୁଡୁଙ୍କୁ ଏହି ସୁଯୋଗ ମିଳିଛି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ଅଗଷ୍ଟ ୨୯ ଓ ୩୦ ତାରିଖରେ ଚୀନର ସୁଜୋଉଠାରେ ଖେଳାଯିବ। ଉଭୟ ଭାରତୀୟ ଦଳ ଅଗଷ୍ଟ ୨୬ରେ ଭାରତରୁ ପ୍ରସ୍ଥାନ କରିବା ପରେ ଅଗଷ୍ଟ ୩୧ ତାରିଖରେ ପ୍ରତ୍ୟାବର୍ତନ କରିବେ। ଏହା ପରେ ଏହି ସିରିଜ୍‌ର ଦ୍ୱିତୀୟ ଚରଣ ଅକ୍ଟୋବର ମାସରେ ଶ୍ରୀଲଙ୍କାରେ ମଧ୍ୟ ଅନୁଷ୍ଠିତ ହେବ। ଓଡ଼ିଶା ଖେଳାଳିମାନଙ୍କୁ ଓଡ଼ିଶା ରଗ୍‌ବି ଫୁଟ୍‌ବଲ୍ ସଂଘ (ଓରଫା) ପକ୍ଷରୁ ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପ ସଭାପତି ଉପେନ୍ଦ୍ର ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି। ମନୋନୀତ ୬ ଜଣଙ୍କ ମଧ୍ୟରୁ ୫ ଜଣ ଖେଳାଳି କିସ୍‌ର ଛାତ୍ରଛାତ୍ରୀ। ସେମାନେ ହେଲେ-ଆଶିଷ ସବର, ଗଣେଷ ଡାଙ୍ଗ୍ରା ମାଝୀ, ଡୁମିନୀ ମାରାଣ୍ଡି, ମାମା ନାଏକ, ନିର୍ମାଲ୍ୟ ରାଉତ। ଏମାନଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କ୍ରୀଡ଼ା ବିଭାଗ ମୁଖ୍ୟ ଗଗନେନ୍ଦୁ ଦାଶ, ରୁଦ୍ରକେଶ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ପ୍ରତିଯୋଗୀଙ୍କ ନାମ ଘୋଷଣା

**ନୂଆଦିଲ୍ଲୀ:** ଅକ୍ଟୋବର ୧୮ରୁ ୨୪ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାରେ ଏସୀୟ ପାରା କ୍ରୀଡ଼ା ଆୟୋଜନ ହେବ। ଏହି କ୍ରୀଡ଼ା ପାଇଁ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ ୪୯୨ ଜଣ ଭାରତୀୟ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଛି। ଏହି ତାଲିକା କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟର ଅନୁମୋଦନ ଲାଭକରିଛି। ୪୯୨ ଜଣ ଭାରତୀୟ କ୍ରୀଡ଼ାବିତ୍ ୩୫ଟି କ୍ରୀଡ଼ାରେ ଦେଶକୁ ପଦକ ଜିତାଇବାର ପ୍ରୟାସ କରିବେ। ଏହି ତାଲିକାରେ ୨୬୫ ପୁରୁଷ ଓ ୨୨୭ ମହିଳା ସ୍ଥାନ ପାଇଛନ୍ତି। ଆଥ୍‌ଲେଟିକସ ବା ଦୌଡ଼କୁଦରେ ସର୍ବାଧିକ ୭୩ ଜଣ କ୍ରୀଡ଼ାବିତ୍ ରହିଛନ୍ତି। ପୁରୁଷ ଓ ମହିଳା ହକିକୁ ମିଶାଇ ୪୦ କ୍ରୀଡ଼ାବିତ୍ ଏବଂ ପୁରୁଷ ମହିଳା କ୍ରିକେଟ୍‌କୁ ମିଶାଇ ୩୦ ଜଣ ଖେଳାଳି ଏହି ତାଲିକାରେ ରହିଛନ୍ତି। ପ୍ରମୁଖ କ୍ରୀଡ଼ାମାନଙ୍କରେ ବ୍ୟାଡ୍‌ମିଣ୍ଟନରେ ୨୦ ଜଣ, ତୀରନ୍ଦାଜୀରେ ୧୨ ଜଣ, ବକ୍ସିଂରେ ୧୧ ଜଣ, ଅସିଚାଳନାରେ ୨୦ ଜଣ, ପୁରୁଷ ଓ ମହିଳା କବାଡ଼ିରେ ୨୪ ଜଣ, ରୋଇଂରେ ୨୨ ଜଣ, ରଗ୍‌ବୀ ସେଭେନ୍‌ସରେ ୧୩ ଜଣ, ପାଲଟଣା ନୌଚାଳନାରେ ୧୦ ଜଣ, ସୁଟିଂରେ ୩୦ ଜଣ, ସିପକ୍ ଟାକ୍ରୋରେ ୨୧ ଜଣ, ସ୍କ୍ୱାଶ୍‌ରେ ୮ ଜଣ, ସନ୍ତରଣରେ ୧୨ ଜଣ, ଟେନିସ୍‌ରେ ୭ ଜଣ, ଟେବୁଲ ଟେନିସ୍‌ରେ ୧୦ ଜଣ, ଗଲ୍‌ଫରେ ୬ ଜଣ, ପୁରୁଷ ଭଲିବଲ୍‌ରେ ୧୨ ଜଣ, ଭାରୋତ୍ତୋଳନରେ ୫ ଜଣ, କୁସ୍ତିରେ ୧୬ ଜଣ, ଉସୁରେ ୭ ଜଣ, କାନୋ ସ୍ଲାଲମ୍‌ରେ ୫ ଜଣ, କାନୋ ସ୍ପ୍ରିଣ୍ଟ୍‌ରେ ୧୪ ଜଣ, ସାଇକ୍ଲିଂରେ ୧୪ ଜଣ, ଇ ସ୍ପୋର୍ଟସରେ ୧୫ ଜଣ, ଅଶ୍ୱଚାଳନାରେ ୮ ଜଣ, ଜୁଡୋରେ ୩ ଜଣ, କରାଟେରେ ୨ ଜଣ, କୁରାସରେ ୬ ଜଣ, ମାର୍ଶାଲ ଆର୍ଟସ ଓ ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍‌ସରେ ଜଣେ ଲେଖାଏଁ, ଟେକ୍‌ବଲ୍‌ରେ ୩ ଜଣ, ତାଏକ୍ୱୋଣ୍ଡୋରେ ୩ ଜଣ, ସଫ୍ଟ ଟେନିସ୍‌ରେ ୬ ଜଣ ଓ ସ୍ପୋର୍ଟସ କ୍ଲାଇମ୍ବିଂରେ ୨ ଜଣ ଭାରତୀୟ କ୍ରୀଡ଼ାବିତ୍ ରହିଛନ୍ତି।

# ଭାରତୀୟ ହକିର ବିପର୍ଯ୍ୟୟ ପଛରେ ବଡ଼ ତ୍ରୁଟି : ମୁଖ୍ୟ ପ୍ରଶିକ୍ଷକ



**ନୂଆଦିଲ୍ଲୀ :** ଚଳିତ ହକି ବିଶ୍ୱକପ୍‌ରେ ଭାରତୀୟ ଦଳର ବିପର୍ଯ୍ୟୟକୁ ନେଇ ଏବେ ଖେଳପ୍ରେମୀଙ୍କ ମନରେ ବଡ଼ କ୍ଷୋଭ ଓ ଅସନ୍ତୋଷ ଦେଖା ଦେଇଛି । କ୍ରମାଗତ ଭାବେ ଅଲିମ୍ପିକ୍ ପୋଡିୟମ୍ ଫିନିସ୍ କରିବା ସତ୍ତ୍ୱେ ଭାରତୀୟ ପୁରୁଷ ଦଳ ବିଶ୍ୱକପ୍ ବେଳକୁ କାହିଁକି ବିଫଳ ହେଉଛି ବୋଲି ପୁଣି ପ୍ରଶ୍ନ ଉଠିଛି। ଦୀର୍ଘ ୫୧ ବର୍ଷ ଧରି ବିଶ୍ୱକପ୍ ପଦକଠାରୁ ଦୂରରେ ରହିଛି ବିଶ୍ୱ ହକିର ସବୁଠୁ ସଫଳ ଦେଶ ଭାରତ। ପୁରୁଷ ଦଳ ଭଳି ମହିଳା ଦଳ ମଧ୍ୟ ସେମିଫାଇନାଲ୍ ପର୍ଯ୍ୟନ୍ତ ପହଞ୍ଚିପାରିନାହିଁ। ତେବେ ପୁରୁଷ ଦଳର ଅପ୍ରତ୍ୟାଶିତ ବିପର୍ଯ୍ୟୟ ପାଇଁ ବଡ଼ ତ୍ରୁଟିକୁ ଦାୟୀ କରିଛନ୍ତି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍। ଶେଷ ପୁଲ୍ ମ୍ୟାଚ୍‌ରେ ଆର୍ଜେଣ୍ଟିନାଠାରୁ ୫-୩ ପରାଜୟ ପରେ ଭାରତୀୟ ପୁରୁଷ ଦଳ ସେମିଫାଇନାଲ୍ ପୂର୍ବରୁ ବିଦାୟ ନେବା ନିଶ୍ଚିତ ହୋଇଥିଲା। ଏହା ପରେ ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ ସ୍ୱୀକାର କରିଛନ୍ତି ଦଳ ବଡ଼ ତ୍ରୁଟି କାରଣରୁ ଏହି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ମନ୍ଥର ଆରମ୍ଭ ଏବଂ ଚାପ ପରିସ୍ଥିତିକୁ ମୁକାବିଲା କରିବାରେ ଦଳର ଅକ୍ଷମତା କାରଣରୁ ପରାଜୟ ପରେ ପରାଜୟ ବରଣ କରିବାକୁ ପଡ଼ିଲା ବୋଲି ଫୁଲଟନ୍ କହିଛନ୍ତି। ସେହିଭଳି ଫରୱାର୍ଡ ସୁଖଜିତ୍ ସିଂହ କହିଛନ୍ତି ରକ୍ଷଣଭାଗରେ ତ୍ରୁଟି ଏବଂ ପ୍ରଥମରୁ ଗୋଲ୍ ବରଣ କରିବା କାରଣରୁ ଏହି ଜଟୀଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯୋଗ୍ୟତା ଅର୍ଜନ ପାଇଁ ଲାଗି ରହୁଥିବା ହିସାବ ନିକାଶ ବି ଅତିରିକ୍ତ ଚାପ ସୃଷ୍ଟି କରୁଥିଲା ବୋଲି ଫୁଲଟନ୍ କହିଛନ୍ତି। ପେନାଲ୍ଟି କର୍ଣ୍ଣରରୁ ସୁଫଳ ମିଳିବା ସତ୍ତ୍ୱେ ରକ୍ଷଣତ୍ମକ ଭୁଲ ଆର୍ଜେଣ୍ଟିନା ବିପକ୍ଷ ପରାଜୟ ପଛରେ ମୁଖ୍ୟ କାରଣ ବୋଲି ସେ କହିଥିଲେ। 'ଏହା ସବୁଠାରୁ କଷ୍ଟକର ଦିନ ଥିଲା। ଆମେ ଏଭଳି ଭାବେ ଅଭିଯାନ ଶେଷ କରିବାକୁ ଚାହୁଁନଥିଲୁ। ପ୍ରଥମ କ୍ୱାର୍ଟରରୁ ଦୁର୍ବଳ ଆରମ୍ଭ ମିଳିଥିଲୁ। କିନ୍ତୁ ଦ୍ୱିତୀୟ କ୍ୱାର୍ଟର ଉନ୍ନତ ଥିଲା। ତୃତୀୟ କ୍ୱାର୍ଟର ମଧ୍ୟ ସେଭଳି ଭଲ ବିତିନଥିଲା। ଶେଷ କ୍ୱାର୍ଟରରେ ସେମାନେ ୩ ଗୋଲ୍ ଲଦିଦେଇଥିଲେ। ମୋଟାମୋଟି ଭାବେ ଏହା ଏକ ଆଶ୍ଚର୍ଯ୍ୟଚକିତ ଗେମ୍ ଥିଲା। ଆମେ ବଡ଼ ଟୁର୍ଣ୍ଣାମେଣ୍ଟ୍ ଓ ବଡ଼ ମୁକାବିଲାରେ ଉନ୍ନତ ଖେଳିବାର ଆବଶ୍ୟକତା ରହିଛି' ବୋଲି କହିଥିଲେ ଫୁଲଟନ୍। ସେହିଭଳି ସୁଖଜିତ କହିଥିଲେ 'ସେମିଫାଇନାଲ୍ ପହଞ୍ଚିବା ପାଇଁ ଆମ ନିକଟରେ ଏହା ଶେଷ ସୁଯୋଗ ଥିଲା। ଆମେ କିନ୍ତୁ ରକ୍ଷଣଭାଗରେ ସାଧାରଣ ଭୁଲ କରିଥିଲୁ ଏବଂ ଗୋଲ ଦେବାରେ ବିଫଳ ହୋଇଥିଲୁ। ପ୍ରଥମ ମିନିଟରେ ଗୋଲ୍ ବରଣ କରିବା ନିଶ୍ଚିତ ଚାପ ସୃଷ୍ଟି କରିଥିଲା। ପ୍ରତ୍ୟାବର୍ତନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହା ସହଜ ନଥିଲା। ଆରମ୍ଭରୁ ଆମେ ଅଳସୁଆ ଥିଲୁ, ଏ କ୍ଷେତ୍ରରେ କାମ କରିବା ଉଚିତ୍। ମୋଟ ଉପରେ ଆମେ କିନ୍ତୁ ଏଥର ପେନାଲ୍ଟି କର୍ଣ୍ଣରରେ ଭଲ କରିଥିଲୁ, ଷ୍ଟ୍ରାଇକର୍ସ ମାନେ ମଧ୍ୟ କିଛି ଫିଲ୍ଡ ଗୋଲ୍ କରିପାରିଥିଲେ। କିନ୍ତୁ ଡିଫେନ୍ସରେ ଭୁଲ କରିବା ମହଙ୍ଗା ପଡ଼ିଲା' ବୋଲି ଆର୍ଜେଣ୍ଟିନା ବିପକ୍ଷରେ ୨ ଗୋଲ୍ ଦେଇଥିବା ସୁଖଜିତ କହିଥିଲେ।

# ବୋଲିଂ ଜଲୱା ଦେଖାଇଲେ ସୂର୍ଯ୍ୟବଂଶୀ, ୪ ବଲ୍‌ରେ ୨ ୱିକେଟ୍





**ନୂଆଦିଲ୍ଲୀ :** ହଠାତ୍ ବ୍ୟାଟରରୁ ବୋଲର ବନି ଯାଇଛନ୍ତି ଟିମ ଇଣ୍ଡିଆର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ। ବ୍ୟାଟିଂରେ ମାତ୍ର ୮ ରନ କରିଥିବା ବୈଭବ ନିଜ ବୋଲିଂ ଯାଦୁ ଦେଖାଇଛନ୍ତି। ସେ ୪ ବଲରେ ନେଇଛନ୍ତି ୨ଟି ୱିକେଟ। ବାମହାତୀ ସ୍ପିନର ଯାଦୁ ସେ ଦୁଲୀପ ଟ୍ରଫିରେ ସମସ୍ତଙ୍କୁ ଦେଖାଇବାକୁ ସକ୍ଷମ ହୋଇଛନ୍ତି। ସବୁବେଳେ ବ୍ୟାଟରେ ବଲକୁ ବାଉଣ୍ଡରୀ ବାହାରକୁ ପଠାନ୍ତି ୧୫ ବର୍ଷୀୟ ସୂର୍ଯ୍ୟବଂଶୀ। ତାଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଦେଖିଛି ପୂରା ବିଶ୍ୱ। ଅତି କମ ବୟସରେ ସେ କ୍ରିକେଟ ପ୍ରେମୀଙ୍କୁ କରିଛନ୍ତି ପାଗଳ। ହେଲେ ଏବେ ସୂର୍ଯ୍ୟବଂଶୀଙ୍କ ନୂଆ ଅବତାର ଦେଖିବାକୁ ମିଳିଛି। ବ୍ୟାଟ ବଦଳରେ ସେ ବଲରେ ଦେଖାଇଛନ୍ତି ଜଲୱା। ବର୍ତ୍ତମାନ ଦୁଲୀପ ଟ୍ରଫି ଖେଳୁଥିବା ସୂର୍ଯ୍ୟବଂଶୀ ଇଷ୍ଟ ଜୋନ ପାଇଁ ୪ ବଲରେ ହାସଲ କରିଛନ୍ତି ୨ଟି ୱିକେଟ। ବାମହାତୀ ଅର୍ଥଡକ୍ସ ସ୍ପିନ ଜରିଆରେ ସେ ନର୍ଥ ଇଷ୍ଟ ଜୋନ ବିପକ୍ଷରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେ ନର୍ଥ ଇଷ୍ଟ ଜୋନର ଦୁଇ ଜଣ ବ୍ୟାଟରଙ୍କୁ ନିଜ ସ୍ପିନ ଯାଦୁରେ ଫସାଇ ପ୍ୟାଭିଲିୟନ ପଠାଇ ଦେଇଛନ୍ତି। ସବୁବେଳେ ଟି-୨୦ କ୍ରିକେଟରେ ବଡ଼ ଶଟ ଖେଳୁଥିବା ସୂର୍ଯ୍ୟବଂଶୀଙ୍କୁ ଦଲୀପ ଟ୍ରଫି ଭଳି କ୍ରିକେଟର ନାଲି ବଲ୍ କ୍ରିକେଟ ଖେଳିବାକୁ ସୁଯୋଗ ମିଳିଛି। କ୍ରିକେଟର ଏହି ଲମ୍ବା ଫର୍ମାଟରେ ତାଙ୍କୁ ଇଷ୍ଟ ଜୋନର ଉପ ଅଧିନାୟକ ଦାୟିତ୍ୱ ମଧ୍ୟ ମିଳିଥିଲା। ମାତ୍ର ୧୫ ବର୍ଷ ବୟସରେ ପ୍ରଥମ ଶ୍ରେଣୀ କ୍ରିକେଟରେ ଏତେ ବଡ଼ ଦାୟିତ୍ୱ ମିଳିବା କମ କଥା ନୁହେଁ। ହେଲେ ନୂଆ ଦାୟିତ୍ୱ ଓ ନୂଆ ଫର୍ମାଟକୁ ଓହ୍ଲାଇଥିବା ସୂର୍ଯ୍ୟବଂଶୀ ପ୍ରଥମେ ବ୍ୟାଟିଂରେ ସମସ୍ତଙ୍କୁ ନିରାଶ କରିଥିଲେ। ନର୍ଥ ଜୋନ ବିପକ୍ଷ ପ୍ରଥମ ଇନିଂସରେ ସେ ଦଳ ପାଇଁ କେବଳ ୮ ରନ ହିଁ କରିପାରିଥିଲେ। କିନ୍ତୁ ବ୍ୟାଟିଂରେ ବିପକ୍ଷ ହୋଇଥିବା ସୂର୍ଯ୍ୟବଂଶୀ ଏବେ ବୋଲିଂ ବଳରେ ଚର୍ଚ୍ଚାକୁ ଆସିଛନ୍ତି। ଇଷ୍ଟ ଜୋନ ଅଧିନାୟକ ଇଶାନ କିଶନ ହଠାତ୍ ସୂର୍ଯ୍ୟବଂଶୀଙ୍କୁ ବୋଲିଂ କମାଣ ଧରାଇ ଦେଇଥିଲେ। ପ୍ରଥମ ଓଭରରେ ସେ ୱିକେଟ ପାଇ ନଥିଲେ। କିନ୍ତୁ ଦ୍ୱିତୀୟ ଓଭରରେ ସେ ନିଜର ଯାଦୁ ଦେଖାଇଛନ୍ତି। ପ୍ରଥମେ ସେ ନର୍ଥ ଇଷ୍ଟ ଜୋନର କିଶନ ଲାୟଙ୍ଗଡୋଙ୍କୁ କ୍ୟାଚ ଆଉଟ କରାଇଥିଲେ। ଏହାର ୩ଟି ବଲ୍ ପରେ ତାଙ୍କୁ ଆଉ ଏକ ସଫଳତା ମିଳିଥିଲା। ଏଥରେ ସେ ନିଜ ସ୍ପିନ ଯାଦୁରେ ଇମଲିୱାତି ଲେମତୁରଙ୍କୁ ଫସାଇଥିଲେ। ସୂର୍ଯ୍ୟବଂଶୀଙ୍କ ସ୍ପିନକୁ ବୁଝି ନପାରି ଲେମତୁର ୱିକେଟ କିପର ଇଶାନ କିଶନଙ୍କ ହାତରେ କ୍ୟାଚ ଆଉଟ ହୋଇଥିଲେ। ଗୋଟିଏ ଓଭରରେ ଦୁଇଟି ୱିକେଟ ମିଳିଥିବାରୁ ସୂର୍ଯ୍ୟବଂଶୀଙ୍କ ପାଖରେ କେବଳ ବ୍ୟାଟିଂ ନୁହେଁ, ବରଂ ବୋଲିଂ କଳା ରହିଥିବା ସମସ୍ତେ ଆଲୋଚନା ଆରମ୍ଭ କରି ଦେଇଛନ୍ତି। ମ୍ୟାଚ୍ କଥା ବିଚାରକୁ ନେଲେ ଇଷ୍ଟ ଜୋନ ବିପକ୍ଷରେ ନର୍ଥ ଇଷ୍ଟ ଜୋନ ଇନିଂସ ଓ ୨୧୦ ରନରେ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରୁଥିବା ଇଷ୍ଟ ଜୋନ ଶହବାଜ ଅହମଦଙ୍କ ୧୬୭ ଓ ସୁଦିପ କୁମାରଙ୍କ ୧୪୬ ରନ ବଳରେ ୪୬୭ ରନ କରିଥିଲା। ଏହାର ଜବାବରେ ନର୍ଥ ଇଷ୍ଟ ଜୋନ ପ୍ରଥମ ଇନିଂସରେ ୧୧୧ ଓ ଦ୍ୱିତୀୟ ଇନିଂସରେ ୧୪୬ ରନ କରି ଅଲଆଉଟ ହୋଇଯାଇଛି। ଶହବାଜ ଅହମଦ ୧୬୭ ରନ କରିବା ସହ ପ୍ରଥମ ଇନିଂସରେ ୩ଟି ଓ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଜିତିଛନ୍ତି।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra




# ସାହାରପଡ଼ା ବ୍ଲକର ଉନ୍ନୟନ ଦିଗହରା

## ଉନ୍ନୟନ କାମରୁ ସାରବଣ୍ଟନ ଯାଏଁ ଅଭିଯୋଗର ଝଡ଼

**ବାରିପଦା /ସାହାରପଡା (ଅମୃତ ମିଡିଆ) :** ଗୋଟିଏ ପଟେ ଦୁର୍ନୀତି ବିରୋଧରେ ସରକାରଙ୍କ କଠୋର ଆଭିମୁଖ୍ୟ, ଅନ୍ୟପଟେ ସାହାରପଡା ବ୍ଲକରେ ଦୁର୍ନୀତି ଓ ଅନିୟମିତତାକୁ ନେଇ ଗୋଟିଏ ପରେ ଗୋଟିଏ ଅଭିଯୋଗ। ଉନ୍ନୟନମୂଳକ କାମରେ ପିସି କାରବାର ଅଭିଯୋଗ, ଲ୍ୟାମ୍ପସରେ ସାର ବଣ୍ଟନକୁ ନେଇ ଅସନ୍ତୋଷ, ଧାନ ପଞ୍ଜିକରଣରେ ଚାଷୀଙ୍କ ଦୁର୍ଦ୍ଦଶା,ସବୁକିଛି ମିଶି ବ୍ଲକର ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି ବ୍ଲକ କାର୍ଯ୍ୟାଳୟରେ କଥିତ ପିସି କାରବାରକୁ ନେଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ବିବାଦ। ଅଭିଯୋଗ ଅନୁଯାୟୀ, ଏହାକୁ ନେଇ କଥା କଟାକଟିରୁ ହାତାହାତି ପର୍ଯ୍ୟନ୍ତ ଘଟଣା ଘଟିଥିବା ଏବଂ ମାମଲା ଥାନା ପର୍ଯ୍ୟନ୍ତ ପହଞ୍ଚିଥିବା କୁହାଯାଉଛି। ତେବେ ଏହି ଅଭିଯୋଗର ସତ୍ୟତା ନିରପେକ୍ଷ ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ। ଏପଟେ ବିଭିନ୍ନ ଉନ୍ନୟନ କାମରେ ସରକାରୀ ନିୟମ ଅଣଦେଖା ହେଉଥିବା ଏବଂ କାମର ଗୁଣବତ୍ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଥିବାର ଅଭିଯୋଗ ରହିଛି। ସରକାରୀ ଅର୍ଥରେ ହେଉଥିବା କାମ ଯଦି ନିୟମ ଅନୁଯାୟୀ ନହୁଏ, ତେବେ ଏହାର ଲାଭ କାହା ପାଖରେ ପହଞ୍ଚୁଛି ଏବଂ ଏଥିପାଇଁ କିଏ ଦାୟୀ,ଏହି ପ୍ରଶ୍ନ ଏବେ ସାହାରପଡା ବାସୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । କେବଳ ଉନ୍ନୟନ କାମ ନୁହେଁ, ଚାଷୀଙ୍କ ସମସ୍ୟା ମଧ୍ୟ କମୁନାହିଁ। ଲ୍ୟାମ୍ପସରେ ସାର ବଣ୍ଟନକୁ ନେଇ ଅସନ୍ତୋଷ ଥିବାବେଳେ




### ପିସିକୁ ନେଇ ବିବାଦ
### ଦଳୀୟ ଗୋଷ୍ଠୀ କନ୍ଦଳରେ ଅବହେଳିତ

ଆବଶ୍ୟକ ସମୟରେ ସାର ନମିଳିବା ଏବଂ କଥିତ କଳାବଜାରି ନେଇ ମଧ୍ୟ ଅଭିଯୋଗ ଉଠିଛି। ଧାନ ପଞ୍ଜିକରଣ ପାଇଁ ଲ୍ୟାମ୍ପସରେ ଚାଷୀଙ୍କ ଲମ୍ବା ଲାଇନ ମଧ୍ୟ ବ୍ୟବସ୍ଥାର ଅସୁବିଧାକୁ ସାମ୍ନାକୁ ଆଣୁଛି। ଏହି ସମସ୍ତ ଅଭିଯୋଗ ମଧ୍ୟରେ ଆଉ ଏକ ଗୁରୁତର ପ୍ରଶ୍ନ ସାମ୍ନାକୁ ଆସିଛି। ଦୁର୍ନୀତି ଓ ବିଭିନ୍ନ ଲୋକସମସ୍ୟାକୁ ଗଣମାଧ୍ୟମରେ ସାମ୍ନାକୁ ଆଣୁଥିବା ପ୍ରତିନିଧିମାନଙ୍କ ଉପରେ କଥିତ ଭାବେ ଚାପ ସୃଷ୍ଟି କରାଯାଉଥିବାର ଅଭିଯୋଗ ହୋଇଛି। କିଛି ଶାସକ ଦଳ ସମର୍ଥକ ବୋଲି ନିଜକୁ ପରିଚୟ ଦେଉଥିବା ବ୍ୟକ୍ତି ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ପ୍ରସାରଣ ନକରିବା ପାଇଁ ଧମକ ଦେବା ସହ ସୋସିଆଲ ମିଡିଆରେ ନିଜ ପକ୍ଷରେ ପ୍ରଚାର କରିବାକୁ ଚାପ ପକାଉଥିବାର ଅଭିଯୋଗ ମଧ୍ୟ ରହିଛି। ଯଦି ଏପରି ଅଭିଯୋଗ ସତ୍ୟ ହୁଏ, ତେବେ ଏହା କେବଳ ଗଣମାଧ୍ୟମର ସ୍ୱାଧୀନତା ପାଇଁ ନୁହେଁ, ସାଧାରଣ ଲୋକଙ୍କ ସୂଚନା ଅଧିକାର ପାଇଁ ମଧ୍ୟ ଚିନ୍ତାର ବିଷୟ। ତେଣୁ ଏହି ଅଭିଯୋଗର ମଧ୍ୟ ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। ଏତେ ଅଭିଯୋଗ ପରେ ପ୍ରଶାସନିକ ତଦନ୍ତ କେବେ? ଦୋଷୀ କିଏ, ତାହା ସ୍ପଷ୍ଟ କରିବାକୁ ନିରପେକ୍ଷ ତଦନ୍ତ କେବେ? ଚାଷୀ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଜନପ୍ରତିନିଧିଙ୍କ ହସ୍ତକ୍ଷେପ କେବେ? କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ପାଟଣା ନିର୍ବାଚନମଣ୍ଡଳୀର ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଦୃଷ୍ଟି ସାହାରପଡା ବ୍ଲକର ଏହି ସମସ୍ୟା ଉପରେ କେବେ ପଡ଼ିବ, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ରାଜନୈତିକ ମତଭେଦ ଥିଲେ ମଧ୍ୟ ତାହାର ପ୍ରଭାବ ଯେପରି ସାଧାରଣ ଲୋକଙ୍କ ବିକାଶ ଉପରେ ନପଡ଼େ, ସେଥିପାଇଁ ଜନପ୍ରତିନିଧିଙ୍କ ଦାୟିତ୍ୱ ରହିଛି। ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତାର କଥା କହୁଥିବାବେଳେ କେନ୍ଦୁଝର ଜିଲ୍ଲାର ଏହି ବ୍ଲକରୁ ଏପରି ଅଭିଯୋଗ ସାମ୍ନାକୁ ଆସିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଅଭିଯୋଗ ସତ ହେଲେ ଦୋଷୀଙ୍କ ବିରୋଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଓ ଅଭିଯୋଗ ଭିତ୍ତିହୀନ ହେଲେ ସତ୍ୟାସତ୍ୟ ସାର୍ବଜନୀନ କରିବା,ଉଭୟ କ୍ଷେତ୍ରରେ ପ୍ରଶାସନର ଦାୟିତ୍ୱ ରହିଛି।ସାହାରପଡା ବ୍ଲକରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ରାଜନୈତିକ ମାହୋଲ ତିଆରି ହେଉଥିବାବେଳେ ଏହି ଅଭିଯୋଗଗୁଡ଼ିକ ପରିବେଶକୁ ଆହୁରି ସରଗରମ କରିଛି। ଲୋକଙ୍କ ପ୍ରଶ୍ନ ଏବେ ସ୍ପଷ୍ଟ ଯେ,ଗୋଷ୍ଠୀ କନ୍ଦଳ ନା ଲୋକଙ୍କ ବିକାଶ? ରାଜନୀତି ନା ସ୍ୱଚ୍ଛ ପ୍ରଶାସନ? ସାହାରପଡାବାସୀଙ୍କ ଦାବି ଗୋଟିଏ। ଅଭିଯୋଗର ନିରପେକ୍ଷ ତଦନ୍ତ ହେଉ, ସତ୍ୟ ସାମ୍ନାକୁ ଆସୁ, ଦୋଷୀଙ୍କ ବିରୋଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ହେଉ ଏବଂ ସରକାରୀ ଯୋଜନାର ଲାଭ ସ୍ୱଚ୍ଛ ଭାବେ ଲୋକଙ୍କ ପାଖରେ ପହଞ୍ଚୁ। ଏବେ ଅପେକ୍ଷା ; ସାଂସଦ, ବିଧାୟକ ଓ ପ୍ରଶାସନ ଏହି ସମସ୍ତ ଅଭିଯୋଗ ଉପରେ କେବେ ଜବାବ ରଖୁଛନ୍ତି।

# ମଦଦୋକାନ ନିକଟରୁ ମହିଳା ଉଦ୍ଧାରକୁ ନେଇ ଚର୍ଚ୍ଚା



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ସୋମବାର ମଧ୍ୟାହ୍ନ ସମୟରେ ନିଶ୍ଚିନ୍ତକୋଇଲି ୮ନଂ କେନାଲ ପାର୍ଶ୍ୱରେ ଥିବା ନରେନ୍ଦ୍ରପୁର ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନ ନିକଟରୁ ସନ୍ଦେହଜନକ ଅବସ୍ଥାରେ ଜନୈକ ମହିଳା ଶୋଇ ରହିଥିଲେ । ଏପରି ଘଟଣା ପ୍ରଚାର ପ୍ରସାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉକ୍ତ ଘଟଣାକୁ ନେଇ ନାନା ମୁହଁରେ ନାନା କଥା ଶୁଣିବାକୁ ମିଳିଥିଲା । କିନ୍ତୁ କିଛି ସମୟ ପରେ ନିଶ୍ଚିନ୍ତକୋଇଲି ପୋଲିସ ପହଞ୍ଚି ଉକ୍ତ ମହିଳାକୁ ଜବତ କରିବା ସହ ତାଙ୍କ ଗାଡ଼ିରେ ବସାଇ ଥାନାକୁ ନେଇ ଯାଇଥିଲେ। ତେବେ ଥାନାକୁ ନେଲା ପରେ ଯାହା ପୋଲିସ ଅଧିକାରୀ ମାନେ କହିବା କଥା କାଳେ ମହିଳା ଜଣକ ମଦ୍ୟପାନ କରି ଶୋଇଥିଲେ। ତେବେ ଉକ୍ତ ମଦ ଦୋକାନର ନାମ ରହିଛି ଠିପି ବନ୍ଦ ମଦ ଦୋକାନ କିନ୍ତୁ ଏହା ପ୍ରକୃତରେ ଠିପି ବନ୍ଦ ମଦ ଦୋକାନ କି ଠିପି ଖୋଲା ମଦ ଦୋକାନ ତାହାକୁ ନେଇ ବୁଦ୍ଧିଜୀବୀ ଏବଂ ମାଆ ଭଉଣୀ ମାନଙ୍କ ମଧ୍ୟରେ ବିଭିନ୍ନ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏପରିକି ଉକ୍ତ ରାସ୍ତା ଦେଇ କଲେଜ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ,ବୁଦ୍ଧିଜୀବୀ ଏବଂ ମାଆ,ଭଉଣୀ ମାନେ ଗମନାଗମନ କରିବାକୁ ସୁରକ୍ଷିତ ମଣୁନାହାଁନ୍ତି । ଏପରିକି ମଦ ଦୋକାନ ନିଶ୍ଚିନ୍ତକୋଇଲି ବଜାରରୁ ମାତ୍ର ୨୦୦ମିଟର ଦୂରତା ମଧ୍ୟରେ ହୋଇଥିବା ବେଳେ ନରେନ୍ଦ୍ରପୁର ମଦ ଦୋକାନ ନିଶ୍ଚିନ୍ତକୋଇଲିରେ ଖୋଲିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଏହାକୁ ଦୃଢ ନିନ୍ଦା କରାଯାଇଛି । ତେବେ ଏହିଭଳି ଏକ ସନ୍ଦେହଜନକ ଘଟଣା ଉକ୍ତ ସ୍ଥାନରେ ଘଟିବା ପରେ ଏହି ମଦ ଦୋକାନକୁ ଏଠାରୁ ଉଚ୍ଛେଦ ପାଇଁ ବୁଦ୍ଧିଜୀବୀ ଏବଂ ମହିଳା ମାନଙ୍କ ମହଲରେ ଦୃଢ ଦାବି ହେବା ସହିତ ପ୍ରକୃତରେ ଏହି ମହିଳା ଜଣକ ସହିତ ଘଟିଥିବା ଘଟଣାର ସତ୍ୟାସତ୍ୟକୁ ଉନ୍ମୋଚନ କରିବା ପାଇଁ ପୋଲିସ ଅଧିକାରୀ ମାନେ ତଦନ୍ତକୁ ସଠିକ୍ ଭାବେ କରିବାକୁ ମଧ୍ୟ ଦାବି ହୋଇଛି।

# ଓମ୍ ଶାନ୍ତି ଆଶ୍ରମରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଉତ୍ସବ ପାଳିତ



**ହଳଦିଆ (ଅମୃତ ମିଡିଆ) :** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓମ୍ ଶାନ୍ତି ଆଶ୍ରମ ପରିସରରେ ଆସନ୍ନ ପବିତ୍ର ରାଖୀ ପୂର୍ଣ୍ଣିମା ଉପଲକ୍ଷେ ଏକ ସ୍ୱତନ୍ତ୍ର ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଗତ ୨୪ ଅଗଷ୍ଟ ୨୦୨୬ ରିଖରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ସବିତା, ବ୍ରହ୍ମାକୁମାର ପ୍ରକାଶ ଏବଂ ବ୍ରହ୍ମାକୁମାର ବିଜୟ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟସୂଚୀ ପରିଚାଳନା କରିଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ସ୍ୱତନ୍ତ୍ର ସତ୍‌ସଙ୍ଗ, ଆଧ୍ୟାତ୍ମିକ ଆଲୋଚନା ଏବଂ ରାଖୀ ବନ୍ଧନ ପର୍ବର ପବିତ୍ରତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବ୍ରହ୍ମାକୁମାରୀ ସବିତା ଭଉଣୀ ଉପସ୍ଥିତ ସମସ୍ତ ଭାଇଭଉଣୀମାନଙ୍କ ହାତରେ ସୁରକ୍ଷା ଓ ସ୍ନେହର ପ୍ରତୀକ ଆଧ୍ୟାତ୍ମିକ ରାଖୀ ବାନ୍ଧି ସେମାନଙ୍କର ମଙ୍ଗଳ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକେ ଯୋଗଦେଇ ପ୍ରଭୁ ପ୍ରସାଦ ଗ୍ରହଣ କରିବା ସହ ଶାନ୍ତି ଓ ମୈତ୍ରୀର ସନ୍ଦେଶ ଗ୍ରହଣ କରିଥିଲେ। ଆଶ୍ରମର ପବିତ୍ର ପରିବେଶରେ ସମସ୍ତେ ଆନନ୍ଦର ସହ ଏହି ଉତ୍ସବରେ ସାମିଲ ହୋଇଥିଲେ।

# ଶିବାନନ୍ଦ ଆଶ୍ରମରେ ମାତୃ ସମ୍ମିଳନୀ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଚିଦାନନ୍ଦ ତପୋବନ ଶାନ୍ତି ଆଶ୍ରମ ବାଲିଗୁଆଳୀ ଠାରେ ତ୍ରିଦିବସୀୟ ମାତୃ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଏହି ସମ୍ମିଳନୀକୁ ଉଦଘାଟନ କରି ସ୍ୱାମୀ କୃଷ୍ଣଦାସାନନ୍ଦ ସରସ୍ୱତୀ, ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ସ୍ୱାମୀ ଆମ୍ବିକାନନ୍ଦ ସରସ୍ୱତୀ ଓ ସ୍ୱାମୀ ମୋକ୍ଷପ୍ରୀୟାନନ୍ଦ ସରସ୍ୱତୀ କହିଲେ ମାତୃଶକ୍ତୀର ବିକାଶ ହେଲେ ଦେଶ ଓ ସମାଜର ବିକାଶ ହୋଇପାରିବ। ମାଆର ବିକାଶ ହେଲେ ସାରା ଦୁନିଆର ବିକାଶ ସମ୍ଭବ ହୋଇପାରିବ। ମାଆ ଶୃଙ୍ଖଳିତ, ସଂସ୍କାରୀ ଓ ଶିକ୍ଷିତ ହେଲେ ସମାଜକୁ ଉତ୍ତମ ସନ୍ତାନ ଦେଇପାରିବ। ଆଜିର ସମାଜରେ ବିଜ୍ଞାନ ବହୁ ଅଗ୍ରଗତି କରିଛି। ସବୁର ପରିପୂର୍ଣ୍ଣତା ଅଛି କିଛି ଅଭାବ ନାହିଁ। ହେଲେ ଭଲ ମଣିଷର ଅଭାବ ରହିଛି ବୋଲି ସେମାନେ କହିଥିଲେ। ମାତୃଶକ୍ତି ଜାଗ୍ରତ ହେଲେ ସମାଜ ତିଷ୍ଠି ରହିବ। ମାଆହିଁ ସମାଜର ମେରୁଦଣ୍ଡ। ପବିତ୍ର ଭାରତ ଭୂମିର ପୂର୍ବକାଳରେ ଥିବା ମହିୟସୀ ବିଦୁଷୀ ମହିଳାଙ୍କ ଜୀବନକୁ ଅନୁକରଣ କରିବା ଉଚିତ ବୋଲି ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଶିବିରକୁ ଅକ୍ଷୟ କୁମାର ଦାସ, ଅଦ୍ୱୈତ ବିଶ୍ୱାଳ, ପ୍ରଫେସର ଡା. ଗୀତା ମହାନ୍ତି, ଶୈଳରାଣୀ ମିଶ୍ର, ସୁଶ୍ରୀ ରେଖାରାଣୀ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ସାରା ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।

# ଯୁବକଙ୍କ ଝୁଲନ୍ତା ଗଳିତ କଙ୍କାଳ ଉଦ୍ଧାର

**କଟକ (ବ୍ୟୁରୋ) :** କଟକ ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ପୋଲିସ ଏକ ପରିତ୍ୟକ୍ତ ଘରୁ ବେକରେ ଦଉଡ଼ି ଦେଇ ଝୁଲିଥିବା ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ କଙ୍କାଳ ଉଦ୍ଧାର କରିଛି। କଙ୍କାଳଟି ଗୋଡିସାହି ଗ୍ରାମର ପଦିଆ ନାଏକଙ୍କର ବୋଲି ଜଣାଯାଇଛି। ପଦିଆ ନାଏକଙ୍କ ବାପା ଟୁକୁନା ନାଏକ ପୁଅର କଙ୍କାଳକୁ ଚିହ୍ନଟ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ପଦିଆ ନାଏକ ଗତ ମାସ ୨୮ ତାରିଖରୁ ନିଖୋଜ ଥିଲେ। ତେବେ ସେ କାହିଁକି ଆତ୍ମହତ୍ୟା କଲେ କି ତାଙ୍କୁ କେହି ହତ୍ୟା କରିଛି, ତାହା ସ୍ପଷ୍ଟ ହୋଇନାହିଁକି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଓରମାସ୍ ପକ୍ଷରୁ ହସ୍ତନିର୍ମିତ ପରିବେଶ ଅନୁକୂଳ ରାକ୍ଷୀ ଷ୍ଟଲ୍



**ଜଗତସିଂହପୁର (ଅମୃତ ମିଡ଼ିଆ) :** ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ଥାନୀୟ, ପାରମ୍ପରିକ ଏବଂ ପରିବେଶ ଅନୁକୂଳ ରାକ୍ଷୀ ଉତ୍ପାଦକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ଜଗତସିଂହପୁର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଓର୍ମାସ ପକ୍ଷରୁ ହସ୍ତନିର୍ମିତ ପରିବେଶ ଅନୁକୂଳ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ଏହି ଷ୍ଟଲ୍‌କୁ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ. ସୋନାଲ, ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପସ୍ଥିତ ଥିଲେ। ଉଦ୍‌ଘାଟନ ସମୟରେ ଜିଲ୍ଲାପାଳ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କୁ ହସ୍ତନିର୍ମିତ ଓ ପରିବେଶ ଅନୁକୂଳ ଉତ୍ପାଦର ପ୍ରଚାର ଓ ବିକ୍ରୟ ପାଇଁ ଉତ୍ସାହିତ କରିଥିଲେ। ଏହି ଷ୍ଟଲ୍‌ରେ ମୋଟ ୭ ଜଣ ଉତ୍ପାଦକ ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଛନ୍ତି। ସେମାନେ ଜୁଟ୍ ରାକ୍ଷୀ, କେନ୍ଦୁ ଓ ବାଉଁଶ ରାକ୍ଷୀ, ତାଳପତ୍ର ରାକ୍ଷୀ, କାଶତଣ୍ଡି/ସବାଇ ଘାସ ରାକ୍ଷୀ ଏବଂ ଟେରାକୋଟା ରାକ୍ଷୀ ସମେତ ବିଭିନ୍ନ ପ୍ରକାରର ହସ୍ତନିର୍ମିତ ରାକ୍ଷୀ ବିକ୍ରୟ କରୁଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ମହିଳା ଉତ୍ପାଦକମାନେ ସେମାନଙ୍କର ପାରମ୍ପରିକ ହସ୍ତନିର୍ମିତ ଉତ୍ପାଦକୁ ପ୍ରଦର୍ଶନ ଓ ବିକ୍ରୟ କରିବା ସହ ଆୟ ବୃଦ୍ଧି ଏବଂ ପରିବେଶ ଅନୁକୂଳ ବିକଳ୍ପକୁ ପ୍ରୋତ୍ସାହନ ଦେବାର ସୁଯୋଗ ପାଇଛନ୍ତି। ଏହି ରାକ୍ଷୀ ଷ୍ଟଲ୍ ୨୪ ଅଗଷ୍ଟରୁ ୨୮ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଜଗତସିଂହପୁର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଖୋଲା ରହିବ। ପର୍ବପର୍ବାଣୀ ଅବସରରେ ହସ୍ତନିର୍ମିତ, ସ୍ଥାନୀୟ ଭାବେ ପ୍ରସ୍ତୁତ ଏବଂ ପରିବେଶ ଅନୁକୂଳ ରାକ୍ଷୀ ବ୍ୟବହାର ପାଇଁ ଲୋକମାନଙ୍କୁ ଉତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଜଗତସିଂହପୁର ପୌରପାଳିକାର ମାନ୍ୟବର ଅଧକ୍ଷା ଅର୍ଚ୍ଚନା ସିଂହ ମଧ୍ୟ ଷ୍ଟଲ୍ ପରିଦର୍ଶନ କରି ରାକ୍ଷୀ କ୍ରୟ କରିଥିଲେ। ସେ ଅଂଶଗ୍ରହଣକାରୀ ସଦସ୍ୟମାନଙ୍କ ସହ ଆଲୋଚନା କରିବା ସହ ଏହି ପଦକ୍ଷେପ ଏବଂ ହସ୍ତନିର୍ମିତ ଉତ୍ପାଦର ଗୁଣବତ୍ତାକୁ ପ୍ରଶଂସା କରିଥିଲେ। ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀମାନଙ୍କୁ ସେମାନଙ୍କ ଉତ୍ପାଦର ସିଧାସଳଖ ବିପଣନ ପାଇଁ ଏକ ସୁଯୋଗ ପ୍ରଦାନ କରିବା ସହ ସ୍ଥାନୀୟ ଉଦ୍ୟୋଗ ମାଧ୍ୟମରେ ସେମାନଙ୍କର ଜୀବିକା ଓ ଆୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓରମାସ୍, ଜଗତସିଂହପୁର ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଡେପୁଟି ସିଇଓ, ଓରମାସ ସୂଚନା ଦେଇଛନ୍ତି।

# ହେଲ୍‌ଥ ଭିଲ୍ଲେ ପକ୍ଷରୁ ଚୌଦ୍ୱାରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାରପୌରପାଳିକା ୧୦ନମ୍ବର ୱାର୍ଡ଼ସ୍ଥିତ ଯଯାତୀ କେଶରୀ କ୍ଲବ୍ ପରିସରରେ ବାରଙ୍ଗ ଗୋଡ଼ିସାହିରେ ଥିବା ହେଲଥ୍ ଭିଲ୍ଲେ ପକ୍ଷରୁ ବାର୍ଦ୍ଧକ୍ୟଜନିତ ରୋଗ, ଆଣ୍ଠୁଗଣ୍ଠିତ ଜନିତ ଯନ୍ତ୍ରଣା, ମେଦବହୁଳ, ମଧୁମେହ ଓ ଗଣ୍ଠିବାତ ରୋଗଜନିତ ଉପଚାର ପାଇଁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଂଚଳ ତଥା ପାଖରେ ଥିବା ବିଭିନ୍ନ ପଂଚାୟତର ପ୍ରାୟ ୨୩୫ରୁ ଉର୍ଦ୍ଧ୍ୱରୋଗୀ ଆସି ଏଠାରେ ଚିକିତ୍ସିତ ହୋଇଥିଲେ। ଅନୁଷ୍ଠାନର ଅଭିଜ୍ଞ ଡାକ୍ତର ସୃଷ୍ଟିସିଂହ ଓ ଡାକ୍ତର ସାଦବ୍ ଅହମ୍ମଦଙ୍କ ସହ ନାରାୟଣ ମଲ୍ଲିକ, ସଙ୍ଗୀତା ବେହେରା, ବର୍ଷାରାଣୀ ଦାସ, ରାଜେଶ ଜେନା ପ୍ରମୁଖ ଚିକିତ୍ସାରେ ସାହାଯ୍ୟ କରିଥିବା ବେଳେ କ୍ଲବ୍‌ର ସଭାପତି ଶୁଭେନ୍ଦୁସାମଲ, ବରିଷ୍ଠ ନାଗରିକ କ୍ଲବ୍‌ର ସଭାପତି ପ୍ରତାପ କିଶୋର ସାମଲ, ବରିଷ୍ଠ ଆଇନ୍‌ଜୀବୀ ରମେଶ ଚନ୍ଦ୍ର ଭୂୟାଁ, ହାଉସିଂବୋର୍ଡ଼ ବିକାଶ ପରିଷଦର ସମ୍ପାଦକ ଅଜୟ କୁମାରସ୍ୱାଇଁ, କ୍ଲବ୍‌ର କୋଷାଧ୍ୟକ୍ଷ ପ୍ରମୋଦ ବେହେରା, କ୍ଲବ୍‌ର ଉପସଭାପତି ନାରାୟଣ ଚନ୍ଦ୍ର ଜେନା, ଉପଦେଷ୍ଟା ସ୍ୱାଧୀନ ଦାସ, ସଚ୍ଚିଦାନନ୍ଦ ମହାନ୍ତି, ବିଜୟକେତନ ସ୍ୱାଇଁ, ସୁଧାକର ଜେନା, ଜୟନ୍ତ ସାହୁ, ରଂଜନ କୁମାର ବାରିକ, ପ୍ରଶାନ୍ତ କୁମାର ସ୍ୱାଇଁ, ଜ୍ୟୋସ୍ନା ଦାସ, ସାଧୁଚରଣ ସାହୁ, ଦରିଦ୍ରନିଧି ସେଠୀ, ରଂଜନ କୁମାର ସାହୁ, ଆଶିଷ ବରାଳ, ଶ୍ରୀନିବାସ ସାହୁ, ରାଜେଶ ନାୟକ, ରାକେଶ ନାୟକ, ଚୌଦ୍ୱାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାଦିଦି ପ୍ରମିଳା ମଲ୍ଲିକ ଓ ସସ୍ମିତା ମଲ୍ଲ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମୋନାଲିସା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବର୍ଷା ସାହିତ୍ୟ ଆସର ଓ କବିତା ପାଠୋତ୍ସବ



**ପାରାଦୀପ (ଅମୃତ ମିଡିଆ) :** ପାରାଦୀପର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦ ଓ ପାରାଦୀପ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ବର୍ଷା ସାହିତ୍ୟ ଆସର ଓ କବିତା ପାଠୋତ୍ସ୍ୱ ନୂଆବଜାର ସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ସଭା ଗୃହରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କବୟିତ୍ରୀ ଗୋଲାପ ରାଣୀ ସାହୁ ଓ ମୁଖ୍ୟ ବକ୍ତା ଭାବେ କବି ଅନନ୍ତ କୁମାର ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପାରାଦୀପ ସାହିତ୍ୟ ସଂସଦ ସଭାନେତ୍ରୀ ତୁଳସୀ ବରାଳ, ସମ୍ପାଦକ ପ୍ରଶାନ୍ତ କୁମାର ରାଉତ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ମୋନାଲିସା ସାହିତ୍ୟ ସଂସଦର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ। ଏହି ଅବସରରେ ପ୍ରସିଦ୍ଧ ପାଲା ଗାୟକ ସ୍ୱର୍ଗତଃ ଜଗନ୍ନାଥ ବେହେରା ଓ ସଙ୍ଗୀତଜ୍ଞ ସ୍ୱର୍ଗତଃ ପ୍ରଣବ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଆ ସାହିତ୍ୟରେ ବର୍ଷା ବର୍ଣ୍ଣନା ସମ୍ପର୍କରେ ନିମନ୍ତ୍ରିତ ଅତିଥିମାନେ ମୂଲ୍ୟବାନ ମନ୍ତବ୍ୟ ଦେଇଥିଲେ। କବି ପ୍ରେମ ଲତା ବାରିକ, ଧ୍ରୁବ ଚରଣ ମହାପାତ୍ର,ବାବାଜୀ ଚରଣ ନାୟକ, ଲଗ୍ନଜିତ ରାଉତ, ନଳିନୀ ପ୍ରଭା ସାହୁ, ଉର୍ମିଳା ମହାନ୍ତି, କୌଶଲ୍ୟା ମହାନ୍ତି, କଳ୍ପନା ବେହେରା, ଜ୍ୟୋତ୍ସ୍ନା ଦାସ, ପ୍ରଭାସ ଚନ୍ଦ୍ର ସ୍ୱାଇଁ, ବେଣୁଧର ମିଶ୍ର, ନିମାଇଁ ମହାପାତ୍ର, ଚିତ୍ରସେନ ମହାନ୍ତି, ଟୁନି ଖୋଜି, ରଞ୍ଜନ କୁମାର ଲେଙ୍କା, ପୁଷ୍ପା ଦାସ ପ୍ରମୁଖ ସ୍ୱରଚିତ ବର୍ଷା କବିତା ପାଠ କରିଥିଲେ। କବିତା ସଂଯୋଜନା କରିଥିଲେ ବିଜୟ କୁମାର ନାୟକ।

# ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ଶ୍ରାବଣ ମାସ

## ୩୪ ଲକ୍ଷରୁ ଅଧିକ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ସୁନିଶ୍ଚିତ କଲା ଓଡ଼ିଶା ପୋଲିସ

**କଟକ (ବ୍ୟୁରୋ) :** ପବିତ୍ର ଶ୍ରାବଣ ମାସ ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ, ସୁଗମ ଯାତାୟାତ ଓ ଶୃଙ୍ଖଳିତ ଭିଡ଼ ପରିଚାଳନା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରାବଣ ମାସର ଚାରିଟି ସୋମବାରରେ ୩୫ଟି ପୋଲିସ ଜିଲ୍ଲାର ୪୫୨ଟି ପ୍ରମୁଖ ଶୈବ ପୀଠରେ ୩୪ ଲକ୍ଷରୁ ଅଧିକ ଭକ୍ତ ସୁରକ୍ଷିତ ଭାବେ ଦର୍ଶନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶ୍ରାବଣ ମାସକୁ ଦୃଷ୍ଟିରେ ରଖି ସୁରକ୍ଷା, ଭିଡ଼ ଓ ଯାତାୟାତ ପରିଚାଳନା ପାଇଁ ରାଜ୍ୟବ୍ୟାପୀ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମେଳା ସମୟରେ କୌଣସି ଅଞ୍ଚଳରେ ବଡ଼ଧରଣର ଆଇନଶୃଙ୍ଖଳା ସମସ୍ୟା କିମ୍ବା ଦଳାଚକଟା ଭଳି ଅଘଟଣ ଘଟିନଥିଲା। ଚଳିତ ବର୍ଷ ଭକ୍ତ ସମାଗମକୁ ଆଧାର କରି ବିଭିନ୍ନ ଶୈବପୀଠରେ ଆବଶ୍ୟକତାନୁସାରେ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ବଲାଙ୍ଗୀର, ବାଲେଶ୍ୱର ଓ କୋରାପୁଟ ଜିଲ୍ଲାରେ ଥିବା ଶୈବ ପୀଠ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କେନ୍ଦ୍ରାଞ୍ଚଳ,କଟକ ଅଧୀନରେ ଲୋକନାଥ ଦେବ, ଯୋଡ଼ଲିଙ୍ଗ ଶିବ, ବାଲିକପିଳେଶ୍ୱର ଓ ଧବଳେଶ୍ୱର ଭଳି ପ୍ରମୁଖ ଶୈବପୀଠରେ ମଧ୍ୟ ବ୍ୟାପକ ପୋଲିସ ନିୟୋଜିତ କରାଯାଇଥିଲା। ସେହିପରି ରାଜ୍ୟର ରେଞ୍ଜରେ ଭକ୍ତଙ୍କ ସମାଗମ ଅନୁଯାୟୀ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଶ୍ରାବଣ ସୋମବାର ପୂର୍ବରୁ କମିଶନରେଟ୍ ପୋଲିସ ଓ ଜିଲ୍ଲା ପୋଲିସ ପକ୍ଷରୁ ଆଗୁଆ ଯାତାୟତ ପରାମର୍ଶ ଜାରି କରାଯାଇଥିଲା। ରବିବାର ସନ୍ଧ୍ୟାରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ସମ୍ଭାବ୍ୟ ଭିଡ଼କୁ ଆକଳନ କରି ସମ୍ବେଦନଶୀଳ ଅଞ୍ଚଳରେ ଆବଶ୍ୟକ ଯାତାୟାତ କଟକଣା ଲାଗୁ କରାଯାଇଥିଲା। ଗଡ଼ଗଡ଼ିଆ ଘାଟ ଓ ମଧୁସୂଦନ ସେତୁ ଭଳି ସ୍ଥାନରେ ଯାତାୟାତକୁ ସୁଚାରୁ ଭାବେ ନିୟନ୍ତ୍ରଣ କରାଯିବା ସହ ଜରୁରୀକାଳୀନ ଯାନବାହନର ଚଳାଚଳ ନିରବଚ୍ଛିନ୍ନ ରଖାଯାଇଥିଲା। ପ୍ରମୁଖ ମନ୍ଦିରଗୁଡ଼ିକରେ ଅତ୍ୟଧିକ ଭିଡ଼କୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଭିଡ଼ ନିୟନ୍ତ୍ରଣ ଦଳ, କୁଇକ୍ ରେସପନ୍ସ ଟିମ୍‌କୁ ସଜାଗ ରଖାଯାଇଥିଲା। ମହିଳା, ବରିଷ୍ଠ ନାଗରିକ, ଶିଶୁ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ପ୍ରମୁଖ ଶୈବପୀଠଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ଓ ସହାୟତା ବ୍ୟବସ୍ଥା କରାଯାଇଥିଲା। ନଦୀ ଓ ଅନ୍ୟାନ୍ୟ ଜଳପଥ ନିକଟରେ ମଧ୍ୟ ସୁରକ୍ଷାକୁ ସୁଦୃଢ଼ କରାଯାଇଥିଲା। ମନ୍ଦିର ସେବାୟତ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଶ୍ରାବଣ ମେଳା ପରିଚାଳନାରେ ନିର୍ଦ୍ଧାରିତ ପରିଚାଳନା ନୀତିକୁ ଅନୁସରଣ କରାଯିବା ସହ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ସମନ୍ୱୟ ବୈଠକ ଆୟୋଜନ କରାଯାଇଥିଲା। ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିରନ୍ତର ଯୋଗାଯୋଗ, ସୂଚନା ଆଦାନପ୍ରଦାନ ଯୋଗୁଁ ସମଗ୍ର ମେଳା ପରିଚାଳନା ସୁଚାରୁ ଭାବେ ସମ୍ପନ୍ନ ହୋଇପାରିଥିଲା। ସୁଚିନ୍ତିତ ଯୋଜନା, ବିଭିନ୍ନ ରେଞ୍ଜ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଭକ୍ତମାନଙ୍କ ସହଯୋଗ ଯୋଗୁଁ ଶ୍ରାବଣ ମାସ ଶୃଙ୍ଖଳିତ ଭାବେ ସମାପ୍ତ ହୋଇଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର ମତବ୍ୟକ୍ତ କରିଛନ୍ତି। ଏହି ଅଭିଯାନରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବା ସମସ୍ତ ରେଞ୍ଜର ଅଧିକାରୀ, ପୋଲିସ ଜିଲ୍ଲାର ଏସ୍‌ପି ଏବଂ ସେମାନଙ୍କ ସମଗ୍ର ଟିମ୍‌କୁ ସାଧୁବାଦ ଜଣାଇଛନ୍ତି।



# କଟକରେ ଗଣେଶ ପୂଜାର ପର ୩ ରବିବାର ଭସାଣି

**କଟକ (ବ୍ୟୁରୋ) :** ଚଳିତ ବର୍ଷ ସେପ୍ଟେମ୍ବର ମାସ ୧୪ ତାରିଖରେ ଅନୁଷ୍ଠିତ ହେବ ଗଣେଶ ପୂଜା। ଗଣେଶ ପୂଜା ପାଇଁ ଆଉ ହାତରେ ମାତ୍ର ତିନି ସପ୍ତାହ। ଏନେଇ ସହରରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ତେବେ ସହରରେ ଗଣେଶ ଭସାଣି ଧୂମ୍‌ଧାମ୍‌ରେ ପାଳନ ହେବାକୁ ଥିବାରୁ ଏନେଇ ପ୍ରଶାସନ କେଉଁ ତାରିଖ ସ୍ଥିର କରୁଛି ତାହାକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ତେବେ ପ୍ରାଥମିକ ଭାବେ ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ଗଣେଶ ପୂଜାର ପର ତିନି ରବିବାର ଗଣେଶ ପ୍ରତିମା ବିସର୍ଜନ ହେବ ବୋଲି ଆପାତତଃ ସ୍ଥିର ହୋଇଛି। ଏନେଇ ପୁଲିସ ପକ୍ଷରୁ ଖୁବ୍‌ଶୀଘ୍ର ପ୍ରସ୍ତୁତି ବୈଠକ ମଧ୍ୟ ଆୟୋଜିତ ହେବ। ଚଳିତ ବର୍ଷ ଗଣେଶ ପୂଜା ସେପ୍ଟେମ୍ବର ମାସ ୧୪ ତାରିଖ ସୋମବାର ଅନୁଷ୍ଠିତ ହେବ। ତେବେ ଗଲା କିଛି ବର୍ଷ ହେବ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗଣେଶ ପୂଜାର ପର ୩ ରବିବାର ଭସାଣି ଉତ୍ସବ ଆୟୋଜିତ ହେଉଛି। କିଛି ବର୍ଷ ଦ୍ୱିତୀୟା ଘାଣ୍ଟକୁ ନେଇ ଦ୍ୱନ୍ଦ୍ୱ ରହିଲେ ଭସାଣି ଦିନରେ ସାମାନ୍ୟ ପରିବର୍ତ୍ତନ କରାଯାଏ। ବେଳେ ବେଳେ ଘଟଣାଟି କୋର୍ଟଙ୍କ ସମ୍ମୁଖକୁ ମଧ୍ୟ ଯାଇଛି। ତେବେ ଯଦି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରାଯାଏ ତାହେଲେ ଚଳିତ ବର୍ଷ ଗଣେଶ ପୂଜା ହେବାର ପ୍ରଥମ ରବିବାର ସେପ୍ଟେମ୍ବର ୨୦ ତାରିଖରେ ପଡୁଛି। ତେଣୁ ଏହି ଦିନ ପ୍ରଥମ ପାଳି ଭସାଣି ଆୟୋଜିତ ହେବ। ସେହିପରି ପୂଜା ପରର ଦ୍ୱିତୀୟ ରବିବାର ସେପ୍ଟେମ୍ବର ୨୭ ତାରିଖରେ ପଡୁଛି। ତେଣୁ ଏହି ଦିନ ଦ୍ୱିତୀୟ ପାଳି ଭସାଣି ହେବ। ତେବେ ପରମ୍ପରା ଅନୁସାରେ ଦ୍ୱିତୀୟ ପାଳିରେ ବିସର୍ଜନ ହେଉଥିବା ପ୍ରତିମାଗୁଡ଼ିକ ଅନନ୍ତ ବ୍ରତରେ ପୂଜା ପାଇବା ପରେ ବିସର୍ଜିତ ହୋଇଥାନ୍ତି। ତେଣୁ ଚଳିତ ବର୍ଷ ୨୫ ତାରିଖରେ ଅନନ୍ତବ୍ରତ ପଡୁଛି। ତେଣୁ ୨୫ରେ ଅନନ୍ତବ୍ରତ ପୂଜା ସାରି କିଛି ପ୍ରତିମା ୨୭ ତାରିଖ ଦ୍ୱିତୀୟ ପାଳିରେ ବିସର୍ଜିତ ହେବ। ତୃତୀୟ ତଥା ଶେଷ ପାଳିରେ ବିସର୍ଜିତ ହେବାକୁ ଥିବା ପ୍ରତିମାଗୁଡ଼ିକ ଦ୍ୱିତୀୟା ଓଷାରେ ପୂଜା ପାଇବା ପରେ ଅର୍ଥାତ୍ ଦ୍ୱିତୀୟା ଘାଣ୍ଟ ଖାଇବା ପରେ ବିସର୍ଜିତ ହୋଇଥାନ୍ତି। ଚଳିତ ବର୍ଷ ଦ୍ୱିତୀୟା ଓଷା ଅକ୍ଟୋବର ୩ ତାରିଖରେ ପଡୁଛି। ତେଣୁ ଏହି ଦିନ ପରମ୍ପରା ଅନୁସାରେ ଘାଣ୍ଟ ଖାଇସାରିବା ପରେ ପରଦିନ ଅର୍ଥାତ୍ ୪ ତାରିଖ ରବିବାର ତୃତୀୟ ପାଳି ଭସାଣିରେ ବିସର୍ଜିତ ହେବେ ବୋଲି ସୂଚନା ମିଳିଛି। ତେବେ ଏହି ତାରିଖଗୁଡ଼ିକ ଖୁବ୍‌ଶୀଘ୍ର ପୁଲିସ ପ୍ରଶାସନ ପକ୍ଷରୁ ସହରର ଗଣେଶ ପୂଜା କମିଟି ଓ କ୍ଲବ୍ ଗୁଡ଼ିକ ଅବଗତ କରାଯିବ। ଏନେଇ ଏକ ପ୍ରସ୍ତୁତି ତଥା ସମନ୍ୱୟ ବୈଠକ କିଛି ଦିନ ମଧ୍ୟରେ ପୁଲିସ ପକ୍ଷରୁ ଆୟୋଜିତ ହେବ। ପୂଜା ଓ ଭସାଣିକୁ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ଆବଶ୍ୟକୀୟ ନିୟମାବଳୀଗୁଡ଼ିକ ପୁଲିସ ପକ୍ଷରୁ ଅବଗତ କରାଯିବ। ପ୍ରତୀମାଗୁଡ଼ିକ କିଭଳି ହେବ, ଭସାଣିର ଲମ୍ବ କେତେ ରହିବ, ଏଥିରେ କେଉଁ ପ୍ରକାର ବାଜା ବା ସାଉଣ୍ଡ ବ୍ୟବହାର କରାଯିବ ତାହା ମଧ୍ୟ ଜଣାଇ ଦିଆଯିବ।

## ସାଇବର ଲୁଟେରାଙ୍କ ଟାର୍ଗେଟରେ ପୋଷ୍ଟାଲ ଆକାଉଣ୍ଟ



**ନୀଳଗିରି (ଅମୃତ ମିଡିଆ) :** ରାତି ହେଲେ ସକ୍ରିୟ ହେଉଛନ୍ତି ସାଇବର ଠକ। ବ୍ୟାଙ୍କ୍ ନୁହେଁ ଏଥର ସାଇବର ଲୁଟେରାଙ୍କ ଟାର୍ଗେଟରେ ପୋଷ୍ଟ ଅଫିସ।ପୋଷ୍ଟାଲ ଆକାଉଣ୍ଟ ଖୋଲ କରିଦେଲେ ସାଇବର ଠକ।ନୀଳଗିରି ଜାମୁଡିହା ଗ୍ରାମର ହରେକୃଷ୍ଣ ପ୍ରଧାନଙ୍କ ପୋଷ୍ଟାଲ ଆକାଉଣ୍ଟରେ ୧୦ ଟି କିସ୍ତିରେ ପନ୍ଦର ହଜାର ସାତଶହ ପଞ୍ଚୋସ୍ତରି ଟଙ୍କା ଠକିନେଲେ ସାଇବର ଠକ। ଅଗଷ୍ଟ ମାସ ୧୯ ଓ ୨୦ ତାରିଖ ରାତି ୧୦ ପରେ ସାଇବର ଠକ ସକ୍ରିୟ ହୋଇ ପର୍ଯ୍ୟାୟ କ୍ରମେ ଟଙ୍କା ଠକିଥିବା ବେଳେ ହରେକୃଷ୍ଣ ସାଇବର ଥାନା ସହ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଲୋକେ ପୋଷ୍ଟାଲକୁ ସୁରକ୍ଷିତ ଭାବୁଥିବା ବେଳେ ସାଇବର ଠକଙ୍କ ଗତିବିଧି ସକ୍ରିୟ ଏବେ ସାଧାରଣରେ ଆଲୋଡନ ସୃଷ୍ଟି କରିଛି।

# ବକେୟା ଅର୍ଥ ପାଇଁ ବ୍ଲକ କର୍ତ୍ତୃପକ୍ଷଙ୍କୁ ନୋଟିସ




**ଦଶପଲ୍ଲା (ଅମୃତ ମିଡିଆ) :** ଦଶପଲ୍ଲାର ୧୨ଗୋଟି ଶିକ୍ଷା ଅନୁଷ୍ଠାନରେ ଆକ୍‌ୟୁଆ ଗାର୍ଡ ସଂଯୋଗ ପରେ ଅର୍ଥ ମିଳିନି ଦଶପଲ୍ଲା ତା, ୨୫/ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକର ୩ ଗୋଟି ମହାବିଦ୍ୟାଳୟ ଓ ୯ଗୋଟି ଉଚ୍ଚ ବିଦ୍ୟାଳୟରେ ଆକ୍‌ୟୁଆ ଗାର୍ଡ ଲଗାଇବା ପରେ ୧ବର୍ଷ ହେଲା ବକେୟା ଅର୍ଥ ନପାଇ ଯୋଗାଣ କରି ପ୍ରତିଷ୍ଠାନ ବ୍ଲକ କର୍ତ୍ତୃପକ୍ଷଙ୍କୁ ଲିଗାଲ ନୋଟିସ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନାରୁ ଜଣାଯାଏ ଏମ୍/ ଏସ ୩ ଷ୍ଟାର ସପ୍ଲାୟୀ ମାର୍ଟ ପ୍ରୋପାଇଟର ୟୁରିକା ଫୋର୍ବିସ ଆକ୍‌ୟୁଆ ଗାର୍ଡ ଦଶପଲ୍ଲାର ୩ ମହାବିଦ୍ୟାଳୟ ଓ ୯ ଉଚ୍ଚ ବିଦ୍ୟାଳୟରେ ବ୍ଲକ କର୍ତ୍ତୃପକ୍ଷଙ୍କ ପତ୍ର ସଂଖ୍ୟା ୪୬୨୯/୨୮-୧୦-୨୦୨୪, ୪୮୬୭/୯-୧୧-୨୦୨୪ ଓ ୫୦୪୦/ ୧୪-୧୧-୨୦୨୪ ତାରିଖରେ ଅଡ଼ର ପାଇ ଶିକ୍ଷା ଅନୁଷ୍ଠାନ ରେ ସଂଯୋଗ କରିଥିଲେ। ଏ ବାବଦ ମୋଟ ବିଲ ୯ଲକ୍ଷ ୭୨ହଜାର ୨୦୦ ଶହ ଟଙ୍କା ଉକ୍ତ ସଂସ୍ଥା ପାଇବାକୁ ହେଉଥିଲା। ତେବେ ୪ ଲକ୍ଷ ୩୭ ହଜାର ୨୮୯ ଶହ ଟଙ୍କା ପୈଠ କରି ଆଉ ବକେୟା ଥିବା ୫ଲକ୍ଷ ୩୪ ହଜାର ୯୧୧ ଶହ ଟଙ୍କା ପ୍ରାୟ ୧ ବର୍ଷ ହେଲା ନ ମିଳିବାରୁ ବାଧ ହୋଇ ଓକିଲ ନୋଟିସ ଦଶପଲ୍ଲା ବିଡ଼ିଓ ଙ୍କୁ କରିଛନ୍ତି। ୧୫ଦିନ ମହଲତ ମଧ୍ୟରେ ଯଦି ବକେୟା ଅର୍ଥ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ଆଇନୀ ର ଆଶ୍ରୟ ନେବେ ବୋଲି ସମ୍ପୃକ୍ତ ସଂସ୍ଥା ଚେତାବନୀ ଦେଇଛନ୍ତି।

# କେନ୍ଦ୍ରାପଡା କଲେଜ ପ୍ରାକ୍ତନ ଅଧକ୍ଷଙ୍କ ପରଲୋକ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ସେକ ସମସୁରଙ୍କ ୭୯ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ପରଲୋକ ହୋଇଯାଇଛି। ଖବରପାଇ ଅଷ୍ଟ୍ରେଲିଆରେ ଥିବା ତାଙ୍କ ଝିଅ ଫରିଦା ଯାହାଁନାରା ଓ ଜ୍ୱାଇଁ ଆଜି ଭୁବନେଶ୍ୱରରେ ପହଞ୍ଚି ସ୍ୱର୍ଗତ ସମସୁରଙ୍କ ମର ଶରୀରକୁ ସାଙ୍ଗରେ ଧରି କେନ୍ଦ୍ରାପଡା ସହରର ବଡହାଟସ୍ଥିତ ବାସଭବନରେ ପହଞ୍ଚିଛନ୍ତି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ମୁସିମତ ଆରା ଓ ବଡନାତି ଏକବାଲ ନାସିମ ଉପସ୍ଥିତ ଥିଲେ। ଆସନ୍ତାକାଲି ଅପରାହ୍ନ ୨ଟାରେ ଜନାଜା ପାଠ କରାଯାଇ ବଡହାଟସ୍ଥିତ ଅହମଦିଆ କବରଖାନାରେ କବର ଦିଆଯିବ। ଡ. ସମସୁର କେନ୍ଦ୍ରାପଡା କଲେଜର ପଦାର୍ଥ ବିଜ୍ଞାନ ବିଭାଗରେ ୧୯୬୯ ମସିହାରେ ଜଣେ ଅଧ୍ୟାପକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ନିଜର ଦକ୍ଷତା ଓ ପାରଦର୍ଶିତା ବଳରେ ସମସ୍ତଙ୍କୁ ଆପଣାର କରିପାରିଥିଲେ। ୨୦୦୫ ମସିହାରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଯୋଗଦେଇ ୨୦୦୭ମସିହାରେ ଅବସରଗ୍ରହଣ କରିଥିଲେ। ଅବସର ପରେ ଡ. ସମସୁର ମାର୍ଶାଘାଇ ପିଏନଏସ କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟନିର୍ବାହ କରିଥିଲେ। ଏହାବ୍ୟତିତ କେନ୍ଦ୍ରାପଡା ରେସିଡେନସିଆଲ +୨ କଲେଜରେ ମଧ୍ୟ ଅଧ୍ୟକ୍ଷ ଭାବରେ ସେ କାର୍ଯ୍ୟ କରିଥିଲେ। କୋରାନକୁ ଓଡିଆରେ ସେ ଅନୁବାଦ କରିଥିଲେ। ସେ ଜଣେ ମୁସଲମାନ ହୋଇଥିଲେ ମଧ୍ୟ ହିନ୍ଦୁ ଶାସ୍ତ୍ର ଉପରେ ତାଙ୍କର ଅଗାଧ ଜ୍ଞାନ ଥିଲା। ତାଙ୍କ ବିୟୋଗରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପ୍ରଫେସର ନନ୍ଦକିଶୋର ପରିଡା, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ଡ. ପ୍ରମୋଦ କୁମାର ଦାସ, ଡ. ପ୍ରଭାକର ମଲ୍ଲିକ, ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାସ, ଭୁବନମୋହନ ଜେନା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ୩୦.୦୪ ଗ୍ରାମ୍ ବ୍ରାଉନସୁଗର ଜବତ, ୨ ଗିରଫ



**ବାଲୁଗାଁ (ଅମୃତ ମିଡିଆ) :** ଖୋର୍ଦ୍ଧା ଜିଲ୍ଲାରେ ବ୍ରାଉନ ସୁଗାର କାରବାର ସାଙ୍ଗକୁ ନିଶାଡ଼ିଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଚିଲିକା ଅଞ୍ଚଳ ମଧ୍ୟ ଏଥିରୁ ବାଦ ପଡିନି। ଯୁବପିଢ଼ି ନିଶା କବଳରେ ପଥଭ୍ରଷ୍ଟ ହେଉଥିବା ବେଳେ ପୋଲିସ ଏବଂ ଅବକାରୀ ବିଭାଗ ଏହାକୁ ରୋକ ଲଗାଇବା ପାଇଁ ଅହରହ ଉଦ୍ୟମ ଜାରି ରଖିଛି। ତେବେ ମଙ୍ଗଳବାର ଦିନ ଖୋର୍ଦ୍ଧା ଏସପି ପରମାର ସ୍ମିତ ପର୍ଶୋତ୍ତମ୍ ଦାସଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ବାଲୁଗାଁ ଆଇଆଇସି ଶ୍ରଦ୍ଧା ନାୟକଙ୍କ ପ୍ରଚେଷ୍ଟାରେ ଦୁଇ ଜଣ ବ୍ରାଉନ ସୁଗାର ବେପାରିକୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତ ଦ୍ୱୟ ଖୋର୍ଦ୍ଧା ମଡେଲ ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ପ୍ରକାଶ ଦାସଙ୍କ ପୁଅ ବାବୁ ଦାସ (୨୪) ଓ ଦିବାକର ପରିଡ଼ାଙ୍କ ପୁଅ ବଳଭଦ୍ର ପରିଡ଼ା (୨୧)। ଅଭିଯୁକ୍ତଙ୍କ ନିକଟରୁ ସମୁଦାୟ ୩୦.୦୪ ଗ୍ରାମ ବ୍ରାଉନ ସୁଗାର ଜବତ କରିବାସହ ସ୍କୁଟି ଏବଂ ଦୁଇଟି ମୋବାଇଲ ଫୋନ ଜବତ କରିଛି ପୋଲିସ। ପୋଲିସ ସୂଚନା ମୁତାବକ ଆଜି ପୂର୍ବାହ୍ନରେ ବାଲୁଗାଁ ଚିଲିକା କୂଳ ଜେଟୀ ନିକଟରେ ଧଳା ଜହର କାରବାର ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ଏସଆଇ ରସ୍ମି ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଦୁଇ ଜଣ ଅଭିଯୁକ୍ତକୁ ବାଲୁଗାଁ ପୋଲିସ କାବୁ କରିବାସହ ସେମାନଙ୍କ ନିକଟରୁ ୩୦.୦୪ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏ ନେଇ ବାଲୁଗାଁ ଥାନାରେ କେଶ ନଂ ୩୭୭/୨୬ ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶ୍ରୀମତୀ ନାୟକ ସୂଚନା ଦେଇଛନ୍ତି। ଉକ୍ତ ଚଢ଼ାଉରେ ଆଇଆଇସି ଶ୍ରୀମତୀ ନାୟକଙ୍କ ସମେତ ଏସଆଇ ରସ୍ମି ସାହୁ, କନେଷ୍ଟବଳ ଆର ମୋହନ ରେଡ୍ଡୀ, ପ୍ରକାଶ ରଞ୍ଜନ ଭୋଇ, ମାନସ କୁମାର ଜେନା ପ୍ରମୁଖ ସାମିଲ ଥିଲେ।

# ବନ୍ୟାବିପନ୍ନଙ୍କ ପାଖରେ ଶ୍ରୀସତ୍ୟସାଇ ସେବା ସଂଗଠନ

## ୫୦୦ ପରିବାରକୁ ଶୁଖିଲା ଓ ରନ୍ଧାଖାଦ୍ୟ ବଣ୍ଟନ



**ଚାନ୍ଦବାଲି (ଅମୃତ ମିଡ଼ିଆ) :** ଚାନ୍ଦବାଲି ବ୍ଲକ ଭୂଇଁବୃତ୍ତି, ତେନ୍ତୁଳିଡିହ, ମାଧପୁର, ଓ ଘଟପୁର ଆଦି ପଂଚାୟତରେ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଛି ଶ୍ରୀ ସତ୍ୟସାଇ ସେବା ସଂଗଠନ, ଭଦ୍ରକ-୨। ସଂଗଠନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଦୁର୍ଦ୍ଦିନରେ ଥିବା ବନ୍ୟା ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ସଂଗଠନର ସେବାଦଳ। ଏହି ସେବା କାର୍ଯ୍ୟକ୍ରମରେ ସର୍ବଭାରତୀୟ ପୂର୍ବ ମଣ୍ଡଳ ସଭାପତି ନାରାୟଣ ପ୍ରସାଦ ସର, ରାଜ୍ୟ ଉପସଭାପତି ଶ୍ରୀଯୁକ୍ତ ସାଇ ପ୍ରସାଦ, ଟ୍ରଷ୍ଟ ସଦସ୍ୟ ରଶ୍ମି ରଞ୍ଜନ ରାୟ, ଯୁଗ୍ମ ରାଜ୍ୟ ସେବା ସଂଯୋଜକ ସୁବ୍ରତ କୁମାର ରାଉତ ଓ ରାଜ୍ୟ ଗ୍ରାମସେବା ନିର୍ବାହକ ବିଷ୍ଣୁମୋହନ ନାୟକଙ୍କ ସମେତ ବହୁ ରାଜ୍ୟ ଓ ଜିଲ୍ଲା କର୍ମକର୍ତ୍ତା ଯୋଗଦେଇଥିଲେ। ଚାନ୍ଦବାଲିର ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସଂଗଠନ ପକ୍ଷରୁ ପ୍ରାୟ ୫୦୦ ବନ୍ୟା ବିପନ୍ନ ପରିବାରଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିବାବେଳେ, ୩୦୦ ପ୍ୟାକେଟ୍ ଗୋ-ଖାଦ୍ୟ ମଧ୍ୟ ବଣ୍ଟନ କରାଯାଇଛି। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଅପାର କୃପାରୁ ଦୟନୀୟ ପରିସ୍ଥିତିରେ ଥିବା ଲୋକମାନଙ୍କ ସେବା କରିବାର ସୁଯୋଗ ମିଳିଥିବା ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ଜିଲ୍ଲା ସମିତି ଆବାହକ ଓ ସେବାଦଳଙ୍କ ସହଯୋଗରେ ଆଗାମୀ ଦିନରେ ମଧ୍ୟ ବନ୍ୟା ବିପନ୍ନଙ୍କ ସେବା କାର୍ଯ୍ୟ ଜାରି ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# ଓଡ଼ିଶା କୃଷକ ସଭା ତରଫରୁ ଗଣବିକ୍ଷୋଭ

**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜିକରଣ ବ୍ୟସ୍ଥାରେ ଜମିମାଲିକଙ୍କ ଜମି ରେକର୍ଡ଼ ନେଇ ଅନାବଶ୍ୟକ ସର୍ତ୍ତ ରଖିବା, ଭାଗ ଚାଷୀଙ୍କ ପଞ୍ଜିକରଣ ପାଇଁ ଅସମ୍ଭବ ନୀତି ତିଆରି କରି ଭାଗ ଚାଷୀମାନଙ୍କୁ ସରକାରୀ ବ୍ୟବସ୍ଥାରୁ ସାର ନ ଦେବା, ଚିନି ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମବୃଦ୍ଧି, ଏମ୍‌ଡିଆର-୨୦୨୬ବିଲକୁ ତରବରିଆ ଭାବେ ପାରିତ କରିବା, ୩ହଜାର ଟଙ୍କାଭତ୍ତା, ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଦେବା, ବନ୍ୟଜନ୍ତୁ କବଳରୁ ଚାଷୀମାନଙ୍କ ଫସଲକୁ ସୁରକ୍ଷା ଦେବା, ଗ୍ରାମାଂଚଳରେ ଜଳନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ହେବା, ଅନଲାଇନ୍ ଭତ୍ତା ପ୍ରଦାନକୁ ନିୟମିତ କରିବା ଆଦି ଦାବୀରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଓଡ଼ିଶା କୃଷକ ସଭା ପକ୍ଷରୁ ବ୍ଲକ୍ ସମ୍ମୁଖରେ ଗଣ ବିକ୍ଷୋଭ କରିଥିଲେ। ସିପିଆଇ(ଏମ୍) ନେତା ବଦ୍ରି ନାରାୟଣ ଦାଶଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷ୍ଣୁ ବେହେରା, ରମେଶ ବେହେରା, ମହେନ୍ଦ୍ର ବେହେରା, ସୁରେନ୍ଦ୍ର ସାହୁ, ଆଦିବାସୀ ନେତା ଚନ୍ଦ୍ରମୋହନ ମାଝୀ, ମୁକୁନ୍ଦ କୁଇନକେଲ, ନରେନ୍ଦ୍ର ହେମ୍ବ୍ରମ, ଗଗନ ସାହୁ, ପ୍ରଶାନ୍ତ ସାହୁ, ନୀଳମଣି ଓଝା, ଚିତ୍ତରଂଜନ ଓଝା, ତ୍ରିନାଥ ମହାରଣା, ପୁରସ୍ତମ ମଲ୍ଲିକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି।

# ପୋଲିସକୁ ଖଣ୍ଡାଦେଖାଇ ଚମ୍ପଟ ଡକାୟତି ଦଳ, ପୋଲିସ ଗାଡି ଭଙ୍ଗାରୁଜା



**ଜୟପୁର (ଅମୃତ ମିଡିଆ) :** ପୋଲିସକୁ ଖଣ୍ଡା ଦେଖାଇ ଚମ୍ପଟ ମାରିଲେ ଡକାୟତ ଦଳ। ୭ କିମି ପିଛା କଲା ପୋଲିସ ବୋରିଗୁମ୍ମାରେ ବିଳମ୍ବିତ ରାତିରେ ଘଟିଛି ଘଟଣା। ଗତ କାଲି ପୋଲିସ ପେଟ୍ରୋଲିଂ ବେଳେ ଏକ ଡକାୟତି ଗାଡିକୁ ପୋଲିସ ଠାବ କଲା।ପୋଲିସ ଠାରୁ ବଞ୍ଚିବା ପାଇଁ ଗାଡି ଅଟକାଇବା ବଦଳରେ ଦ୍ରୁତ ଗତିରେ ଗାଡି ଚଳାଇ ସେଠାରୁ ଖସିବା ପାଇଁ ଯୋଜନା କଲେ ଡକାୟତି ଦଳ। ପୋଲିସ ଗାଡି ମଧ୍ୟ ଡକାୟତ ଦଳର ର ଗାଡିକୁ ପିଛା କରିଥିଲା। କାମରା ଶ୍ମଶାନ ରାସ୍ତା ନିକଟରେ ନିଜ ଗାଡି ଅଟକାଇଲେ ଆଉ ଗାଡିରୁ ମାରଣାସ୍ତ୍ର କାଢୀ ପୋଲିସ ଗାଡି କୁ ଭଙ୍ଗା ରୁଜା କରି ପୋଲିସ ଗାଡିର ଚାବି ନେଇ ଛୁ ମରୋଲେ ଡକାୟତି ଦଳ। ପୋଲିସ ଓ ଡକାୟତି ଦଳ ମଧ୍ୟରେ ମୁହା ମୁହିଁ ହେଲେ। ନିଜର ବୋଲେରୋ ଛାଡି ଦେଇ ଗାଡି ଭିତରେ ଥିବା ଅସ୍ତ୍ର ଶାସ୍ତ୍ର କୁ ଧରି ଗାଁ ଜଙ୍ଗଲ ଭିତରେ ପଶିଲେ। ପୋଲିସ ଗାଁ ଲୋକଙ୍କୁ କହିବା ପରେ ରାତି ୨ଟା ଠାରୁ ପୋଲିସ ସହ କମରା ଅଞ୍ଚଳର ୨୦୦ରୁ ଉର୍ଦ୍ଧ ଲୋକ ସେମାନଙ୍କୁ ଖୋଜା ଖୋଜି କରୁଥିବା ଜଣାଯାଇଛି। ପେଟ୍ରୋଲିଂ ବେଳେ ପୋଲିସକୁ ଦେଖି ଦ୍ରୁତ ଗତିରେ ଫେରାର ହେବାକୁ ଚେଷ୍ଟା, କାମରା ଶ୍ମଶାନ ରାସ୍ତା ନିକଟରେ ଗାଡି ଅଟକାଇ ମାରଣାସ୍ତ୍ର ଦେଖାଇ ପୋଲିସ ସ୍କର୍ପିଓ ଭଙ୍ଗାରୁଜା କରି ଚାବି ନେଇ ଜଙ୍ଗଲକୁ ଫେରାର। ରାତି ୨ଟାରୁ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ସହ ପୋଲିସର ସର୍ଚ୍ଚ ଅପରେସନ ଜାରି। ଖୋଜାଖୋଜି ବେଳେ ବଡ଼ ଭାରତମାଳା ରାସ୍ତାରେ ୩ ବାଇକରେ ଗଞ୍ଜେଇ ଚାଲାଣ ବେଳେ ୩ ଯୁବକ ଧରା ଥିଲା ପୋଲିସ।

# ଚୌଦ୍ୱାର ମହାବିଦ୍ୟାଳୟ ଖାଲି ପଦବୀ ପୂରଣ ପାଇଁ ଚୌଦ୍ୱାର କଂଗ୍ରେସ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାର ଅଂଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଚୌଦ୍ୱାର ମହାବିଦ୍ୟାଳୟରେ ଏବେ ଶିକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ଚୌଦ୍ୱାର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟ ଏକାଠି ରହିଥିବା ବେଳେ ଆଜିପର୍ଯ୍ୟନ୍ତ କିନ୍ତୁ ଅଧକ୍ଷ ପଦ ଖାଲି ରହିବା ଏବଂ ବିଜ୍ଞାନ ବିଭାଗର ପଦାର୍ଥ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନରେ ୨ଟି ଲେଖାଏଁ ପୋଷ୍ଟ ରହିଥିବା ବେଳେ ଏବେ କିନ୍ତୁ କୌଣସି ଅଧାପକ ନାହାନ୍ତି। ଏପରିକି କଲେଜର ଟିଚିଙ୍ଗ୍ ଷ୍ଟାଫ୍ ପାଇଁ ୪୨ଟି ପୋଷ୍ଟ ରହିଥିବା ବେଳେ ଏବେ ଏହି ପୋଷ୍ଟରେ ୨୮ଜଣ ନିଯୁକ୍ତ ହୋଇଥିବା ସ୍ଥଳେ ୧୪ଟି ପୋଷ୍ଟ ଖାଲି ପଡ଼ିଛି। ଅନ୍ୟପକ୍ଷରେ ନନ୍‌ଟିଚିଙ୍ଗ୍ ଷ୍ଟାଫ୍ ପାଇଁ ୩୦ଟି ପୋଷ୍ଟ ରହିଥିବା ବେଳେ ମାତ୍ର ୬ଜଣ ନିଯୁକ୍ତ ହୋଇଥିବା ବେଳେ ୨୪ଟି ପୋଷ୍ଟ ଖାଲି ରହିଛି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏ ନେଇ ଚୌଦ୍ୱାର କଂଗ୍ରେସ କମିଟି ପକ୍ଷରୁ ସଭାପତି ହରିହର ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଉପଜିଲ୍ଲାପାଳଙ୍କୁ ଭେଟିବା ସହ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ଏକ ଦାବୀପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ରାଜୀବ ମହାନ୍ତି, ସୁବାସ ଚନ୍ଦ୍ର ଦଳେଇ, ମୋନାଲିଶା ଦାଶ, ଗୀତିକା ସ୍ୱାଇଁ, ଅଜୟ କୁମାର ଦାସ, ସଙ୍ଗୀତା ସ୍ୱାଇଁ, ଅନସୂୟା ସାମଲ, ଶ୍ରୀମନ୍ତ ପ୍ରଧାନ, ଅଂଶୁମାନ ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଖଣି ଉତ୍ତୋଳନ ଆଇନ - ୨୦୨୬ ରଦ୍ଦ ଦାବିରେ ସିପିଆଇର ବିକ୍ଷୋଭ



**ଜୟପୁର (ଅମୃତ ମିଡିଆ) :** କେନ୍ଦ୍ର ବିଜେପି ସରକାର ମାଇନିଙ୍ଗ ଆଇନ୍ ୧୯୫୭ କୁ ସମ୍ପୂର୍ଣ୍ଣ ରୂପେ ବଦଳେଇ ଦେଇ ଏମ୍‌ଏମ୍‌ଡିଆର୍ ଆକ୍ଟ - ୨୦୨୬ ପାସ୍ କରିଛନ୍ତି ଏବଂ ତାହା ରାଷ୍ଟ୍ରପତିଙ୍କ ସମ୍ମତି ମଧ୍ୟ ପାଇଛି। ଏହି ଆଇନ୍ ପିଛିଲା ଭାବେ ଲାଗୁ ହୋଇଛି। ଏହାର ଅର୍ଥ ଟାଟା କମ୍ପାନୀକୁ ଏକଲକ୍ଷ ଦଶ କୋଟି ଟଙ୍କା ବକେୟା ଦେବା ପାଇଁ ସୁପ୍ରିମକୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଥିଲେ ସେ ଟଙ୍କା ଆଉ ଓଡ଼ିଶା ରାଜ୍ୟ ସରକାରଙ୍କୁ ଦେବ ନାହିଁ ଏବଂ ପ୍ରତିବର୍ଷ ଓଡ଼ିଶାରୁ କେନ୍ଦ୍ର ସରକାର ବାର ହଜାର କୋଟି ଟଙ୍କା ଖଣିଜ ଦ୍ରବ୍ୟ ଉତ୍ତୋଳନ ଏବଂ ନିୟନ୍ତ୍ରଣ ଆଇନ୍ ବଳରେ ପାଇବ। ଏହା ଓଡ଼ିଶାର ଅର୍ଥନୀତି ପ୍ରତି ପ୍ରଚଣ୍ଡ ଧକ୍କା। ଏଥିପାଇଁ ତୁରନ୍ତ ଓଡିଶା ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼କାଇ ଆଲୋଚନା କରି ସର୍ବୋଚ୍ଚ ରାୟ କେନ୍ଦ୍ର ସରକାର ଙ୍କୁ ଜଣାଇବା ପାଇଁ ବିରୋଧୀ ଦଳମାନେ ଦାବି କରି ଆସୁଛନ୍ତି ଛନ୍ତି। ଯଦି ଓଡ଼ିଶା ସରକାର ଏହି ଦାବିକୁ ଗ୍ରହଣ ନ କରନ୍ତି ତା ହେଲେ ଆଗାମୀ ସେପ୍ଟେମ୍ବର-୯ ତାରିଖ ଦିନ ରାଜଧାନୀ ଭୁବନେଶ୍ୱରରେ ଗଣ କନଭେନସନ୍ ହେବ ଏବଂ ଓଡ଼ିଶା ବନ୍ଦ ଆହ୍ୱାନ କରାଯିବା ସହ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ବ୍ୟାପକ ହେବ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ଶ୍ରମିକ ଖଟିଖିଆ ଙ୍କ ଉପରେ ମାଡ ମାରି ଚିନି , ଚାଉଳ ଆଦି ସକଳ ଖାଉଟି ଦ୍ରବ୍ୟ ମହଙ୍ଗା କରିଛନ୍ତି ଏବଂ ଦେଶର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ପ୍ରାୟ ଏକ ଲକ୍ଷ ସରକାରୀ ସ୍କୁଲ୍ ବନ୍ଦ କରିଛନ୍ତି ସାରା ଦେଶରେ। ଜନ୍ତର ମନ୍ତର ଆନ୍ଦୋଳନ ଦେଶର ଯୁବପିଢୀଙ୍କ ଆଖି ଖୋଲି ଦେଇଛି ଏବଂ ତୃଣମୂଳ ସ୍ତରରୁ ଦେଶ ଗଢ଼ିବାର କାରଖାନା ବିଦ୍ୟାଳୟକୁ ଠିକ୍ କରିବା ପାଇଁ ଆନ୍ଦୋଳନକୁ ଚପେଇ ଦେବା ପାଇଁ ଯେଉଁ ଯୋଜନା କରୁଛନ୍ତି ତାହା ଗରୀବ ଶ୍ରମିକ ଶ୍ରେଣୀୟ ଲୋକମାନେ ବରଦାସ୍ତ କରିବେ ନାହିଁ ବୋଲି ଏଆଇଟିୟୁସି ଜିଲ୍ଲା ସଭାପତି ଯୁଧିଷ୍ଠିର ରାଉଳ ଘୋଷଣା କରିଛନ୍ତି। ଆଗାମୀ ସେପ୍ଟେମ୍ବର ୧ ଦିଲ୍ଲୀ ଚାଲ ଅଭିଯାନକୁ ସଫଳ ? କରିବା ଏବଂ ଖଣିଜ ସମ୍ପଦରେ ଭରପୁର କୋରାପୁଟ ଜିଲ୍ଲାରେ ବ୍ୟାପକ ପ୍ରଚାର ଅଭିଯାନ ପାଇଁ ଆହ୍ୱାନ ଦେଇଛନ୍ତି। ଆଜି ସକାଳ ଏଗାର ଘଣ୍ଟା ସମୟରେ ଜୟପୁର ମୁଖ୍ୟ ଟ୍ରାଫିକ ଛକଠାରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନରେ ଅନ୍ୟ ମାନଙ୍କ ମଧ୍ୟରେ ସିପିଆଇ ଜିଲ୍ଲା ସହ ସମ୍ପାଦକ ବୁଦ୍ରା ବଡନାୟକ, ସୁଦର୍ଶନ ବିଶୋୟୀ, ବସନ୍ତ ବେହେରା, ରତନ ନାୟକ, ଭୀଷ୍ମ ନାୟକ, ବାଦଲ୍ ପରଜା,ବିକାଶ ପରଜା, ପ୍ରମୁଖ କର୍ମୀମାନେ ଯୋଗ ଦେଇଥିଲେ।

# ଯୁବକଙ୍କ ଆତ୍ମହତ୍ୟା

**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ବଡ଼ଚଣା ଥାନା ଅନ୍ତର୍ଗତ କୋଲସାଇ ଗାଁରେ ଆଜି ସକାଳେ ଜଣେ ଯୁବକ ବେକରେ ପ୍ଲାଷ୍ଟିକ ରଶି ଲଗାଇ ଆତ୍ମ ହତ୍ୟା କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଉକ୍ତ ଗାଁର ମୁରଲୀଧର ପଣ୍ଡାଙ୍କ ପୁଅ ପ୍ରମୋଦ(୪୫) କୌଣସି କାରଣରୁ କୋଲସାହି ଗାଁ ନିକଟରେ ଥିବା ଜଙ୍ଗଲ ଭିତରେ ଥିବା ଏକ ଗଛରେ ନିଜ ବେକରେ ପ୍ଲାଷ୍ଟିକ ରଶି ଲଗାଇ ଆତ୍ମ ହତ୍ୟା କରିଥିବା ଜଣାଯାଇଛି। ପ୍ରମାଦ ନିଜ ଗାଁରେ ଏକ ଜଳଖିଆ ଦୋକାନ କରିଥିଲେ ସବୁଦିନ ପରି ଆଜି ସେ ଦୋକାନରେ ଲୋକଙ୍କୁ ସକାଳ ୮ଟାରେ ଚା ବିକ୍ରି କରିଥିଲେ ଏବଂ କିଛି ସମୟ ପରେ ସେ ନିଜ ସ୍କୁଟିରେ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ପରେ ଲୋକେ ଖୋଜାଖୋଜି କରିବାରୁ ତାଙ୍କ ସ୍କୁଟିଟି ଜଙ୍ଗଲ ଭିତରେ ଥିବା ଦେଖିଥିଲେ। କିନ୍ତୁ ତାଙ୍କୁ ଖୋଜିବାରୁ ସେ ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପ୍ରମୋଦଙ୍କୁ ବଡ଼ଚଣା ଡାକ୍ତରଖାନା ନିଆଯାଇଥିଲା ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିଥିଲା।

# ଶ୍ରୀକ୍ଷେତ୍ରରୁ ଆସିଲା ତୁଳସୀକ୍ଷେତ୍ରକୁ ପାଟରାକ୍ଷୀ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଆସନ୍ତା ୨୭ ତାରିଖ ଗୁରୁବାର ରକ୍ଷାବନ୍ଧନ ଏବଂ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଜନ୍ମଦିନ। ତେଣୁ ପୁରୀ ଶ୍ରୀକ୍ଷେତ୍ରରୁ ଭଉଣୀ ମା'ସୁଭଦ୍ରା ପଠାଇଥିବା ପାଟରାକ୍ଷୀକୁ ଶ୍ରୀବଳଦେବଜୀଉ ଜନ୍ମଦିନରେ ପିନ୍ଧିବେ। ମହାପ୍ରଭୁଙ୍କ ପାଇଁ ପାଟ ସେବା ସଂଘ ପକ୍ଷରୁ ଶ୍ରୀମନ୍ଦିର ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଶ୍ରୀକ୍ଷେତ୍ରରୁ ପାଟରାକ୍ଷୀ ଆଣି ତୁଳସୀ କ୍ଷେତ୍ରରେ ଆଜି ପହଞ୍ଚ ଥିଲେ । ଆଦିଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ କରକମଳରେ ସ୍ପର୍ଶ କରିବା ପରେ ଓ ଆର୍ଶୀବାଦ ପୂର୍ବକ ରାକ୍ଷୀ ନେଇ ଏକ ବର୍ଣ୍ଣାଢ୍ୟ ସୁସଜ୍ଜିତ ରଥରେ ରଖି ଆଧାତ୍ମିକ ପରିବେଶରେ ତୁଳସୀ କ୍ଷେତ୍ରକୁ ଆସିଥିଲେ । ଏଠାରେ ପହଞ୍ଚିବା ପରେ ଶ୍ରୀବଳଦେବଜୀୟୁଙ୍କ ମନ୍ଦିର ପ୍ରଶାସନ ପକ୍ଷରୁ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପଣ୍ଡିତ ହୃଷୀକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, ପୂର୍ବତନ ପୌରାଧ୍ୟକ୍ଷ ଧିରେନ୍ ସାହୁ, ସୁପରଭାଇଜର ନୃସିଂହ ଚରଣ ପତ୍ରୀ, ଜ୍ୟୋତିରଞ୍ଜନ ପତ୍ରୀ ଓ ମନ୍ଦିର କର୍ମଚାରୀମାନେ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ମନ୍ଦିର କାର୍ଯ୍ୟାଳୟ ପାଖରୁ ଘଣ୍ଟ ଘଣ୍ଟା ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ମନ୍ଦିର ପର୍ଯ୍ୟନ୍ତ ଏକ ଭକ୍ତିମୟ ଶୋଭାଯାତ୍ରାରେ ନିଆଯାଇଥିଲା । ଶୋଭାଯାତ୍ରାରେ ପାଟସେବା ସଂଘ ପକ୍ଷରୁ ସମ୍ପାଦକ ଶ୍ରୀ ଜଗନ୍ନାଥ ଚେତନା ଚାରଣ ଗୋଷ୍ଠୀ ପୁରୀର ସମ୍ପାଦକ ଡ. ଶୁଭେନ୍ଦୁ ସ୍ୱାଇଁ, ଉପଦେଷ୍ଟା ଡ. ପ୍ରଭୁଚରଣ ମହାନ୍ତି, ଟ୍ରଷ୍ଟି ଡ. ରାକେଶ ପାଣିଗ୍ରାହୀ, ଶ୍ରୀ ଜଗନ୍ନାଥ ପାଟ ରାକ୍ଷୀ ବିକାଶ ପରିଷଦ ସମ୍ପାଦକ ହିମାଂଶୁ ଶେଖର ସାହୁ , ସଭ୍ୟ ଆଶିଷ ସାହୁ, ସଭ୍ୟ ଇଂ. ରବିନାରାୟଣ ମହାପାତ୍ର, ରଞ୍ଜନ କୁମାର ବେହେରା ପ୍ରମୁଖ ବହୁ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ । ମନ୍ଦିର ପାଖରେ ପହଞ୍ଚିବା ପରେ ପୁରୀ ଜଗନ୍ନାଥ ମନ୍ଦିର ସୁଭଦ୍ରା ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମନ୍ଦିର ରତ୍ନ ସିଂହାସନ ପାଖରେ ମା' ସୁଭଦ୍ରାଙ୍କ ପୂଜାପଣ୍ଡା ପରୀକ୍ଷିତ କରଙ୍କୁ ଉକ୍ତ ଦୁଇଗୋଟି ପାଟ ରାକ୍ଷୀକୁ ହସ୍ତାନ୍ତର କରିବା ପରେ ସୁପରଭାଇଜର ଓ ଭଣ୍ଡାରରକ୍ଷକ ଭଗବାନ ସୁଆରଙ୍କୁ ଜିମା ଦିଆଯାଇ ଭଣ୍ଡାର ଗୃହରେ ସୁରକ୍ଷିତ ଭାବେ ରଖାଯାଇଥିଲା। ଆସନ୍ତା ୨୭ତାରିଖ ଗୁରୁବାର ଜନ୍ମୋତ୍ସବ ଅବସରରେ ଶ୍ରୀବଳଦେବଜୀୟୁ ଓ ସାନଭାଇ ଶ୍ରୀଜଗନ୍ନାଥ ଏହି ପାଟରାକ୍ଷୀକୁ ହସ୍ତରେ ପରିଧାନ କରିବେ ବୋଲି ମନ୍ଦିର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।





# ଓୟୁଏଟିର ୬୫ତମ ପ୍ରତିଷ୍ଠା ଦିବସ ପାଳିତ

## ରାଜ୍ୟରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଉଦ୍ଦେଶ୍ୟ ପ୍ରତିପାଦିତ କରିଛି




**ଭୁବନେଶ୍ୱର (ବ୍ୟୁରୋ) :** ଓୟୁଏଟିର କୃଷି ଶିକ୍ଷା ସଦନରେ ୨୪ଅଗଷ୍ଟ୨୦୨୬ ରେ ଏହି ବିଶ୍ୱବିଦ୍ୟାଳୟର ୬୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ସମାରୋହରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗର ମାନ୍ୟବର ମନ୍ତ୍ରୀ ଏବଂ ଏହି ବିଶ୍ୱବିଦ୍ୟାଳୟର ଉପକୁଳାଷ୍ଟ୍ରପତି ଶ୍ରୀଯୁକ୍ତ ଜଲକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି? ଭାବରେ ଯୋଗଦେଇଥିଲେ, ସେ ତାଙ୍କ ଅଭିଭାଷଣରେ ରାଜ୍ୟ ସରକାରଙ୍କର ଯୁବପିଢ଼ି ଏବଂ କୃଷକମାନଙ୍କ ପାଇଁ ପ୍ରତିବଦ୍ଧତା ବାବଦରେ ଅବଗତ କରାଇବା ସହିତ ସମ୍ପ୍ରତି ରାଜ୍ୟରେ ପର୍ଯ୍ୟାପ୍ତ ସାଇ ମହଜୁଦ ଥିବା ବିଷୟ ସ୍ପଷ୍ଟ କରିଥିଲେ । ସେ କୃଷି ଉତ୍ପାଦନ ବ୍ୟବସ୍ଥା ବିକଶିତ କରିବାରେ ବୈଜ୍ଞାନିକମାନଙ୍କର ପୂର୍ବ ସମର୍ଥନ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆଗ୍ରହୀ ଚାଷୀମାନଙ୍କୁ ରାଜ୍ୟରେ କୃଷକମାନଙ୍କ ଦ୍ୱାରା ପରିଚାଳିତ କୃଷି ବିକାଶକୁ ସମର୍ଥନ କରିବା ଏବଂ ଏହାର ଅଂଶୀଦାର ହେବା ପାଇଁ ଆଗ୍ରହୀ ଚାଷୀମାନଙ୍କୁ ଆମନ୍ତ୍ରଣ କରିଥିଲେ । ଏହି ଅବସରରେ ଓୟୁଏଟି ଅଧୀନରେ ଚାରିଗୋଟି ନୂଆ କଲେଜ ସ୍ଥାପନ ଏବଂ ପିଜି ଓ ପିଏଚଡି. ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ମାସିକ ଷ୍ଟାଇପେଣ୍ଟ ବ୍ୟବସ୍ଥା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ସୂଚିତ କରିଥିଲେ । ଏହି ସମାବେଶରେ ଓଡ଼ିଶାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଓୟୁଏଟି ର ରାଜ୍ୟ କୃଷକ ବିକାଶ ପ୍ରତି ଅବଦାନର ପ୍ରଶଂସା କରିଥିଲେ । ସେ ରାଜ୍ୟ ସରକାରଙ୍କର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗି ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଥିବା ବିଭିନ୍ନ ଯୋଜନା ବାବଦରେ ସମବେତ ଚାଷୀ ଓ କୃଷି ଉଦ୍ୟୋଗୀମାନଙ୍କୁ ଅବଗତ କରାଇବା ସହିତ ଏହାର ସମୁଚିତ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଓଡ଼ିଶା ସରକାରଙ୍କର କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଚିନ୍ ରାମଚନ୍ଦ୍ର ସାଧବ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କୁ ବାଷୀ ମାନଙ୍କ ଦ୍ୱାରା ସହଜରେ ଗୃହୀତ ହୋଇପାରୁଥିବା, ଲାଭପ୍ରଦ ଓ ପରିବେଶ ଅନୁକୂଳ ବୈଷୟିକ ଜ୍ଞାନ କୌଶଳ ବିକାଶ ଉପରେ ଗୁରୁତ୍ୱାରୋପ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ଜ୍ଞାନ କୌଶଳ ବାୟୋଟେକ୍ନୋଲୋଜି, କଂପ୍ୟୁଟର ବିଜ୍ଞାନ ଆଧାରିତ ହେବାକୁ ଯାଉଥିବା ବେଳେ କୃଷି ବିଶ୍ୱବିଦ୍ୟାଳୟ ଏହି ଦିଗରେ ଏକ ସକ୍ରିୟ ପ୍ରୟୋଗଶାଳା ଭାବରେ କାର୍ଯ୍ୟ କରିବା ଉଚିତ । ଏହି ଅବସରରେ, ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ, ସମ୍ପ୍ରସାରଣୀ ବିଜ୍ଞାନୀ ଏବଂ ଶିକ୍ଷକ ମାନଙ୍କ ଦ୍ୱାରା ପ୍ରସ୍ତୁତ କୃଷି ବୈଷୟିକ ଜ୍ଞାନ କୌଶଳ ତଥା କୃଷି ଉଦ୍ୟୋଗୀ ମାନଙ୍କର ସଫଳତା ଆଧାରିତ ୩୭ ଗୋଟି ପୁସ୍ତକ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଦୁଇଗୋଟି ସଫ୍ଟୱୟାର ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟ ପରିସରରେ ନୂତନ ଭାବରେ ନିର୍ମିତ ଭୁବନେଶ୍ୱରୀ ଛାତ୍ରୀ ନିବାସ, କୃଷି ଉଦ୍ୟୋଗୀ ବିକାଶ ନିମନ୍ତେ ଉଦ୍ଦିଷ୍ଟ ଉଦ୍ୟମିତା ଭବନ, ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ ପାଇଁ ବିଦ୍ୟାର୍ଥୀ ଭବନ ଓ ପଶୁ ଚିକିତ୍ସା ନିମନ୍ତେ ଭେଟେରିନାରୀ କ୍ଲିନିକ ଉଦଘାଟିତ ହୋଇଥିଲା । ଏହି ଉତ୍ସବରେ କୃଷି - ଉଦ୍ୟୋଗୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୩୦ ଟି ଜିଲ୍ଲାରର ୩୩ ଜଣ ମହିଳା କୃଷି ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟ କ୍ଷେତ୍ରରେ ବିଶେଷ କୃତିତ୍ୱ ପାଇଁ ଶିକ୍ଷକ, ବୈଜ୍ଞାନିକ, କର୍ମଚାରୀ ତଥା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଓୟୁଏଟିର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ ବିଶ୍ୱବିଦ୍ୟାଳୟର ସଫଳତା ଓ ଭବିଷ୍ୟତ କାର୍ଯ୍ୟଧାରା ଉପରେ ବିବରଣୀ ପ୍ରଦାନ କରିବା ସହିତ ରାଜ୍ୟରେ କୃଷି ଓ କୃଷକ ମାନଙ୍କର ଉନ୍ନତି ତଥା କୃଷି ଉଦ୍ୟୋଗୀକରଣ ବିକାଶ କ୍ଷେତ୍ରରେ କୃଷି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଏହି ସମାରୋହରେ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଶିକ୍ଷା ଅଧକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ କୁଳସଚିବ ଶ୍ରୀମତୀ ପ୍ରତିଭା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାକୁ ଡଃ ଚକ୍ରଧର ପାତ୍ର ଓ ଡଃ ମଧୁଲିକା ପଣ୍ଡା ପରିଚାଳନା କରିଥିଲେ ।

# ରିହାବିଲିଟେସନ୍ ଆସିଷ୍ଟାଣ୍ଟ ନିୟମରେ ପରିବର୍ତ୍ତନ ପାଇଁ ଧନ୍ୟବାଦ



**ଭୁବନେଶ୍ୱର (ବ୍ୟୁରୋ) :** ରିହାବିଲିଟେସନ୍ ଆସିଷ୍ଟାଣ୍ଟ ନିୟମରେ ପରିବର୍ତ୍ତନ କରି ଅନେକ ବଞ୍ଚିତ ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିଥିବାରୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ 'ଓଡ଼ିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ' ପକ୍ଷରୁ ସଭାପତି ବିଜୟ ମଲ୍ଲଙ୍କ ନେତୃତ୍ୱରେ ହାର୍ଦ୍ଦିକ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛୁ । ପୂର୍ବ ସରକାରଙ୍କ ସମୟରେ ରିହାବିଲଟେସନ ଆସିଷ୍ଟାଣ୍ଟ ନିୟମ-୧୯୯୦ରେ ପରିବର୍ତ୍ତନ କରି ରିହାବିଲଟେସନ ଆସିଷ୍ଟାଣ୍ଟ ନିୟମ-୨୦୨୦ ମସିହାରେ ନୂତନ ନିୟମ ଲାଗୁ କରିଥିଲେ । ଏହା ଫଳରେ ଅନେକ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ନିୟମରେ କିଛି ପରିବର୍ତ୍ତନ ହୋଇ ୨୦୨୦ ପୂର୍ବର କିଛି ପ୍ରାର୍ଥୀ ନିଯୁକ୍ତି ପାଇଥିଲେ ମଧ ଅଧିକାଂଶ ଯୋଗ୍ୟ ପ୍ରାର୍ଥୀ ଏପର୍ଯ୍ୟନ୍ତ ନିଯୁକ୍ତିରୁ ବଞ୍ଚିତ ରହିଥିଲେ । ଏହି ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରାଯିବା ପରେ ମାନ୍ୟବର ମନ୍ତ୍ରୀ ନିଜେ ତତ୍ପରତା ପ୍ରକାଶ କରି ନିୟମରେ ଆବଶ୍ୟକ ପରିବର୍ତ୍ତନ କରିଥିବାରୁ ଓଡ଼ିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ ତଥା ବିଭିନ୍ନ କର୍ମଚାରୀ ସଂଗଠନ ଓ ଆଶାୟୀ ପ୍ରାର୍ଥୀମାନଙ୍କ ପକ୍ଷରୁ ମାନ୍ୟବର ମନ୍ତ୍ରୀଙ୍କୁ ହୃଦୟରୁ ଧନ୍ୟବାଦ ଜଣାଯାଇଛି । ଏଥିସହିତ ଯୋଗ୍ୟ ପ୍ରାର୍ଥୀମାନେ ଯେପରି ଗ୍ରୁପ୍ 'ଡି' ସହିତ ଗ୍ରୁପ୍ 'ସି' ନିଯୁକ୍ତି ହୋଇପାରିବେ ତତ୍ ସହିତ ଯେଉଁମାନେ ବାଦ୍ ପଡ଼ିଛନ୍ତି, ଏଥିରେ ଯୋଗ କରିବା ପାଇଁ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରାଗଲା । ବିଜ୍ଞପ୍ତି ପ୍ରକାଶ ପରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ସଂଘ ପକ୍ଷରୁ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ଏହା ସହିତ ଇଭି ଆଡଭାନ୍ସ, ହେଲଥ୍ କାର୍ଡ, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା, ଛଅ ବର୍ଷ ସର୍ଭିସ୍‌ରେ ଯୋଗଦାନ ଏବଂ ଏପର୍ଯ୍ୟନ୍ତ ନିୟମିତ ହୋଇନଥିବା କର୍ମଚାରୀମାନଙ୍କର ନିୟମିତକରଣ ଭଳି ବିଭିନ୍ନ ମିଳିତ ଦାବି ସମ୍ପର୍କରେ ମଧ ଆଲୋଚନା କରି ସମାଧାନ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ମନ୍ତ୍ରୀ ଏହି ସମସ୍ତ ବିଷୟରେ ଶୀଘ୍ର କମିଟି ଗଠନ କରି ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଆଜିର ଏହି ଧନ୍ୟବାଦ କାର୍ଯ୍ୟକ୍ରମରେ ବିଜୟ ମଲ୍ଲ, ପ୍ରଦୀପ ପ୍ରଧାନ, ଯୁଧିଷ୍ଠିର ସାହୁ, ଶ୍ରୀକାନ୍ତ ପାଢ଼ୀ, ଅକ୍ଷୟ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ରାଉତ, ଅମରେଶ ପ୍ରଧାନ, ବିଜୟ ସାହୁ, ପଙ୍କଜ ବାଇ, ଉଦୟ ଖଟୁଆ, ସୁଶାନ୍ତ ସାହୁ ଓ ବିକାଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ସମସ୍ତ କର୍ମଚାରୀଙ୍କ ହିତରେ ଏହି ପଦକ୍ଷେପ ପାଇଁ ମାନ୍ୟବର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କୁ ପୁଣିଥରେ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ।

# ସୁସ୍ଥ ଅଭ୍ୟାସ ବାଣ୍ଟିବା ମଧ ଏକ ଚିରସ୍ଥାୟୀ ଉପହାର: ଡା. ସୋନିଆ ଦତ୍ତା



**ଭୁବନେଶ୍ୱର (ବ୍ୟୁରୋ) :** ଭାଇ-ଭଉଣୀଙ୍କ ମଧ୍ୟରେ ଥିବା ନିଆରା ସ୍ନେହ ଓ ସମ୍ପର୍କର ପର୍ବ ହେଉଛି ରକ୍ଷାବନ୍ଧନ । ଭଲପାଇବା, ଯତ୍ନ, ଉପହାର ଓ ଏକତାର ଭାବନାରେ ଏହି ପର୍ବ ପାଳିତ ହୋଇଥାଏ । ମିଠା ଓ ଉତ୍ସବର ଆନନ୍ଦ ଏହି ପର୍ବର ଅବିଚ୍ଛେଦ୍ୟ ଅଂଶ ହୋଇଥିବାବେଳେ, ପରିବାରର ସଦସ୍ୟମାନେ ପ୍ରତିଦିନ ପରସ୍ପର ପ୍ରତି ଦେଖାଉଥିବା ଛୋଟ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ଯତ୍ନର ଭାବନାକୁ ମଧ ଏହି ପର୍ବ ମନେ ପକାଇ ଦେଇଥାଏ । ଖ୍ୟାତନାମା ଦାନ୍ତ ବିଶେଷଜ୍ଞ ଡା. ସୋନିଆ ଦତ୍ତାଙ୍କ ମତରେ, ପରିବାର ପିଢ଼ି ପରେ ପିଢ଼ିକୁ ଦେଇପାରୁଥିବା ସବୁଠାରୁ ମୂଲ୍ୟବାନ ଉପହାର ମଧ୍ୟରୁ ଗୋଟିଏ ହେଉଛି ଉତ୍ତମ ମୁଖ ସ୍ୱାସ୍ଥ୍ୟ ଓ ଦାନ୍ତର ଯତ୍ନ ନେବାର ଅଭ୍ୟାସ । ସେ କହିଛନ୍ତି, "ପ୍ରତ୍ୟେକ ପରିବାରର କିଛି ନିଜସ୍ୱ ପରମ୍ପରା ରହିଛି, ଯାହା ବର୍ଷ ବର୍ଷ ଧରି ପିଢ଼ିରୁ ପିଢ଼ିକୁ ଚାଲିଆସିଥାଏ । କେତେକ ପରମ୍ପରାକୁ ଆମେ ଆନନ୍ଦ ଓ ଉତ୍ସାହର ସହ ପାଳନ କରୁଥାଉ, ଆଉ କେତେକ ଅଜାଣତରେ ଆମ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଯାଏ । ଦିନକୁ ଦୁଇଥର ଦାନ୍ତ ଘଷିବା, ମୁଖର ସ୍ୱଚ୍ଛତା ବଜାୟ ରଖିବା ଏବଂ ନିୟମିତ ଦାନ୍ତ ଚିକିତ୍ସାକୁ ଉତ୍ସାହିତ କରିବା ଭଳି ସରଳ ଅଭ୍ୟାସ ସାଧାରଣତଃ ଘରୁ ଆରମ୍ଭ ହୋଇଥାଏ ଏବଂ ମାତାପିତାଙ୍କଠାରୁ ସନ୍ତାନ ଓ ଭାଇ-ଭଉଣୀଙ୍କ ମଧ୍ୟରେ ଏହା ପରମ୍ପରା ଭାବେ ଆଗକୁ ବଢ଼ିଥାଏ । ସେ ଆହୁରି କହିଛନ୍ତି ଯେ, ପିଲାମାନେ ସେମାନଙ୍କ ଚାରିପାଖରେ ଥିବା ଲୋକମାନଙ୍କୁ ଦେଖି ଅନେକ କିଛି ଶିଖିଥାନ୍ତି । "ସୁସ୍ଥ ମୁଖ ଯତ୍ନର ଅଭ୍ୟାସ ଗୋଟିଏ ଦିନରେ ଗଢ଼ି ଉଠେ ନାହିଁ । ପରିବାର ମଧ୍ୟରେ ନିୟମିତତା ଓ ସକାରାତ୍ମକ ଉତ୍ସାହ ମାଧ୍ୟମରେ ଏହା ଧୀରେ ଧୀରେ ବିକଶିତ ହୋଇଥାଏ । ପିଲାମାନଙ୍କୁ ଅଳ୍ପ ବୟସରୁ ଦାନ୍ତ ଓ ମାଢ଼ିର ଯତ୍ନ ନେବାର ଗୁରୁତ୍ୱ ବୁଝାଇବାରେ ମାତାପିତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

# ଏମଏମଡିଆର ବିଲ୍‌କୁ ପ୍ରତ୍ୟାହାର ଦାବିରେ ଇଣ୍ଡିଆମେଣ୍ଟ ତରଫରୁ ବିକ୍ଷୋଭ




ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶାର ସମ୍ପଦ ଓ ରାଜସ୍ୱ ଲୁଟ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାସ ହୋଇଥିବା ଏମଏମଡିଆର-୨୦୨୬ କଳା ଆଇନକୁ ପ୍ରତ୍ୟାହାର ଦାବିରେ ଇଣ୍ଡିଆମେଣ୍ଟର ସମସ୍ତ ବିରୋଧି ରାଜନୈତିକ ଦଳ ତରଫରୁ ଆଜି ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକ ଠାରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତୀୟ ଜାତୀୟ କଂଗ୍ରେସ ସମେତ ଇଣ୍ଡିଆମେଣ୍ଟର ସମସ୍ତ ରାଜନୈତିଦଳର ନେତୃବୃନ୍ଦ ଅଂଶଗ୍ରହଣ କରି ଏଭଳି ଜନସ୍ୱାର୍ଥ ବିରୋଧି ବିଲକୁ ପ୍ରତ୍ୟାହାର ପାଇଁ ଦାବି କରିଥିଲେ । ରାଜ୍ୟର ସ୍ୱାର୍ଥରକ୍ଷା କରିବା ଦିଗରେ ବିଜେପିର ୨୦ ସାସଂଦ ଓ ଖୋଦ ମୁଖ୍ୟମନ୍ତ୍ରୀ ଚୁପ ରହିବା କ୍ଷୋଭ ଓ ପରିତାପର ବିଷୟ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ପରେ ମଶାଲା ରାଲି କରାଯିବା ସହିତ ମୁଖ୍ୟମନ୍ତ୍ରୀ ଓ ବିଜେପିର ୨୦ ସାଂସଦଙ୍କର କୁଶପୁତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ସର୍ବଶ୍ରୀ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ପ୍ରକାଶ ଜେନା, ଶିବାନନ୍ଦ ରାୟ, ସୁର ଜେନା, ପ୍ରଦୀପ ନାୟକ, ହେମନ୍ତ ବେହେରା, ପ୍ରଭାତ ସାମନ୍ତରାୟ, ସୁରେଶ ପାଣିଗ୍ରାହୀ, ଜ୍ୟୋତି ରଞ୍ଜନ ମହାପାତ୍ର, ମହେନ୍ଦ୍ର ପରିଡ଼ା, ମନୋରଞ୍ଜନ ଦାଶ, କିଶୋର ଜେନା, ଅଭୟ ସାହୁ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ନିମାଇଁ ରାଉତରାୟ, ଜୟକୃଷ୍ଣ ସୁବୁଦ୍ଧି, କୈଳାସ ସାହୁ, ଶ୍ରୀୟା ପଣ୍ଡା, ଆତ୍ମାରାମ ପତି, ଅରୁଣ ଜେନା, ମୋହନ ଜେନା, ମୁକେଶ ପ୍ରଧାନ, ସରୋଜ ଲେଙ୍କା, ତରଣୀ ବାରିକ, ଭାଗବତ ଜେନା, ଅଭୟ ଜେନା, ଆରିୟାପ ମହାପାତ୍ର, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମିହିର ଆଚାର୍ଯ୍ୟ ଓ ସୂର୍ଯ୍ୟକାନ୍ତ ଜେନା ପରିଚାଳନା କରିଥିଲେ ।

# ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଆଦେଶକୁ ଅମାନ୍ୟ ନକରି ଡିଏଲ୍‌ଆରଙ୍କୁ ବକେୟା ପ୍ରାପ୍ୟ ସହ ପେନ୍‌ସନ୍ ଦିଅ : ପୂର୍ତ୍ତ ସଂଘ

**ଭୁବନେଶ୍ୱର (ବ୍ୟୁରୋ) :** ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଆଦେଶକୁ ଅମାନ୍ୟ ନକରି ଅବସରପ୍ରାପ୍ତ ଡିଏଲ୍‌ଆର, ୱାର୍କଚାର୍ଜଡ୍ ଓ ନିୟମିତ କର୍ମଚାରୀଙ୍କୁ ବକେୟା ପ୍ରାପ୍ୟ ସହ ପେନ୍‌ସନ୍ ପ୍ରଦାନ ନିମନ୍ତେ ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ୍/ରେଗୁଲାର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଓ ସଭାପତି ଅରୁଣ ପରିଡ଼ା ପୂର୍ତ୍ତ ସଚିବଙ୍କ ନିକଟରେ ଦାବି କରିଛନ୍ତି । ଜମିଲୁର ରହମନ, ଭାଗ୍ୟରଥି ପଟ୍ଟନାୟକ, ଆଶିଷ ଦାସ, ରମାକାନ୍ତ ଜ୍ୟୋତିଷ, ସରୋଜ ଦାସ, ସନ୍ତୋଷ ସାହୁ, ଯୁଗଳ ବରାଳ ଓ ଅନ୍ୟ ଆବେଦନକାରୀମାନେ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ନିରଞ୍ଜନ କର ପାଇଥିବା ପେନ୍‌ସନ୍ ଓ ଡବ୍ଲ୍ୟୁ.ପି(ସି) ନଂ-୩୭୫୬୩/୨୦୨୫ରିଟ୍ ପିଟିସନ୍‌କୁ ମାନ୍ୟବର ଓଡ଼ିଶା ହାଇକୋର୍ଟ ତା ୨୦.୦୫.୨୦୨୬ରିଖରେ ବିଚାର କରି ସରକାରଙ୍କୁ ପ୍ରଦାନ କରିଥିବା ରାୟ ଆଧାରରେ ହାଇକୋର୍ଟ ଆଉ ଛ'ଗୋଟି ଭିନ୍ନ ଭିନ୍ନ ରିଟ୍ ଆବେଦନକୁ ମାନ୍ୟବର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ବିଚାର କରି ବକେୟା ପ୍ରାପ୍ୟ ସହ ପେନ୍‌ସନ୍ ପ୍ରଦାନ ଲାଗି ବିରୋଧୀ ପକ୍ଷ ପୂର୍ତ୍ତ ସଚିବ ଓ ଅନ୍ୟମାନଙ୍କୁ ଆଦେଶ ଦେଇଛନ୍ତି । ଉପରୋକ୍ତ ଆବେଦନକାରୀ ପୂର୍ବରୁ କରିଥିବା ପେନ୍‌ସନ୍ ପାଇବା ମାମଲାରେ ଜିତିଥିଲେ ମଧ ପୂର୍ତ୍ତ ସଚିବ ବିଭିନ୍ନ ଆଳ ଦେଖାଇ ଓସିଏସ୍ (ପେନ୍‌ସନ୍) ନିୟମ ୧୯୯୨ରେ ହୋଇଥିବା ସଂଶୋଧନ ଅନୁଯାୟୀ ୨୦୦୫ ପରେ ଯେଉଁମାନଙ୍କ ଚାକିରୀ ନିୟମିତ ହୋଇଛି ସେମାନେ ପୁରୁଣା ପେନ୍‌ସନ୍ ପାଇବା ପାଇଁ ଯୋଗ୍ୟ ନୁହନ୍ତି ଓ ନୂଆ ନିୟମ ଏନପିଏସ୍ ଆଧରରେ ଅନ୍ତର୍ଭୁକ୍ତ ବୋଲି କହି ଖାରଜ କରିଦେଇଥିଲେ । ଆବେଦନକାରୀ ପୂର୍ତ୍ତ ସଚିବଙ୍କ ଏହି ରଦ୍ଦ ଆଦେଶକୁ ଚାଲେଞ୍ଜ କରି ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଛ'ଗୋଟି ରିଟ୍ ମାମଲା ବିଚାର କରି ଆଦେଶରେ ବିରୋଧୀ ପକ୍ଷ ପୂର୍ତ୍ତ ସଚିବ ଓ ଅନ୍ୟମାନଙ୍କୁ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ନିରଞ୍ଜନ କରଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଇଛି । ଏହି ଆଦେଶ ଆଧରରେ ଜମିଲୁର ରହମନ ଓ ଅନ୍ୟ ଆବେଦନକାରୀମାନଙ୍କୁ ତିନି ମାସ ମଧ୍ୟରେ ପେନ୍‌ସନ୍ ପ୍ରଦାନ ନିମନ୍ତେ ଆଦେଶ ଦିଆଯାଇଛି । ଅନ୍ୟ ଛ' ଗୋଟି ରିଟ୍ ପିଟିସନ୍‌ର ଆବେଦନକାରୀମାନେ ଡବ୍ଲ୍ୟୁ.ପି(ସି) ନଂ-୩୭୫୬୩/୨୦୨୫ର ବିଚାର ସହିତ ସମାନ ସ୍ଥିତିରେ ଥିବାରୁ ଏମାନେ ପେନ୍‌ସନ୍ ପାଇବା ପାଇଁ ଯୋଗ୍ୟ । ତେଣୁକରି ହାଇକୋର୍ଟ ୬ଗୋଟି ରିଟ୍ ପିଟିସନ୍‌କୁ ବିଚାର କରି ପୂର୍ତ୍ତ ସଚିବ ଦେଇଥିବା ଆଦେଶକୁ ରଦ୍ଦ କରିଦେଇଛନ୍ତି । ସେହିପରି ପୂର୍ତ୍ତ ସଚିବ ଅନ୍ୟ ଏକ ଦୁଇଟି କୋର୍ଟ ଅବମାନନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଅଶୋକ ପଟ୍ଟନାୟକ ଓ ଗଗନ ଭଞ୍ଜଙ୍କୁ ତା ୨୫ .୦୯.୨୦୨୬ରିଖ ସୁଦ୍ଧା ପେନ୍‌ସନ୍ ପ୍ରଦାନ ନ କଲେ ବ୍ୟକ୍ତିଗତ ଭାବେ ପୂର୍ତ୍ତ ସଚିବ ସଂଜୟ କୁମାର ସିଂ ଓ ଯନ୍ତ୍ରୀମୁଖ୍ୟ (ସିଭିଲ୍) ସତ୍ୟବ୍ରତ ବେହେରା କୋର୍ଟରେ ହାଜର ହେବାକୁ ହାଇକୋର୍ଟ ମଧ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟର ଅଧିବକ୍ତା ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ସହଯୋଗୀ ଓକିଲ ଦିଲୀପ ପଟ୍ଟନାୟକ ସହଯୋଗ କରୁଛନ୍ତି । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶକୁ ପୂର୍ତ୍ତ, ଅର୍ଥ ଓ ଆଇନ୍ ବିଭାଗ ସଚିବ ସମ୍ମାନ ଦେଇ ଅବସରପ୍ରାପ୍ତ ଗରିବ କର୍ମଚାରୀମାନଙ୍କୁ ତୁରନ୍ତ ପେନ୍‌ସନ୍ ଦେବାକୁ ଆବେଦନକାରୀମାନେ ଅନୁରୋଧ କରିଛନ୍ତି ।

# ଲଘୁଚାପ ବର୍ଷା ଓ ଖରାରେ ଶିକ୍ଷକ, ଅଧାପକ ଓ ଶିକ୍ଷାକର୍ମଚାରୀ ଗାନ୍ଧୀମାର୍ଗରେ : ସମନ୍ୱୟ ସମିତି



**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଶିକ୍ଷକ, ଅଧାପକ ଓ ଶିକ୍ଷାକର୍ମଚାରୀମାନେ ନଅ ଦିନ ହେଲା ହଜାର ହଜାର ସଂଖ୍ୟାରେ ଦିନରାତି ପ୍ରତିକୂଳ ପାଗ ସତ୍ତ୍ୱେ ଗାନ୍ଧୀମାର୍ଗରେ ବସିରହିଛନ୍ତି । ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଦୀର୍ଘଦିନ ଧରି ନିଜର ପ୍ରାପ୍ୟ ପାଇବା ପାଇଁ ବାରମ୍ବାର ସରକାରଙ୍କ ଦ୍ୱାରସ୍ଥ ହୋଇ ଅବହେଳିତ ଅବସ୍ଥାରେ ରହିଛନ୍ତି ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି । ସୂଚନାଥାଉକି, ସ୍ୱାଧୀନତା ପୂର୍ବରୁ ଓଡ଼ିଶାରେ ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା ଥିଲା ୧୩୭, ବର୍ତ୍ତମାନ ତାହା ୮ ହଜାରରୁ ଉର୍ଦ୍ଧ୍ୱରେ ପହଞ୍ଚିଲାଣି । ସେଥିମଧ୍ୟରୁ ସରକାରୀ ବିଦ୍ୟାଳୟ ସଂଖ୍ୟା ୪୦୦୦ ଥିବା ବେଳେ ପୂର୍ଣ୍ଣ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ସଂଖ୍ୟା ୩୨୪୩ । ୧୯୯୪ ମସିହାରେ ୩୦୧୨ ବିଦ୍ୟାଳୟ ସରକାରୀକରଣ ହୋଇଥିଲା । ସେହିଦିନଠାରୁ ଅଦ୍ୟାବଧି କୌଣସି ବିଦ୍ୟାଳୟ ସରକାରୀକରଣ ହୋଇ ନାହିଁ । ସରକାରୀ କରଣ ହେଲେ ସବୁ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସମାନ ସ୍ଥିତିରେ ରହିବା ସହିତ ସବୁ ପିଲା ସମାନ ସୁବିଧା ସୁଯୋଗ ପାଇବେ ଓ ଶିକ୍ଷକ ମାନେ ମଧ ସମସ୍ତ ସୁବିଧା ସୁଯୋଗ ପାଇପାରିବେ । ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସମସ୍ତ ସରକାରୀ ସୁବିଧାରୁ ଅନେକାଂଶରେ ବଞ୍ଚିତ ହେଉଛନ୍ତି । ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମଧ୍ୟରେ ଅନେକ ତାରତମ୍ୟ ରହିଛି । ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀମାନେ ପ୍ରି-ମାଟ୍ରିକ୍ ସ୍କଲାରସିପ୍ ପାଉଥିବା ବେଳେ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ସେହିପରି ସରକାରୀ ବିଦ୍ୟାଳୟରୁ ଅବସର ପରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ପେନସନ୍ ପାଉଥିବା ବେଳେ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମହାବିଦ୍ୟାଳୟରୁ ଅବସର ନେବା ପରେ ଏହି ସୁବିଧା ପାଉନାହାଁନ୍ତି । ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଯଦିଓ ସରକାର ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରିଛନ୍ତି, ଏବେବି ଅନେକ ପଦବୀ ଶୂନ୍ୟ ପଡ଼ିଛି । ସେହିପରି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ରୁ ୫୬୦୦ ଓ ମହାବିଦ୍ୟାଳୟରୁ ପ୍ରାୟ ୧୫୦୦ରୁ ଅଧିକ ଶିକ୍ଷକ, ଅଧାପକ ଓ ଶିକ୍ଷାକର୍ମଚାରୀ ଅବସର ନେଇଛନ୍ତି ବା ମୃତ୍ୟୁବରଣ କରିଛନ୍ତି । ସେହି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ନିଯୁକ୍ତିର ସୁବିଧା ସରକାର ଅଦ୍ୟାବଧି ସୃଷ୍ଟି କରି ନାହାଁନ୍ତି । ବିଗତ ସରକାର ଏହି ବର୍ଗର ବିଦ୍ୟାଳୟ ଗୁଡ଼ିକରେ ନିଯୁକ୍ତିର ବ୍ୟବସ୍ଥା କରି ନଥିଲେ । କିନ୍ତୁ ବର୍ତ୍ତମାନର ଜନପ୍ରିୟ ସରକାର ଏହି ବର୍ଗର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା କରି ଶିକ୍ଷକ ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ । ନଚେତ୍ ଦୀର୍ଘ ୩୫ରୁ ୪୦ ବର୍ଷ ଧରି ଚାଲୁଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକ ଅଚିରେ ଭାଙ୍ଗିଯିବ । ଅନେକ ବିଦ୍ୟାଳୟରେ ଜଣେ କିମ୍ବା ଦୁଇଜଣ ଶିକ୍ଷକରେ ବିଦ୍ୟାଳୟ ଚାଲିଛି । ବିଦ୍ୟାଳୟରୁ ଶିକ୍ଷକ ଅବସର ନେବା ପରେ ପାଠପଢ଼ାଇବାକୁ ଆବଶ୍ୟକୀୟ ଶିକ୍ଷକ ଶିକ୍ଷୟିତ୍ରୀ ନାହାଁନ୍ତି । ସରକାର ସବୁବର୍ଗର ବିଦ୍ୟାଳୟଗୁଡ଼ିକୁ ସରକାରୀ କରଣ କରି ଏକପ୍ରକାର ବିଦ୍ୟାଳୟରେ ପରିଣତ କରିବା ପୂର୍ବକ ଶିକ୍ଷକ, ଅଧାପକ ଓ ଶିକ୍ଷାକର୍ମଚାରୀ ତଥା ଛାତ୍ରଛାତ୍ରୀମାନଙ୍କୁ ସମାନ ସୁବିଧା ଯୋଗାଇ ଦେଲେ ଏହି ବିଦ୍ୟାଳୟଗୁଡ଼ିକର ଅବସ୍ଥା ସୁଧୁରି ପାରିବ ଓ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ । ସେହିପରି ଅନୁଦାନ ଯୋଗ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୀର୍ଘ ୨୫ରୁ ୩୦ ବର୍ଷ ଧରି ବିନା ପାରିଶ୍ରମିକରେ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ଅବସ୍ଥା ମଧ ଅତ୍ୟନ୍ତ ଶୋଚନୀୟ । ସେହି ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ବହି, ପୋଷାକ, ସାଇକେଲ ଓ ମଧ୍ୟାହ୍ନଭୋଜନ ପାଆନ୍ତି ନାହିଁ । ସେହି ବିଦ୍ୟାଳୟ ମଧ୍ୟରେ କେତେକ ଭାଙ୍ଗି ଗଲାଣି ଏବଂ ଆଉ କେତେକ ମଧ ଭାଙ୍ଗିବାକୁ ବସିଲାଣି । ତେଣୁ ସରକାର ସବୁ ବର୍ଗର ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମାନ ସୁବିଧା ଯୋଗାଇ ଦେଲେ ଏହି ସବୁ ବିଦ୍ୟାଳୟର ଅବସ୍ଥା ସୁଧୁରିବା ସହ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସମାନ କାମକୁ ସମାନ ଦରମା ପ୍ରଦାନ ଏବଂ ସବୁ ପିଲାମାନଙ୍କୁ ସମାନ ସୁବିଧା ପ୍ରଦାନର କଥା କହିଥିବା ବେଳେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ମଧ ଶିକ୍ଷକ କିମ୍ବା ଛାତ୍ରଛାତ୍ରୀମାନଙ୍କୁ ସୁବିଧା ସୁଯୋଗ ନଯୋଗାଇବା କଥା କହି ନାହିଁ । ସବୁବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରି ଏହି ଶିକ୍ଷାନୀତି ଲାଗୁ କଲେ ସାମଗ୍ରିକ ଭାବରେ ସମସ୍ୟାଗୁଡ଼ିକ ଦୂରୀଭୁତ ହେବ । ନଚେତ୍ ଆଗାମୀ ଦିନରେ ଏହି ସବୁ ବିଦ୍ୟାଳୟଗୁଡ଼ିକ ଭାଙ୍ଗିଯିବା ସହ ସରକାର ଚିନ୍ତା କରିଥିବା ଯୋଜନା ଫଳପ୍ରଦ ହେବ ନାହିଁ । ଅହୋରାତ୍ର ଧାରଣାର ନବମ ଦିବସରେ ଆନ୍ଦୋଳନ ସ୍ଥଳରେ ଏ.ଆଇ.ଏଫ୍.ଇଏର ସାଧାରଣ ସମ୍ପାଦକ ନବକୁମାର କର୍ମକାର ଏବଂ ଉପସଭାପତି ରାମଅବତାର ପାଣ୍ଡେ, ଏଆଇଏସ୍‌ଟିଏଫ୍‌ର ଉପସଭାପତି ଧନେଶ୍ୱର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେବା ସହିତ ଏହି ଆନ୍ଦୋଳନ ପ୍ରତି ତାଙ୍କର ସଂଗଠନର ସମର୍ଥନ ଜଣାଇଛନ୍ତି । ଅନୁଦାନ ପ୍ରତ୍ୟାଶୀ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ, ଶୂନ୍ୟପଡ଼ିଥିବା ପଦବୀରେ ନିଯୁକ୍ତିର ବ୍ୟବସ୍ଥା ଓ ସବୁ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ କରି ସରକାର ଏହି ବିଦ୍ୟାଳୟଗୁଡ଼ିକୁ ଭାଙ୍ଗିବାରୁ ରକ୍ଷା କରନ୍ତୁ । ନଚେତ୍ ଆଗାମୀ ଦିନରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଏକ ଦୁର୍ବାର ଆନ୍ଦୋଳନ ଗଢ଼ିତୋଳିବ । ଏଥିପାଇଁ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିନିମନ୍ତେ ସରକାର ଦାୟୀ ରହିବେ ବୋଲି ସମନ୍ୱୟ ସମିତି ପକ୍ଷରୁ ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି ।

# ପଟଙ୍ଗା ନାଳରେ ପାଣି, ସ୍ଥାୟୀ ପୋଲ ନିର୍ମାଣ ଦାବି



**ବଣାଇଁଗଡ଼(ଅମୃତ ମିଡିଆ):** ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ପଟଙ୍ଗା ନାଳରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ନାଳ ଉପରେ ଥିବା ପୋଲ ଉପରେ ପାଣି ପ୍ରବାହିତ ହୋଇ ସ୍କୁଲ, ଟୁଣିଆପାଲି ଓ କୁଚିଣ୍ଡା ଯାତାୟାତ ରାସ୍ତା ଅବରୋଧ ହୋଇଛି। ଏଥିସହ ଅଞ୍ଚଳବାସୀ ଲୋକଙ୍କ ଯାତାୟତ ଓ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପଟଙ୍ଗା ନାଳର ସମସ୍ୟା ନେଇ ବାରମ୍ବାର ଖବର ପ୍ରସାରଣ ହେବା ସହ ସରକାର ଓ ପ୍ରଶାସନଙ୍କ ନିକଟରେ ଗୁହାରି କରାଯାଇଛି। ଏଠାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ପୋଲ ଓ ଗାର୍ଡୱାଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏଯାଏଁ ଏହାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ବର୍ଷା ଯୋଗୁଁ ନାଳରେ ପାଣି ବଢ଼ିବାରୁ ଅଞ୍ଚଳର ପ୍ରାୟ ୧୩୦ ପରିବାର ଜଳବନ୍ଦୀ ହୋଇପଡ଼ିଥିବା ଜଣାପଡ଼ିଛି। କେତେକ ଘରେ ପାଣି ପଶିଯିବାରୁ ଲୋକେ ରାତି ଅନିଦ୍ରାରେ କାଟିବା ସହ ସୁରକ୍ଷା ପାଇଁ ସ୍କୁଲ ଘରକୁ ଚାଲିଯାଇଥିବା କହିଛନ୍ତି। ଏପରିକି ବନ୍ୟାଜଳରେ ଗୋଟିଏ ବଳଦ ଭାସିଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ସମସ୍ୟାକୁ ନେଇ ଅଞ୍ଚଳବାସୀ ରାସ୍ତାରୋକ କରି ପ୍ରତିବାଦ କରିଛନ୍ତି। ତୁରନ୍ତ ଉଚ୍ଚ କ୍ଷମତାସମ୍ପନ୍ନ ପୋଲ ଓ ଗାର୍ଡୱାଲ ନିର୍ମାଣ କରି ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାସ୍ତାରୋକ ସମୟରେ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ତୀବ୍ର ହୋଇଛି। ପ୍ରତିବର୍ଷ ବର୍ଷା ହେଲେ ଏଭଳି ସମସ୍ୟା ଦେଖାଦେଉଛି। ଆମେ ଭୋଟ ଦେଉଛୁ, କିନ୍ତୁ ଆମର ମୌଳିକ ଯାତାୟାତ ସୁବିଧାର ସ୍ଥାୟୀ ସମାଧାନ ହେଉନାହିଁ। ଆଗକୁ ଆହୁରି ପାଣି ବଢ଼ିଲେ ଆମେ କେଉଁଠି ରହିବୁ? ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ଅନୁଧ୍ୟାନ କରିବା ସହ ଜରୁରୀକାଳୀନ ସହାୟତା ଓ ସ୍ଥାୟୀ ପୋଲ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଏନ୍‌ଏଚ୍-୫୨୦ରେ ଭୂସ୍ଖଳନ: ବାରବାଙ୍କ ଘାଟିରେ ଯାତାୟାତ ପ୍ରଭାବିତ



**ବଡ଼ବିଲ(ଅମୃତ ମିଡିଆ):** କେନ୍ଦୁଝରଜିଲ୍ଲା ରିମୁଳି-ରାଜାମୁଣ୍ଡା ୫୨୦ ନମ୍ବର ଜାତୀୟ ରାଜପଥର ଭଦ୍ରାସାହି ନିକଟସ୍ଥ ବାରବାଙ୍କ ଘାଟିରେ ଭୂସ୍ଖଳନ ହୋଇଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ପାହାଡ଼ରୁ ମାଟି ଅତଡ଼ା ଖସିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଲଘୁଚାପ ପ୍ରଭାବରେ ଗତକାଲି ଯୋଡ଼ା, ବଡ଼ବିଲ ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଭଦ୍ରାସାହି ପଟୁ ସୁନ୍ଦରଗଡ଼ ଜିଲ୍ଲା କୋଇଡା ଆଡ଼କୁ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥର ବାମପଟ ରାସ୍ତାରେ ମାଟି ଅତଡ଼ା ଖସି ରାସ୍ତାରେ ଗଦା ହୋଇଥିଲା। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଚାରିଚକିଆ ଓ ଭାରୀଯାନ ଗୁଡ଼ିକ ଉକ୍ତ ରାସ୍ତାରେ ଯାତାୟାତ କରିପାରିନଥିଲା। ଅତଡ଼ା ଖସିବା ସମୟରେ ଏହି ରାସ୍ତା ଦେଇ କୌଣସି ଗାଡ଼ିମୋଟର ଯାଉନଥିବାରୁ କୌଣସି କ୍ଷୟକ୍ଷତି ହୋଇନି। ସୂଚନାଯୋଗ୍ୟ, ଏକ ଘରୋଇ କମ୍ପାନି ପକ୍ଷରୁ ପାଇପ୍‌ଲାଇନ୍ ବିଛାଇବା ପାଇଁ ବାରବାଙ୍କ ଘାଟିର ବିଭିନ୍ନ ସ୍ଥାନକୁ ତାଡ଼ି ଦିଆଯାଇଥିଲା। ପାହାଡ଼ରୁ ଝରିଆସୁଥିବା ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ସହ ମାଟି ହାଲୁକା ହୋଇ ଜାତୀୟ ରାଜପଥ ଉପରକୁ ଅଜାଡ଼ି ହୋଇପଡ଼ିଛି। ପୂର୍ବରୁ ଏନେଇ ଏନ୍‌ଏଚ୍‌ଏଆଇ ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଇଥିଲା। ଗତ ୧୭ତାରିଖରେ ଚମ୍ପୁଆ ଉପଜିଲ୍ଲାପାଳଙ୍କୁ କରାଯାଇଥିବା ଚିଠିରେ ଦର୍ଶାଯାଇଥିଲା ଯେ ୨୦୨୨ରେ ଉକ୍ତ ଘରୋଇ କମ୍ପାନି ୫୨୦ ନମ୍ବର ଜାତୀୟ ରାଜପଥର ୟୁଟିଲିଟି କରିଡରରେ ପାଇପ୍‌ଲାଇନ୍ ବିଛାଇବା ପାଇଁ ସର୍ତ୍ତମୂଳକ ଅନୁମତି ଦିଆଯାଇଥିଲା। ଏହା ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ ହେବା କଥା। କିନ୍ତୁ ଉକ୍ତ ସଂସ୍ଥା ନିୟମକୁ ବେଖାତିର କରି ରାସ୍ତାର ମୁଖ୍ୟଧାରକୁ ଲାଗି ଗଭୀର ଗର୍ତ୍ତ ଖୋଳୁଛି। ବର୍ଷା ଯୋଗୁଁ ଏହି ଗର୍ତ୍ତଗୁଡ଼ିକରେ ପାଣି ଜମି ରହୁଛି। ଯାହା ରାଜପଥର ସବ୍‌ଗ୍ରେଡ୍ ଏବଂ ବନ୍ଧ ମଧ୍ୟକୁ ପଶୁଛି। ଏହାଦ୍ୱାରା ରାସ୍ତାର ତଳଭାଗ ଦୁର୍ବଳ ହୋଇ ହଠାତ୍ ଧସିଯିବାର ବିପଦ ସୃଷ୍ଟି ହୋଇଛି। ବିଶେଷକରି ଯୋଡ଼ା ଓ ବାରବାଙ୍କ ଜଙ୍ଗଲ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ଚିଠିରେ ଦର୍ଶାଯାଇଥିଲା। ଯେକୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିପାରେ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ ସତର୍କ କରାଯାଇଥିଲା। ଖନନ କାର୍ଯ୍ୟ ବନ୍ଦ କରିବା ସହିତ ଉକ୍ତ ସଂସ୍ଥା ବିରୋଧରେ ଥାନାରେ ଏଫ୍‌ଆଇଆର୍ ଦେବାକୁ ନିବେଦନ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏ ସମ୍ପର୍କରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କୁ ପଚାରିବାରୁ, ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ସ୍ଥିତି ଅନୁଧ୍ୟାନ କରିବାକୁ ବଡ଼ବିଲ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ସେହିପରି ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡାଙ୍କୁ ପଚାରିବାରୁ, ମୃତ୍ତିକା ସଂରକ୍ଷଣ ବିଭାଗ ହିଁ ଭୂସ୍ଖଳନ ସମ୍ପର୍କରେ ସଠିକ ସୂଚନା ଦେଇପାରିବ। ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଟସର ସୂତା ୟୁନିଟ୍ 'ଭୂତକୋଠି' ଦୁର୍ଦ୍ଦିନରେ ଚାଷୀ ଓ ଶ୍ରମିକ ଖତ ଖାଉଛି ମେସିନ୍



**ନୂଆପଡ଼ା(ଅମୃତ ମିଡିଆ):** ନୂଆପଡ଼ାଜିଲ୍ଲା କୋମନା ବ୍ଲକ୍ ଲଖନା ଟସର ସୂତା ୟୁନିଟ୍‌ରେ ତାଲା ଝୁଲୁଛି। ଗତ ୧୫ ବର୍ଷ ହେଲା ଟସର ସୂତା ୟୁନିଟ୍ ଭୂତକୋଠି ପାଲଟିଛି। ମେସିନ୍ ସବୁ କଳଙ୍କି ଲାଗି ସାରିଛି। ଫଳରେ ଶ୍ରମିକ ଓ ଚାଷୀ ରୋଜଗାର ହରାଇ ଅଭାବରେ ଜୀବନ ବିତାଉଛନ୍ତି। ପ୍ରକାଶ ଯେ, ଲଖନା ଜୟଲକ୍ଷ୍ମୀ ଟସର ପୋକ ପାଳନ କପୋରେଟିଭ ସମିତି(ଟିଆଇସିଏସ୍)ରେ ଉନ୍ନତ ମାନର ଓ ଆବଶ୍ୟକ ପରିମାଣ ଟସର ଉତ୍ପାଦନ ପାଇଁ ଲକ୍ଷାଧିକ ମୂଲ୍ୟର ସୂତା ୟୁନିଟ୍ ମେସିନ୍ ବସିଥିଲା। ଏଥିରେ ଲଖନା ଅଞ୍ଚଳର ୧୦ଜଣ ମହିଳା ରୋଜଗାର ପାଇଥିଲେ। ଘର ପାଖରେ କାମ ଓ ରୋଜଗାର ପାଇ ଖୁସିରେ ପରିବାର ଚଳୁଥିଲା। ଆଗକୁ ବି ବର୍ଷ ବର୍ଷ ଧରି ରୋଜଗାର କରି ସ୍ୱାବଲମ୍ବୀ ହେବେ ବୋଲି ମହିଳାମାନେ ଆଶା ବାନ୍ଧିଥିଲେ। କିନ୍ତୁ ବର୍ଷେ ଚାଲିବା ପରେ କଞ୍ଚାମାଲ ଅଭାବରୁ ମେସିନ୍ ବନ୍ଦ ହୋଇଗଲା। ମହିଳାମାନେ ରୋଜଗାର ହରାଇ ଦୁର୍ଦ୍ଦିନରେ ପରିବାର ପ୍ରତିପୋଷଣ କରୁଛନ୍ତି। ଅନେକ ମହିଳା ଓ ପୁରୁଷ କାମଧନ୍ଦା ଅଭାବରୁ ଦାଦନ ଯିବାକୁ ବାଧ୍ୟ ହୋଇଛନ୍ତି। ଏନେଇ ଅଞ୍ଚଳର ଶ୍ରମିକମାନେ ଅନେକ ଥର ଟସର ସୂତା ୟୁନିଟ୍ କାର୍ଯ୍ୟକ୍ଷମ କରିବାକୁ ଦାବି କରିଥିଲେ ବି ଏଯାଏଁ କୌଣସି ସୁଫଳ ମିଳିନଥିଲା। ଏବେ ଲଖନା ଟସର ସୂତା ୟୁନିଟ୍ ଭୂତକୋଠି ପାଲଟିଥିବାବେଳେ ମେସିନ୍ ସବୁ ଖତ ଖାଉଛି। ଏବେ ବି ସୂତା ୟୁନିଟ୍ ଚାଲିଲେ ଅଞ୍ଚଳର ମହିଳାମାନେ ରୋଜଗାର ପାଇବେ। ଏହାଦ୍ୱାରା ଦାଦନ ଚାଲାଣ ରୋକାଯାଇ ପାରିବ ବୋଲି ମହିଳାମାନେ କହିଛନ୍ତି। ଏହି ଅଞ୍ଚଳରେ ଟସର ଚାଷରେ ମହିଳାଙ୍କୁ ନିଯୋଜିତ କରିବା ପାଇଁ ତାଲିମଦାତା କି ପ୍ରେରଣା ଦେବାକୁ କେହି ନାହାନ୍ତି। ଫଳରେ ଟସର ଚାଷର ବିକାଶ ସମ୍ଭବ ହେଉନି। ଏହି ଦୁଇ ସମିତିରେ ଜଣେ ଲେଖାଏଁ ଟେକ୍ନିକାଲ ଇନ୍ସପେକ୍ଟର ନିଯୋଜିତ ହେବା କଥା। କିନ୍ତୁ ବର୍ଷ ବର୍ଷ ଧରି ପଦ ଖାଲି ପଡ଼ିଛି। ଦୁଇ ସମିତିରେ ଜଣେ ଲେଖାଏଁ ଆଟେଣ୍ଡାଣ୍ଟ, ପିଅନ ଓ ରାତ୍ର ଜଗୁଆଳି ନିଯୋଜିତ ହେବାର ନିୟମ ରହିଛି। କିନ୍ତୁ ସବୁ ପଦ ଖାଲି। ଫଳରେ ଅଫିସ କାମ ସଂପୂର୍ଣ୍ଣ ଠପ୍। ଅଫିସରେ ଅଧିକାରୀ କି ଜଣେ ବି ନିୟମିତ କର୍ମଚାରୀ ନିଯୁକ୍ତ ହୋଇନଥିବାରୁ ଟସର ଚାଷର ଉନ୍ନତି ସମ୍ଭବ ହେଉନାହିଁ। ଏଣୁ ଟସର ଚାଷ, ଚାଷୀ ଓ ଶ୍ରମିକଙ୍କୁ ରୋଜଗାର ଓ ସ୍ୱାବଲମ୍ବୀ କରିବା ପାଇଁ ଲଖନା ସୂତା ୟୁନିଟ୍‌କୁ ପୁନଃକାର୍ଯ୍ୟକ୍ଷମ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହେଉଛି। ଏନେଇ ଲଖନା ଟସର ସମିତି ସମ୍ପାଦକଙ୍କୁ ପଚାରିବାରୁ ଟସର ସୂତା ୟୁନିଟ୍‌କୁ ପୁନଃ କାର୍ଯ୍ୟକ୍ଷମ ପାଇଁ ଜଣାଇ ଦେଇଛୁ। ସେଠାରୁ ନିର୍ଦ୍ଦେଶ ଆସିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଆମ୍ବୁଲାନ୍ସ ସେବା : ୫୦ରୁ ୩୮ଟି ଆମ୍ବୁଲାନ୍‌ସର ଫିଟ୍‌ନେସ୍ ନାହିଁ

**ତାଳଚେର(ଅମୃତ ମିଡିଆ):** ତାଳଚେରରେ ଆମ୍ବୁଲାନ୍ସ ସେବାକୁ ନେଇ ସାମନାକୁ ଆସିଛି ସାଂଘାତିକ ତଥ୍ୟ। ତାଳଚେର ଅଞ୍ଚଳରେ ଚାଲୁଥିବା ମୋଟ ୫୦ଟି ଆମ୍ବୁଲାନ୍ସ ମଧ୍ୟରୁ ୩୮ଟି ଗାଡ଼ିର ଫିଟ୍‌ନେସ୍ ନଥିବା ଜଣାପଡ଼ିଛି। ଅର୍ଥାତ୍, ମୋଟ୍ ଆମ୍ବୁଲାନ୍ସର ପ୍ରାୟ ୭୬ ପ୍ରତିଶତ ଗାଡ଼ି ଫିଟ୍‌ନେସ୍ ପ୍ରମାଣପତ୍ର ବିନା ଚାଲୁଥିବାରୁ ଚିନ୍ତା ବଢ଼ିଛି। ସରକାରୀ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ତାଳଚେର ଆଞ୍ଚଳିକ ପରିବହନ ବିଭାଗ ଅଧୀନରେ ମୋଟ ୫୦ଟି ଆମ୍ବୁଲାନ୍ସ ପଞ୍ଜୀକରଣ ହୋଇଛି। ଏହି ପଞ୍ଜୀକରଣ ହୋଇଥିବା ଆମ୍ବୁଲାନ୍ସ ମଧ୍ୟରୁ ୩୮ଟି ଗାଡ଼ିର ଫିଟ୍‌ନେସ ନଥିବା ବେଳେ ୧୨ଟି ଗାଡ଼ିର ଫିଟ୍‌ନେସ୍ ରହିଛି। ସବୁଠାରୁ ବଡ଼ କଥା ହେଲା, ୫୦ଟି ଆମ୍ବୁଲାନ୍ସ ମଧ୍ୟରୁ ବିଭିନ୍ନ କୋଇଲା ଖଣିର ୨୪ଟି ଆମ୍ବୁଲାନ୍ସ ରହିଛି,




ସେଥିରୁ ଗୋଟିଏର ବି ଫିଟ୍‌ନେସ୍ ନାହିଁ। ବଳକା ୨୬ଟି ଆମ୍ବୁଲାନ୍ସ ମଧ୍ୟରୁ ୧୯ଟି ବିଭିନ୍ନ ବ୍ୟକ୍ତି ଏବଂ ଘରୋଇ ନର୍ସିଂହୋମ ଅଧୀନରେ ରହିଛି। ଉକ୍ତ ୧୯ଟି ଆମ୍ବୁଲାନ୍ସ ମଧ୍ୟରୁ ୧୨ଟି ଗାଡ଼ିର ଫିଟ୍‌ନେସ୍ ଅଛି। ସେହିଭଳି ସ୍ୱାସ୍ଥ୍ୟ ବିଭାଗ ଦ୍ୱାର ୭ଟି ଆମ୍ବୁଲାନ୍ସ ମଧ୍ୟରୁ ମାତ୍ର ୨ଟି ଆମ୍ବୁଲାନ୍ସର ଫିଟ୍‌ନେସ୍ ଥିବା ତାଳଚେର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆମ୍ବୁଲାନ୍ସ ହେଉଛି ଜରୁରିକାଳୀନ ସେବାର ଏକ ମୁଖ୍ୟ ମାଧ୍ୟମ। ଦୁର୍ଘଟଣା, ଗୁରୁତର ରୋଗୀ କିମ୍ବା ଅନ୍ୟ ଜରୁରି ପରିସ୍ଥିତିରେ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବାରେ ଏହି ଗାଡ଼ିଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ, ଯେଉଁ ଗାଡ଼ି ଲୋକଙ୍କ ଜୀବନ ବଞ୍ଚାଇବାକୁ ରାସ୍ତାରେ ଦୌଡୁଛି, ସେହିଗାଡ଼ିର ନିଜସ୍ୱ ଫିଟ୍‌ନେସ୍ ନଥିବା ଖବର ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଫିଟ୍‌ନେସ୍ ନଥିବା ଆମ୍ବୁଲାନ୍ସ ରାସ୍ତାରେ ଚଳାଚଳ କରିବା ଦ୍ୱାରା ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟାନ୍ୟ ସମସ୍ୟାର ଆଶଙ୍କା ରହିଥାଏ। ଜରୁରି ସମୟରେ ରୋଗୀଙ୍କୁ ନେଇଯାଉଥିବା ବେଳେ ଗାଡ଼ି ମଝି ରାସ୍ତାରେ ଅଚଳ ହୋଇଗଲେ ସ୍ଥିତି ଆହୁରି ଗମ୍ଭୀର ହୋଇପାରେ। ତେଣୁ, ଏହି ତଥ୍ୟ ପଦାକୁ ଆସିବା ପରେ ଆମ୍ବୁଲାନ୍ସଗୁଡ଼ିକର ଫିଟ୍‌ନେସ୍ ଯାଞ୍ଚ ଓ ନିୟମ ପାଳନ ନେଇ ପ୍ରଶାସନର ଦାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ମତରେ, ଆମ୍ବୁଲାନ୍ସ ଭଳି ଜରୁରି ସେବାରେ ନିୟୋଜିତ ପ୍ରତ୍ୟେକ ଗାଡ଼ିର ଫିଟ୍‌ନେସ୍, ବ୍ରେକ୍, ଟାୟାର, ଆଲୋକ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକ ଯାନ୍ତ୍ରିକ ବ୍ୟବସ୍ଥା ନିୟମିତ ଯାଞ୍ଚ ହେବା ଦରକାର। ଫିଟ୍‌ନେସ୍ ନଥିବା ଗାଡ଼ିଗୁଡ଼ିକୁ ନିୟମ ଅନୁଯାୟୀ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନିଆଯିବା ସହ ଯୋଗ୍ୟ ଗାଡ଼ି ମାଧ୍ୟମରେ ଜରୁରି ସେବା ନିଶ୍ଚିତ କରିବାକୁ ଦାବି ହେଉଛି। ଏନେଇ ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ ପଟ୍ଟନାୟକ କହିଛନ୍ତି, ଆମ୍ବୁଲାନ୍ସ ରଖିଥିବା ସଂସ୍ଥାଗୁଡ଼ିକୁ ନୋଟିସ୍ କରାଯାଇଛି। ଆବଶ୍ୟକ ପଦକ୍ଷେପ ନେବା ପାଇଁ କୁହାଯାଉଛି, ଏହାର ଖିଲାପ କଲେ ଆମ୍ବୁଲାନ୍ସ ଜବତ କରାଯିବ ବୋଲି ସେ କହିଛନ୍ତି।

## ନିମ୍ନମାନର ଖାଦ୍ୟ ଯୋଗୁଁ ୩ ହୋଟେଲ ସିଲ୍ କଲା ପ୍ରଶାସନ

**ଜଗତସିଂହପୁର(ଅମୃତ ମିଡିଆ):** ନିମ୍ନମାନର ଖାଦ୍ୟ, ବାସୀ ଖାଦ୍ୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ତିଆରି ଅଭିଯୋଗରେ ଜଗତସିଂହପୁର ସହରର ୩ ହୋଟେଲ ଏବଂ ଜଳଖିଆ ଦୋକାନକୁ ସିଲ୍ କଲା ପ୍ରଶାସନ। ସେଗୁଡିକ ହେଲା ଡାକବଙ୍ଗଳା ଛକରେ ଥିବା ବିଶ୍ୱନାଥ କ୍ୟାଣ୍ଟିନ, ନାଳ ଅପରପାର୍ଶ୍ୱରେ ଥିବା ସ୍ୱାଦ ଓ ଥାନା ଛକରେ ଥିବା ମହାଦେବ କ୍ୟାଣ୍ଟିନକୁ ସିଲ୍ କରାଯାଇଛି। ଏଥି ସହିତ ବିଶ୍ୱନାଥ କ୍ୟାଣ୍ଟିନକୁ ୫୦ ହଜାର ଟଙ୍କା, ମହାଦେବ କ୍ୟାଣ୍ଟିନକୁ ୨୬ ହଜାର ଟଙ୍କା ଜରିମାନା କରାଯାଇଛି। ସେହିପରି ସ୍ୱାଦ ହୋଟେଲକୁ ମଧ୍ୟ ଜରିମାନା କରା ଯାଇଥିବା ସୂଚନା ମିଳିଛି।

## ଦୀର୍ଘ ସମୟ ବାର୍‌ହା ସହ ଲଢ଼ି ନିଜ ଜୀବନ ବଞ୍ଚାଇଲା ବାଳକ



**ବାଙ୍କୀ(ଅମୃତ ମିଡିଆ) :** ଦୀର୍ଘ ସମୟ ବାରହା ସହ ଲଢ଼ି ନିଜ ଜୀବନ ବଞ୍ଚାଇଲା ବାଳକ । ବାଙ୍କୀର ସାହସୀ ବାଳକକୁ ନେଇ ଚର୍ଚ୍ଚା । ସ୍ଥାନୀୟ ଅଂଚଳରେ ଏହି ସାହସୀ ବାଳକକୁ ପ୍ରଶଂସା କରାଯାଉଛି । ଜଣେ ନାବାଳକ ଶୌଚ ଯାଇଥିବା ବେଳେ ହଠାତ୍ ବାରହା ଆକ୍ରମଣ କରିଥିଲା । ବାରହାକୁ ନ ଡରି ତାସହ ଲଢ଼େଇ କରିଥିଲା ନାବାଳକ। ବହୁ ସମୟ ଲଢ଼ିବା ସହ ଚିତ୍କାର କରିଥିଲା । ଚିତ୍କାର ଶୁଣି ଗାଁ ଲୋକ ଧାଇଁ ଆସିଥିଲେ । ଲୋକେ ପିଲାଟିକୁ ଉଦ୍ଧାର କରିବା ପାଇଁ ବହୁ ଚେଷ୍ଟା କରିଥିଲେ, ହେଲେ ଉଦ୍ଧାର କରିପାରିନଥିଲେ । ପରେ ଅଗ୍ନିଶମବାହିନୀକୁ ଖବର ଦିଆଯାଇଥିଲା । ବାଙ୍କୀ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ବାରହାକୁ କାବୁ କରିବା ସହ ନାବାଳକକୁ ଉଦ୍ଧାର କରିଥିଲେ । ବାରହା ଆକ୍ରମଣ କଲାବେଳେ ବାଳକ ଜଣକ ସାହାସ ଜୁଟାଇ ପ୍ରତିରୋଧ କରି ତାକୁ ଜାବୁଡ଼ି ଧରିପାଣି ଭିତରେ ରହିଥିଲା । ଆହାତ ବାଳକକୁ ଚିକିତ୍ସା ପାଇଁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି । ବାଙ୍କୀ ଥାନା ଅନ୍ତର୍ଗତ ଗୋପାଳପୁର ଗାଁର ୧୫ ବର୍ଷୀୟ ବାଳକକୁ ପ୍ରଶଂସା କରିଛନ୍ତି ସ୍ଥାନୀୟୀ ବାସିନ୍ଦା ।

## ୧୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

**ସୋର(ଅମୃତ ମିଡିଆ) :** ବେଆଇନ ଭାବେ ଗଞ୍ଜେଇ ନେଉଥିବା ଅଭିଯୋଗରେ ଜଣେ ଗିରଫ । ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ଜାମୁଝାଡି ବସ ଷ୍ଟପ ନିକଟରେ ଚଢ଼ାଉ କରାଯାଇଥିଲା । ବେଆଇନ ଭାବେ ୧୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି । ଏଥିରେ ସମ୍ପୃକ୍ତ




ବଲଗଡ଼ ଥାନା (ପଶ୍ଚିମବଙ୍ଗ) ଅନ୍ତର୍ଗତ ଉତ୍ତର ଗୋପାଳପୁର ଗ୍ରାମର ମଦନ ସିକଦରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ କେସ ନଂ: ୧୩୫/୨୦୨୬-୨୭ ମୂଳେ ମାମଲା ରୁଜୁ କରାଯାଇଛି ।

# ପୁଣି ଫୁଲିଲା ମହାନଦୀ, ବୈତରଣୀ ବର୍ଷା କମିଲା, ଦୁର୍ଦ୍ଦଶା ବଢ଼ିଲା

**କେନ୍ଦୁଝର(ଅମୃତ ମିଡିଆ):** ଲଗାଣ ବର୍ଷା ଯୋଗୁ ସାରା ରାଜ୍ୟ କଲବଲ ହେଉଛି। ବର୍ଷା ନୟାନ୍ତ କରୁଥିଲା ବେଳେ ବନ୍ୟା ଲୋକଙ୍କ ଜୀବନକୁ ଦୁର୍ବିସହ କଲାଣି। ମହାନଦୀ ଓ ବୈତରଣୀ ଏକାଠି ରାଜ୍ୟବାସୀଙ୍କ ନିଦ ହଜାଇ ଦେଇଛନ୍ତି। ଉପର ମୁଣ୍ଡରୁ ଜଳପ୍ରବାହ ବୃଦ୍ଧି ପରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ରାତି ସୁଦ୍ଧା ୧୬ଟି ଗେଟ୍ ଖୋଲାଯାଇଛି। ସେହିପରି ବୈତରଣୀ ଉଚ୍ଛୁଳି ଜନବସତିରେ ପୁଣି ବନ୍ୟା ପାଣି ମାଡ଼ିଗଲାଣି। ଫଳରେ ଲୋକଙ୍କ ଜୀବନଜୀବିକା ବିପଦକୁ ଠେଲି ହୋଇଯାଇଛି। ଆଜି ସକାଳ ୯ଟା ଯାଏ ହୀରାକୁଦ ଜଳଭଣ୍ଡାରରୁ ୫ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଥିଲା। ତେବେ ପରବର୍ତ୍ତୀ ସମୟରେ ୩ଟି ଏବଂ ଅପରାହ୍ନରେ ଆଉ ୪ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ଜଳପ୍ରବାହ ଅଧିକ ରହୁଥିବାରୁ ରାତିରେ ପୁଣି ୪ଟି ଗେଟ୍ ଖୋଲାଯାଇଥିଲା। ରାତିରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୦୪ ଫୁଟ ଥିଲା ବେଳେ ୧୬ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଥିଲା। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ ଲକ୍ଷ ୦୬ ହଜାର ୨୬୨ ଘନଫୁଟ ପାଣି



ପ୍ରବେଶ କରୁଥିଲା। ସେହିପରି ବିଭିନ୍ନ ମାର୍ଗଦେଇ ହାରାହାରି ୨ ଲକ୍ଷ ୩୯ ହଜାର ୭୯୪ କ୍ୟୁସେକ୍ ପାଣି ନିଷ୍କାସିତ ହେଉଥିଲା। ସ୍ପିଲ୍‌ୱେ ଦେଇ ୨ ଲକ୍ଷ ୦୫ ହଜାର ୫୦୬ କ୍ୟୁସେକ୍, ପାୱାର ଚାନେଲ ଦେଇ ୩୧ ହଜାର ୩୪୭ କ୍ୟୁସେକ୍, ଶିଳ୍ପସଂସ୍ଥା ପାଇଁ ୨୨୯ କ୍ୟୁସେକ୍, ବିଭିନ୍ନ କେନାଲକୁ ୨୭୧୨ କ୍ୟୁସେକ୍ ପାଣି ଛଡ଼ାଯାଉଥିଲା। ସେହି ସମୟରେ ମହାନଦୀ ତଳମୁଣ୍ଡ ଗେଜ୍ ଷ୍ଟେସନଗୁଡ଼ିକ ମଧ୍ୟରୁ ବେଲଗାଁରେ ୮୮ ହଜାର କ୍ୟୁସେକ୍, ପଥର୍ଲାରେ ୧ ଲକ୍ଷ ୧୧ ହଜାର ୨୮୫ କ୍ୟୁସେକ୍, ଖଇରମାଳରେ ୨ ଲକ୍ଷ ୭୭ ହଜାର ୫୦୦ କ୍ୟୁସେକ୍, ବରମୂଳରେ ୧ ଲକ୍ଷ ୫୫ ହଜାର କ୍ୟୁସେକ୍ ଓ ମୁଣ୍ଡଳିରେ ୨ ଲକ୍ଷ ୨୮ ହଜାର ୫୭୬ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ହାରାହାରି ୩୨.୪୧ ମିଲିମିଟର ଓ ତଳମୁଣ୍ଡରେ ୧୯.୩୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଅପରପକ୍ଷରେ କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ କାନପୁର ଜଳଭଣ୍ଡାରରୁ ୮ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ଆନନ୍ଦପୁରଠାରେ ଆଜି ସନ୍ଧ୍ୟା ୭ଟା ସୁଦ୍ଧା ନଦୀର ଜଳସ୍ତର ୩୭.୭୦୦ ମିଟରରେ ପହଞ୍ଚିଛି। ଏଠାରେ ସତର୍କ ସଂକେତ ସ୍ତର ୩୭.୪୪୫ମିଟର ଏବଂ ବିପଦସଙ୍କେତ ସ୍ତର ୩୮.୩୬୦ ମିଟର ରହିଛି। ପାଣିକୋଇଲି ନିକଟ ଆଖୁଆପଦାଠାରେ ବିପଦ ସଙ୍କେତ (୧୮.୩୩ ମିଟର) ଟପି ୧୮.୪୭ ମିଟରରେ ପାଣି ପ୍ରବାହିତ ହେଉଛି। ଫଳରେ ଯାଜପୁର ଜିଲ୍ଲାର ଦଶରଥପୁର ଅଞ୍ଚଳର ମୁକୁଳା ଘାଇରେ ପାଣି ପଶି ଗାଁଗୁଡ଼ିକ ପୁଣି ଜଳମଗ୍ନ ହୋଇଛି। ଉପରମୁଣ୍ଡରେ ଅଧିକ ବର୍ଷା ଏବଂ କାନପୁର ଜଳଭଣ୍ଡାରରୁ ଜଳ ନିଷ୍କାସନ ଜାରି ରହିଥିବାରୁ ନଦୀର ଜଳସ୍ତର ଆହୁରି ବଢ଼ିବାର ଆଶଙ୍କା ରହିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି, ରାଜ୍ୟରେ ଲଘୁଚାପଜନିତ ବର୍ଷା ଓ ବନ୍ୟା ପରିସ୍ଥିତି ଉପରେ ରାଜ୍ୟ ସରକାର ନିରନ୍ତର ନଜର ରଖିଛନ୍ତି। ଆଖୁଆପଦାଠାରେ ବୈତରଣୀ ଏବଂ ମଥାନି ଠାରେ ଜଳକା ନଦୀର ଜଳପତନ ସ୍ତର ଆଜି ସକାଳ ୯ଟା ସୁଦ୍ଧା ସତର୍କ ସ୍ତରଠାରୁ ସାମାନ୍ୟ ଅଧିକ ରହିଛି।

**ଝରିଗାଁ (ଅମୃତ ମିଡିଆ):** ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକରେ ରବିବାର ପ୍ରବଳ ବର୍ଷା ହୋଇଥିଲା। ଝରିଗାଁ ବ୍ଲକ ପ୍ରଶାସନ ପକ୍ଷରୁ ୧୧୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତା ଧୋଇ ଯାଇଥିବା ବେଳେ ଝରିଗାଁ-ଡ଼ାବୁଗାଁ ରାସ୍ତାରେ ଥିବା ନିର୍ମାଣ ଧିନ ରାମସା ପୋଲର ଆପ୍ରୋଚ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଫଳରେ ଝରିଗାଁ ଠାରୁ ଡ଼ାବୁଗାଁ ଯାତାୟତରେ ସମସ୍ୟା ହେଉଥିବା ବେଳେ ପୋଲ ତଳେ ଲୋକମାନେ ବିପଦ ଶଙ୍କୁଳ ଅବସ୍ଥାରେ ଚାଲିଚାଲି ଯାଉଥିବା ଦେଖିବାକୁ ମିଳିଛି। ସେହିପରି ପାର୍ଲିଆଗୁଡ଼ା ଗ୍ରାମକୁ ସଂଯୋଗ ହୋଉଥିବା ଏକ ମାତ୍ର ରାସ୍ତାରେ ଥିବା କଲଭେଟ ଦବି ଯିବା ସହ ରାସ୍ତା ଧୋଇ ଯାଇଛି। ଅନ୍ୟଏକ ରାସ୍ତା ଗବାଗୁଡା ଦେଇ ଗଲେ କାଦୁଅ ରାସ୍ତା ଯୋଗୁଁ ପାର୍ଲିଆଗୁଡ଼ା ଗ୍ରାମକୁ ଯାତାୟତ ସମସ୍ୟା ଦେଖାଦେଇଛି। କୁଟ୍ରିଛାପର ପଞ୍ଚାୟତ ଅନ୍ତର୍ଗତ ଚିକିଲି ନଦୀର ସୁରକ୍ଷା ପାଚେରୀ ସହ ପ୍ରାୟ ୨୦ ଫୁଟ ରାସ୍ତା ଧୋଇ ଯାଇଛି। କାର୍ଲ୍ଲିମାଲ କେବିଡ଼ି



ବରପାଣି ଗ୍ରାମ ଯିବା ରାସ୍ତାରେ ଥିବା ନାଳ ଗୁଡିକ ନିକଟରେ ମଧ ପ୍ରାୟ ୧୦ ଫୁଟର ରାସ୍ତା ବର୍ଷା ପାଣିରେ ଧୋଇ ହୋଇଯାଇଛି।ଫଳରେ ମଝିରେ ଥିବା ରେଖାମାଲ ଗ୍ରାମ ସହ ଢେଫଗୁଡ଼ା, କୁର୍ଲୁଭଟ୍ଟା, ଧୁମାମ, କେବିଡ଼ି, ଗଇଁଚଚରା, କରାଡଙ୍ଗରି, ବରପାଣି, କାଳିଆପାଣି ଗ୍ରାମର ଲୋକ ମାନଙ୍କ ପାଇଁ ଯାତାୟାତରେ ସମସ୍ୟା ଦେଖାଦେଇଛି।ଆଜି ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ, ଇର ବିନୀତ କୁମାର ମିଶ୍ର, କନିଷ୍ଠ ଯନ୍ତ୍ରୀ କ୍ରାନ୍ତି ପଟ୍ଟନାୟକ ପ୍ରମୁଖ ବିଭିନ୍ନ ରାସ୍ତା ଅନୁଧ୍ୟାନ କରି ଫେରିବା ସହ ତୁରନ୍ତ ରାସ୍ତା ତିଆରି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେହିପରି ବର୍ଷା ଯୋଗୁଁ ଧାନ ଜମିରେ ଧାନ ଗଛ ଧୋଇ ହୋଇ ଯାଇଥିବା ବେଳେ ଆଉ କିଛି ମକା ଜମିରେ ଗଛ ଗୁଡିକ ପବନ ବର୍ଷାରେ ଶୋଇ ପଡିଥିବା ଦେଖିବାକୁ ମିଳିଛି।ଝରିଗାଁ ବ୍ଲକରେ ବର୍ଷା ଯୋଗୁଁ ଆଜି ଦ୍ୱିପ୍ରହର ସୁଦ୍ଧା ୪୬ଟି ଘର ଭାଙ୍ଗି ଥିବା ବେଳେ ୨୫ ହେକ୍ଟର ଜମିରେ ହୋଇଥିବା ଚାଷ ନଷ୍ଟ ହୋଇଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଥିବା ବେଳେ ଆଗକୁ ଏହା ଢ଼େର ବଢିବା ସମ୍ଭାବନା ଦେଖାଦେଇଛି। ତେବେ ସୋମବାର ଦିନ ତମାମ ପାଗ ଠିକ ଥିବା ବେଳେ ଲୋକମାନଙ୍କୁ ଆଶ୍ୱସ୍ତି ମିଳିଛି।




## ୧୪୭ ଦିନରେ ପହଞ୍ଚିଲା ପୁରୀବାସୀଙ୍କ ନୀରବ ସତ୍ୟାଗ୍ରହ ପଦଯାତ୍ରା





## ଏକାମ୍ର ମଠ ପରିସରରେ ଝୁଲଣ ଉତ୍ସବ





## ବେଟି ବଚାଓ, ବେଟି ପଢାଓ ଉପରେ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ୍ ଓ ଜିଲ୍ଲା କାର୍ଯ୍ୟଯୋଜନା ପ୍ରସ୍ତୁତି




## ପ୍ରଜାପିତା ବ୍ରହ୍ମା କୁମାରୀ, ପୁରୀ ଶାଖାରେ ରକ୍ତ ଦାନ ଶିବିର





## ଉତ୍ତରଣା ଗ୍ରାମରେ ପୋଖରୀର ଦଳ ସଫାକୁ ନେଇ ଗଣ୍ଡଗୋଳ




# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.127, Wednesday, 26 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୭, ବୁଧବାର, ୨୬ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



